وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ
ବଦର୍
Weekly
BADAR
Qadian
କାଦିଆନ
Odia

ବିଶେଷ ସଂଖ୍ୟା : ସିରତୁନ୍-ନବୀ (ସ.ଅ.ବ.)

ଅଲ୍ଲାଃତାଲାଙ୍କ ବାଣୀ

ସନ୍ଧି ସ୍ଥାପନ କରିବା ଉତ୍ତମ ପନ୍ଥା ଅଟେ ।

قُلۡ یٰۤاَیُّہَا النَّاسُ اِنِّیۡ رَسُوۡلُ اللّٰہِ اِلَیۡکُمۡ جَمِیۡعَۨا الَّذِیۡ لَہٗ مُلۡکُ السَّمٰوٰتِ وَالۡاَرۡضِ ۚ لَاۤ اِلٰہَ اِلَّا ہُوَ یُحۡیٖ وَیُمِیۡتُ ۪ فَاٰمِنُوۡا بِاللّٰہِ وَرَسُوۡلِہِ النَّبِیِّ الۡاُمِّیِّ الَّذِیۡ یُؤۡمِنُ بِاللّٰہِ وَکَلِمٰتِہٖ وَاتَّبِعُوۡہُ لَعَلَّکُمۡ تَہۡتَدُوۡنَ۔

ଅନୁବାଦ: ହେ ବିଶ୍ୱାସକାରୀମାନେ! ତୁମେମାନେ ଅଲ୍ଲାଃ ଏବଂ ତାହାଙ୍କ ପ୍ରତି ବିଶ୍ୱାସଘାତକତା କର ନାହିଁ ଏବଂ ଅମାନତ୍‌କୁ ଜାଣିଶୁଣି ଆତ୍ମସାତ୍ କର ନାହିଁ । (ଅଲ୍ ଆରାଫ୍: 159)

ସମ୍ପାଦକ: କମ୍ରୁଲ୍ ହକ୍ ଖାନ୍ | **ସହ ସମ୍ପାଦକ:** ସୟଦ୍ ଅତାଉଲ୍ ୱାହାବ୍ | **ଖଣ୍ଡ: 11 | ସଂଖ୍ୟା: 30-31** | 08-15 ସଫର୍ , 1448 ହି.କ, 23-30 ୱଫା 1405 ହି.ଶ, 23-30 July 2026



ଆଁହଜରତ୍ ସ.ଅଙ୍କ ବାଣୀ

ଈଶ୍ୱର ଉପାସନା ଏବଂ ଈଶ୍ୱର ଭୀରୁତା, ଅତ୍ୟଧିକ ଉପାସନା ଓ କୃତଜ୍ଞତା ଜ୍ଞାପନ ।

عَنۡ زِیَادٍ قَالَ سَمِعۡتُ الۡمُغِیۡرَۃَ بۡنَ شُعۡبَۃَ رَضِیَ اللّٰہُ عَنۡہُ یَقُوۡلُ: قَامَ النَّبِیُّ صَلَّی اللّٰہُ عَلَیۡہِ وَسَلَّمَ حَتّٰی تَوَرَّمَتۡ قَدَمَاہُ فَقِیۡلَ لَہٗ غَفَرَ اللّٰہُ لَکَ مَا تَقَدَّمَ مِنۡ ذَنۡبِکَ وَمَا تَأَخَّرَ؟ قَالَ أَفَلَا أَکُوۡنُ عَبۡدًا شَکُوۡرًا۔

ହ. ମୁଗିରାହ୍ ବିନ୍ ଶୋବା ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ରାତ୍ର ସମୟରେ ଉପାସନା କରିବା ବେଳେ ଏତେ ଦୀର୍ଘ ସମୟ ପର୍ଯ୍ୟନ୍ତ ଛିଡ଼ା ହେଉଥିଲେ ଯେ, ଆପଣ ସ.ଅଙ୍କ ଉଭୟ ପାଦ ଫୁଲି ଯାଉଥିଲା । ଆପଣ ସ.ଅଙ୍କୁ କୁହାଗଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅଲ୍ଲାଃତାଲା ତ' ଆପଣ ସ.ଅଙ୍କ ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ପାପକୁ କ୍ଷମା କରି ଦେଇଛନ୍ତି, ତଥାପି ଆପଣ ଏତେ ପରିଶ୍ରମ କାହିଁକି କରୁଛନ୍ତି । ଆପଣ ସ.ଅ ପ୍ରତ୍ୟୁତ୍ତରରେ କହିଲେ, ହେ ସାହାବାମାନେ କ'ଣ ମୁଁ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନକାରୀ ଭକ୍ତ ହେବି ନାହିଁ ?

(ସହିହୁଲ୍ ବୁଖାରୀ, କିତାବୁତ୍ ତଫ୍‌ସିର, ବାବ୍-ଲିୟଗଫିରା ଲକଲ୍ଲାହୁ ମା ତକଦ୍ଦମା, ହଦିସ୍ ନଂ-4837)

ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ୍ ମଉଦ୍ ଅ.ସ)

ସମସ୍ତ ଅବତାରମାନଙ୍କ ଉପରେ ନବୀ କରୀମ୍ ସ.ଅଙ୍କ ଶ୍ରେଷ୍ଠତା ମୋ ବିଶ୍ୱାସର ବଳିଷ୍ଠ ଅଂଶବିଶେଷ ଅଟେ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୋର ଏହି ଧର୍ମମତ ରହିଛି ଯେ, ଯଦି ରସୁଲୁଲ୍ଲାଃ ସ.ଅଙ୍କୁ ଛାଡ଼ି ଦିଆଯାଏ ଏବଂ ତାଙ୍କ ପରେ ଯେତେ ଅବତାରମାନେ ଅତିକ୍ରାନ୍ତ ହୋଇଛନ୍ତି, ସମସ୍ତେ ଯଦି ଏକତ୍ରିତ ହୋଇ ସେହି କାର୍ଯ୍ୟ ଏବଂ ସେହି ବାଣୀ ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍ ଏବଂ ସେହି ସଂଶୋଧନ ତଥା ସଂସ୍କାର କରିବାକୁ ଚାହାନ୍ତି ତେବେ ରସୁଲୁଲ୍ଲାଃ ସ.ଅ ଯେଉଁ କାର୍ଯ୍ୟ ସମ୍ପାଦନ କରିଛନ୍ତି ସେହି କାର୍ଯ୍ୟକୁ ସେମାନେ କଦାପି ସମ୍ପାଦନ କରିପାରି ନଥାଆନ୍ତେ । ସେହି ଅବତାରମାନଙ୍କ ମଧ୍ୟରେ ସେହି ହୃଦୟ, ଶକ୍ତି ନଥିଲା ଯେଉଁ ହୃଦୟ ଏବଂ ଶକ୍ତି ଆମର ପ୍ରିୟ ମହାମହିମ ମହାବତାରଙ୍କୁ ପ୍ରାପ୍ତ ହୋଇଥିଲା। ଯଦି କୌଣସି ବ୍ୟକ୍ତି ଏହା କୁହେ ଯେ, ଉପରୋକ୍ତ କଥା ଅବତାରମାନଙ୍କ ମର୍ଯ୍ୟାଦା ବିରୁଦ୍ଧୀୟ ଅଟେ ତେବେ ସେହି ବ୍ୟକ୍ତି ମୋ ଉପରେ ମିଥ୍ୟାରଚନା କରିବ । ମୁଁ ଅବତାରମାନଙ୍କର ସମ୍ମାନ କରିବା ଏବଂ ସେମାନଙ୍କର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ନିଜ ବିଶ୍ୱାସର ଏକ ଅଭିନ୍ନ ଅଙ୍ଗ ବୋଲି ମନେ କରିଥାଏ । କିନ୍ତୁ ନବୀ କରୀମ୍ ସ.ଅଙ୍କ ମର୍ଯ୍ୟାଦା ଓ ତାହାଙ୍କ ପ୍ରତିଷ୍ଠା ସମସ୍ତ ଅବତାରମାନଙ୍କ ତୁଳନାରେ ମୋର ବିଶ୍ୱାସର ସର୍ବ ବୃହତ୍ ଅର୍ଥାତ୍ ବଳିଷ୍ଠ ଅଂଶବିଶେଷ ଅଟେ । ସେହିପରି ନବୀ କରୀମ୍ ସ.ଅଙ୍କ ମର୍ଯ୍ୟାଦା ଓ ତାହଙ୍କ ପ୍ରତିଷ୍ଠା ମୋର ଶିରା ପ୍ରଶିରାରେ ପ୍ରବାହିତ ହେଉଛି । ଅତଏବ ମୋ ଆୟତ୍ତରେ ଏକଥା ନାହିଁ ଯେ, ମୁଁ ଉକ୍ତ ପ୍ରସଙ୍ଗ ଅର୍ଥାତ୍ ନବୀ କରୀମ୍ ସ.ଅଙ୍କ ମର୍ଯ୍ୟାଦା, ଆପଣ ସ.ଅଙ୍କ ପ୍ରତିଷ୍ଠାକୁ ନିଜ ହୃଦୟ ଏବଂ ଶିରା ପ୍ରଶିରାରୁ କାଢିଦେବି। ହତଭାଗ୍ୟ ଏବଂ ଅନ୍ଧ ହେଉଛନ୍ତି ସେହିମାନେ ଯେଉଁମାନେ ଏପରି କହୁଛନ୍ତି । ବିରୋଧୀମାନେ ଯାହା କୁହନ୍ତୁ ପଛେ କୁହନ୍ତୁ । କିନ୍ତୁ ମୋର ପ୍ରିୟ ମହାବତାର ହ. ମୁହମ୍ମଦ୍ ସ.ଅ ଯେଉଁ କାର୍ଯ୍ୟ କରି ଯାଇଛନ୍ତି ତାହା ସମସ୍ତ ଅବତାରମାନେ ଏକତ୍ରିତ ହୋଇ ନା ସମ୍ପାଦନ କରିପାରି ଥାଆନ୍ତେ ଓ ନା ହିଁ ପୃଥକ୍ ପୃଥକ ଭାବରେ ସମ୍ପାଦନ କରି ପାରିଥାଆନ୍ତେ । ذٰلِکَ فَضۡلُ اللّٰہِ یُؤۡتِیۡہِ مَنۡ یَّشَآءُ ଅର୍ଥାତ୍ ଏହା ହେଉଛି ଅଲ୍ଲାଃତାଲାଙ୍କ କୃପା ସେ ଯାହାକୁ ଚାହିଁବେ ତାହା ଉପରେ ନିଜର କୃପବର୍ଷଣ କରିବେ।" **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-2, ପୃ-174, ଅଲ ହକମ୍)**

ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ (ତବରରୁକାତେ ହ. ମୁସଲେହ୍ ମଉଦ୍ ର.ଅ)

ଏକେଶ୍ୱରବାଦ ସ୍ଥାପନ ସକାଶେ ଆଁହଜରତ୍ ସ.ଅଙ୍କ ଶିକ୍ଷା ।

ସୟେଦିନା ହ. ଖଲିଫତୁଲ୍ ମସିହ୍ ସାନି ତଥା ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଏକେଶ୍ୱରବାଦ ସ୍ଥାପନ ନିମନ୍ତେ ଆଁହଜରତ୍ ସ.ଅ ଯେଉଁ ପ୍ରସଙ୍ଗ ଉପସ୍ଥାପନ କରିଥିଲେ ତାହା ଏପରି ଏକ ବିନ୍ଦୁ ଅଟେ ଯାହା ସଂପର୍କରେ ସଂସାର ଏବେ ବି ବୁଝି ନାହିଁ ଯେ, ଏହି ବିନ୍ଦୁର ଏକେଶ୍ୱରବାଦ ସହିତ କେଉଁ ସଂପର୍କ ରହିଛି ? ସେହି ବିନ୍ଦୁ ଏହିକି ଯେ, ରସୁଲ୍ କରୀମ୍ ସ.ଅ ଈଶ୍ୱରଙ୍କ ଠାରୁ ସୂଚନା ପାଇବା ପରେ ଏହି ଘୋଷଣା କଲେ ଯେ, ସମଗ୍ର ସଂସାର ଅର୍ଥାତ୍ ପୃଥିବୀର ବିଭିନ୍ନ ଭୂଖଣ୍ଡରେ ଅବତାରମାନେ ଆସିଛନ୍ତି । ପ୍ରକାଶ୍ୟ ରୂପେ ଏହି ବିଷୟର ଏକେଶ୍ୱବାଦ ସହିତ କୌଣସି ସଂପର୍କ ଦୃଶ୍ୟମାନ ହୁଏ ନାହିଁ । କିନ୍ତୁ ବାସ୍ତବତା ଏହିକି ଯେ, ଉକ୍ତ କଥା ସ୍ୱୀକାର ନକରିବା ପର୍ଯ୍ୟନ୍ତ ଏକେଶ୍ୱରବାଦ ଆଦୌ ସାବ୍ୟସ୍ତ ଓ ସିଦ୍ଧ ହୋଇପାରିବ ନାହିଁ । ଅର୍ଥାତ୍ ମିସର୍, ଇରାନ୍, ଭାରତବର୍ଷ ଚୀନ୍, ଜାପାନ୍, ଇଉରୋପ, ଆମେରିକାରେ ଈଶ୍ୱର ନିଜର ଅବତାରମାନଙ୍କୁ ସୃଷ୍ଟି କରିଥିଲେ । ତେଣୁ ଏକଥାକୁ ସ୍ୱୀକାର ନକରିବା ପର୍ଯ୍ୟନ୍ତ ଏକେଶ୍ୱରବାଦ ଆଦୌ ସିଦ୍ଧ ହୋଇପାରିବ ନାହିଁ । ରସୁଲ୍ କରୀମ୍ ସ.ଅ ଆସି ଏହା ଉପରେ ଗୁରୁତ୍ୱାରୋପ (ଜୋର) କରିଛନ୍ତି ।

ସୁତରାଂ ହୁଜୁର୍ ର.ଅ କହିଲେ, ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲା କୁହନ୍ତି: وَاِنۡ مِّنۡ اُمَّۃٍ اِلَّا خَلَا فِیۡہَا نَذِیۡرٌ **(ଫାତିର୍: 25)** ଏବଂ ଏପରି କୌଣସି ସଂପ୍ରଦାୟ ନାହିଁ ଯାହାଙ୍କ ନିକଟକୁ ଅଲ୍ଲାଃଙ୍କ ତରଫରୁ କୌଣସି ସଚେତକ ଆସି ନାହାନ୍ତି । ଏଥି ସହିତ ଅଲ୍ଲାଃତାଲା ଏକେଶ୍ୱରବାଦର ଚର୍ଚ୍ଚା କରି କୁହନ୍ତି: اَنِ اعۡبُدُوا اللّٰہَ وَاجۡتَنِبُوا الطَّاغُوۡتَ **(ଅନ୍ ନହଲ୍: 37)** ଏବଂ ବାସ୍ତବରେ ଆମ୍ଭେ ପ୍ରତ୍ୟେକ ଜାତିରେ ଏହି ଆଦେଶ ସହିତ କୌଣସି ନା କୌଣସି ରସୁଲ୍ ପ୍ରେରଣ କରିଅଛୁ । ହେ ଲୋକମାନେ! ତୁମେମାନେ ଅଲ୍ଲାଃଙ୍କର ଉପାସନା କର ଓ ପ୍ରତ୍ୟେକ ସୀମା ଲଂଘନକାରୀଙ୍କ ଠାରୁ ଦୂରେଇ ରୁହ । ଅତଏବ୍ ରସୁଲ୍ କରୀମ୍ ସ.ଅ ସଂସାରବାସୀଙ୍କ ସମ୍ମୁଖରେ ଏହି ଦୃଷ୍ଟିକୋଣ ଉପସ୍ଥାପିତ କରିଛନ୍ତି ଯେ, ଆମମାନଙ୍କ ମଧ୍ୟରେ ହିଁ ସତ୍ୟତା ଆସିଛି ଅବଶିଷ୍ଟ ସମଗ୍ର ସଂସାରକୁ ଈଶ୍ୱର ପରିତ୍ୟାଗ କରି (ଛାଡ଼ି) ଦେଇଥିଲେ । ସତକଥା ଏହିକି ଯେ, ଏପରି କୌଣସି ଜାତି ଅତିକ୍ରାନ୍ତ ହୋଇ ନାହିଁ ଯେଉଁ ଜାତି ମଧ୍ୟରେ ଈଶ୍ୱରଙ୍କର ଅବତାର ତଥା ତାହାଙ୍କର ବାର୍ତ୍ତାବହ ଆସି ନଥିବ ।" **(କାଦିୟାନ୍ ଠାରେ ଆୟୋଜିତ ଜଲ୍‌ସା ସିରତୁନ୍ ନବୀ ସ.ଅ ଅବସରରେ ପ୍ରଦତ୍ତ ହ. ମିର୍ଜା ବଶୀରୁଦ୍ଦୀନ୍ ମହମୁଦ୍ ଅହମଦ ତଥା ହ. ଖଲିଫତୁଲ୍ ମସିହ୍ ସାନି ର.ଅ, ପ୍ରଦତ୍ତ ଭାଷଣ-1929 ମସିହା ଜୁନ୍ ମାସ 2 ତାରିଖ)** ☆☆☆

ଅହମଦିୟା ଖବର

ଅଲହମଦୁଲିଲ୍ଲାଃ ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍ ।**

ସମ୍ପାଦକୀୟ

لَا اِلٰہَ اِلَّا اللّٰہُ مُحَمَّدٌ رَّسُوْلُ اللّٰہِ

ଆଁହଜରତ୍ ସ.ଅଙ୍କ ଜୀବନୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ଖିଲାଫତେ ଖାମସା (ଜମାଅତ୍ ଅହମଦିୟାର୍ ପଞ୍ଚମ ଖଲିଫା)ଙ୍କ ଏହି କଲ୍ୟାଣମୟ ଯୁଗ ସକଳ ଜଗତ ତଥା ବିଶ୍ୱ ବ୍ରହ୍ମାଣ୍ଡର ଅଧିପତି ହ. ମୁହମ୍ମଦ୍ ଆରବି ସ.ଅ ଏବଂ ଆପଣ ସ.ଅଙ୍କ ସାହାବା ରିଜୱାନୁଲ୍ଲାଃ ଅଲୈହିମ୍ ଅଜ୍‌ମଇନ୍‌ଙ୍କ ସୁନ୍ଦର ଚର୍ଚ୍ଚା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ବିଗତ ଅନେକ ବର୍ଷ ଧରି ହୁଜୁର୍ ଅନ୍‌ୱର୍ ଅ.ବ ପୁଣ୍ୟଶ୍ଳୋକ ଆଁହଜରତ୍ ସ.ଅଙ୍କ ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ସଂପର୍କରେ ବର୍ଣ୍ଣନା କରି ଚାଲିଛନ୍ତି । ସେହି ସାହାବାମାନଙ୍କର ଏବଂ ଆଁହଜରତ୍ ସ.ଅଙ୍କ ବିଶ୍ୱାସବର୍ଦ୍ଧକ ଘଟଣାବଳୀ ସଂପର୍କରେ ବର୍ଣ୍ଣନା କରି ଚାଲିଛନ୍ତି । ଏହାର ଅଭିପ୍ରାୟ ଏହିକି ଯେ, ଆମେ ଅହମଦିମାନେ ନିଜ ଜୀବନରେ ଏକ ଆଧ୍ୟାତ୍ମିକ ପରିବର୍ତ୍ତନ ସୃଷ୍ଟି କରିବୁ ଓ ସାହାବାମାନଙ୍କର ପଦାଙ୍କ ଅନୁସରଣ କରିବା ନିମନ୍ତେ ଉଦ୍ୟମ କରିବୁ ।

ଆଁହଜରତ୍ ସ.ଅଙ୍କ ଭବିଷ୍ୟବାଣୀ ଅନୁଯାୟୀ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଏହି ଯୁଗ ମଧ୍ୟ ସାହାବାମାନଙ୍କ ଯୁଗ ପରି ଅଟେ । ଅତଏବ୍ ହୁଜୁର୍ ଅ.ସ କୁହନ୍ତି: "ଅଲ୍ଲାଃତାଲା ଏହି ଜମାଅତ୍‌କୁ ଯାହା ମସିହ୍ ମଉଦ୍ ଅ.ସଙ୍କ ସହିତ ରହିଛି ତାହାକୁ ଏକ ମର୍ଯ୍ୟାଦାଜନକ ସ୍ତର ପ୍ରଦାନ କରିଛନ୍ତି । ତାହା ଏହିକି ଯେ, ଏହି ଜମାଅତ୍ ସାହାବାମାନଙ୍କ ସହିତ ସାକ୍ଷାତ୍‌କାରୀ ଜମାଅତ୍ ଅଟେ । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି ଯେ, وَّاٰخَرِيْنَ مِنْهُمْ لَمَّا يَلْحَقُوْا بِهِمْ । ଅର୍ଥାତ୍ ବ୍ୟାଖ୍ୟାକାରମାନେ ଏହା ସ୍ୱୀକାର କରି ନେଇଛନ୍ତି ଯେ, ଏହି ଜମାଅତ୍ ହେଉଛି ମସିହ୍ ମଉଦ୍ ଅ.ସଙ୍କର ଜମାଅତ୍ ଏବଂ ଏହି ଜମାଅତ୍ ସାହାବାମାନଙ୍କର ଜମାଅତ୍ ହେବା" ସେହିପରି ଆପଣ ଅ.ସ ଅନ୍ୟ ଏକ ସ୍ଥାନରେ କୁହନ୍ତି ଯେ: "ସାହାବାମାନଙ୍କର ଜମାଅତ୍‌କୁ ସ୍ୱଳ୍ପ ବୋଲି ମନେକର ନାହିଁ ଯେଉଁ ଜମାତ୍ ପୂର୍ବେ ଅତିକ୍ରାନ୍ତ ହୋଇ ସାରିଛି। ବରଂ ଆଉ ଏକ ସଂପ୍ରଦାୟ ମଧ୍ୟ ରହିଛି ଯାହା ସଂପର୍କରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଚର୍ଚ୍ଚା କରିଛନ୍ତି । ତେଣୁ ସେହି ସମ୍ପ୍ରଦାୟ ମଧ୍ୟ ସାହାବାମାନଙ୍କ ସଂପ୍ରଦାୟଭୁକ୍ତ ଅଟେ ଏବଂ ସେମାନେ ଆଁହଜିରତ୍ ସ.ଅଙ୍କ ଛତ୍ରଛାୟା ସହିତ (ପ୍ରତିଶ୍ରୁତ ମସିହ୍ ମଉଦ୍ ଅ.ସ) ଛିଡ଼ା ହେବେ ।"

(ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ପ୍ରଦତ୍ତ ସୁରତୁଲ୍ ଜୁମାର ତଫ୍‌ସିର୍, ପୃ-140)

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନିଜର ପବିତ୍ର ଯୁଗରେ ସେହି ଆଁହଜରତ୍ ସ.ଅଙ୍କ ପରବର୍ତ୍ତୀ କାଳୀନ ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ଥିବା ସାହାବାମାନଙ୍କର ଆଧ୍ୟାତ୍ମିକ ଲାଳନ ପାଳନ କଲେ ଏବଂ ଆପଣ ଅ.ସଙ୍କ ପରେ ଆପଣ ଅ.ସଙ୍କ ବରିଷ୍ଠ ଖଲିଫାମାନେ ଉକ୍ତ କର୍ତ୍ତବ୍ୟକୁ ସୁନ୍ଦର ରୂପେ ସମ୍ପାଦନ କରି ଆସିଛନ୍ତି ଏବଂ ଖିଲାଫତେ ଖାମିସା ଅର୍ଥାତ୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ପୁଣ୍ୟ କାଳରେ ଯେତେବେଳେ ପ୍ରତିଶ୍ରୁତ ମସିହ୍‌ଙ୍କ କାଳ ଠାରୁ ଦୂରତା କ୍ରମଶ ବୃଦ୍ଧି ପାଇବାରେ ଲାଗିଛି। ଏହି କାଳରେ ପୁଣ୍ୟଶ୍ଳୋକ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ସାହାବା ର.ଅଙ୍କ ଅଦୃଷ୍ଟାନ୍ତନୀୟ ବଳିଦାନର ଚର୍ଚ୍ଚା କରି ଆମମାନଙ୍କ ମଧ୍ୟରେ ବି ସେହି ଆତ୍ମା ତଥା ପ୍ରାଣ ସଂଚାର କରାଇବା ନିମନ୍ତେ ଉଦ୍ୟମ କରୁଛନ୍ତି ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଆୟତ୍ ୱ ଆଖରିନା ମିନ୍‌ହୁମ୍ ଲମ୍ମା ୟଲ୍‌ହକୁ ବିହିମ୍‌ରେ ମଧ୍ୟ ଏହି ଇଙ୍ଗିତ ରହିଛି ଯେ, ଯେପରି ଉକ୍ତ ଜମାଅତ୍‌ଟି ସାହାବାମାନଙ୍କ ସହିତ ସାମଞ୍ଜସ୍ୟତା ରଖୁଛି ଠିକ୍ ସେହିପରି ଯେଉଁ ବ୍ୟକ୍ତି ଏହି ଜମାଅତ୍‌ର ଇମାମ୍ (ଧର୍ମାଧ୍ୟକ୍ଷ) ଅଟନ୍ତି ସେ ମଧ୍ୟ ଛାୟୀ ସ୍ୱରୂପ ଆଁହଜରତ୍ ସ.ଅଙ୍କ ସହିତ ସାମଞ୍ଜସ୍ୟତା ରଖୁଛନ୍ତି । ଯେପରିକି ସ୍ୱୟଂ ଆଁହଜରତ୍ ସ.ଅ ଅଙ୍ଗୀକୃତ ମେହ୍‌ଦୀଙ୍କ ବିଶେଷତା ସଂପର୍କରେ କହିଛନ୍ତି ଯେ, ସେ ଅର୍ଥାତ୍ ପ୍ରତିଶ୍ରୁତ ମସିହ୍ ଆପଣ ସ.ଅ (ଆଁହଜରତ୍ ସ.ଅ)ଙ୍କ ସହିତ ସାମଞ୍ଜସ୍ୟ ହେବ ।" **(ଅୟ୍ୟାମୁସ୍ ସୁଲାହ୍, ପ୍ରାମାଣ୍ୟ- ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ପ୍ରଦତ୍ତ ସୁରତୁଲ୍ ଜୁମାର ତଫ୍‌ସିର୍‌ର ପ୍ରାମାଣ୍ୟ, ପୃ-132)**

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରିହିଲ୍ ଅଜିଜ୍ ସାହାବା ରିଜ୍‌ୱାନୁଲ୍ଲାଃ ଅଲୈହିମ୍ ଅଜ୍‌ମଇନ୍‌ଙ୍କ ମର୍ଯ୍ୟାଦା ସଂପର୍କରେ ଏକ ଖୁତବା ଜୁମା 2018 ମସିହା ମାର୍ଚ୍ଚ ମାସ 9 ତାରିଖରେ ଦେଇଥିଲେ । ଉକ୍ତ ଖୁତ୍‌ବା ଜୁମାରେ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ବଳିଦାନର ଚର୍ଚ୍ଚା କରି କହିଥିଲେ: "ଏହି ସତ୍ୟନିଷ୍ଠତା, ବିଶ୍ୱସ୍ତତା, ନିଷ୍ଠାପରତା ତଥା ସଭ୍ୟ ଓ ଶିଷ୍ଟତା ପ୍ରଦର୍ଶନକାରୀମାନଙ୍କର ଉଦାହରଣ ଆମମାନଙ୍କୁ ଏପରି ଭବ୍ୟତାର ସହିତ ଦୃଶ୍ୟମାନ ହୋଇଥାଏ ଯେ, ମନୁଷ୍ୟ ଆଶ୍ଚର୍ଯ୍ୟଚକିତ ହୋଇଯାଇଥାଏ ।

ଆଁହଜରତ୍ ସ.ଅଙ୍କ ଐଶୀ ପ୍ରଦତ୍ତ ଶକ୍ତି କେବଳ ସେମାନଙ୍କର ପ୍ରେମର ଦିଗ ତଥା ମୋଡ଼ ପରିବର୍ତ୍ତନ କରିଦେଇ ନଥିଲା ବରଂ ପୂର୍ବ ପ୍ରେମର ଦିଗ ମଧ୍ୟ ଅନ୍ୟ ଆଡ଼କୁ ପରିବର୍ତ୍ତନ କରି ଦେଇଥିଲା । ଅର୍ଥାତ୍ ସାଂସାରିକତା ଠାରୁ ଈଶ୍ୱରଙ୍କ ଆଡ଼କୁ ଧ୍ୟାନ ପରିବର୍ତ୍ତନ କରି ଦେଇଥିଲା । କେବଳ ସେତିକି ନୁହେଁ ବରଂ ପ୍ରେମର ସେହି ପରିମାପକକୁ ଶୀର୍ଷତ୍ୱତା ମଧ୍ୟ ପ୍ରଦାନ କରିଦେଲା । ଏହାର ଦୃଷ୍ଟାନ୍ତ ପୂର୍ବେ ସଂସାରରେ କେବେ ଦେଖିବାକୁ ମିଳୁ ନଥିଲା ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୌଣସି ସୌନ୍ଦର୍ଯ୍ୟତା ଠାରୁ ଉକ୍ତ ଉନ୍ନତି ତଥା ବିକାଶର ଉଦାହରଣ ଦେଇଛନ୍ତି । ଅତଏବ୍ ଆପଣ ଅ.ସ କୁହନ୍ତି: "ସେହି ସାହାବାମାନଙ୍କର ପ୍ରେମମୂଳକ ବଳିଦାନର ସ୍ତର ପୂର୍ବ ଅବତାରମାନଙ୍କ ଜୀବନରେ କେବେ ବି ଦେଖିବାକୁ ମିଳେ ନାହିଁ। ଯେଉଁଠି ଅବତାରମାନଙ୍କୁ ସ୍ୱୀକାର କରିବାର ପ୍ରସଙ୍ଗ ରହିଛି ତେବେ ସେଠାରେ ସେମାନଙ୍କର ମର୍ଯ୍ୟାଦା କ'ଣ ସେମାନଙ୍କର ଅବସ୍ଥା ତ' ସାହାବାମାନଙ୍କ ତୁଳନାରେ ଅତ୍ୟନ୍ତ ଦୟନୀୟ ଓ ହୀନ ଥିଲା । ସେହି ସାହାବାମାନେ ଯେଉଁମାନେ ନିଜର ସମସ୍ତ ଆତ୍ମିକ ତଥା ସ୍ୱାର୍ଥଜନିତ ଆତ୍ମକେନ୍ଦ୍ରିକ କାମନା ଠାରୁ ପବିତ୍ର ଥିଲେ ସେମାନେ ପବିତ୍ର ତଥା ନିର୍ମଳ ହୋଇ ଅଲ୍ଲାଃତାଲାଙ୍କ ସକାଶେ ନୈଷ୍ଠିକ ରୂପେ କେବଳ ଓ କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ନିଜର ଜୀବନ ଅତିବାହିତକାରୀ ବ୍ୟକ୍ତି ରୂପେ ପରିଗଣିତ ଥିଲେ । ସୁତରାଂ ଯେତେବେଳେ ଏହିଭଳି ଅବସ୍ଥା ଥାଏ ତେବେ ଈଶ୍ୱର ମଧ୍ୟ ଅଶେଷ ପୁରସ୍କୃତ ଏବଂ ସମ୍ମାନିତ କରିଥାଆନ୍ତି ଓ ଆମେମାନେ ସାହାବାମାନଙ୍କ ଜୀବନରେ ଉପରୋକ୍ତ ପ୍ରସଙ୍ଗକୁ ଅବଲୋକନ କିରଥାଉ।" **(ବଦର୍ ସଂଖ୍ୟା-12, 2008 ମସିହା ଏପ୍ରିଲ୍ ମାସ 05 ତାରିଖ)**

ପୁଣ୍ୟଶ୍ଳୋକ ହ. ଅମୀରୁଲ୍ ମୁମିନିନ୍ ଅ.ବ ଅନେକ ବର୍ଷ ଧରି ସାହାବାମାନଙ୍କର ଅବସ୍ଥା ଏବଂ ଘଟଣାବଳୀ ସଂପର୍କରେ ବର୍ଣ୍ଣନା କରୁଛନ୍ତି ଏବଂ ଏହାର ଅଭିପ୍ରାୟ ଏହିକି ଯେ, ଅଲ୍ଲାଃତାଲା ଆମମାନଙ୍କୁ ସାହାବାମାନଙ୍କ ପରି ସୃଷ୍ଟି କରିଛନ୍ତି । ଅତଏବ୍ ଆମମାନଙ୍କ ମଧ୍ୟରେ ବି ସେହି ନିଷ୍ଠା ରହିଛି ଏବଂ ସେହି ବଳିଦାନର ଉତ୍ସାହ ରହିଛି ଯେଉଁ ତ୍ୟାଗ ଓ ଉତ୍ସାହ ସାହାବାମାନଙ୍କ ମଧ୍ୟରେ ରହିଥିଲା । ଯେଉଁ ପ୍ରେମ ଏବଂ ଆନ୍ତରୀକତା ସାହାବାମାନଙ୍କ ମଧ୍ୟରେ ରହିଥିଲା ସେହି ପ୍ରେମ ଏବଂ ଆନ୍ତରୀକତା ମଧ୍ୟ ଆମମାନଙ୍କ ମନରେ ମଧ୍ୟ ରହିବା ଉଚିତ୍ । ଯେଉଁ ପ୍ରେମ ଦ୍ୱାରା ବାଧ୍ୟ ହୋଇ ସାହାବାମାନେ ନିଜ ଜୀବନକୁ ଈଶ୍ୱରଙ୍କ ମାର୍ଗରେ ଉତ୍ସର୍ଗ କରି ଦେଇଥିଲେ ।

ଅଲ୍‌ହମଦୁଲିଲ୍ଲାଃ (ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ନିମନ୍ତେ ଉଦ୍ଦିଷ୍ଟ) ଜମାଅତ୍ ଅହମଦିୟାରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ସାହାବାମାନଙ୍କର ପଦାଙ୍କ ଅନୁସରଣ କରି ନିଜର ଧର୍ମାଧ୍ୟକ୍ଷଙ୍କ ଡାକ ଉପରେ ଉପସ୍ଥିତ ହୋଇ ବଳିଦାନର ଅଦୃଷ୍ଟାନ୍ତନୀୟ ଏବଂ ଅକ୍ଷୁର୍ଣ୍ଣ ସ୍ମୃତି ଛାଡ଼ି ଯାଇଛନ୍ତି । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "وَّاٰخَرِيْنَ مِنْهُمْ କହି ଅଲ୍ଲାଃତାଲା ଏହି ଜମାଅତ୍‌କୁ ସାହାବାମାନଙ୍କ ସହିତ ମିଶାଉଛନ୍ତି ତେବେ ସାହାବାମାନଙ୍କ ପରି ଆମମାନଙ୍କ ମଧ୍ୟରେ ସମସ୍ତ ନିଷ୍ଠା, ବିଶ୍ୱସ୍ତତା ଓ ଆକାଂକ୍ଷ ତଥା ଉଦ୍ଦେଶ୍ୟ ହେବା ଉଚିତ୍ । ସାହାବାମାନେ କ'ଣ କଲେ? ଯେପରି ସେମାନେ ଈଶ୍ୱରଙ୍କ ପ୍ରତିଷ୍ଠା ତଥା ତାହାଙ୍କର ପ୍ରତାପକୁ ପରିପ୍ରକାଶିତ କରିଥିଲେ । ଠିକ୍ ସେହିପରି ଉକ୍ତ ପନ୍ଥାକୁ ଏମାନେ ଅର୍ଥାତ୍ ଜମାଅତ୍ ଅହମଦିୟା ମଧ୍ୟ ଅବଲମ୍ବନ କରିନେଇଛି । ଏପର୍ଯ୍ୟନ୍ତକି ଜମାଅତ୍‌ର ସଦସ୍ୟବୃନ୍ଦ ଉକ୍ତ ମାର୍ଗରେ ଅର୍ଥାତ୍ ଧର୍ମ ଓ ଅଲ୍ଲାଃଙ୍କ ମାର୍ଗରେ ନିଜର ପ୍ରାଣର ବଳି ମଧ୍ୟ ଦେଇଦେଲେ । ସେମାନେ ଏକଥା ଜାଣିଥିଲେ ଯେ, ସେମାନଙ୍କର ପତ୍ନୀମାନେ ବିଧବା ହୋଇଯିବେ, ସନ୍ତାନମାନେ ଅନାଥ ହୋଇଯିବେ, ଲୋକମାନେ ଉପହାସ କରିବେ । କିନ୍ତୁ ସେମାନେ ଉକ୍ତ ପ୍ରସଙ୍ଗ ପ୍ରତି ତିଳେମାତ୍ର ଭୃକ୍ଷେପ କଲେ ନାହିଁ । ସେମାନେ ସବୁକିଛି ସହ୍ୟ କଲେ କିନ୍ତୁ ବିଶ୍ୱାସର ପରିପ୍ରକାଶରୁ ଅଟକିଗଲେ ନାହିଁ । ଅର୍ଥାତ୍ ଜମାଅତ୍ ଅହମଦିୟାର ସଦସ୍ୟବୃନ୍ଦମାନେ ଯେଉଁ ବିଶ୍ୱାସ ଅଲ୍ଲାଃତାଲା ଓ ତାହାଙ୍କର ବାର୍ତ୍ତାବହଙ୍କ ଉପରେ ଆଣିଥିଲେ ସେହି ବିଶ୍ୱାସରୁ ସେମାନେ ଅଟକିଗଲେ ନାହିଁ । ଜମାଅତ୍‌ର ସଦସ୍ୟବୃନ୍ଦ ନିଜ ପ୍ରାଣାବଳୀ ଦେବାକୁ ଅଧିକ ଶ୍ରେୟସ୍କର ବୋଲି ମନେକଲେ । ବାସ୍ତବରେ ସେହି ଲୋକମାନଙ୍କର ବିଶ୍ୱାସ ଅର୍ଥାତ୍ ଯେଉଁମାନେ ଅଲ୍ଲାଃତାଲା ଏବଂ ଜମାଅତ୍ ସକାଶେ ନାନା ଅକଥନୀୟ ନିର୍ଯାତନା ସହ୍ୟ କଲେ ଓ ନିଜର ପ୍ରାଣକୁ ଉତ୍ସର୍ଗ କରିଦେଲେ ସେହି ଲୋକମାନଙ୍କ ଦୃଢ ବିଶ୍ୱାସର ଦୃଷ୍ଟାନ୍ତ ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ ।" **(ଅଲ୍‌ହକମ୍, ଗ୍ରନ୍ଥଖଣ୍ଡ-6, ସଂଖ୍ୟା-40, 1902 ମସିହା, ନଭେମ୍ବର ମାସ 10 ତାରିଖ, ପୃ-3) (ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ପ୍ରଦତ୍ତ ସୁରତୁଲ୍ ଜୁମାର ତଫ୍‌ସିର୍‌ର ପ୍ରାମାଣ୍ୟରୁ ଉଦ୍ଧୃତ, ପୃ-140)**

ଅତଏବ୍ ଏହା ଆବଶ୍ୟକ ଯେ, ଆମେମାନେ ପୁଣ୍ୟଶ୍ଳୋକ ହ. ଅମୀରୁଲ୍ ମୁମିନିନ୍ ଅ.ବଙ୍କ ଖୁତ୍‌ବାଗୁଡ଼ିକୁ ପାଠ କରିବା ଓ ଶୁଣିବା ଉଚିତ୍ । କାରଣ ସେହି ଖୁତ୍‌ବମାନଙ୍କରେ ଆପଣ ଅ.ବ ସାହାବାମାନଙ୍କର ବଳିଦାନର ହୃଦୟାସନ୍ନିତ ଘଟଣାବଳୀ ଉପସ୍ଥାପିତ କରିଛନ୍ତି । ତେଣୁ ଆମେମାନେ ମଧ୍ୟ ନିଜ ମଧ୍ୟରେ ସେହି ଆଦର୍ଶ ଏବଂ ସେହି ଉଦହାରଣ ସୃଷ୍ଟି କରିବାକୁ ସକ୍ଷମ ହୋଇପାରିବୁ । କାରଣ ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ବିଶ୍ୱାସ ଆଣି ସାହାବାମାନଙ୍କର ଜମାଅତ୍‌ରେ ସାମିଲ୍ ହୋଇଛେ ।

ସୁତରାଂ ସେହି ଦୃଷ୍ଟିରୁ ସାହାବାମାନେ ଯେପରି ବଳିଦାନ ଦେଇଥିଲେ ଠିକ୍ ସେହିପରି ଆମମାନଙ୍କୁ ମଧ୍ୟ ସେହି ବଳିଦାନ ଦେବା ନିମନ୍ତେ ଅଲ୍ଲାଃତାଲା ଆଶା କରୁଛନ୍ତି ସମଗ୍ର ପୃଥିବୀରେ ଆମମାନଙ୍କର ଅନେକ ଭାଇମାନେ ଖିଲାଫତ୍‌ର ଛତ୍ର ଛାୟା ତଳେ ଏହିପରି ବଳିଦାନ ଉପସ୍ଥାପିତ କରୁଛନ୍ତି । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

مسیح وقت اب دنیا میں آیا — خدا نے عہد کا دن ہے دکھایا
مبارک وہ جو اب ایمان لایا — صحابہ سے ملا جب مجھ کو پایا
وہی مے ان کو ساقی نے پلا دی — فسبحان الذی اخزی الاعادی

☆--☆--☆



(ଖୁତ୍‌ବା ଜୁମା)

ଖୁତ୍‌ବା ଜୁମା 05 JUNE 2026 ମସିହା ଅନୁଯାୟୀ ୦୫ ଇହସାନ୍ ୧୪୦୫ ହିଜ୍ରୀ ଶମ୍ସୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦରର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. إِيَّاكَ نَعْبُدُ وَإِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ أَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରାଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ବିଗତ ଖୁତ୍‌ବାରେ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ବିନୀତତା ଏବଂ ବିନମ୍ରତାର ଘଟଣାବଳୀର ଚର୍ଚ୍ଚା କରିଥିଲି ଏବଂ ଆପଣ ଅ.ସଙ୍କ ଉପଦେଶାବଳୀର ଚର୍ଚ୍ଚା କରିଥିଲି । ଆଜି ମଧ୍ୟ ଆପଣ ଅ.ସଙ୍କ ବିନୀତତାମୂଳକ ଘଟଣାବଳୀ ଓ ଉପଦେଶାବଳୀର ପୁନଃ ଚର୍ଚ୍ଚା ଉପସ୍ଥାପିତ କରିବି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଉତ୍ତମ ଚରିତ୍ରବତ୍ତାର ଏହି ଅବସ୍ଥା ରହିଥିଲା ଯେ, କାଦିୟାନ୍‌ର ଯେଉଁ ଲୋକମାନେ ରହିଥିଲେ ସେମାନେ ସବୁବେଳେ ଖାଲି ଆପଣ ଅ.ସଙ୍କ ବିରୁଦ୍ଧରେ ଶତ୍ରୁତା ଆଚରଣ ପ୍ରଦର୍ଶନ କରିବାରେ ଅଭ୍ୟସ୍ତ ରହୁଥିଲେ । ସେମାନେ କୌଣସି ସୁଯୋଗ ତଥା ମୁହୂର୍ତ୍ତକୁ ହାତ ଛଡ଼ା କରୁ ନଥିଲେ । ଅତଏବ୍ ସେହି ବିରୋଧୀମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଯେତେବେଳେ ଆପଣ ଅ.ସଙ୍କ ଦୁଆର ସମ୍ମୁଖକୁ ଆସିଲା ସେତେବେଳେ ମୁଁ ଦେଖିଲି ଯେ, ଆପଣ ଅ.ସ ଖାଲି ପାଦରେ ସେହି ବିରୋଧୀ ବ୍ୟକ୍ତି ପାଖକୁ ଯାଇ ଅତ୍ୟନ୍ତ ବୀନତତା ଏବଂ ବିନମ୍ରତାପୂର୍ବକ ତା' କଥାର ଉତ୍ତର ଦେଇ ତାକୁ ପଚାରିଲେ, ମହୋଦୟ ! ଆପଣ ଭଲ ଅଛନ୍ତି ? ଆପଣ ଅ.ସ ସେହି ବ୍ୟକ୍ତିର ଘରର ହାଲଚାଲ (ଅବସ୍ଥା) ପଚାରି ବୁଝି କହିଲେ, ମହୋଦୟ ! ଆପଣ ଏଠାକୁ କିପରି ଆସିଲେ ? ତତ୍ପରେ ସେହି ବ୍ୟକ୍ତି ନିଜର ଆବଶ୍ୟକତା ଉପସ୍ଥାପିତ କଲା । ତେବେ ଆପଣ ଅ.ସ ପଚାରିଲେ, ମହୋଦୟ ! ଆପଣ କେତେ (ଟଙ୍କା କିମ୍ବା ବସ୍ତୁ) ଦରକାର ? ଅତଏବ୍ ଆପଣ ଅ.ସ ସେହି ବ୍ୟକ୍ତିର ଆବଶ୍ୟକତା ଠାରୁ ବଳି ଆଣି ଦେଉଥିଲେ ଏବଂ କହୁଥିଲେ ଯେ, ଯଦି ଆବଶ୍ୟକ ପଡ଼େ ତେବେ ଆଉ ଆସି ନେଇଯିବେ ।

(ରିୱାୟାତେ ଅସହାବେ ଅହମଦ, ଗ୍ରନ୍ଥଖଣ୍ଡ-2, ପୃ-395-396)

ଶତ୍ରୁମାନଙ୍କ ସହିତ ମଧ୍ୟ ଆପଣ ଅ.ସଙ୍କର ଉତ୍ତମ ବ୍ୟବହାର ରହିଥିଲା ଏବଂ ସେମାନଙ୍କ ସହିତ ମଧ୍ୟ ସର୍ବଦା ବିନୀତତାମୂଳକ ବ୍ୟବହାର ପ୍ରଦର୍ଶ କରୁଥିଲେ। ଆପଣ ଅ.ସ କେବେ ବି ଅହଂକାର ପ୍ରଦର୍ଶନ କରି ନାହାନ୍ତି । ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ସେ ମୁନ୍‌ସୀ ଜଫର୍ ଅହମଦ ସାହେବ ର.ଅଙ୍କ ଠାରୁ ଏକ ବର୍ଣ୍ଣନା ଶୁଣିଲେ ଏବଂ ମୌଲବୀ ଶେର୍ ଅଲୀ ସାହେବ ର.ଅଙ୍କୁ କହିଲେ, ଏକଦା ମିରାଁ ବଖଶ୍ ସୌଦାଇ ନାମକ ଜଣେ ଭିନ୍ନକ୍ଷମ ବ୍ୟକ୍ତି ଥିଲା ଯିଏ ମାନସିକ ଦୃଷ୍ଟିରୁ ଦୁର୍ବଳ ଥିଲା । ସେ ବଡ଼ ମସ୍‌ଜିଦ୍‌ରୁ ଫେରିବା ବେଳେ ହ. ମସିହ୍ ମଉଦ୍ ଅ.ସଙ୍କ ନାଁ ଧରି ଡାକ ମାରିଲା । ସେ ଅତ୍ୟନ୍ତ ଅଶିଷ୍ଟ ଏବଂ ଅସଭ୍ୟ ଭାବରେ ଆପଣ ଅ.ସଙ୍କ ନାମ ଉଚ୍ଚାରଣ କଲା । ସେ ଯାହା ହେଉ ସେହି ବ୍ୟକ୍ତି ମଧ୍ୟରେ ବୁଦ୍ଧି ନଥିଲା । ସେ ସେହିପରି ଆପଣ ଅ.ସଙ୍କ ନାଁ ଧରୁଥିଲା । ସେହି ବ୍ୟକ୍ତି କହିବାକୁ ଲାଗିଲା ଯେ, ଓଏ ମିର୍ଜା ଗୁଲାମ୍ ଅହମଦ ! ଆପଣ ଅ.ସ ସେହି ମୁହୂର୍ତ୍ତରେ ହିଁ ଛିଡ଼ା ହୋଇଗଲେ ଏବଂ କହିଲେ, ଆଜ୍ଞା ! ଆପଣ ଅ.ସ ସେହି ବ୍ୟକ୍ତିର କଥାକୁ ଦିହକୁ ନେଲେ ନାହିଁ । ଖରାପ ବୋଲି ମନେକଲେ ନାହିଁ । ଆପଣ ଅ.ସ ଆଜ୍ଞା କହିଲେ। ସେ କହିଲା, "ଓଏ ସଲାମ୍ ତୋ ଆଖିୟା କର" ଅର୍ଥାତ୍ ପଞ୍ଜାବୀ ଭାଷାରେ ସେ କହିଲେ, ଆରେ କଥାବାର୍ତ୍ତା କରିବା ପୂର୍ବରୁ ସଲାମ୍ ଅର୍ଥାତ୍ ନମସ୍କାର ଟିକେ କର । ସେ ନିଜକୁ ଅଫିସର ମନେକରୁଥିଲା । ନିଜ ଧାରଣାରେ ସେ ନିରୀହ ବ୍ୟକ୍ତି ଥିଲା । ଆପଣ ଅ.ସ କହିଲେ, "**ଅସ୍ସଲାମୁ ଅଲୈକୁମ୍**" । ପୁନଶ୍ଚ ସେ କହିଲେ, ହଉ କଥା କ'ଣ କୁହ । ଜମିଦାରମାନଙ୍କ ମଧ୍ୟରେ ସେଠାରେ କଥାକୁ ମାମଲା ଅଦା କରୋ (କଥା କ'ଣ ଅଛି କୁହ୍ ବା ପ୍ରସଙ୍ଗ କ'ଣ ରହିଛି କୁହ) ବୋଲି କୁହାଯାଉଥିଲା । ସରକାରଙ୍କ ପକ୍ଷରୁ ଏହା ଏକ ପ୍ରକାରର କର ହୋଇଥାଏ । ସେ ଯାହା ହେଉ ହୁଜୁର ଅ.ସ ସେହି ବ୍ୟକ୍ତିର କଥା ଶୁଣି ପକେଟରୁ ରୁମାଲ କାଢିନେଲେ......ସେହି ବ୍ୟକ୍ତିର ପକେଟରୁ ଚାରି ଆଣା ଅବା ଆଠ ଅଣା କାଢ଼ି ସେ ଦେଇଦେଲା ଏବଂ ସେ ଖୁସି ହୋଇ ସେଠାରୁ ଚାଲିଗଲା ଏବଂ ଘୋଡ଼ିୟାଁ (ଘୋଡ଼ିୟାଁ କହିଲେ, ପ୍ରଶଂସା କବିତାକୁ ବୁଝାଏ) ଗାଇବାକୁ ଲାଗିଲା ।

(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ପୃ-734, ବର୍ଣ୍ଣନା ସଂଖ୍ୟା-805)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମାନସିକ ରୂପେ ବିକୃତ ଥିବା ବ୍ୟକ୍ତିର କଥାକୁ ମଧ୍ୟ ଆପଣ ଅ. କେବେ ବି ଖରାପ୍ ବୋଲି ମନେ କରି ନାହାନ୍ତି ଏବଂ ତା' ନିମନ୍ତେ ମଧ୍ୟ ଆପଣ ଅ.ସ ଛିଡ଼ା ହୋଇଯାଉଥିଲେ । ସୁତରାଂ ମାଷ୍ଟର ନଜୀର୍ ହୁସୈନ୍ ସାହେବ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ବି ମୁଁ ନିଜର ପିତାଶ୍ରୀଙ୍କ ସହିତ କାଦିୟାନ୍ ହୁଜୁର୍ ଅ.ସଙ୍କ ପାଖକୁ ଆସିଲି ଏବଂ ହୁଜୁର୍ ଅ.ସଙ୍କୁ ସୂଚନା ଦିଆଗଲା ଯେ, ହୁଜୁର ! ହକିମ୍ ମରହମେ ଇସା ସାହେବ ଆସିଛନ୍ତି । ତେବେ ମୁଁ ସର୍ବଦା ଏହି ହିଁ ଦେଖିଛି ଯେ, ହୁଜୁର ଅ.ସଙ୍କୁ ସୂଚନା ମିଳିବା ମାତ୍ରେ ଆପଣ ଅ.ସ ତୁରନ୍ତ ବାହାରକୁ ବାହାରି ଆସୁଥିଲେ ଏବଂ ସେତେବେଳ କିଛି ଖାଇବା ନିମନ୍ତେ ଆହାର ମଧ୍ୟ ଉପସ୍ଥାପିତ କରୁଥିଲେ ଏବଂ ବେଳେବେଳେ ଏହା ମଧ୍ୟ ହେଉଥିଲା ଯେ, ପ୍ରଥମେ ନିଜ ଯାଇ ଖାଦ୍ୟ ଆଣୁଥିଲେ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମାଷ୍ଟର ନଜୀର୍ ହୁସୈନ୍ ସାହେବ ପୁନଶ୍ଚ ଉଲ୍ଲେଖ କରନ୍ତି: "ହୁଜୁର୍ ଅ.ସ ଅତିଥିମାନଙ୍କ ସହିତ ସରଳତାର ସହିତ ସାକ୍ଷାତ୍ କରୁଥିଲେ। ବେଳେବେଳେ ମୁଁ ହୁଜୁର୍ ଅ.ସଙ୍କ ଏପରି ଅବସ୍ଥା ମଧ୍ୟ ଦେଖିଛି ଯେ, ହୁଜୁର୍ ଅ.ସଙ୍କ ହାତରେ କଲମ ହେଉଥିଲା ଏବଂ ବେଳେ ହୁଜୁର ଅ.ସ ଖାଲି ପାଦରେ ଚାଲି ଆସୁଥିଲେ । ହୁଜୁର୍ ଅ.ସ ଘର ମଧ୍ୟରେ ବସି ରହୁଥିଲେ । ତେବେ ଯେତେବେଳେ କବାଟ ଠକ୍ ଠକ୍ ହେଉଥିଲା ସେତେବେଳେ ହୁଜୁର୍ ଅ.ସ ସେହିପରି ଖାଲି ପାଦରେ ବାହାରକୁ ଚାଲି ଆସୁଥିଲେ । ଯଦି କେହି ଅତିଥି ହୁଜୁର୍ ଅ.ସଙ୍କ ପାଖକୁ ଆସୁଥିଲା ତେବେ ଆପଣ ଅ.ସ ସେହି ଅତିଥିକୁ ଛିଡ଼ା ହୋଇ ହାତ ମିଳାଉଥିଲେ । ଯଦି ହୁଜୁର୍ ଅ.ସ ଅନ୍ୟ କୌଣସି କଥାବାର୍ତ୍ତା କରୁଥିଲେ ଏବଂ କେହି ଆସି ଯାଉଥିଲା ତଥା ହୁଜୁର୍ ଅ.ସଙ୍କ ପାଖରେ ବସି ହାତ ମିଳାଉଥିଲା ତେବେ ହୁଜୁର୍ ଅ.ସ ତୁରନ୍ତ ତା' ଆଡ଼କୁ ଧ୍ୟାନ ଦେଉଥିଲେ ଓ ତା'ର ଅବସ୍ଥା ପଚାରି ବୁଝୁଥିଲେ । ଅତଏବ୍ ହୁଜୁର୍ ଅ.ସ ଅତ୍ୟନ୍ତ ବିନୀତତାର ସହିତ ନିଜ ଆଗନ୍ତୁକ ଅତିଥିମାନଙ୍କୁ ସାକ୍ଷାତ୍ କରୁଥିଲେ ଏବଂ ସେମାନଙ୍କୁ ପାଛୋଟି ନେଉଥିଲେ ।" **(ରିୱାୟତେ ଅସ୍‌ହାବ୍, ଗ୍ରନ୍ଥଖଣ୍ଡ-3, ପୃ-173, ରିୱାୟତ୍-ହ. ମାଷ୍ଟର ନଜୀର୍ ହୁସୈନ୍ ସାହେବ୍ ର.ଅରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ.ମୁଫ୍‌ତି ମୁହମ୍ମଦ ସାଦିକ୍ ସାହେବ ର.ଅ କୁହନ୍ତି: "ମୋର ମନେଅଛି ଯେ, ଏକଦା ମୁଁ ଲାହୋରରୁ କାଦିୟାନ୍ ଆସିଥିଲି । ସମ୍ଭବତଃ 1897 ମସିହା କିମ୍ବା 1898 ମସିହାର ଘଟଣା ହେବ । ମୋତେ ହ. ସାହେବ ଅ.ସ ମସ୍‌ଜିଦେ ମୁବାରକରେ ବସାଇଦେଲେ.......(ସେତେବେଳେ ମସ୍‌ଜିଦ୍ ମୁବାରକ୍ ବହୁତ ଛୋଟ ଥିଲା) ଆପଣ ଅ.ସ କହିଲେ, ମହୋଦୟ ! ଆପଣ ବସନ୍ତୁ ମୁଁ ଟିକେ ଆପଣଙ୍କ ପାଇଁ ଆହାର ନେଇ ଆସୁଛି । ଏହା କହି ଆପଣ ଅ.ସ ଭିତରକୁ ଚାଲିଗଲେ। ମୋର ଏହି ଧାରଣା ରହିଥିଲା ଯେ, ଆପଣ ଅ.ସ ଅନ୍ୟ କୌଣସି ସେବକ ହାତରେ ପଠେଇ ଦେବେ । କିନ୍ତୁ କିଛି ମିନିଟ୍ ପରେ ଯେତେବେଳେ ଝରକା ଖୋଲିଲା ସେତେବେଳେ ମୁଁ ଏହା ଦେଖିଲି ଯେ, ଆପଣ ଅ.ସ ନିଜ ହାତରେ ବଡ଼ ପ୍ଲେଟ୍ (ଥାଳି) ଥିଲା । ଆପଣ ଅ.ସ ଟ୍ରେରେ ଖାଦ୍ୟ ସଜାଇ, ପ୍ଲେଟ୍ ଧରି ମୋ ପାଇଁ ଆହାର ଆଣିଛନ୍ତି । ଆପଣ ଅ.ସ ମୋତେ ଦେଖି କହିଲେ, ମହୋଦୟ ଆପଣ ଖାଦ୍ୟ ଖାଆନ୍ତୁ, ମୁଁ ଆପଣଙ୍କ ପାଇଁ ପାଣି ନେଇ ଆସୁଛି । ଅପ୍ରତ୍ୟାଶିତ ରୂପେ ମୋ ଆଖିରୁ ଲୁହ ବାହାରିଗଲା । କାରଣ ହ. ମସିହ୍ ମଉଦ୍ ଅ.ସ ଯିଏ ମୋର ଧର୍ମାଧ୍ୟକ୍ଷ ହୋଇ ମୋର ଏତେ ସେବା କରୁଛନ୍ତି ତେବେ ଆମମାନଙ୍କୁ ପରସ୍ପରର କିପରି ସେବା କରିବା ଉଚିତ୍।"

(ଜିକ୍ରେ ହବିବ୍, ଲେଖକ-ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ, ପୃ-258)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସଙ୍କ ସରଳତା ଏବଂ ବିନୀତତାର ଆଉ ଏକ ବର୍ଣ୍ଣନା ରହିଛି । ସେହି ବର୍ଣ୍ଣନାଟି ଜଣେ ସରଳ ମହିଳା ଯାହାଙ୍କ ନାମ ଜିୱାଁ ଥିଲା, ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ତାଙ୍କ ସଂପର୍କରେ ବର୍ଣ୍ଣନା କରନ୍ତି ଯେ, ସେହି ମହିଳା ଜଣକ ବର୍ଣ୍ଣନା କଲେ ଯେ, ଏକଦା ହୁଜୁର ଅ.ସ ଯେତେବେଳେ ଆସିଲେ ସେତେବେଳେ ମୁଁ ଗହମ ଭାଜି ନେଇ ଗଲି (ହୁଜୁର୍ ଅ.ସ ସେହି ମହିଳା ଗ୍ରାମକୁ ଯାଇଥିଲେ) । ଆପଣ ଅ.ସ ନିଜ ସହିତ ଯଅ ଆଣିଥିଲେ ଥିଲା ତାହାକୁ ବାଣ୍ଟିଦେଲେ। ଆପଣ ଅ.ସ ନିଜେ ମଧ୍ୟ ଚାଖିଲେ ଏବଂ ଆନନ୍ଦିତ ହେଲେ । ଯେତେବେଳେ ହୁଜୁର ଅ.ସ ଭ୍ରମଣ ନିମନ୍ତେ ଆସୁଥିଲେ ସେତେବେଳେ ଆମର ଚଚ୍ଚା ମସ୍‌ଜିଦରେ ଆସି ନମାଜ୍ ଇଶ୍ରାକ୍ ପାଠ କରୁଥିଲେ । ଆମେମାନେ ଯେତେବେଳେ ଶାଗ ରୁଟି ଆପଣ ଅ.ସଙ୍କ ସମ୍ମୁଖରେ ଉପସ୍ଥାପିତ କରୁଥିଲୁ ସେତେବେଳେ ହୁଜୁର୍ ଅ.ସ କେବେ ବି ତାହାକୁ ଖରାପ ମନେକରୁ ନଥିଲେ ଏବଂ ନା ହିଁ ଆପଣ ଅ.ସ ଘୃଣାଭାବ ବ୍ୟକ୍ତ କରୁଥିଲେ । ବରଂ ଆପଣ ଅ.ସ ଆନନ୍ଦର ସହିତ ଆତିଥ୍ୟତା ସ୍ୱୀକାର କରୁଥିଲେ ।

(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-2, ପୃ-202, ବର୍ଣ୍ଣନା ସଂଖ୍ୟା-1318)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁନ୍‌ସୀ ଜଫର୍ ଅହମଦ ସାହେବ କପୁର୍ ଥଲୱୀ ଏକ ଘଟଣା ବର୍ଣ୍ଣନା କରନ୍ତି ଯେ, ହ. ସାହେବ ନିଜର ବସିବା ସ୍ଥାନରେ ଖୋଲା କବାଟ୍ ପାଖରେ ବସୁ ନଥିଲେ । ଅର୍ଥାତ୍ କବାଟ୍ ଖୋଲି ବସୁ ନଥିଲେ । ବରଂ ସର୍ବଦା ଭିତରେ କବାଟ୍ ବନ୍ଦ (ଲକ୍) କରି ବସୁଥିଲେ । ହ. ସାହିବଜାଦା ମିୟାଁ ମହମୁଦ୍ ଅହମଦ ସାହେବ କିଛି କିଛି ସମୟରେ ଆସି କହୁଥିଲେ ଯେ, ପିତାଶ୍ରୀ କବାଟ ଖୋଲନ୍ତୁ ! ଏହାପରେ ହୁଜୁର୍ ଅ.ସ ଉଠି କବାଟ ଖୋଲି ଦେଉଥିଲେ । ମୁଁ ଏକଦା ହୁଜୁର୍ ଅ.ସଙ୍କ ସେବାରେ ଉପସ୍ଥିତ ହେଲି । ହୁଜୁର୍ ଅ.ସ ବସ୍ତା ଉପରେ ବସିଥିଲେ, ଆପଣ ଅ.ସ ମୋତେ ଦେଖିଲେ ଏବଂ ମୋତେ ଦେଖିକି ଆପଣ ଅ.ସଙ୍କ ଖଟ ଟେକି ଭିତରକୁ ନେଇଗଲେ । ମୁଁ କହିଲି, ହୁଜୁର୍ ମୁଁ ଉଠେଇ ଦେଉଛି ଖଟ, ଆପଣ ଜମା କଷ୍ଟ କରନ୍ତୁ ନାହିଁ । ଆପଣ ଅ.ସ କହିବାକୁ ଲାଗିଲେ, ନା ନା ମହୋଦୟ ଖଟ ବହୁତ ଭାରି ଅଛି, ଆପଣ ଟେକି ପାରିବେ ନାହିଁ । ଆପଣ ଅ.ସ କହିଲେ, ମହୋଦୟ ! ଆପଣ ଖଟ ଉପରେ ବସି ପଡ଼ନ୍ତୁ । ଖଟ ଟେକି ଆପଣ ସେଠାକୁ ନେଇଗଲେ ଏବଂ ତାଙ୍କୁ ବସାଇଦେଲେ ଏବଂ ନିଜ ସଂପର୍କରେ କହିଲେ, ମୋତେ ଏଠାରେ ଅର୍ଥାତ୍ ତଳେ ବସି ଆରାମ୍ ମିଳୁଛି ତେଣୁ ମୁଁ ତଳେ ବସିବି । ଆପଣ ଉପରେ ବସନ୍ତୁ । ସେ କୁହନ୍ତି, ପ୍ରଥମେ ପ୍ରଥମେ ମୁଁ ମନାକଲି । କିନ୍ତୁ ଆପଣ ଅ.ସ କହିଲେ, ନାହିଁ ଆପଣ ନିରାଡମ୍ବର ହୋଇ ବସି ଯାଆନ୍ତୁ । ପୁନଶ୍ଚ ମୁଁ ଖଟ ଉପରେ ବସି ପଡ଼ିଲି। ମୋତେ

ଶୋଷ ଲାଗିଥିଲା । ମୁଁ ମାଠିଆ ଆଡ଼କୁ ଦୃଷ୍ଟି ପକାଇଲି । ସେଠାରେ ପାଣି ପିଇବାର କୌଣସି ପାତ୍ର ନଥିଲା । ଆପଣ ଅ.ସ ମୋତେ ଦେଖି କହିଲେ, ମହୋଦୟ! କ'ଣ ଆପଣଙ୍କୁ ଶୋଷ ଲାଗୁଛି । ମୁଁ ପାଣି ଆଣି ଦେଉଛି । ତଳ ପାହାଚ ଦେଇ ଆପଣ ଅ.ସ ଗିଲାସ ନେଇ ଆସିଲେ । ପୁନଶ୍ଚ କହିଲେ, ମହୋଦୟ ! ଟିକେ ରୁହନ୍ତୁ । ଅତଏବ୍ ଆପଣ ଅ.ସ ତଳକୁ ଗଲେ ଏବଂ ସେଠାରୁ ଦୁଇଟି ସରବତ୍ ବୋତଲ ଘିନି ଆଣିଲେ। ସେହି ସରବତ୍ ବୋତଲ ମଣିପୁରର କେହି ଜଣେ ବ୍ୟକ୍ତି ପଠାଇଥିଲେ । ମହୋଦୟ କୁହନ୍ତି ସେହି ସରବତଟି ଅତ୍ୟନ୍ତ ସୁସ୍ୱାଦିଷ୍ଟ ଥିଲା । ଆପଣ ଅ. କହିଲେ, ଏହି ବୋତଲ ଦ୍ୱୟକୁ ରଖିବାକୁ ଅନେକ ଦିନ ହୋଇଗଲାଣି । କାରଣ ମୁଁ ଏହି ନିୟତ୍ (ମନସ୍ଥ) କରିଥିଲି ଯେ, ମୁଁ ପ୍ରଥମେ କୌଣସି ବନ୍ଧୁଙ୍କୁ ପାନ କରାଇବି ଓ ପରେ ନିଜେ ମଧ୍ୟ ପିଇବି । ଆଜି ମୋର ମନେପଡ଼ିଗଲା । ସୁତରାଂ ଆପଣ ଅ.ସ ଗିଲାସ୍‌ର ସରବତ୍ ତିଆରି କରି ମୋତେ ପିଇବାକୁ ଦେଲେ । ଅର୍ଥାତ୍ ଆପଣ ଅ.ସଙ୍କ ପାଖକୁ ସରବତର ଯେଉଁ ଉପହାର ଆସିଥିଲା ସେହି ଉପହାର ସଂପର୍କରେ ଆପଣ ଏହା ସ୍ଥିର କରିଥିଲେ ଯେ, ପ୍ରଥମେ ମୁଁ ଏହି ସରବତ୍‌କୁ କୌଣସି ବନ୍ଧୁଙ୍କୁ ପିଆଇବି ଓ ପରେ ନିଜେ ପିଇବି । ଅତଏବ୍ ହ. ମସିହ୍ ମଉଦ୍ ଅ.ସ ଯେତେବେଳେ ସର୍‌ବତ୍ ତିଆରି କରି ନିଜର ଅତିଥି ଅର୍ଥାତ୍ ମୋତେ ଦେଲେ ସେତେବେଳେ ମୁଁ କହିଲି, ହୁଜୁର ଆପଣ ଅ.ସ ତହିଁରୁ ଟିକେ ପାନ (ପିଇ) ନିଅନ୍ତୁ ତା' ପରେ ଯାଇ ମୁଁ ପିଇବି । ଆପଣ ଅ.ସ ଢୋକେ ପିଇ ମୋତେ ଦେଇଦେଲେ ଏବଂ ମୁଁ ପିଇନେଲି । ମୁଁ ସରବତ୍‌ର ପ୍ରଶଂସା କଲି । ଆପଣ ଅ.ସ କହିଲେ, ମହୋଦୟ ଗୋଟିଏ ବୋତଲ ଆପଣ ନେଇ ଯାଆନ୍ତୁ ଏବଂ ଆଉ ଗୋଟେ ବାହାରେ ବନ୍ଧୁମାନଙ୍କୁ ପିଆଇ ଦିଅନ୍ତ । ଆପଣ ଅ.ସ ଉଭୟ ବୋତଲ ମଧ୍ୟରୁ ଢୋକେ ପିଇଲେ । ମୁଁ ଆପଣ ଅ.ସଙ୍କ ଆଦେଶାନୁଯାୟୀ ବୋତଲ ନେଇ ଆସିଲି । **(ଅସ୍‌ହାବେ ଅହ୍‌ମଦ, ଗ୍ରନ୍ଥଖଣ୍ଡ-4, ପୃ-168-169)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ଆଏଶା ବିନ୍‌ତ୍ ଅହମଦ ଯାନ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, 1906 ମସିହାରେ ଯେତେବେଳେ ମୋର ମାତାଶ୍ରୀଙ୍କ ବିୟୋଗ ହୋଇଯାଇଥିଲା ସେତେବେଳେ ମୋତେ ଅମ୍ମା ଜୀ ଅର୍ଥାତ୍ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ପତ୍ନି ନିଜ ଘରକୁ ନେଇଗଲେ । ଜଳଖିଆ ଖୁଆଇଲେ । ପୁନଶ୍ଚ ଚାରି ପାଞ୍ଚ ଦିନ ପରେ ହ. ଉମ୍ମୁଲ୍ ମୁମିନିନ୍ ର.ଅ ମୋତେ ନିଜ ଘରକୁ ନେଇ ଆସିଲେ । ଯେଉଁଠି ବର୍ତ୍ତମାନ ଅମ୍ମାଜାନ୍ ରହୁଛନ୍ତି । ଅହମଦ୍ ଜାନ ସାହେବଙ୍କ ସୁପୁତ୍ର ଆଏଶା କହୁଛନ୍ତି ଯେ, ଯେଉଁଠି ବର୍ତ୍ତମାନ ରୋଷେଇ ଘର ରହିଛି ସେଠାରେ ଅମ୍ମା ଜାନ୍ ନିଜ ଘରେ ମୋର ମୁଣ୍ଡ ଧୁଆଉଥିଲେ । ତେବେ ଜଣେ ମହିଳା ମୋ ମୁଣ୍ଡ ଉପରେ ପାଣି ଢାଳୁଥିଲା ଏବଂ ଅମ୍ମା୍ ଜାନ୍ ସେହି କନ୍ୟା ଯାହାର ମାତାଶ୍ରୀଙ୍କ ବିୟୋଗ ହୋଇଯାଇଥିଲା ତା'ର ମୁଣ୍ଡ ଧୋଉଥିଲେ । ଆଏଶା ସାହେବା କୁହନ୍ତି ଯେ, ହ. ଉମ୍ମୁଲ୍ ମୁମିନିନ୍ ର.ଅ ମୋ ମୁଣ୍ଡରେ ସାବୁନ ମଳୁଥିଲେ ଏବଂ ଧୋଉଥିଲେ । ସେହି ମହିଳା ଯିଏ ପାଣି ଢାଳୁଥିଲେ ସେ ଅଧିକ ପାଣି ଢାଳୁଥିଲେ । ହୁଜୁର୍ ଅ.ସ ସେହି ସ୍ଥାନରେ ବୁଲୁଥିଲେ। ସେ ଯେତେବେଳେ ଦେଖିଲେ ସେତେବେଳେ ସେହି ମହିଳା ଠାରୁ ଲୋଟା ନେଇ ମୋ ମୁଣ୍ଡ ଉପରେ ପାଣି ଢାଳିବାକୁ ଲାଗିଲେ ଏବଂ ଆପଣ ଅ.ସ ଧୀରେ ଧୀରେ ପାଣି ଢାଳୁଥିଲେ ଓ ହ. ଅମ୍ମାଜାନ୍ ଉମ୍ମୁଲ୍ ମୁମିନିନ୍ ର.ଅ ମୋ କେଶରେ ପାନିଆ ଦ୍ୱାରା କୁଣ୍ଡାଇ ଦେଉଥିଲେ। ହୁଜୁର୍ ଅ.ସ କହୁଥିଲେ ଯେ, ଏହିପରି କରିବା ଦ୍ୱାରା ମୁଣ୍ଡରୁ ଉକୁଣି ବାହାରିଯିବେ ।

(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥ ଖଣ୍ଡ-2, ପୃ-285, ବର୍ଣ୍ଣନା ସଂଖ୍ୟା 1509)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସମ୍ଭବତଃ ମୁଣ୍ଡରେ ଉକୁଣି ସୃଷ୍ଟି ହୋଇଯାଇଥିବେ। ଆଏଶା ସାହେବାଙ୍କର ମାତାଶ୍ରୀ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ । କେହି ଯତ୍ନ ନେବା ଏବଂ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲାବାଲା ନଥିଲା । ସେ ଯାହା ହେଉ ସେହି କାରଣରୁ ଆଏଶା ସାହେବାଙ୍କ ମୁଣ୍ଡରେ ଉକୁଣି ଅଧିକ ହୋଇଗଲେ । ସେ ଯାହା ହେଉ ଆପଣ ଅ.ସ କହିଲେ, ଏହିପରି ଭାବରେ ଆପଣ ନିଜର ମୁଣ୍ଡ ଧୋଇନିଅ, ଏହିପରି ମୁଣ୍ଡରେ ପାନିଆ ଦ୍ୱାରା ମୁଣ୍ଡ କୁଣ୍ଡାଇଚାଲ, ମୁଣ୍ଡରୁ ଉକୁଣି ସବୁ ବାହାରିଯିବେ । ସେ ଯାହା ହେଉ ହୁଜର୍ ଅ.ସ ଘରର କୌଣସି କାର୍ଯ୍ୟରେ ସାହାଯ୍ୟ କରିବାକୁ ମଧ୍ୟ ଖରାପ୍ ବୋଲି ମନେକରୁ ନଥିଲେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁଫ୍‌ତି ମୁହମ୍ମଦ ସାଦିକ ସାହେବ ର.ଅ କୁହନ୍ତି: "ଏକଦା ମୁଁ ୱଜୁ କରିବା ନିମନ୍ତେ ହାତରେ। ଲୋଟା ଧରି ପାଣି ଖୋଜୁ ଖୋଜୁ ସେହି ଦୁଆର ମଧ୍ୟକୁ ଗଲି ଯାହା ମସ୍‌ଜିଦ୍ ମୁବାରକ୍‌ରେ ହ. ସାହେବ ଅ.ସଙ୍କ ଆଭ୍ୟନ୍ତରୀଣ ଅଭିମୁଖେ ଯାଇଥାଏ । ସେଠାରେ ଆପଣ ଅ.ସ ଜଣେ ସେବକକୁ ଲୋଟା ଦେଇ ପାଣି ଭିତରୁ ଆଣିବାକୁ କହିଲେ, ଦୈବାତ୍ ଭିତରୁ ହ. ସାହେବ ଆସିଲେ ଏବଂ ମୋତେ ଛିଡ଼ା ହୋଇଥିବାର ଦେଖି କହିଲେ, ମହୋଦୟ! ଆପଣଙ୍କୁ ପାଣି ଦରକାର ? ମୁଁ କହିଲି, ଆଜ୍ଞା ହଁ ହୁଜୁର୍, ମୋତେ ପାଣି ଦରକାର। ହୁଜୁର୍ ଅ.ସ ଲୋଟା ମୋ ହାତରୁ ନେଇନେଲେ ଏବଂ କହିଲେ, ରୁହନ୍ତୁ ମୁଁ ପାଣି ଆଣି ଦେଉଛି । ଅତଏବ୍ ହୁଜୁର୍ ଅ.ସ ସ୍ୱୟଂ ଭିତରକୁ ଗଲେ ଏବଂ ଭିତରକୁ ପାଣି ନେଇ ଆସିଲେ ଏବଂ ମୋତେ ପାଣି ଦେଇଦେଲେ ।" **(ଜିକ୍ରେ ହବିବ୍, ଲେଖକ-ମୁଫ୍‌ତି ମୁହମ୍ମଦ ସାଦିକ୍ ସାହେବ ର.ଅ, ପୃ-257-258)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ କୁହନ୍ତି: "ଶ୍ରୀଯୁକ୍ତ ସ୍ୱର୍ଗତ ଡାକ୍ତର ଖଲିଫା ସଇଦୁଦ୍ଦୀନ୍ ସାହେବଙ୍କ ପତ୍ନି ଶ୍ରୀମତୀ ମୁରାଦ୍ ଖାତୁନ୍ ସାହେବା କୁହନ୍ତି: "ଏକଦା ହ. ଉମ୍ମୁଲ୍ ମୁମିନିନ୍ ର.ଅ ଏବଂ ଅନ୍ୟ ସମସ୍ତେ ମିଶି ଆମ୍ବ ଖାଇଲେ । ଆମ୍ବ ଋତୁ (ସିଜିନ୍) ଥିଲା । ସେହି କାଳରେ ଚୁଚୁମିକି ଖାଇଲାବାଲା ଆମ୍ବ ଅଧିକ ହେଉଥିଲା । ତେବେ ପ୍ରାଙ୍ଗଣରେ ଚୋପା ଏବଂ ଟାକୁଆ ଗଦା ହୋଇ ଯାଇଥିଲା । ଅନେକ ମହିଳାମାନେ ବସିଥିଲେ । ସେହି ମହିଳାମାନଙ୍କ ଉପରେ ଅନେକ ମାଛିମାନେ ଭଣ ଭଣ ହୋଇ ଆସି ବସିବା ଆରମ୍ଭ କରିଦେଲେ । ମହିଳାମାନେ କଥାରେ ବ୍ୟସ୍ତ ହୋଇଗଲେ ଏବଂ ସେତେବେଳେ ସ୍ୱଚ୍ଛତାର ଧ୍ୟାନ ଆଉ ଆସିଲା ନାହିଁ । ମହୋଦୟା କୁହନ୍ତି, ମୁଁ ମଧ୍ୟ ସେତେବେଳେ ସେଠାରେ ବସିଥିଲି ଏବଂ କିଛି ସେବିକାମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ଇତି ମଧ୍ୟରେ ହ. ମସିହ୍ ମଉଦ୍ ଅ.ସ ଆସିଲେ ଏବଂ ଆପଣ ଯେତେବେଳେ ଏହା ଦେଖିଲେ ସେତେବେଳେ ସ୍ୱୟଂ ଲୋଟାରେ ଫିନାଇଲ୍ ଭର୍ତ୍ତି କରି ଆମ୍ବ ଚୋପା ଉପରେ ହାତରୁ ଛିଞ୍ଚିବାକୁ ଲାଗିଲେ। କାରଣ ମାଛିମାନେ ଆମ୍ବ ଚୋପା ଉପରୁ ଚାଲି ଯାଆନ୍ତୁ ଏବଂ ଆବର୍ଜନା ପରିଷ୍କାର ହୋଇଯାଉ ଓ ଦୁର୍ଗନ୍ଧ ଯେପରି ନଆସୁ ।"

(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥ ଖଣ୍ଡ-2, ପୃ-261, ବର୍ଣ୍ଣନା ସଂଖ୍ୟା 1470ରୁ ଉଦ୍ଧୃତ)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କାହାକୁ କିଛି ନକହି ନିଜର କୃତ୍ୟ ଦ୍ୱାରା ଏହା ଦେଖାଇ ଦେଲେ ଯେ, ଅପରିଷ୍କାର, ଅପରିଚ୍ଛନ୍ନତାକୁ ଶୀଘ୍ର ସଫା (ପରିଷ୍କାର) କରିବା ଉଚିତ୍ । ତହିଁରେ ଆପଣ ଅ.ସଙ୍କର ଯେଉଁଠି ବିନୀତତା, ବନମ୍ରତା ଦୃଶ୍ୟମାନ ହୁଏ ସେଠାରେ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ଆଡ଼କୁ ମଧ୍ୟ ଦୃଷ୍ଟି ଆକର୍ଷଣ ଥିବାର ଦୃଶ୍ୟମାନ ହୋଇଥାଏ । ଥରେ ଏକ ପ୍ରତିନିଧିମଣ୍ଡଳରେ ମୁଁ ଲାହୋର୍‌ର କିଛି ସମ୍ମାନସ୍ପଦ ବ୍ୟକ୍ତି ଯହିଁରେ ଡାକ୍ତର ଅଲ୍ଲାମା ଇକ୍‌ବାଲ୍, ସର୍ ଶାହାବୁଦ୍ଦୀନ୍ ସାହେବ ଇତ୍ୟାଦି ବ୍ୟକ୍ତିମାନେ ସାମିଲ୍ ଥିଲେ ସେମାନଙ୍କୁ ହୁଜୁର ଅ.ସଙ୍କ ସହିତ ସାକ୍ଷାତ୍ କରିବା ନିମନ୍ତେ ନିଜ ସାଙ୍ଗେ ଆଣିଥିଲି ଏବଂ ସେମାନଙ୍କର ସାକ୍ଷାତର ଅବସ୍ଥା ସଂପର୍କରେ ବର୍ଣ୍ଣନା କରି ବାବୁ ଗୁଲାମ୍ ମୁହମ୍ମଦ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ରାତ୍ରୀ ସମୟରେ ଖାଦ୍ୟ ଖାଇବା ପରେ ଯେତେବେଳେ ଖଟ ବଣ୍ଟାଗଲା ସେତେବେଳେ ମୁଁ ଏକ ମଜ୍‌ଭୂତ ଓ ବଡ଼ ଖଟ ନେଇନେଲି । କିନ୍ତୁ ଚୌଧୁରୀ ଶାହାବୁଦ୍ଦୀନ୍ (ଯିଏ ପରବର୍ତ୍ତୀ ସମୟରେ ଶାହାବୁଦ୍ଦୀନ୍ ନାମରେ ଖ୍ୟାତ ହେଲେ) ସାହେବ ମୋତେ ଶେଯରୁ (ଉକ୍ତ ଖଟରୁ ଉଠାଇ) ମୋ ଖଟ ଉପରେ ଅଧିକାର କରିନେଲେ । ହୁଜୁର୍ ଅ.ସ ଆସିଲେ ଏବଂ ପ୍ରତ୍ୟେକ ବ୍ୟକ୍ତିର ଅବସ୍ଥା ପଚାରି ବୁଝିଲେ ଯେ, ଆଜ୍ଞା ଆପଣମାନଙ୍କୁ କୌଣସି ସମସ୍ୟା ତ' ହେଉ ନାହିଁ । ପ୍ରତ୍ୟେକ ବ୍ୟକ୍ତି କହିଲା, ହୁଜୁର୍ ! ଆମକୁ କିଛି ବି ସମସ୍ୟା ଓ କଷ୍ଟ ହେଉ ନାହିଁ । କିନ୍ତୁ ହୁଜୁର୍ ଅ.ସ ଯେତେବେଳେ ମୋ ପାଖରେ ପହଞ୍ଚିଲେ ସେତେବେଳେ ମୁଁ ଚିନ୍ତିତ ଛିଡ଼ା ହୋଇଥିଲି । କାରଣ ମୋର ଖଟ ଉପରେ ଚୌଧୁରୀ ଶାହାବୁଦ୍ଦୀନ୍ ସାହେବ ଅଧିକାର କରି ନେଇଥିଲେ । ମୁଁ କହିଲି, ହୁଜୁର୍ ! ମୋର ଖଟ ଚୌଧୁରୀ ଶାହାବୁଦ୍ଦୀନ୍ ଛଡ଼ାଇ ନେଇଛନ୍ତି ଏବଂ ମୁଁ ଆଶ୍ଚର୍ଯ୍ୟ ଚକିତ ଯେ, ମୁଁ କିପରି ଶୋଇବି । ହୁଜୁର୍ ଅ.ସ କହିଲେ, ହଉ ହଉ ଟିକେ ରୁହନ୍ତୁ । ମୁଁ ଆପଣଙ୍କ ନିମନ୍ତେ ଖଟ ଆଣି ଦେଉଛି । ସେ କୁହନ୍ତି ଯେ, ହୁଜୁର୍ ଅ.ସ ଗଲେ କିନ୍ତୁ ଅନେକ ସମୟ ବିତିଯିବା ପରେ ମଧ୍ୟ ଖଟ ଆସିଲା ନାହିଁ । ତେବେ ମୁଁ ହୁଜୁର୍ ଅ.ସଙ୍କ ବାସ ଭବନର ପ୍ରାଙ୍ଗଣରେ ଉଣ୍ଡିକି ଦେଖିଲି ଯେ, ଜଣେ ବ୍ୟକ୍ତି ଜଲ୍‌ଦି ଜଲ୍‌ଦି ଏକ ଖଟ ବୁଣୁଛି ଏବଂ ହୁଜୁର୍ ଅ.ସ ସେହି ବ୍ୟକ୍ତି ପାଖରେ ବସିଛନ୍ତି ଏବଂ ସେହି ବ୍ୟକ୍ତି ପାଖରେ ବସି ହୁଜୁର୍ ଅ.ସ ସେହି ବ୍ୟକ୍ତିକୁ ଦୀପ ଅର୍ଥାତ୍ ଲ୍ୟାମ୍ପ (ଲଣ୍ଠନ) ଦ୍ୱାରା ଆଲୋକ ଦେଖାଉଛନ୍ତି । ହୁଜୁର୍ ଅ.ସଙ୍କ ଏତାଦୃଶ ଅବସ୍ଥା ଏବଂ ଚରିତ୍ରାଚରଣକୁ ଦେଖି ମୋ ଉପରେ ଏପରି ପ୍ରଭାବ ପଡ଼ିଲା ଯେ, ମୋ ଆଖିରୁ ଲୁହ ବାହାରିଗଲା । ସେତେବେଳେ ମୁଁ ହୁଜୁର୍ ଅ.ସଙ୍କ ପବିତ୍ର ମୁଖମଣ୍ଡଳକୁ ଦେଖି କହୁଥିଲି ଯେ, ଏହି ମୁଖମଣ୍ଡଳଟି ମିଥ୍ୟାବାଦୀ ବ୍ୟକ୍ତିର କଦାପି ହୋଇ ପାରିବ ନାହିଁ ।" **(ଲାହୋର୍, ତାରିଖେ ଅହମଦିୟାତ୍, ପୃ-217-218)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସଙ୍କ ସେବକ ସ୍ୱର୍ଗତ ମିର୍ଜା ଇସ୍‌ମାଇଲ୍ ବେଗ୍‌ଙ୍କ ଶାହାଦତ୍‌ର ଘଟଣା ହେବ । ଯେତେବେଳେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନିଜର ପିତାଶ୍ରୀଙ୍କ ଆଦେଶ ପାଳପୂର୍ବକ ଅବତାର ରୂପେ ଅବତୀର୍ଣ୍ଣ ପୂର୍ବରୁ ମକଦ୍ଦମାର ଅନୁକରଣ ନିମନ୍ତେ ଯାଉଥିଲେ ସେତେବେଳେ ସବାରୀ (ଆରୋହଣ ନିମନ୍ତେ ବାହନ) ନିମନ୍ତେ ଘୋଡ଼ା ମଧ୍ୟ ସାଙ୍ଗରେ ହେଉଥିଲା ଏବଂ ମୁଁ ମଧ୍ୟ ପ୍ରାୟତଃ ସହଯାତ୍ରୀ ହେଉଥିଲି । କିନ୍ତୁ ଯେତେବେଳେ ଆପଣ ଚାଲିବାକୁ ଲାଗୁଥିଲେ ସେତେବେଳେ ଆପଣ ପାଦରେ ହିଁ ଚାଲୁଥିଲେ ଏବଂ ମୋତେ ଘୋଡ଼ା ଉପରେ

ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

ଆରୋହଣ କରାଇ ନେଉଥିଲେ । ଅର୍ଥାତ୍ ଯେଉଁ ସେବକ ଥିଲା ତାକୁ ଘୋଡ଼ା ଉପରେ ଆରୋହଣ କରାଇ ନେଉଥିଲେ । ଆପଣ ଅ.ସ ପାଦରେ ଚାଲୁଥିଲେ । ସେ କୁହନ୍ତି; "ମୁଁ ବାରମ୍ବାର ଅସ୍ୱୀକାର କରୁଥିଲି ଏବଂ କହୁଥିଲି ଯେ, ହୁଜୁର୍ ! ମୋତେ ଲାଜ ଲାଗୁଛି । ଆପଣ ଅ.ସ କହୁଥିଲେ ଯେ, ମୋତେ ପାଦରେ ଚାଲିକି ଯିବାକୁ ଲାଜ ଲାଗୁ ନଥିଲା ତେବେ ତୁମକୁ ବାହନ ଉପରେ ଆରୋହଣ ହୋଇ କାହିଁକି ଲାଜ ଲାଗୁଛି। ଯେତେବେଳେ ହ. ଅ.ସ କାଦିୟାନରୁ ଚାଲୁଥିଲେ ସେତେବେଳେ ସର୍ବଦା ଆପଣ ଅ.ସ ମୋତେ ଆଗ ଆରୋହଣ କରାଉଥିଲେ । ଯେତେବେଳେ ଅଧାରୁ କମ୍ କିମ୍ବା ଅଧାରୁ ଅଧିକ ରାସ୍ତା ଅତିକ୍ରମ ହୋଇଯାଉଥିଲା ସେତେବେଳେ ମୁଁ ଓହ୍ଲାଇ ପଡୁଥିଲା ଏବଂ ଆପଣ ଅ.ସ ଆରୋହଣ ହୋଇ ଯାଉଥିଲେ । ଏହିପରି ଭାବରେ ଯେତେବେଳେ ଅଦାଲତରୁ ଆପଣ ଅ.ସ ଫେରିବାକୁ ଲାଗୁଥିଲେ ସେତେବେଳେ ପ୍ରଥମେ ମୋତେ ଆରୋହଣ କରାଉଥିଲେ ଏବଂ ପରେ ଆପଣ ଅ.ସ ନିଜେ ଆରୋହଣ ହେଉଥିଲେ । ଯେତେବେଳେ ଆପଣ ଅ.ସ ଆରୋହଣ ହେଉଥିଲେ ସେତେବେଳେ ଘୋଡ଼ା ଯେଉଁ ଚାଲି ଦ୍ୱାରା ଚାଲୁଥିଲା ସେହି ଚାଲିରେ ହିଁ ତାକୁ ଚାଲିବାକୁ ଦେଉଥିଲେ । କାରଣ ମୁଁ ସାଥିରେ ଚାଲିପାରିବି ଓ ମୋତେ କଷ୍ଟ ଯେପରି ନହେଉ ।" **(ହୟାତେ ତୈୟେବା, ଲେଖକ- ଅବ୍ଦୁଲ୍ କାଦିର୍ ସାହେବ, ପୂର୍ବତନ ମିଲର୍ ସୌଦାଗର୍, ପୃ-16)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ମୌଲବୀ ଶେର୍ ଅଲୀ ସାହେବ ର.ଅ ମୋତେ କହିଲେ, ହ. ମସିହ୍ ମଉଦ୍ ଅ.ସଙ୍କୁ ଯେତେବେଳେ ମୌଲବୀ ମୁହମ୍ମଦ୍ ଅଲୀ ସାହେବ କୌଣସି କଥା ପଚାରିବାକୁ ଚାହୁଁଥିଲେ ସେତେବେଳେ ଆପଣ ଅ.ସ ମୌଲବୀ ମୁହମ୍ମଦ ଅଲୀ ସାହେବଙ୍କୁ ନିଜ ପାଖକୁ ଡକାଇବା ପରିବର୍ତ୍ତେ ନିଜେ ମୌଲବୀ ସାହେବଙ୍କ କୋଠୀ ଅର୍ଥାତ୍ ଛୋଟ କୋଠରୀକୁ ଚାଲି ଆସୁଥିଲେ । ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ କୁହନ୍ତି ଯେ, ମୁଁ କହୁଛି ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନକାଳ ମଧ୍ୟରେ ମୌଲବୀ ମୁହମ୍ମଦ୍ ଅଲୀ ସାହେବ ଆପଣ ଅ.ସଙ୍କ ବାସ ଭବନର ଏକ ଭାଗରେ ରହୁଥିଲେ । ହ. ମସିହ୍ ମଉଦ୍ ଅ.ସ ନିଜ ବାସ ଭବନର ଏକ କୋଠରୀ ମୁହମ୍ମଦ୍ ଅଲୀ ସାହେବଙ୍କୁ ରହିବା ନିମନ୍ତେ ଦେଇଥିଲେ ଏବଂ ତାଙ୍କର କାର୍ଯ୍ୟ କରିବାରେ କାର୍ଯ୍ୟାଳୟ ସେହି ଛୋଟିଆ କୋଠରୀ ମଧ୍ୟରେ ହିଁ ହେଉଥିଲା ଯାହା ମସ୍‌ଜିଦ୍ ମୁବାରକ୍ ସହିତ ପୂର୍ବ ଦିଗରେ ଅବସ୍ଥିତ ଅଟେ।"

(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥ ଖଣ୍ଡ-2, ପୃ-285, ବର୍ଣ୍ଣନା ସଂଖ୍ୟା 1509)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେଠାରେ ହ. ମସିହ୍ ମଉଦ୍ ଅ.ସ ସ୍ୱୟଂ ତାଙ୍କ ପାଖକୁ ଚାଲି ଯାଉଥିଲେ । ଦୁଃଖ ଏବଂ ପରିତାପର ବିଷୟ ଏହିକି ଯେ, ମୌଲବୀ ସାହେବ ହୁଜୁର୍ ଅ.ସଙ୍କ ବିନୀତତା ଠାରୁ ଯେଉଁ ନୀତିଶିକ୍ଷା ପ୍ରାପ୍ତ କରିବାର ଥିଲା ତାହା ସେ ଆହରଣ କଲେ ନାହିଁ ଏବଂ ପରିଶେଷରେ ଆତ୍ମବଡ଼ିମା ଓ ଅହଂଭାବ ହିଁ ତାଙ୍କ ପାଇଁ କାଳ ସାଜିଲା ଏବଂ ଅଧୋଗତିର କାରଣ ହେଲା ଓ ତାଙ୍କୁ କ୍ଷତି ପହଞ୍ଚାଇଲା। ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଅଲ୍‌ହକମ୍‌ର ସମ୍ପାଦକ ହ. ମସିହ୍ ମଉଦ୍ ଅ.ସଙ୍କ ବିନୀତତା ସଂପର୍କରେ ଉଲ୍ଲେଖ କରନ୍ତି: "ଆପଣ ଅ.ସ ଭ୍ରମଣକୁ ବାହାରିଛନ୍ତି ତେବେ କୌଣସି ଶିଷ୍ଟାଚାର ହେଉ ନଥିଲା ଯେ, କେହି ଆଗକୁ ନବଢୁ । ବରଂ ବେଳେବଳେ ବରିଷ୍ଠ ସାହାବାମାନଙ୍କ ମନରେ ଏହି ଧାରଣା ସୃଷ୍ଟି ହେଉଥିଲା ଯେ, ଆମମାନଙ୍କ ଆଗରେ ଚାଲିବା ଦ୍ୱାରା ଧୂଳି ଉଡୁଛି ଏବଂ ହୁଜୁର୍ ଅ.ସ ଆମ ପଛ ପଛେ ଚାଲୁଛନ୍ତି। କିନ୍ତୁ ହୁଜୁତୁଲ୍ଲାଃ ହ. ମସିହ୍ ମଉଦ୍ ଅ.ସ କେବେ ବି ଏହି ପ୍ରକାରର ଧାରଣା ସଂପର୍କରେ କେବେ ବି ଚିନ୍ତା କରୁ ନଥିଲେ । ଅନେକ ସମୟରେ ଏପରି ମଧ୍ୟ ହୋଇଛି ଯେ, ପଛରୁ ଲୋକମାନେ ଚାଲି ଆସୁଛନ୍ତି ଏବଂ ହୁଜୁର୍ ଅ.ସ ଝୁଣ୍ଟି ପଡ଼ିଛନ୍ତି ଅବା ହୁଜୁର୍ ଅ.ସଙ୍କର ଜୋତା ବାହାରି ଯାଇଛି । ଅର୍ଥାତ୍ କୌଣସି ବ୍ୟକ୍ତିର ଗୋଡ଼ ବାଜିଗଲା ଅବା ଗୋଡ଼ ବାଜିଯିବା ଦ୍ୱାରା ଆଶାବାଡ଼ି ପଡ଼ିଯାଇଛି । କିନ୍ତୁ କେବେ କେହି ଦେଖି ନାହିଁ କି ଶୁଣି ନାହିଁ ଯେ, ଆପଣ ଅ.ସ କୌଣସି ଦୁଃଖ ପ୍ରକାଶ କରିଥିବେ ଅବା କୌଣସି ବିଶେଷ ଅବସ୍ଥା କିମ୍ବା ଢଙ୍ଗଢାଙ୍ଗକୁ ପସନ୍ଦ କରିଥିଲେ । ଆପଣ ଅ.ସ ଏହା ମଧ୍ୟ କହିଲେ ନାହିଁ ଯେ, ଆରେ ତୁମକୁ ମନେପଡୁ ନାହିଁ । ମସ୍‌ଜିଦରେ ଅନେକ ଥର ଏପରି ହୋଇଛି ଯେ, ଆପଣ ଅ.ସ ସାହାବାମାନଙ୍କ ଗହଣରେ ବସିଛନ୍ତି ଏବଂ କୌଣସି ଏକ ଅପରିଚିତ ବ୍ୟକ୍ତି ଆସିଛି । ତେବେ ସେହି ବ୍ୟକ୍ତି ଜଣକ ଅଗକୁ ଅଗ୍ରସର ହୋଇ ମୌଲାନା ମୌଲେବୀ ଅବ୍‌ଦୁଲ୍ କରୀମ୍ ସାହେବ ଅବା ହ. ହକିମୁଲ୍ ଉମ୍ମତ୍‌ଙ୍କ ସହିତ ପ୍ରଥମେ ହାତ ମିଳାଇଲେ ଏବଂ ଆପଣଙ୍କୁ ହ. ମସିହ୍ ମଉଦ୍ ଅ.ସ ବୋଲି ମନେକଲେ। ତେବେ ସେହି ସଜ୍ଜନ ବ୍ୟକ୍ତିମାନେ ଅର୍ଥାତ୍ ସାହାବାମାନେ ନିଜର ତୁଣ୍ଡରୁ କହିଲେ (ଲୋକମାନଙ୍କୁ କହୁଥିଲେ) ଯେ, ଏ ହେଉଛନ୍ତି ହ. ମସିହ୍ ମଉଦ୍ ଅ.ସ । ସେହି ସାହାବାମାନେ ନିଜର ପ୍ରିୟ ମୁନିବ୍ ହ. ମୁହମ୍ମଦ୍ ମୁସ୍ତଫା ସ.ଅଙ୍କ ଆଚରଣକୁ ହିଁ ସର୍ବଦା ନିଜର ଆଚରଣ ବୋଲି ମନେକଲେ ଏବଂ ସେହି ଆଦର୍ଶ ଓ ଉଦାହରଣ ହ. ମସିହ୍ ମଉଦ୍ ଅ.ସ ମଧ୍ୟ ପ୍ରଦର୍ଶନ କଲେ ।" **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-2, ପୃ-270, ବି.ଦ୍ର, ସଂସ୍କରଣ ବର୍ଷ-2022 ମସିହା)** ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେହିପରି ଡାକ୍ତର ବେଶାରତ୍ ଅହମଦ ସାହେବଙ୍କର ଏକ ବର୍ଣ୍ଣନା ରହିଛି । ଅର୍ଥାତ୍ ମାଲେର୍ କୋଟ୍‌ଲାର ନୱାବ୍ ମୁହମ୍ମଦ ଅଲୀ ଖାନ୍ ସାହେବ ର.ଅଙ୍କ ପତ୍ନିଙ୍କର ବିୟୋଗ ଯେତେବେଳେ ହେଲା ସେତେବେଳେ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ଯନାଜାଃ ଅର୍ଥାତ୍ ପାର୍ଥିବ ଶରୀର ସହିତ କବରସ୍ଥାନ ଅଭିମୁଖେ ଗଲେ । ହୁଜୁର୍ ଅ.ସ ସ୍ୱୟଂ ନମାଜ୍ ଯନାଜାଃ ପାଠ କଲେ । ବର୍ତ୍ତମାନ କବର ପ୍ରସ୍ତୁତ ହୋଇ ନଥିଲା, ମୁଁ ମଧ୍ୟ ଯନାଜାଃ (ପାର୍ଥିବ ଶରୀର) ସହିତ ଥିଲି । ଲୋକମାନେ କବର ଦେଖିବାରେ ବ୍ୟସ୍ତ ହୋଇଗଲେ । ମୁଁ ମଧ୍ୟ ସେହି ଆଡ଼କୁ ଧ୍ୟାନ କେନ୍ଦ୍ରିତ କଲି। କିଛି ସମୟ ପରେ ମୁଁ ଯାହା ଦେଖିଲି ସେତେବେଳେ ହ. ସାହେବ ନଦାରଦ୍ ଅର୍ଥାତ୍ ସେଠାରେ ନଥିଲେ । ମୁଁ ଘାବରେଇ ଏଣେତେଣେ ଯେତେବେଳେ ଦେଖିବାକୁ ଲାଗିଲି ସେତେବେଳେ ଉଦ୍ୟାନରେ ଗୋଟିଏ ପାର୍ଶ୍ୱରେ ଏକୁଟିଆ ଭୂମି ଉପରେ ଦୃଷ୍ଟି ପଡ଼ିଲା। ମୁଁ ଶୀଘ୍ର ଏକ ବୃକ୍ଷ ତଳେ ଧଳା ରଙ୍ଗର ଚଦର ବିଛାଇ ଦେଲି ଏବଂ ହୁଜୁର୍ ଅ.ସଙ୍କୁ ଯାଇ କହିଲି, ହୁଜୁର୍ ! ଏଠାରେ ଖରା ପଡ଼ିଛି ଏବଂ ସେଠାରେ ଅର୍ଥାତ୍ ବୃକ୍ଷ ତଳେ ଛାୟୀ ଅଛି । ତେଣୁ ହୁଜୁର ଚାଲନ୍ତୁ ସେହି ଛାୟୀ ତଳେ ଯାଇ ବସିବା । ଆପଣ ଅ.ସ କହିବାକୁ ଲାଗିଲେ । ହଁ ଏକଥା ଠିକ୍ ଅଟେ । ଆପଣ ବୃକ୍ଷର ଛାୟୀ ତଳେ ସେହି ଚଦର ତଳେ ବସି ଯାଇଛନ୍ତି । ମୁଁ ମଧ୍ୟ ହୁଜୁର୍ ଅ.ସଙ୍କ ପାଖରେ ବସିଗଲି । କିଛି ସମୟ ମଧ୍ୟରେ ହିଁ ଲୋକମାନେ ଦେଖିଲେ ଯେ, ହ. ସାହେବ ବୃକ୍ଷ ତଳେ ବସିଛନ୍ତି । ତେବେ ଲୋକମାନେ ସେଠାକୁ ଆସିବା ଆରମ୍ଭ କଲେ । ବର୍ତ୍ତମାନ ଯିଏ ବି ଆସୁଥିଲା ହ. ମସିହ୍ ମଉଦ୍ ଅ.ସ ସେହି ବ୍ୟକ୍ତିକୁ କହୁଥିଲେ, ଆସନ୍ତୁ ମହୋଦୟ ! ଏଠାରେ ବସନ୍ତୁ ଏବଂ ଆପଣ ଅ.ସ ନିଜେ ପଛକୁ ଘୁଞ୍ଚି ଯାଉଥିଲେ ଓ ସେହି ବ୍ୟକ୍ତିକୁ ଚଦର ଉପରେ ବସାଉଥିଲେ । ଏହିପରି ଭାବରେ ଲୋକମାନେ ଆସି ଚାଲିଲେ ଏବଂ ହୁଜୁର୍ ଅ.ସ ପଛକୁ ଘୁଞ୍ଚି ଲୋକମାନଙ୍କୁ ଚଦର ଉପରେ ବସାଇ ଚାଲିଲେ । ଏପର୍ଯ୍ୟନ୍ତକି କିଛି ସମୟ ବିତି ନଥିଲା କି ମୁଁ ଯାହା ଦେଖିଲି ଯେ, ହୁଜୁର୍ ଅ.ସ ତ' ମାଟି ଉପରେ ବସିଛନ୍ତି ଏବଂ ସମସ୍ତ ଶିଷ୍ୟମାନେ ଚଦର ଉପରେ ବସିଛନ୍ତି । ଆଗନ୍ତୁକମାନଙ୍କୁ ତ' ଦର୍ଶନ ଏବଂ ସାକ୍ଷାତ୍ କରିବାର ଆଗ୍ରହ ଯୋଗୁଁ ଏହି ଧ୍ୟାନ ଆଉ ରହିଲା ନାହିଁ ତଥା ଦେଖାଗଲା ନାହିଁ ଯେ, କ'ଣ ହେଉଛି ଯେ, ହୁଜୁର୍ ଅ.ସ ଚଦର ତଳେ ଯାଇ ସାରିଲେଣି ଏବଂ ଆମେମାନେ ଚଦର ଉପରେ ବସିଛୁ । କିନ୍ତୁ ମୁଁ ଦେଖୁଛି ଏବଂ ମନେମନେ ଦୁଃଖିତ ଏବଂ ଅବଶୋଷ କରୁଥିଲି । ତତ୍‌ସହିତ ମୋର ବିଶ୍ୱାସ ମଧ୍ୟ ବୃଦ୍ଧି ପାଉଥିଲା ଯେ, ଈଶ୍ୱର ଆପଣ ଅ.ସଙ୍କୁ କେଉଁ ମର୍ଯ୍ୟଦା ପ୍ରଦାନ କରିଛନ୍ତି ଏବଂ ଆପଣ ଅ.ସଙ୍କ ଆତ୍ମାରେ କିପରିକା ବିନୀତତା ଏବଂ ବିନମ୍ରତା ବିଦ୍ୟମାନ ରହିଛି ।"

(ମୁଜଦ୍ଦିଦେ ଆଜମ୍ ଡାକ୍ତର ବେଶାରତ୍ ଅହମଦ, ଭାଗ-2, ପୃ-1293-1294)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଯେଉଁ ଦିନମାନଙ୍କର ଅବ୍‌ଦୁଲ୍ଲାଃ ଆଥମ୍ ସହିତ ଅମୃତସରରେ ମୁବାହିସା (ବିତର୍କ) ହେଉଥିଲା ସେହି ଦିନମାନଙ୍କରେ ଏକ ଘଟଣା ମୁନ୍‌ସୀ ଜଫର୍ ଅହମଦ୍ ସାହେବ ର.ଅ ବର୍ଣ୍ଣନା କରିଛନ୍ତି । ସେ କୁହନ୍ତି: "ସମ୍ଭବତଃ କରୀମ୍ ବଖଶ୍ ନାମକ ଜଣେ ଧନାଢ୍ୟ ବ୍ୟକ୍ତିଙ୍କ ବାସ ଭାବନରେ ଆମେମାନେ ଅଧିବାସ (ଅବସ୍ଥାନ) ଗ୍ରହଣ କରିଥିଲୁ । କର୍ଣ୍ଣଲ୍ ଅଲ୍‌ତାଫ୍ ଅଲୀ ଖାନ୍ ସାହେବ ଆମ ସହିତ ଚାଲି ଆସିଲେ ଏବଂ ସେ ମୋତେ କହିଲେ, ମୁଁ ହ. ସାହେବ ଅ.ସଙ୍କ ସହିତ ଏକାନ୍ତ ଭେଟ କରିବାକୁ ଚାହୁଁଛି । କର୍ଣ୍ଣଲ୍ ସାହେବ କୋଟ୍ ପ୍ୟାଣ୍ଟ ପିନ୍ଧି ଏବଂ ଦାଢି ନିଶ କାଟି ଦେଇଥିଲ । ଅର୍ଥାତ୍ କ୍ଲିନ୍ ଶେଭ୍ ଥିଲେ । ମୁଁ କହିଲି, ଆପଣ ଭିତରକୁ ଯାଆନ୍ତୁ । ଆମେ ବାହାରୁ କାହାରିକୁ ଭିତରକୁ ଆସିବାକୁ ଦେବୁ ନାହିଁ । ସୁତରାଂ କର୍ଣ୍ଣଲ୍ ସାହେବ ଭିତରକୁ ଗଲେ ଏବଂ ଅଧ ଘଣ୍ଟା ପାଖାପାଖି ସେଠାରୁ ହ. ସାହେବଙ୍କ ସହିତ ଏକାନ୍ତ ରହିଲେ । କର୍ଣ୍ଣଲ୍ ସାହେବ ଯେତେବେଳେ ବାହାରକୁ ଆସିଲେ ସେତେବଳେ ତାଙ୍କ ଆଖିରେ ଲୁହ ଥିଲା । ଅର୍ଥାତ୍ ଆଖିରୁ ଲୁହ ଧାର ଧାର ହୋଇ ବହୁଥିଲା । ମୁଁ ତାଙ୍କୁ ପଚାରିଲି ଯେ, ଆପଣ କ'ଣ କଥା କହିଛନ୍ତି ଯଦ୍ଦ୍ୱାରାକି ଆପଣଙ୍କର ଏତାଦୃଶ ଅବସ୍ଥା ହୋଇଯାଇଛି । ସେ କହିବାକୁ ଲାଗିଲେ ଯେ, ଯେତେବେଳେ ମୁଁ ଭିତରକୁ ଗଲି ସେତେବେଳେ ହ. ସାହେବ୍ ଅ.ସ ନିଜ ଧାରଣାରେ ମଗ୍ନ ଥିଲେ ଏବଂ ଅଖା ବସ୍ତା ଉପରେ ବସିଥିଲେ । କିନ୍ତୁ ଅଖା ବସ୍ତା ଉପରେ କେବଳ ଆପଣ ଅ.ସଙ୍କର ଆଣ୍ଠୁ ହିଁ ଥିଲା ଏବଂ ଅନ୍ୟ ସମସ୍ତ ଭାଗ ଭୂମି ଉପରେ ଥିଲା । ମୁଁ କହିଲି, ହୁଜୁର୍! ଆପଣ ଭୂମି ଉପରେ ବସିଛନ୍ତି । ପ୍ରତ୍ୟୁତ୍ତରରେ ହୁଜୁର୍ ଅ.ସ ଏହା ମନେକଲେ ଯେ, ସମ୍ଭବତଃ କର୍ଣ୍ଣଲ୍ ସାହେବ ଅଖା ବସ୍ତା ଉପରେ ବସିବାକୁ ପସନ୍ଦ କରନ୍ତି ନାହିଁ । ସେଇଥି ପାଇଁ ହୁଜୁର୍ ଅ.ସ ନିଜର ପରିଷ୍କାର ଅଖା ବସ୍ତା ଉପରେ ସାଫା (ନିଜର ମୁଣ୍ଡରେ ପିନ୍ଧିଥିବା ପଗଡ଼ିର କପଡ଼ା) ଅଖା ବସ୍ତା ଉପରେ ବିଛାଇଦେଲେ ଏବଂ କର୍ଣ୍ଣଲ୍ ସାହେବଙ୍କୁ କହିଲେ, ମହୋଦୟ ! ଏଠାକୁ ଆସି ବସି ଯାଆନ୍ତୁ । ସମ୍ଭବତଃ କର୍ଣ୍ଣଲ୍ ସାହେବ ଅଖା ବସ୍ତା ଉପରେ ବସିବାକୁ ଚାହୁଁ ନଥିଲେ ତେଣୁ ହ. ମସିହ୍ ମଉଦ୍ ଅ.ସ ତାଙ୍କ ସକାଶେ ନିଜର ପିନ୍ଧିଥିବା ପଗଡ଼ିକୁ ଖୋଲି ଅଖା ବସ୍ତା ଉପରେ ବିଛେଇଦେଲେ ଏବଂ କହିଲେ,

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

ନବୀ ସ.ଅଙ୍କ ବାଣୀ:-

"ଇଜ୍‌ତନିବୁଲ୍ ଗଜିବା"

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ମହୋଦୟ ନିଅନ୍ତୁ ମୁଁ କପଡ଼ା ବିଛେଇ ଦେଇଛି, ଦୟାକରି ଆପଣ ଏହା ଉପରେ ବସି ପଡ଼ନ୍ତୁ । କର୍ଣ୍ଣଲ୍ ସାହେବ କୁହନ୍ତି ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ଏଭଳି ଆଚରଣ ତଥା ଆବସ୍ଥାକୁ ଦେଖି ମୋ ଆଖିରୁ ଲୁହ ବାହାରି ପଡ଼ିଲା ଏବଂ ମୁଁ କହିଲି, ହେ ପ୍ରତିଶୃତ ମସିହ୍ ! ଯଦିଓ ମୁଁ ବିଲାତ୍‌ରେ Baptize ହୋଇଯାଇଛି ? ଅର୍ଥାତ୍ ମୁଁ ଖ୍ରୀଷ୍ଟତ୍ୱ ସ୍ୱୀକାର କରିସାରିଛି । କିନ୍ତୁ ମୋ ମଧ୍ୟରେ ଏତିକି ବି ବିଶ୍ୱାସ ସୃଷ୍ଟି ହୋଇ ନାହିଁ ଯେ, ହୁଜୁର୍ ଅ.ସଙ୍କ ପଗଡ଼ି ଉପରେ ବସିଯିବି । ପ୍ରତ୍ୟୁତ୍ତରରେ ହୁଜୁର୍ ଅ.ସ କହିଲେ, ହଉ କିଛି କଥା ତଥା ଅସୁବିଧା ନାହିଁ ଆପଣ ନିଃଶଙ୍କୋଚ ବସନ୍ତୁ । ସେ ଯାହା ହେଉ ସେ କୁହନ୍ତି ଯେ, ମୁଁ ପଗଡ଼ିକୁ ହାତ ଦ୍ୱାରା ହଟାଇ (ଘୁଞ୍ଚାଇ) ଦେଇ ଅଖା ବସ୍ତା ଉପରେ ବସିଗଲି ଏବଂ ମୁଁ ନିଜର ଅବସ୍ଥା ସଂପର୍କରେ ଆପଣ ଅ.ସଙ୍କୁ ଶୁଣାଇବାକୁ (କହିବାକୁ) ଲାଗିଲି । ମୁଁ ହୁଜୁର୍ ଅ.ସଙ୍କୁ କହିଲି, ହୁଜୁର୍ ! ମୁଁ ଅତ୍ୟଧିକ ମଦ୍ୟପାନ କରେ ଏବଂ ଅନ୍ୟାନ୍ୟ ପାପ ମଧ୍ୟ କରିଥାଏ । ମୁଁ ଈଶ୍ୱରଙ୍କ ବାର୍ତ୍ତାବହଙ୍କ ନାମ ଜାଣି ନାହିଁ । କିନ୍ତୁ ମୁଁ ଆପଣ ଅ.ସଙ୍କ ସମ୍ମୁଖରେ ବର୍ତ୍ତମାନ ଓ ଏହି ମୁହୂର୍ତ୍ତରେ ଖ୍ରୀଷ୍ଟ ଧର୍ମରୁ ତୌବା (କ୍ଷାନ୍ତ) ହୋଇ ମସୁଲମାନ ହେଉଛି । ଏସବୁ କିଛି ହେବା ପୂର୍ବେ ମୁଁ ଖ୍ରୀଷ୍ଟ ଧର୍ମାବଲମ୍ବୀ ଥିଲି । କିନ୍ତୁ ବର୍ତ୍ତମାନ ମୁଁ ଆପଣ ଅ.ସଙ୍କ ଏହି ଅବସ୍ଥାକୁ ଦେଖି ଆପଣ ଅ.ସଙ୍କ କଥାକୁ ଶୁଣି ମୁସଲମାନ ହେଉଛି । କିନ୍ତୁ ହୁଜୁର୍ ! ମୋ ଉପରେ ଯେଉଁ ପାପ ଲାଗି ଯାଇଛି ଅର୍ଥାତ୍ ମୁଁ ଯେଁଉ ପାପ କର୍ମରେ ଲିପ୍ତ ହୋଇଯାଇଛି ତାହାକୁ ଛାଡ଼ିବା ମୋ ପକ୍ଷେ କଷ୍ଟକର କାର୍ଯ୍ୟ ଅଟେ ।" ହୁଜୁର୍ ଅ. କହିଲେ: "ମହୋଦୟ ! ଆପଣ ଇସ୍ତିଗ୍‌ଫାର ପାଠ କରନ୍ତୁ ଏବଂ ପାଞ୍ଚବେଳା ନମାଜ୍ ପାଠ କରିବାର ଅଭ୍ୟାସ ପକାନ୍ତୁ । ଏହା ଆପଣଙ୍କ ନିମନ୍ତେ ଏକ ନୁସ୍‌ଖା (ପଥ୍ୟ) ଅଟେ । ଯଦି ଆପଣଙ୍କ ମଧ୍ୟରେ ପାପ, ଦୋଷ ଦୁର୍ବଳତା ସୃଷ୍ଟି ହୋଇଯିଛି ବା ମନୁଷ୍ୟ ଯେତେବେଳେ ଧର୍ମ ପଥରୁ ଓହରି ଯାଇଥାଏ ସେତେବେଳେ ସେ ଇସ୍ତିଗ୍‌ଫାର୍ ଅଧିକ ପାଠ କରୁ ଏବଂ ନମାଜ ପାଠ ଉପରେ ଗୁରୁତ୍ୱ ଦେଉ ତେଣୁ ଆପଣ ମଧ୍ୟ ଇସ୍ତିଗଫାରି ପାଠ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମହୋଦୟ କୁହନ୍ତି: "ଯେପର୍ଯ୍ୟନ୍ତ ମୁଁ ହୁଜୁର୍ ଅ.ସଙ୍କ ପାଖରେ ବସିଥିଲେ ମୋର ଅବସ୍ଥା ଉପର ତଳ (ଦ୍ୱନ୍ଦ୍ୱ) ହେଉଥିଲା ଏବଂ ମୁଁ କାନ୍ଦୁଥିଲି ଏବଂ ମୁଁ ସେହି ଅବସ୍ଥାରେ ହିଁ ସ୍ୱୀକାରୋକ୍ତି ପ୍ରକାଶ କରି ଇସ୍ତିଗ୍‌ଫାର୍ ଏବଂ ଅବଶ୍ୟ ନମାଜ ପାଠ କରିବି । ମୁଁ ଏହା ମନସ୍ଥ କରି ନେଇଥିଲି ଏବଂ ଆପଣ ଅ.ସଙ୍କ ଠାରୁ ଅନୁମତି ନେଇ ଚାଲି ଆସିଲି । ସେହି ପ୍ରଭାବ ମୋ ହୃଦୟ ଉପରେ ଏପର୍ଯ୍ୟନ୍ତ ମଧ୍ୟ ରହିଛି । କର୍ଣ୍ଣଲ୍ ସାହେବ ସେହି ବିତର୍କ ସଭାରେ ସାମିଲ୍ ହୋଇଥିଲେ ଏବଂ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପକ୍ଷରୁ ସେମାନଙ୍କ ସପକ୍ଷରେ ବସୁଥିଲେ । କିନ୍ତୁ ଯେହେତୁ ତାଙ୍କର ସ୍ୱଭାବ ସାଧୁ ରହିଥିଲା ତେଣୁ ଅଲ୍ଲାଃତାଲା ତାଙ୍କର ହୃଦୟକୁ ପ୍ରଭାବିତ (ପରିବର୍ତ୍ତନ) କଲେ ଏବଂ ସେ ପୁଣିଥରେ ଇସ୍‌ଲାମ୍ ଧର୍ମ ସ୍ୱୀକାର କିରନେଲେ ।"**(ଅସ୍‌ହାବେ ଅହମଦ୍, ଗ୍ରନ୍ଥଖଣ୍ଡ-4, ପୃ-150-151)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୌଲବୀ ଅବ୍‌ଦୁଲ୍ କରୀମ୍ ସାହେବ ସିୟାଲ୍‌କୋଟୱ ର.ଅ ବର୍ଣ୍ଣନା କରନ୍ତି (ସମ୍ଭବତଃ ଉକ୍ତ ଘଟଣାଟି 1896 ମସିହାର ଘଟଣା ଅଟେ ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କାରଣ 1900 ମସିହାରେ ଆପଣ ଅ. ଉକ୍ତ କଥନ ପ୍ରକାଶିତ କିରଥିଲେ ହୁଜୁର୍ ଅନ୍‌ୱର୍ ଅ.ବ କହିଲେ) ଚାରି ବର୍ଷ ପୂର୍ବର ଘଟଣା ଆପଣ ର.ଅ ବର୍ଣ୍ଣନା କରୁଛନ୍ତି । ଅର୍ଥାତ୍ ଆପଣଙ୍କ ପରିବାରବର୍ଗ ଲୁଧିୟାନା ଯାଇଥିଲେ । ଜୁନ୍ ମାସ ଥିଲା । ନୂତନ ବାସ ଭବନ ନିର୍ମିତ ହୋଇଥିଲା । ମୁଁ ଦି ପହର ସମୟରେ ସେଠାରେ ପଡ଼ିଥିବା ଖଟ ଉପରେ ଶୋଇଗଲି। ହୁଜୁର୍ ଅ.ସ ସେଠାରେ ବୁଲୁଥିଲେ । ମୁଁ ଥରେ ଯେତେବେଳେ ନିଦ୍ରାରୁ ଉଠିଲି ସେତେବେଳେ ଆପଣ ଅ.ସ ଭୂମି ଉପରେ ମୋର ଖଟ ତଳେ ଶୋଇଥିଲେ। ମୁଁ ସମ୍ମାନପୂର୍ବକ ଘାବରେଇ ଉଠି ବସି ପଡ଼ିଲି । ଆପଣ ଅ.ସ ଅତ୍ୟନ୍ତ ପ୍ରେମର ସହିତ ପଚାରିଲେ, ମହୋଦୟ ! ଆପଣ କାହିଁକି ଉଠିଲେ ? ମୁଁ କହିଲି, ହୁଜୁର୍ ! ଆପଣ ତଳେ ଶୋଇଛନ୍ତି, ମୁଁ ଉପରେ କିପରି ଶୋଇପାରିବି ? ହୁଜୁର୍ ଅ.ସ କହିଲେ, ମୁଁ ତ' ପ୍ରହରା ଦେଉଥିଲି । ପୁଅ ପିଲାମାନେ କୋଳାହଳ କରୁଥିଲେ, ମୁଁ ସେମାନଙ୍କୁ ଅଟକାଉଥିଲି। କାରଣ ଆପଣଙ୍କ ନିଦରେ ଯେପରି ବ୍ୟାଘାତ ସୃଷ୍ଟି ନହେଉ । **(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ- ହ. ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ, ପୃ-147)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁନସୀ ଇମାମୁଦ୍ଦୀନ୍ ସାହେବ ର.ଅ ନିଜର ବୈଅତ୍ ସମୟର ଦୃଶ୍ୟ ବର୍ଣ୍ଣନା କରିଛନ୍ତି । ସେ କୁହନ୍ତି: "ମୁଁ 1894 ମସିହାରେ ହ. ମସିହ୍ ମଉଦ୍ ଅ.ସଙ୍କ ପବିତ୍ର ହସ୍ତ ଉପରେ ବୈଅତ୍ କଲି (ଦୀକ୍ଷା ଗ୍ରହଣ କଲି) । ସନ୍ଧ୍ୟା କାଳୀନ ନମାଜ୍ ସମୟରେ ମୋର ଭ୍ରାତା (ଭାଇ) ଅବ୍‌ଦୁଲ୍ ଅଜିଜ୍ ସାହେବ ର.ଅ ଏବଂ ଭାଇ ଜମାଲୁଦ୍ଦୀନ୍ ସାହେବ ର.ଅ ସେଖୁୱାନୀ ମୋ ସହିତ ଥିଲେ । ନମାଜ ପାଠ କରି ସାରିବା ପରେ ମୁନ୍‌ସୀ ସାହେବ ମୋ ଆଡ଼କୁ ଇଙ୍ଗିତ କରି (ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ) କହିଲେ, ହୁଜୁର୍ ! ତାଙ୍କର ବୈଅତ୍ ସ୍ୱୀକାର କରି ନିଅନ୍ତୁ । ହୁଜୁର୍ ଅ.ସ କହିଲେ, ଭିତରକୁ ଚାଲି ଆସନ୍ତୁ । ଯେତେବେଳେ ମୁଁ ଏକୁଟିଆ ବୈତୁଲ୍ ଫିକରକୁ ଗଲି ସେତେବେଳେ ହୁଜୁର୍ ଅ.ସ ଏକ ଖଟର ଗୋଡ଼ ଭାଗ ଆଡ଼େ ବସିଗଲେ ଏବଂ ମୋତେ ଖଟର ମୁଣ୍ଡ ପାଖରେ ବସିବା ନିମନ୍ତେ ଆଦେଶ ଦେଲେ। ମୁଁ ପ୍ରଥମେ ତ' ଦ୍ୱନ୍ଦ୍ୱ ପ୍ରକାଶ କଲି । କିନ୍ତୁ ହୁଜୁର୍ ଅ.ସ ଯେତେବେଳେ ଦ୍ୱିତୀୟ ଥର ଆଦେଶ ଦେଲେ ସେତେବେଳେ ମୁଁ ବସିଗଲି ଏବଂ ହୁଜୁର୍ ଅ.ସ ମୋର ବୈଅତ୍ ନେଲେ । ହୁଜୁର୍ ଅ.ସଙ୍କ ଏହି ବ୍ୟବହାର ତଥା ଆଚରଣ ଦେଖି ମୁଁ ଆଶ୍ଚର୍ଯ୍ୟଚକିତ ହୋଇଗଲି ଏବଂ କହିଲି, ସେହି ପୀର ଯାହାଙ୍କ ସମକକ୍ଷ କେହି ବି ବସିପାରିବ ନାହିଁ ଏବଂ କେଉଁଠି ଅଲ୍ଲାଃତାଲା ମସିହ୍ ମଉଦ୍ ଅ.ସ ଯିଏ ଜଣେ ଅଧମକୁ ଖଟର ମୁଣ୍ଡ ପାଖରେ ବସାଇଥିଲେ । ଅର୍ଥାତ୍ ଯେଉଁ ଭଲ ଭାଗ ରହିଥିଲା ତା' ଉପରେ ବସାଇଲେ। ମୋର ଭାଇ ଅବ୍‌ଦୁଲ୍ ଅଜିଜ୍ ସାହେବ ର.ଅଙ୍କୁ କୋଠରୀ ଭିତରେ ପ୍ରବେଶ କରି ନଥିଲେ । କିନ୍ତୁ ବାହାରୁ ଏହି ଦୃଶ୍ୟ ସେ ମଧ୍ୟ ଦେଖୁଥିଲେ ।" **(ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-1, ପୃ-112)** ହ. ମୁନ୍‌ସୀ ଜଫର୍ ଅହମଦ୍ ସାହେବ ର.ଅ କୁହନ୍ତି: "ଏକଦା ସ୍ୱର୍ଗତ ମୁନସୀ ଅରୋଡ଼ା ସାହେବ ର.ଅ ଏବଂ ମୁଁ ଲୁଧିୟାନାରେ ହୁଜୁର୍ ଅ.ସଙ୍କ ସେବାରେ ଉପସ୍ଥିତ ହୋଇ କହିଲୁ, ହୁଜୁର୍ ! ଦୟାକରୀ ଆପଣ ଅ.ସ କେବେ କପୁରଥଲା ଆସନ୍ତୁ ? ସେହି ଦିନମାନଙ୍କର କପୁରଥଲାରେ ରେଳ ଚଳାଚଳ ହୋଇ ନଥିଲା । ହୁଜୁର୍ ଅ.ସ ପ୍ରତିଶୃତି ଦେଲେ ଯେ, ମୁଁ ଅବଶ୍ୟ କପୁରଥଲା ଆସିବି । ଏତଦ୍‌ପରେ ଅତି ଶୀଘ୍ର ହୁଜୁର୍ ଅ.ସ ଦିନେ କୌଣସି ସୂଚନ ନଦେଇ କପୁରଥଲା ଆସିଲେ ଏବଂ ଏକ୍କା ବାହନରୁ ଓହ୍ଲାଇ କପୁରଥଲା ନିକଟବର୍ତ୍ତୀ ମସଜିଦ୍ ଫତହ୍ ୱାଲି ଠାକୁ ଗଲେ । ହାଫିଜ୍ ହାମିଦ୍ ଅଲୀ ସାହେବ ମଧ୍ୟ ସାଙ୍ଗରେ ଥିଲେ । ହୁଜୁର୍ ଅ.ସ ମସ୍‌ଜିଦରୁ ସେଠାକାର ଯେଉଁ ମୁଲ୍ଲା ରହିଥିଲା ତାକୁ କହିଲେ, ମୌଲବୀ ସାହେବ ! ଦୟାକାରି ଆପଣ ମୁନ୍‌ସୀ ଅରୋଡ଼ା ସାହେବ କିମ୍ବା ମୁନସୀ ଜଫର୍ ଅହମଦ ସାହେବଙ୍କୁ ଆମ ଆଗମନର ସୂଚନା ଦେଇ ଦିଅନ୍ତୁ। ସେ କୁହନ୍ତି ମୁଁ ଓ ମୁନସୀ ଅରୋଡ଼ା ସାହେବ କଚେରୀରେ ଥିଲୁ । କୋର୍ଟର କାମ କୁରଥିଲୁ । ଅର୍ଥାତ୍ ସେମାନେ ଲେଖାପଢ଼ା କରୁଥିଲେ । ମୁଲ୍ଲା ଆସି ସୂଚନା ଦେଲା ଯେ, ହେ ମହୋଦୟମାନେ ! ମିର୍ଜା ସାହେବ ଆସି ମସ୍‌ଜିଦରେ ବସିଛନ୍ତି ଏବଂ ସେ ମୋତେ ଆପଣମାନଙ୍କୁ ସୂଚନା ଦେବା ନିମନ୍ତେ ପଠାଇଛନ୍ତି । ମୁନ୍‌ସୀ ଅରୋଡ଼ା ସାହେବ ଅତ୍ୟନ୍ତ ଆଶ୍ଚର୍ଯ୍ୟଚକିତତାର ସହିତ ଉତକ୍ଷିପ୍ତ, କ୍ରୁଦ୍ଧ ତଥା କ୍ଷୁବ୍ଧ ଶୈଳୀରେ ପଞ୍ଜାବୀ ଭାଷାରେ କହିଲେ, **'ଦେଖୋ ତାଁ ମସିତେ ୱିଚ୍ ଆକେ ମିର୍ଜା ସାହେବ ଠେହେରନା ସି '** ଅର୍ଥାତ୍ ମିର୍ଜା ସାହେବ ତୁମ ମସ୍‌ଜିଦରେ ଆସି ଅବସ୍ଥାନ କରିବେ, ଏହା କିପରି ସମ୍ଭବ ହୋଇପାରିବ ? ତୁମେ ମିଛ କୁହ ନାହିଁ । ମୁନସୀ ସାହେବ କହିଲେ, ତେଣୁ ମୁଁ କହିଲି, ଚାଲିକି ଦେଖିବା ଉଚିତ୍ । ପୁନଶ୍ଚ ମୁନ୍‌ସୀ ସାହେବ ଶୀଘ୍ର ପଗଡ଼ି ବାନ୍ଧି ମୋ ସହିତ ବାହାରି ପଡ଼ିଲେ । ମସ୍‌ଜିଦ୍ ଯାଇ ଯେତେବେଳେ ଦେଖିଲୁ ସେତେବେଳେ ଆମେ ଏହା ଦେଖିବାକୁ ପାଇଲୁ ଯେ, ହୁଜୁର୍ ଅ.ସ ପକ୍କା (ଭୂମି) ଉପରେ ଶୋଇଛନ୍ତି ଏବଂ ହାଫିଜ୍ ହାମିଦ୍ ଅଲୀ ସାହେବ ଆପଣ ଅ.ସଙ୍କର ପାଦ ଚିପୁଛନ୍ତି । ପାଖରେ ପିଆଲା ଏବଂ ଏକ ଚାମଚ ଥୁଆ ହୋଇଛି..........ଯହିଁରୁ ଏହା ଜ୍ଞାତ ହୁଏ ଯେ, ସମ୍ଭବତଃ ଆପଣ କ୍ଷୀର ପିଇଛନ୍ତି କିମ୍ବା କୌଣସ ଖାଦ୍ୟପଦାର୍ଥ ସେହି ପାତ୍ର (ପିଆଲା) ମଧ୍ୟରେ ଭିଜାଇ ଖାଇଛନ୍ତି । ମୁନ୍‌ସୀ ଅରୋଡ଼ା ସାହେବ କହିଲେ, ହୁଜୁର ଅ.ସ ଯଦି ଏପରି ଆସିଥାଆନ୍ତେ ତେବେ ଆପଣ ଅ.ସ ଆମମାନଙ୍କୁ ଅବଶ୍ୟ ଅବଗତ କରିଥାଆନ୍ତେ ଏବଂ ଆମେମାନେ କର୍ତ୍ତାରପୁର ରେଳ ଷ୍ଟସନ୍ ଠାରେ ଯାଇ ଅବଶ୍ୟ ଉପସ୍ଥିତ ହୋଇଥାଆନ୍ତୁ । ହୁଜୁର୍ ଅ.ସ ଉତ୍ତର ଦେଲେ, ସୂଚନା ଦେବାର କ'ଣ ବା ଆବଶ୍ୟକତା ରହିଥିଲା ମୁଁ ତ' ଆପଣମାନଙ୍କୁ ଯେଉଁ ପ୍ରତିଶୃତି ଦେଇଥିଲି ତାହାକୁ ମୁଁ ପୂରଣ କରିବାର ଥିଲା । ତେଣୁ ସେହି ପ୍ରତିଶୃତି ମୁଁ ଆଜି ପୂରଣ କରିଦେଲି ।"

(ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-4, ପୃ-141-142)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୋର ତ' ଏହି ଅବସ୍ଥା ରହିଛି ଯେ, ଯଦି କୌଣସି ବ୍ୟକ୍ତିକୁ ବ୍ୟଥା ହୁଏ ଏବଂ ମୁଁ ନମାଜରେ ନିମଜ୍ଜିତ ଥାଏ, ମୋ ବାସ ଭବନରେ ସେହି ବ୍ୟକ୍ତିର ବ୍ୟଥାଜନିତ ଚିତ୍କାରର ଶବ୍ଦ ଶୁଭେ ତେବେ ମୁଁ ଏହା ଚାହିଁଥାଏ ଯେ, ମୁଁ ନମାଜକୁ ଭଙ୍ଗ କରି ସେହି ବ୍ୟଥିତ ବ୍ୟକ୍ତିକୁ ଯଥା ସମ୍ଭବ ଲାଭ ପହଞ୍ଚାଇବି ଓ ସେହି ବ୍ୟକ୍ତି ପ୍ରତି ସମବେଦନା ପ୍ରକାଶ କରିବି । ଏହା ଚରିତ୍ର ଏବଂ ଆଚରଣ ବିରୁଦ୍ଧୀୟ ପ୍ରସଙ୍ଗ ଯେ, ଜଣେ ଭାଇ କୌଣସି ବିପତ୍ତି ଏବଂ ସମସ୍ୟାରେ ପିଡ଼ୀତ ରହିଛି ଓ ସେହି ଭାଇର ସାହାଯ୍ୟ କରା ନଯିବ । ଯଦି ତୁମେମାନେ ସେହି ଭାଇ ବା ବ୍ୟକ୍ତି ନିମନ୍ତେ କିଛି ବି କରିପାରୁ ନାହଁ ତେବେ ଅନ୍ତତଃ ଦୁଆ ତ' କରିପାରିବ। ଆପଣାକୁ ଛାଡ଼ ମୁଁ ତ' ଏହା କହୁଛି ଯେ, ପର ଏବଂ ହିନ୍ଦୁମାନଙ୍କ ସହିତ ମଧ୍ୟ ଏପରି ଆଚରଣ ପ୍ରଦର୍ଶନ କର ନାହିଁ । ବରଂ ସେମାନଙ୍କ ସହିତ ସହାନୁଭୂତି ପ୍ରଦର୍ଶନ କର । ଉତ୍‌କ୍ଷିପ୍ତମୂଳକ ସ୍ୱଭାବ ହେବା କଦାପି ଉଚିତ୍ ନୁହଁ । ଏହା କେବଳ ଉପଦେଶ ନୁହେଁ ବରଂ ଆପଣ ଅ.ସ ଯେତେସବୁ ଘଟଣାବଳୀ ଶୁଣାଇଛନ୍ତି ସେହି ଘଟଣାବଳୀଗୁଡ଼ିକରେ ସ୍ୱୟଂ ଆପଣ ଅ.ସ ଏହି କର୍ମପନ୍ଥା ଅବଲମ୍ବନ କରିଥିଲେ। ଆପଣ ଅ.ସ ଆଗକୁ ଉଲ୍ଲେଖ କରନ୍ତି: "ଏକଦା ମୁଁ ବାହାରେ ଭ୍ରମଣ କରିବାକୁ ଯାଉଥିଲି । ଅବ୍‌ଦୁଲ୍ କରୀମ୍ ନମାକ ଜଣେ ପିଅନ ମୋ ସାଙ୍ଗରେ ଥିଲା । ସେ ଟିକେ ଆଗରେ ଥିଲା ଏବଂ ମୁଁ ପଛରେ

ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

ଅଲ୍ଲାଃତାଲାଙ୍କ ବାଣୀ

ଅଲ୍ଲାଃତାଲା କୁହନ୍ତି: كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

ଅନୁବାଦ୍: ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

ତାଲିବେ ଦୁଆ: Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ଥିଲି । ବାଟରେ ଜଣେ ବୃଦ୍ଧା ମହିଳା ଯାହାଙ୍କର ବୟସ 70 କିମ୍ବା 75 ବର୍ଷ ବୟସ ଥିଲା ସେ ଏକ ପତ୍ର ସେହି ପଟୱାରୀଙ୍କୁ ପଢିବା ନିମନ୍ତେ ଦେଲେ ଏବଂ କହିଲେ, ଏହି ପତ୍ରଟିକୁ ପଢ । କିନ୍ତୁ ସେହି ପଟୱାରୀ ଉକ୍ତ ବୃଦ୍ଧା ମହିଳାଙ୍କୁ ଭର୍ତ୍ସନା କରି (ପାଟିକରି) ସେଠାରୁ ହଟାଇଦେଲେ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ପଟୱାରୀର ଉକ୍ତ କଥା ମୋ ହୃଦୟରେ ଯେପରି ଆଘାତ ଦେଲା । ତେଣୁ ମୁଁ ସେଠାରେ ଆଗକୁ ଅଗ୍ରସର ହେଲି ଏବଂ ସେହି ବୃଦ୍ଧା ମହିଳା ଜଣକ ମୋତେ ସେହି ପତ୍ର ପାଠ କରିବା ନିମନ୍ତେ ଦେଲେ । ମୁଁ ସେହି ପତ୍ରକୁ ଧରି ଅଟକି ଗଲି ଏବଂ ତାକୁ ଅର୍ଥାତ୍ ପତ୍ରକୁ ପାଠ କରି ଭଲ ଭାବରେ ଉକ୍ତ ବୃଦ୍ଧା ମହିଳାକୁ ବୁଝାଇଦେଲି । ଫଳସ୍ୱରୂପ ସେହି ପଟୱାରୀକୁ ଲଜ୍ଜିତ ହେବାକୁ ପଡ଼ିଲା । କାରଣ ଅଟକିବାକୁ ତ' ପଡ଼ିଲା ଏବଂ ସେହି ପଟୱାରୀ ପୁଣ୍ୟରୁ ମଧ୍ୟ ବଞ୍ଚିତ ହେଲା ।"

(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-415-416, ସଂସ୍କରଣ ବର୍ଷ-2022 ମସିହା)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, କାଶ୍ମୀରରୁ ଜନୈକ୍ ଅହମଦି ଯାହାଙ୍କର ଉଚ୍ଚତା ଅଧିକ ଥିଲା ଏବଂ ସେ ବିଚିତ୍ର ବ୍ୟକ୍ତି ଥିଲେ । ସେହି ବ୍ୟକ୍ତି ଜଣକ ନିଷ୍ଠାର ସହିତ ନିଜର ଗ୍ରାମରୁ କାଦିୟାନ୍ ପର୍ଯ୍ୟନ୍ତ ପାଦରେ ଚାଲି ଚାଲି ଆସୁଥିଲେ । ସେହି ବ୍ୟକ୍ତିଙ୍କର ନାମ ଅକ୍‌ଲା ଥିଲା। ସେ ଏକଦା କାଦିୟାନ୍ ଆସିଥିଲା । ଅପରପକ୍ଷେ ହ. ମସିହ୍ ମଉଦ୍ ଅ.ସ ଦିନେ ସକାଳ ସମୟରେ ପ୍ରାତଃ ଭ୍ରମଣ ସକାଶେ ବାହାରୁ ଫେରିଲେ । ଛକରେ ସେହି କାଶ୍ମୀରୀ ବ୍ୟକ୍ତି ମଧ୍ୟ ଛିଡ଼ା ହୋଇଥିଲା । ସେ ଯେତେବେଳେ ହୁଜୁର୍ ଅ.ସଙ୍କୁ ଦେଖିଲା ସେତେବେଳେ ସେ ପ୍ରେମ ବିହ୍ୱଳିତ ଅବସ୍ଥାରେ କାନ୍ଦି କାନ୍ଦି ଆପଣ ଅ.ସଙ୍କ ପାଦରେ ମୁଣ୍ଡ ରଖିଦେଲା। ଅର୍ଥାତ୍ ମଥା ଟେକିଦେଲା । ଆପଣ ଅ.ସ ତଳକୁ ନୁଆଁଇ ସେହି ବ୍ୟକ୍ତିକୁ ଉଠାଇଲେ ଏବଂ କହିଲେ, ମହୋଦୟ ! ଏପରି କରିବା ଅନୁଚିତ ଅଟେ । ମନୁଷ୍ୟକୁ ସଜ୍‌ଦା କରିବା ଉଚିତ୍ ନୁହଁ । **(ଜିକ୍ରେ ହବିବ୍, ଲେଖକ-ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ, ପୃ-162)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କୌଣସି ବ୍ୟକ୍ତିକୁ କେବେ ବି ସିଜଦା କରିବା ଉଚିତ୍ ନୁହଁ ଏବଂ ତା'ର ଗୋଡ଼ ଧରିବା ଏବଂ ତା' ଆଗରେ ମୁଣ୍ଡ ନୁଆଁଇବା ମଧ୍ୟ ଉଚିତ୍ ନୁହଁ। ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ମୌଲବୀ ଅବ୍‌ଦୁଲ୍ କରୀମ୍ ସାହେବ ସିୟାଲକୋଟୀ ର.ଅ ଉଲ୍ଲେଖ କରନ୍ତି: "ଏକଦା ଜଣେ ବ୍ୟକ୍ତି ଯେକି ସଂସାରର ଫକୀର୍ ଏବଂ ସିଂହାସନ ଉପରେ ଆରୋହଣ ହୋଇଥିବା ବ୍ୟକ୍ତିମାନଙ୍କର ପ୍ରେମିକ ଥିଲା ଏବଂ ସେମାନଙ୍କର ସଭା ସମିତିରେ ବସିବାର ଅଭ୍ୟାସ ତା'ର ପଡ଼ି ଯାଇଥିଲା । ଅର୍ଥାତ୍ ପୀର୍ ଏବଂ ମଜାର, ଦର୍‌ଗାହ୍ ଆଦିଙ୍କ ସଭାମାନଙ୍କରେ ବସିବାର ଅଭ୍ୟାସ ପଡ଼ି ଯାଇଥିଲା । ଅତଏବ୍ ସେହି ବ୍ୟକ୍ତି ଆମ ମସ୍‌ଜିଦକୁ ଆସିଲା । ସେ ଲୋକମାନଙ୍କୁ ସ୍ୱାଧୀନ ଭାବରେ ଆପଣ ଅ.ସଙ୍କ ସହିତ କଥାବାର୍ତ୍ତା କରୁଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଗଲା। ସେ ଆପଣ ଅ.ସଙ୍କୁ କହିଲା, ଶ୍ରୀମାନ୍ ମହୋଦୟ ! ଆପଣ ଅ.ସଙ୍କ ମସ୍‌ଜିଦ୍‌ରେ ତ' କୌଣସି ଶିଷ୍ଟାଚାର ନାହିଁ । ଲୋକମାନେ ଯୁଆଡ଼େ ଇଚ୍ଛା ସିଆଡ଼େ ବସିଛନ୍ତି । ଅର୍ଥାତ୍ ନିର୍ଭୀକ୍ ଏବଂ ବେଧଡ଼କ ବସିଛନ୍ତି ଏବଂ ଲୋକମାନେ ଆପଣ ଅ.ସଙ୍କ ସହିତ କଥାବାର୍ତ୍ତା ହେଉଛନ୍ତି । ଅର୍ଥାତ୍ ଲୋକମାନେ ଆପଣ ଅ.ସଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କୁର ନାହାନ୍ତି । ହ. ମସିହ୍ ମଉଦ୍ ଅ.ସ କହିଲେ, ମୋର ଏହି ଧର୍ମମତ ନାହିଁ ଯେ, ମୁଁ ଏପରି କ୍ରୁଦ୍ଧ, ରୁଷ୍ଟ ସ୍ୱଭାବ ଓ ଭୟଙ୍କର ହୋଇ ବସିବି ଯଦ୍ଦ୍ୱାରାକି ଲୋକମାନେ ମୋ ଠାରୁ ଏପରି ଭୟଭୀତ ହେବେ ଯେପରି ସେମାନେ ହିଂସ୍ର ଜୀବମାନଙ୍କ ଠାରୁ ଭୟଭୀତ ହୋଇଥାଆନ୍ତି । ମୁଁ ପିତୁଳା ହେବାକୁ ଘୃଣା କରେ। ମୁଁ ତ' ପିତୁଳା ଉପସାନାକୁ ରଦ୍ଦ ତଥା ସମାପ୍ତ କରିବା ନିମନ୍ତେ ଆସିଅଛି । ମୁଁ ଯଦି ସ୍ୱୟଂ ମୂର୍ତ୍ତି ତଥା ପିତୁଳା ହୋଇ ବସିବି ତେବେ ଲୋକମାନେ ମୋତେ ପୂଜା କରିବାକୁ ଲାଗିବେ । ଅଲ୍ଲାଃତାଲା ଭଲ ଭାବରେ ଜାଣନ୍ତି ଯେ, ମୁଁ ନିଜର ଅମ୍ବାକୁ ଅନ୍ୟମାନଙ୍କ ଉପରେ ତିଳେମାତ୍ର ଅଗ୍ରାଧିକାର ଦିଏ ନାହିଁ । ମୋ ନିକଟରେ ଅହଂକାରୀ ବ୍ୟକ୍ତି ଅପେକ୍ଷା ଅଧିକ ଖଳ ଓ ମନ୍ଦ ବ୍ୟକ୍ତି ଅନ୍ୟ କେହି ନାହିଁ । ଅହଂକାରୀ ବ୍ୟକ୍ତି କୌଣସି ଈଶ୍ୱରଙ୍କର ଉପାସନା କରି ନଥାଏ । ବରଂ ସେ ନିଜର ହିଁ ଉପାସନା କରିଥାଏ ।" **(ସିରତେ ତୈୟେବା ହ. ମସିହ୍ ମଉଦ୍ ଅ.ସ, ଲେଖକ-ହ. ୟାକୁବ୍ ଅଲୀ ଇର୍ଫାନୀ ସାହେବ, ପୃ-314)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ମୁନ୍‌ସୀ ଜଫର୍ ଅହମଦ ସାହେବ ର.ଅଙ୍କ ଏକ ବର୍ଣ୍ଣନା ବର୍ଣ୍ଣନା କରି କୁହନ୍ତି ଯେ, ଏକଦା ହ. ମସିହ୍ ମଉଦ୍ ଅ.ସ ଦିଲ୍ଲୀରୁ ଫେରିବା ସମୟରେ ଅମୃତସର ଠାରେ ଓହ୍ଲାଇଲେ । ହ. ଉମ୍ମୁଲ୍ ମୁମିନିନ ର.ଅ ମଧ୍ୟ ସାଙ୍ଗରେ ଥିଲେ । ହୁଜୁର୍ ଅ.ସଙ୍କ ଜଣେ ସାହାବଜାଦାଙ୍କୁ ଯେକି ସମ୍ଭବତଃ ମିଆଁ ବଶୀର୍ ଅହମଦ ସାହେବ ଥିଲେ କୋଳରେ ନେଇନେଲେ ଏବଂ ଏକ ଓଜନିଆ ବ୍ୟାଗ୍ ଅନ୍ୟ କାନ୍ଧରେ ନେଇନେଲେ । ଅର୍ଥାତ୍ ଗୋଟିଏ ପାର୍ଶ୍ୱରେ ଛୋଟପିଲା ଏବଂ ଅନ୍ୟ ପାର୍ଶ୍ୱରେ ବ୍ୟାଗ ଧରିଥିଲେ । ହ. ମସିହ୍ ମଉଦ୍ ଅ.ସ ମୋତେ କହିଲେ, ମୁନସୀ ସାହେବ ! ଆପଣ ପିକଦାନୀ ବା ପାନଦାନୀ ନେଇ ନିଅନ୍ତୁ । ଅର୍ଥାତ୍ ଧରି ନିଅନ୍ତୁ । ମୁନସୀ ସାହେବ ମଧ୍ୟ ସାଙ୍ଗରେ ଥିଲେ ତେଣୁ ହ. ମସିହ୍ ମଉଦ୍ ଅ.ସ କହିଲେ, ଯେଉଁ ଛୋଟ ପାନଦାନୀଟି ରହିଛି ତାହାକୁ ଆପଣ ଉଠାଇ ନିଅନ୍ତୁ (ଧରି ନିଅନ୍ତୁ)। ମୁଁ କହିଲି, ହେ ପ୍ରତିଶୃତ ମସିହ୍ ! ଆପଣ ମୋତେ ଏହି ବ୍ୟାଗ୍‌ଟି ଦେଇ ଦିଅନ୍ତୁ। ଆପଣ ଅ.ସ କହିଲେ, ନା । ଥରେ ଦୁଇ ଥର କହିବା ପରେ ହୁଜୁର୍ ଅ.ସ ମୋତେ ଏହା ହିଁ କହିଲେ ନା । ସେ ଯାହା ହେଉ ମୁଁ ପାନଦାନୀ ଉଠାଇନେଲି (ଧରିନେଲି) ଏବଂ ଆମେମାନେ ବାହାରି ପଡ଼ିଲୁ । ଠିକ୍ ସେତିକି ବେଳେ ଦୁଇ ତିନିଜଣ ଯୁବ ଇଂରେଜ ଯିଏ ଷ୍ଟସନରେ ଥିଲେ ସେମାନେ ମୋତେ କହିଲେ, ଶ୍ରୀମାନ୍! ଆପଣ ହୁଜୁର୍ ଅ.ସଙ୍କୁ କୁହନ୍ତୁ, ହୁଜୁର୍ ଅ.ସ ଟିକେ ଛିଡ଼ା ହୋଇଯିବେ । ସୁତରାଂ ମୁଁ କହିଲି, ହୁଜୁର୍ ! ଏହି ଇଂରେଜ ଯୁବକମାନେ ଏହା ଚାହାନ୍ତି ଯେ, ଆପଣ ଟିକେ ଛିଡ଼ା ହୋଇଯିବେ । ଅତଏବ୍ ହୁଜୁର୍ ଅ.ସ ଛିଡ଼ା ହୋଇଗଲେ । ସେହି ଷ୍ଟେସନରେ ଇଂରେଜମାନେ ଥିଲେ ଏବଂ ସେମାନେ ସେହି ଅବସ୍ଥାରେ ହିଁ ହୁଜୁର୍ ଅ.ସଙ୍କର ଫଟୋ ନେଇ ନେଇଛନ୍ତି । ଅର୍ଥାତ୍ ହୁଜର୍ ଅ.ସ କୋଳରେ ଏକ ପୁତ୍ର ସନ୍ତାନଟିକୁ ଧରିଛନ୍ତି ଏବଂ ହୁଜୁର୍ ଅ.ସ ଜିନିଷ ପତ୍ର ଧରିଥିଲେ, ସେହି ଇଂରେଜମାନେ ହୁଜୁର୍ ଅ.ସଙ୍କର ଫଟୋ ଉଠାଇନେଲେ । ଇଂରେଜମାନେ ଫଟୋ ଉଠାଇବାକୁ ଚାହୁଁଥିଲେ । ଏତେ ସରଳତା ସତ୍ତ୍ୱେ ସେହି ଲୋକମାନେ ଆପଣ ଅ.ସଙ୍କ ଅସ୍ତିତ୍ୱତା ଠାରୁ ପ୍ରଭାବିତ ହେଲେ ଏବଂ ସେମାନେ କହିଲେ, ଆମେମାନେ ଏହା ଚାହୁଁଛୁ ଯେ, ଏହି ମହାପୁରୁଷଙ୍କର ଫଟୋ ଉଠେଇବୁ । **(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥ ଖଣ୍ଡ-2, ପୃ-58-59, ବର୍ଣ୍ଣନା ସଂଖ୍ୟା 1073ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୌଲା ବଖସ୍ ସାହେବ ର.ଅ ବର୍ଣ୍ଣନା କରନ୍ତି: "ମିଆଁ ଜାନ୍ ମୁହମ୍ମଦ୍ ନାମକ ଜଣେ ବ୍ୟକ୍ତି ଅମୃତସର ସ୍ଥିତ ଆମ ଘର ସାମ୍ନାରେ ରୁହନ୍ତି । ସେ ବହୁତ୍ ବାଚାଳ ବ୍ୟକ୍ତି ଥିଲେ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକ 'ସୁର୍ମା ଚଶମା ଆରିୟା'ର ବ୍ୟବହାରିକ ମୁଖସ୍ତକାରୀ ଥିଲେ ଏବଂ ସେ ନିରକ୍ଷର ହେବା ସତ୍ତ୍ୱେ ଆର୍ଯ୍ୟମାନଙ୍କ ସହିତ ଭଲ ବିତର୍କ ମଧ୍ୟ କରୁଥିଲେ । ତାଙ୍କୁ ଡିପ୍ରେସନ୍ ରୋଗଲ ହୋଇଗଲା ଏବଂ ପାଗଳଙ୍କ ପରି ଅବସ୍ଥା ହୋଇଯାଉଥିଲା । ଯିଏ ବି ମିଳୁଥିଲା ତାକୁ ନିଜ ଇଚ୍ଛା ମୁତାବକ ଦୀର୍ଘ ଅବସ୍ଥା ଶୁଣାଉଥିଲେ । ଲୋକମାନେ ଅତିଷ୍ଠ ହୋଇଯାଉଥିଲେ ଏବଂ ତାଙ୍କ କଥା ଶୁଣିବାକୁ ଚାହୁଁ ନଥିଲେ । ତାଙ୍କୁ କେହି ଜଣେ ବ୍ୟକ୍ତି କହିଲା, ହୋ ମହୋଦୟ ! ଆପଣ କାଦିୟାନା ଯାଆନ୍ତୁ ଏବଂ ହ. ମୌଲବୀ ହକିମ୍ ନୁରୁଦ୍ଦୀନ୍ ସାହେବ ର.ଅଙ୍କ ଠାରୁ ନିଜର ଚିକିତ୍ସା କରାନ୍ତୁ । ସେ କହିଲେ, ହକିମ୍ ସାହେବ ତ' ବହୁତ ବଡ଼ ଲୋକ ଅଟନ୍ତି, ସେ ମୋର ଜୀବନ ଗାଥାକୁ କେତେବେଳେ ଶୁଣିବେ ? ସେହି ପରାମର୍ଶଦାତା ବ୍ୟକ୍ତି ଜଣକ କହିଲା, ଆରେ ନାହିଁ ସେ ଅର୍ଥାତ୍ ହକିମ୍ ସାହେବ ଅତ୍ୟନ୍ତ ଉଚ୍ଚ ଚରିତ୍ର ସମ୍ପନ୍ନ ବ୍ୟକ୍ତି ଅଟନ୍ତି । ସେ ଅବଶ୍ୟ ତୁମ କଥା ଶୁଣିବେ । ସୁତରାଂ ସେହି ବ୍ୟକ୍ତି ଜଣ କାଦିୟାନ୍ ଆସିଗଲେ । ଦୈବାତ୍ ସେ ଯେତେବେଳେ ଏକ୍କାରୁ ଓହ୍ଲାଇଲେ ଠିକ୍ ସେତିକିବେଳେ ହ. ମସିହ୍ ମଉଦ୍ ଅ.ସ ନିଜର ସେବକମାନଙ୍କ ସହିତ ଭ୍ରମଣରେ ବାହାରୁଥିଲେ । ଏକ୍କା ବାଲା କହିଲା, ହେଇ ଦେଖନ୍ତୁ ମିର୍ଜା ସାହେବ ଆସୁଛନ୍ତି । ତତ୍ପରେ ସେ ଏକ୍କାରୁ ଓହ୍ଲାଇଲେ ଏବଂ ସିଧା ସଳଖ ହୁଜୁର୍ ଅ.ସଙ୍କ ସହିତ ହାତ ମିଳାଇଲେ ଏବଂ ନିଜର ମାନସିକ ଚାପ ଜନିତ ପାଗଳାମୀ ଅବସ୍ଥା ସଂପର୍କରେ ହୁଜୁର୍ ଅ.ସଙ୍କୁ କହିବାକୁ ଲାଗିଲେ । ସେ ଘାବରେଇ ହୋଇ ନିଜ ଜୀବନର ଦୀର୍ଘ କାହାଣୀ ଶୁଣାଇବାକୁ ଲାଗିଲେ । ଜୀବନ ଗାଥା ଏତେ ଦୀର୍ଘ ହୋଇଗଲା ଯେ, ସମସ୍ତେ ଅତିଷ୍ଠ ହୋଇଗଲେ । କିନ୍ତୁ ହୁଜୁର୍ ଅ.ସ ଆରାମ ସେ ଛିଡ଼ା ହୋଇ ତାଙ୍କ ହାତରେ ନିଜ ହାତ ଦେଇ ସବୁକିଛି ଶୁଣୁଥିଲେ । ପରିଶେଷରେ ମିଆଁ ଜାନ୍ ମୁହମ୍ମଦ ସାହେବ ସ୍ୱୟଂ କହିଲେ, ଏହି ରୋଗୀଟି ରହିଛି ତା'ର ଅର୍ଥାତ୍ ମୋର ବର୍ତ୍ତମାନ ତୁଣ୍ଡ ଶୁଷ୍କ ହୋଇଯାଇଛି। ବର୍ତ୍ତମାନ ମୁଁ ଆଉ କିଛି କହିପାରିବି ନାହିଁ। ମୁଁ ତ' ଏତେ ସମୟ ହେଲା କହି ଚାଲିଛି ଏବଂ ଆପଣ ମୋ କଥା ଶୁଣି ଚାଲିଛନ୍ତି। ପ୍ରତ୍ୟୁତ୍ତରରେ ହୁଜୁର୍ ଅ.ସ କହିଲେ, ଆଛା ଆପଣ ଅତିଥି ଆଳୟକୁ ଯାଆନ୍ତୁ ଏବଂ କିଛି ଖିଆପିଆ କରନ୍ତୁ ଓ ପୁନଶ୍ଚ ମୌଲବୀ ସାହେବ ଅର୍ଥାତ୍ ହ. ମୌଲନା ହକିମ୍ ନୁରୁଦ୍ଦୀନ୍ ସାହେବ ର.ଅଙ୍କୁ ନିଜର ଅବସ୍ଥା ସଂପର୍କରେ କହି ତାଙ୍କ ଠାରୁ ଔଷଧ ନେବେ। ସୁତରାଂ ଏହି ମହୋଦୟ ସତେଜ ହୋଇ ହ. ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅଙ୍କ ସେବାରେ ଉପସ୍ଥିତ ହେଲେ । ହ. ହକିମ୍ ନୁରୁଦ୍ଦୀନ୍ ସାହେବ ର.ଅଙ୍କ ସେବାରେ ସେହି ଦୀର୍ଘ ଜୀବନ ଗାଥା ଶୁଣାଇବା ଆରମ୍ଭ କରିଦେଲେ । ହ. ମୌଲବୀ ସାହେବ ତୁରନ୍ତ ପଥ୍ୟ ଲେଖି ଦେଇଦେଲେ । କାରଣ ଅପଣ ହକିମ୍ (ବୈଦ୍ୟ) ଥିଲେ ସେ ଯେତେବେଳେ ଅଳ୍ପ କହି ସାରି ନଥିଲେ କି ଆପଣ ର.ଅ ତୁରନ୍ତ ଜାଣିନେଲେ ଯେ, ଉକ୍ତ ବ୍ୟକ୍ତିଙ୍କୁ ରୋଗ ହୋଇଛି ତେଣୁ ସେ ପଥ୍ୟ ଲେଖିଦେଲେ । ହକିମ୍ ସାହେବ କହିଲେ, ମୋତେ ଆପଣଙ୍କର ରୋଗ ଜଣାଅଛି ଏବଂ ଆପଣ ର.ଅ ସେହି ଜୀବନଗାଥା ଶୁଣାଇଲେ । ସେହି ବ୍ୟକ୍ତି ପଥ୍ୟ ତ' ନେଇନେଲେ କିନ୍ତୁ କହିଲେ, ମୌଲବୀ ନୁରୁଦ୍ଦୀନ୍ ସାହେବ୍ ଅତ୍ୟନ୍ତ ଚରିତ୍ରବାନ୍ ବ୍ୟକ୍ତି ଅଟନ୍ତି । କିନ୍ତୁ ହ.

ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ମିର୍ଜା ସାହେବ ଅ.ସଙ୍କ ଚରିତ୍ରରୁ ତାଙ୍କର କିଛି ସଂପର୍କ ନଥିଲା । ତାଙ୍କ ଉପରେ ଏହାର ଏତେ ପ୍ରଭାବ ପଡ଼ିଲା ଯେ, ସେ ବୈଅତ୍ କରିନେଲେ । ସେ ପ୍ରାରମ୍ଭରେ ବୈଅତ୍ କରି ନଥିଲେ । ଉକ୍ତ ଘଟଣା ପରେ ସେ ବୈଅତ୍ କରିନେଲେ । ଉକ୍ତ ଘଟଣାଟି ତାଙ୍କର ଉପସ୍ଥିତିରେ ସ୍ୱର୍ଗତ ଡାକ୍ତର ଇବାଦୁଲ୍ଲାଃ ସାହେବ ମୋତେ କହିଥିଲେ ଏବଂ ସେ ପୁଷ୍ଟି ମଧ୍ୟ କରିଥିଲେ ।" **(ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-4, ପୃ-143-144)**

ହୁଜୁର୍ ଅନୱର୍ ଅ.ବ କହିଲେ, ସେହିପରି ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ମାଷ୍ଟର ଅଲ୍ଲାଃଦତ୍ତା ସାହେବ ନିଜର ହାତ ଲେଖା ଦ୍ୱାରା ବର୍ଣ୍ଣନା କରିଛନ୍ତି ଯେ, "ଏକଦା ଲାହୋର୍ ଅହମଦିୟା ବିଲ୍‌ଡ଼ିଂ ଠାରେ ହୁଜୁର୍ ଅ.ସ ବିରାଜମାନ ଥିଲେ କିଶରକ୍‌ପୁର୍ ଭିନିରୁ ମୁସ୍ତକିମ୍ ନାମକ ଜନୈକ (ଜଣେ) ବୃଦ୍ଧ ତଥା ଦୁର୍ବଳ ବ୍ୟକ୍ତି ହୁଜୁର୍ ଅ.ସଙ୍କ ସେବାରେ ଦର୍ଶନ ସକାଶେ ଆସିଲା । ଲୋକମାନଙ୍କ ଭିଡ ଯୋଗୁଁ ସେ ହୁଜୁର୍ ଅ.ସଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରିଲା ନାହିଁ ଏବଂ ଉଚ୍ଚ ସ୍ୱରରେ କହିଲା, ହୁଜୁର୍ ! ମୁଁ ତ' ଆପଣଙ୍କୁ ଦର୍ଶନ କରିବା ସକାଶେ ଏଠାକୁ ଆସିଛି । ହୁଜୁର୍ ଅ.ସ କହିଲେ, ହେ ଲୋକମାନେ ! ବାବାଜୀ (ଏହି ମଉସାଙ୍କୁ) ଆଗକୁ ଆସିବାକୁ ଦିଅ। ମଉସା ବୃଦ୍ଧ ବ୍ୟକ୍ତି ଥିଲେ । କିନ୍ତୁ ସେ ଭଲ ଭାବରେ ଛିଡ଼ା ହୋଇପାରିଲେ ନାହିଁ। ପ୍ରତ୍ୟୁତ୍ତରରେ ହୁଜୁର୍ ଅ.ସ କହିଲେ, ବାବାଜୀଙ୍କୁ ସମସ୍ୟା ଏବଂ କଷ୍ଟ ରହିଛି ଏବଂ ପୁନଶ୍ଚ ହୁଜୁର୍ ଅ.ସ ନିଜେ ଆସି ତାଙ୍କ ପାଖରେ ବସିଗଲେ ।"**(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥ ଖଣ୍ଡ-1, ପୃ-672, ବର୍ଣ୍ଣନା ସଂଖ୍ୟା-740ରୁ ଉଦ୍ଧୃତ)** ହୁଜୁର୍ ଅନୱର୍ ଅ.ବ କହିଲେ, ସେହିପରି ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ ଡାକ୍ତର ମୀର୍ ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ ର.ଅଙ୍କ ବର୍ଣ୍ଣନା କରନ୍ତି ଯେ, "ଯେତେବେଳେ ହ. ମସିହ୍ ମଉଦ୍ ଅ.ସ ନିଜର କେତେକ ସେବକମାନଙ୍କ ସହିତ ବାବା ଗୁରୁ ନାନକଙ୍କ ଚୋଲା (ପଗଡ଼ି) ଦେଖିବାକୁ ଗଲେ । ତେବେ ସେଠାରେ ଏକ ବିଶାଳ ବୃକ୍ଷ ତଳେ କିଛି କପଡ଼ା ବିଛାଇ ଜମାଅତର ଲୋକମାନଙ୍କ ସହିତ ହୁଜୁର୍ ଅ.ସ ବସିଗଲେ । ମୌଲବୀ ମୁହମ୍ମଦ୍ ଅହସନ୍ ସାହେବ ମଧ୍ୟ ସାଙ୍ଗରେ ଥିଲେ । ଗ୍ରାମର ଲୋକମାନେ ହୁଜୁର୍ ଅ.ସଙ୍କ ଖବର ଶୁଣି ସେଠାରେ ଯେତେବେଳେ ଏକତ୍ରିତ ହେବାକୁ ଲାଗିଲେ ସେତେବେଳେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିମାନେ ଯେଉଁମାନେ ପୂର୍ବରୁ ଆସିଥିଲେ ସେମୋନେ ମୌଲବୀ ମୁହମ୍ମଦ ଅହସନ ସାହେବଙ୍କୁ ମସିହ୍ ମଉଦ୍ ଅ.ସଙ୍କ ଧ୍ୟାନ କରି ତାଙ୍କ ସହିତ ହାତ ମିଳାଇ ବସୁଥିଲେ । ତିନି ଚାରି ଜଣ ବ୍ୟକ୍ତି ହାତ ମିଳାଇବା ପରେ ଏହା ପ୍ରତିତ ହେଲା ଯେ, ତାଙ୍କୁ ଧୋକା ଲାଗିଛି । ଏହାପରେ ମୌଲବୀ ମୁହମ୍ମଦ୍ ଅହ୍‌ସନ ସାହେବ ପ୍ରତ୍ୟେକ ବ୍ୟକ୍ତିକୁ ଯେଉଁମାନେ ତାଙ୍କ ସହିତ ହାତ ମିଳାଇଥିଲେ ସେମାନଙ୍କୁ ହୁଜୁର୍ ଅ.ସଙ୍କ ଆଡ଼କୁ ଧ୍ୟାନ ଆକର୍ଷିତ କରାଇ ଦେଉଥିଲେ ଏବଂ ସେମାନଙ୍କୁ କହିଲେ, ହେ ଲୋକମାନେ ! ଏ ହେଉଛନ୍ତି ହ. ମସିହ୍ ମଉଦ୍ ଅ.ସ।"

(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥ ଖଣ୍ଡ-1, ପୃ-307, ବର୍ଣ୍ଣନା ସଂଖ୍ୟା-401ରୁ ଉଦ୍ଧୃତ)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ ଅବ୍‌ଦୁଲ୍ କାଦିର୍ ସାହେବ ଉଲ୍ଲେଖ କରନ୍ତି ଯେ, ଆପଣ ଅ.ସଙ୍କ ଜ୍ୟେଷ୍ଠ ପୁତ୍ର (ବଡ଼ ପୁଅ) ସ୍ୱର୍ଗତ ହ. ମିର୍ଜା ସୁଲ୍‌ତାନ୍ ଅହମଦ ସାହେବ କହୁଥିଲେ ଯେ, ପିତାଶ୍ରୀ ଯଦିଓ ଜଣେ ଧନାଢ୍ୟ ଏବଂ ଆଭିଜାତ୍ୟ ପରିବାରର ବ୍ୟକ୍ତି ଥିଲେ । କିନ୍ତୁ ପିତାଶ୍ରୀ ନିଜର ଜୀବନ ଜଣେ ମୋଗଲ ବଂଶୀୟ ବ୍ୟକ୍ତି ରୂପେ ଅତିବାହିତ କରି ନଥିଲେ । ବରଂ ଜଣେ ଫକୀର୍ ବ୍ୟକ୍ତି ଏବଂ ଜଣେ ସରଳ ଓ ଦରିଦ୍ର ବ୍ୟକ୍ତି ରୂପେ ନିଜର ଜୀବନ ଅତିବାହିତ କରିଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, କାଦିୟାନ୍‌ର କନ୍ହେୟା ଲାଲ୍ ନାମକ ଜଣେ ବଣିଆର ବର୍ଣ୍ଣନା ରହିଛି । ଏକଦା ସ୍ୱୟଂ ହ. ମିର୍ଜା ସାହେବଙ୍କୁ ବଟାଲା ଯିବାର ଥିଲା। ତେଣୁ ଆପଣ ଅ.ସ ମୋତେ କହିଲେ, ମହୋଦୟ କନ୍ହେୟା ଲାଲ୍ ସାହେବ ! ଏକ୍କା ଭଡ଼ାରେ ନେବାର ଅଛି । ହୁଜୁର୍ ଅ.ସ ନହର୍ (ବଡ଼ କେନାଲ୍) ଠାରେ ପହଞ୍ଚିଲେ ସେତେବେଳେ ଆପଣ ଅ.ସଙ୍କୁ ମନେ ପଡ଼ିଲା ଯେ, ଘରେ କିଛି ଜିନିଷ ରହି ଯାଇଛି (ଛାଡ଼ି ଯାଇଛି) । ଆପଣ ଅ.ସ ଏକ୍କାବାଲାକୁ ସେଠାରେ ଛାଡ଼ିଲେ ଏବଂ ସ୍ୱୟଂ ପାଦରେ ଫେରି ଆସିଲେ । ଏକ୍କାବାଲାକୁ ପୋଲ ଉପରେ ଅନ୍ୟ ଯାତ୍ରୀମାନେ ମିଳିଗଲେ ଏବଂ ସେ ବଟାଲା ବାହାରି ପଡ଼ିଲା । ହେଲେ ମିର୍ଜା ସାହେବ ସମ୍ଭବତଃ ପାଦରେ ଚାଲି ଚାଲି ବଟାଲାଗଲେ । ତେବେ ମୁଁ ସେହି ଏକ୍କାବାଲାକୁ ଡକାଇ ମାଡ଼ ମାରିଲି ଏବଂ କହିଲି, "ଆରେ ମୂର୍ଖ ! ଯଦି ଯାତ୍ରୀ ଜଣେ ମିର୍ଜା ନିଜାମୁଦ୍ଦୀନ୍ ନାମକ୍ ବ୍ୟକ୍ତି ହୋଇଥାଆନ୍ତା ତେବେ ତୋତେ ତିନି ଦିନ ପର୍ଯ୍ୟନ୍ତ ସେଠାରେ ବସିବାକୁ ପଡ଼ନ୍ତା ତେବେ ମଧ୍ୟ ତୁ ବସି ଥାଆନ୍ତୁ । କିନ୍ତୁ ଯେହେତୁ ଏହି ବ୍ୟକ୍ତି ଜଣକ ଦରୱେଶ୍, ସାଧୁ ସନ୍ଥ ବ୍ୟକ୍ତି ଅଟନ୍ତି ତେଣୁ ତୁ ତାଙ୍କୁ ଛାଡ଼ିଦେଇ ପଳାଇ ଆସିଲୁ?" ସେ ଯାହା ହେଉ ସେ କୁହନ୍ତି: "ଯେତେବେଳେ ମିର୍ଜା ସାହେବଙ୍କୁ (ହ. ମସିହ୍ ମଉଦ୍ ଅ.ସଙ୍କୁ) ଉକ୍ତ ଘଟଣା ସଂପର୍କରେ ଜ୍ଞାତ ହେଲା ସେତେବେଳେ ଆପଣ ଅ.ସ ମୋତେ ଡକାଇଲେ ଏବଂ ମୋତେ କହିଲେ, ମହୋଦୟ କନ୍ହେୟା ଲାଲ୍ ସାହେବ ! ସେହି ଏକ୍କା ଚାଳକ ମୋ ପାଇଁ ତିନି ଦିନ ପର୍ଯ୍ୟନ୍ତ କିପରି ସେଠାରେ ବସି ରହିଥାଆନ୍ତା ? ଯେହେତୁ ତାକୁ ତା'ର ମଜୁରୀ ମିଳିଗଲା, ଯାତ୍ରୀ ମିଳିଗଲା ତେଣୁ ସେ ଚାଲିଗଲା । ଆପଣ ତା' ଉପରେ କାହିଁକି ଅତ୍ୟାଚାର କଲେ ?"**(ହୟାତେ ତୈୟେବା, ପୃ-15-16)** ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ.ମସିହ୍ ମଉଦ୍ ଅ.ସ ଉପଦେଶ ଦେଇ କୁହନ୍ତି; "ପ୍ରତ୍ୟେକ ବ୍ୟକ୍ତି ନମାଜ୍ ତହଜ୍ଜୁଦ୍ ସମୟରେ ଉଠିବାକୁ ଚେଷ୍ଟା କରୁ ଏବଂ ପାଞ୍ଚବେଳା ନମାଜ୍‌ରେ ଦୁଆଏ କୁନୁତ୍‌କୁ ମଧ୍ୟ ସାମିଲ୍ କରୁ । ଆପଣମାନେ ଈଶ୍ୱରଙ୍କୁ ଅସନ୍ତୁଷ୍ଟ ତଥା ରୁଷ୍ଟ କରୁଥିବା ପ୍ରତ୍ୟେକ ପ୍ରସଙ୍ଗରୁ ନିବୃତ୍ତ ରୁହନ୍ତୁ ଏବଂ ଈଶ୍ୱରଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ । ତୌବାରୁ ଯଥାର୍ଥ ସେହି ସମସ୍ତ ଅପକର୍ମ ଏବଂ ଈଶ୍ୱରଙ୍କ ରୁଷ୍ଟତା, ତାହାଙ୍କ ଅପ୍ରସନ୍ନତାକୁ ପରିତ୍ୟାଗ କରି ପ୍ରକୃତ ପରିବର୍ତ୍ତନ ନିଜ ମଧ୍ୟରେ ସୃଷ୍ଟି କରନ୍ତୁ। ସେହିପରି ଆପଣମାନେ ନିଜର ପାଦ ଆଗକୁ ଅଗ୍ରସର କରନ୍ତୁ ଓ ଧର୍ମପରାୟଣତା ମାର୍ଗ ଅବଲମ୍ବନ କରନ୍ତୁ । ଆପଣମାନେ ଚରିତ୍ର ପ୍ରତି ଶିଷ୍ଟତା ଅବଲମ୍ବନ କରନ୍ତୁ ଓ ସଭ୍ୟ ହୁଅନ୍ତୁ । ତହିଁରେ ମଧ୍ୟ ଈଶ୍ୱରଙ୍କ ଦୟା ନିହିତ ରହିଥାଏ । ମନୁଷ୍ୟର ଅଭ୍ୟାସକୁ ଶୃଙ୍ଖଳିତ, ମାର୍ଜିତ କରନ୍ତୁ । ବ୍ୟକ୍ତି କ୍ରୋଧାଭାବ ପ୍ରକାଶ ନକରୁ । ବିନୀତତା ଏବଂ ବିନମ୍ରତା କ୍ରୋଧର ସ୍ଥାନ ନେଇନେଉ । ଚରିତ୍ରକୁ ଶୃଙ୍ଖଳିତ କରିବା ସଙ୍ଗେସଙ୍ଗେ ନିଜର ସାମର୍ଥ୍ୟାନୁଯାୟୀ ସଦକାତ୍ (ଦାନ ଦକ୍ଷିଣା) ଦେବା ପନ୍ଥା ମଧ୍ୟ ଅବଲମ୍ବନ କରୁ।" **(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-192, ସଂସ୍କରଣ ବର୍ଷ-2022 ମସିହା)** ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ.ମସିହ୍ ମଉଦ୍ ଅ.ସ ନିଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିଭିନ୍ନ କଥା ସଂପର୍କରେ ଉପଦେଶ ଦେଇଛନ୍ତି । ପୁନଶ୍ଚ ଆପଣ ଅ.ସ କୁହନ୍ତି: "ଧର୍ମପରାୟଣ ବ୍ୟକ୍ତି ନିମନ୍ତେ ଏହି ସର୍ତ୍ତ ରହିଛି ଯେ, ସେ ଦାରିଦ୍ର୍ୟତା ଏବଂ ଅଭାବତ୍ୱ ମଧ୍ୟରେ ନିଜର ଜୀବନ ଅତିବାହିତ କରୁ । ଏହା ଧର୍ମପରାୟଣତାର ଏକ ଶାଖା ଅଟେ। ଏହା ମାଧ୍ୟମରେ ଆମମାନଙ୍କୁ ଅନୌଚିତ୍ୟତାର ମୁକାବିଲା କରିବା ଉଚିତ୍। ବଡ଼ ବଡ଼ ଅଧ୍ୟାତ୍ମବାଦୀ ବ୍ୟକ୍ତିମାନେ ଏବଂ ସତ୍ୟବାଦୀ ବ୍ୟକ୍ତିମାନଙ୍କ ସକାଶେ ଶେଷ ଏବଂ କଠୋର ମାର୍ଗ ହେଲା କ୍ରୋଧାଭାବରୁ ବର୍ତ୍ତିବା । ଗର୍ବ ଏବଂ ଅହଂକାର କ୍ରୋଧ ଦ୍ୱାରା ହିଁ ସୃଷ୍ଟି ହୋଇଥାଏ ଏବଂ ସେହିପରି ନିଜେ କ୍ରୋଧିତ ହେବା ଗର୍ବ ଏବଂ ଅହଂକାରର କାରଣ ହୋଇଥାଏ । ମନୁଷ୍ୟ ଯେତେବେଳେ ନିଜକୁ ଅନ୍ୟ ବ୍ୟକ୍ତି ଉପରେ ପ୍ରାଧାନ୍ୟ ଦେଇଥାଏ ସେତେବେଳେ ବ୍ୟକ୍ତି ମଧ୍ୟରେ କ୍ରୋଧ ତଥା କ୍ରୋଧାଭାବ ସୃଷ୍ଟି ହୋଇଥାଏ। ମୁଁ ଏହା ଚାହୁଁ ନାହିଁ ଯେ, ମୋ ଜମାଅତର ଲୋକମାନେ ପରସ୍ପରକୁ ଛୋଟ ଏବଂ ବଡ଼ ବୋଲି ମନେକରନ୍ତୁ କିମ୍ବା ପରସ୍ପର ଉପରେ ଗର୍ବ ଓ ଅହଂକାର ପ୍ରଦର୍ଶନ କରନ୍ତୁ କିମ୍ବା ପରସ୍ପରକୁ ହୀନ ଚକ୍ଷୁରେ ଦେଖନ୍ତୁ । ଈଶ୍ୱର ଜାଣନ୍ତି ଯେ, କିଏ ବଡ଼ ଓ କିଏ ସାନ (ଛୋଟ) । ଏହା ଏକ ପ୍ରକାରର ତିରସ୍କାର ଏବଂ ତୁଚ୍ଛତା ଅଟେ । ଯେଉଁ ବ୍ୟକ୍ତି ମଧ୍ୟରେ ତାଚ୍ଛଲ୍ୟତା ରହିଛି ସେହି ବ୍ୟକ୍ତି ପ୍ରତି ମୁଁ ଭୟ କରେ ଯେ, ଏହି ତାଚ୍ଛଲ୍ୟତା ବୀଜ ପରି ଅଙ୍କୁରିତ ହୋଇ ବୃଦ୍ଧି ପାଇବ ଏବଂ ବ୍ୟକ୍ତିର ବିନାଶର କାରଣ ସାଜିବ । କେତେକ ଲୋକମାନେ ମୁରବି ଲୋକମାନଙ୍କୁ ସାକ୍ଷାତ୍ କରି ସେମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତି ଏବଂ ଶିଷ୍ଟତା ମଧ୍ୟ ପ୍ରଦର୍ଶ କରିଥାଆନ୍ତି । କିନ୍ତୁ ବଡ଼ ହେଉଛି ସେହି ବ୍ୟକ୍ତି ଯିଏ ଦରିଦ୍ର ବ୍ୟକ୍ତିର କଥାକୁ ଦରିଦ୍ର ଏବଂ ବିନୀତପୂର୍ବକ ଶୁଣିଥାଏ ଓ ସେହି ବ୍ୟକ୍ତି ପ୍ରତି ସମବେଦନା ଏବଂ ସହାନୁଭୂତି ପ୍ରଦର୍ଶନ କରିଥାଏ ତଥା ତା'ର ମନ ରଖିଥାଏ, ତାକୁ ସମ୍ମାନ ଜଣାଏ, ତାକୁ କୌଣସି ଅପ୍ରୀତିକର କଥା କହି ନଥାଏ ଏବଂ ଅସଭ୍ୟ ଓ ରୁଷ୍ଟତାମୂଳକ କଥା ନିଜ ତୁଣ୍ଡରେ ଧରି ନଥାଏ ଯଦ୍ଦ୍ୱାରାକି ଅନ୍ୟ ବ୍ୟକ୍ତିକୁ ଦୁଃଖ ଓ କଷ୍ଟ ହେବ । ଈଶ୍ୱର କୁହନ୍ତି ଯେ, وَلَا تَنَابَزُوْا بِالْاَلْقَابِ بِئْسَ الِاسْمُ الْفُسُوْقُ بَعْدَ الْاِيْمَانِ وَمَنْ لَّمْ يَتُبْ فَاُولٰٓئِكَ هُمُ الظّٰلِمُوْنَ **(ଅଲ୍ ହୁଜୁରାତ୍: 12)** ଏବଂ ତୁମେମାନେ ପରସ୍ପର ପ୍ରତି କଟୁ ମନ୍ତବ୍ୟ ଦିଅ ନାହିଁ କି ଜଣେ ଅନ୍ୟକୁ ବ୍ୟଙ୍ଗ ବିଦ୍ରୂପାତ୍ମକ ନାମରେ ସମ୍ବୋଧନ (ଡାକ) କର ନାହିଁ । କାରଣ ବିଶ୍ୱାସ କଲାପରେ ବିଦ୍ରୂପାତ୍ମକ ନାମ ଡାକି ଆଜ୍ଞା ପାଳନରୁ ଦୂରେଇ ଯିବା ଫଳରେ ତାହା ନିଜକୁ ଅତ୍ୟନ୍ତ ଦୁର୍ନାମଗ୍ରସ୍ତ କରାଇଥାଏ ଅର୍ଥାତ୍ ସେ ନିଜେ ମାର୍ଗ ଭ୍ରଷ୍ଟାଚାରୀ ହୋଇଯାଏ ଏବଂ ଯେ ଅନୁତାପ କରିବ ନାହିଁ ସେ ହିଁ ଅତ୍ୟାଚାରୀ ହେବ ।" ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ପ୍ରସଙ୍ଗର ସବିଶେଷ ବିବରଣୀ ପ୍ରଦାନ କରି ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ତୁମେମାନେ ପରସ୍ପର ପ୍ରତି ଚିଡ଼ି ହୋଇ ନାମୋଚ୍ଚାରଣ କର ନାହିଁ। ଉକ୍ତ କୃତ୍ୟ ପାପୀ ଏବଂ ଦୁରାଚାରୀ ବ୍ୟକ୍ତିର କୃତ୍ୟ ଅଟେ । ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ ଚିଡ଼େଇଥାଏ ଏବଂ ଖତେଇ ହେଉଥାଏ ତେବେ ଯେପର୍ଯ୍ୟନ୍ତ ସେହି ବ୍ୟକ୍ତି ଉକ୍ତ କୃତ୍ୟର ଶରବ୍ୟ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ସେ ମୃତ୍ୟୁବରଣ କରିବ ନାହିଁ। ତେଣୁ ହେ ମୋ ଜମାଅତ୍‌ର ସଦସ୍ୟବୃନ୍ଦ ତୁମେମାନେ ନିଜର ଭାଇମାନଙ୍କୁ ତୁଚ୍ଛ, ହୀନ ତଥା ହେୟ ମନେକର ନାହିଁ । ଯେତେବେଳେ ତୁମେମାନେ ଗୋଟିଏ ଝରଣାରୁ ଜଳପାନ କରିଥାଅ ସେତେବେଳେ କିଏ ଜାଣେ ଯେ, କାହା ଭାଗ୍ୟରେ ଅଧିକ ଜଳପାନ କରିବା ଲେଖା ହୋଇଛି ଓ କାହା ଭାଗ୍ୟରେ ସ୍ୱଳ୍ପ ଜଳପାନ କରିବା ଲେଖା ହୋଇଛି । କୌଣସି ବ୍ୟକ୍ତି ସଂସାରରେ ସାଂସାରିକ ନୀତି ଦ୍ୱାରା ସମ୍ମାନସ୍ପଦ ଏବଂ ମର୍ଯ୍ୟାଦାବାନ୍ ବ୍ୟକ୍ତି ହୋଇପାରିବ ନାହିଁ । ଈଶ୍ୱରଙ୍କ ନିକଟରେ ବଡ଼ ହେଉଛି ସେହି ବ୍ୟକ୍ତି ଯିଏ ଧର୍ମପରାୟଣ ତଥା ଧର୍ମନିଷ୍ଠ ଅଟେ । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମରେ କୁହନ୍ତି: اِنَّ اَكْرَمَكُمْ عِنْدَ اللّٰهِ اَتْقٰىكُمْ اِنَّ اللّٰهَ عَلِيْمٌ خَبِيْرٌ **(ଅଲ୍ ହୁଜୁରାତ୍: 14)** ଅର୍ଥାତ୍ ତୁମମାନଙ୍କ ମଧ୍ୟରୁ ଯିଏ ସବୁଠାରୁ ଅଧିକ ଧର୍ମପରାୟଣ ଓ ଧର୍ମନିଷ୍ଠ ସେ ଅଲ୍ଲାଃଙ୍କ ନିକଟରେ ସମସ୍ତଙ୍କ ଅପେକ୍ଷା ଅଧିକ ସମ୍ମାନିତ । ଅଲ୍ଲାଃତାଲା ନିଶ୍ଚିତ ରୂପେ ସର୍ବଜ୍ଞ ଓ ସର୍ବଜ୍ଞାତା ।" **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-30-31, ସଂସ୍କରଣ ବର୍ଷ-2022 ମସିହା)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଆମମାନଙ୍କୁ ପ୍ରକୃତ ରୂପେ ନିଜ ମଧ୍ୟରେ ବିନୀତତା ଏବଂ ବିନମ୍ରତା ସୃଷ୍ଟି କରିବା ନିମନ୍ତେ ସାମର୍ଥ୍ୟତା ପ୍ରଦାନ କରନ୍ତୁ । ସେହିପରି ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍‌ରେ ଆସି ଆମମାନଙ୍କୁ ପ୍ରକୃତ ଇସଲାମ୍ ଧର୍ମର ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଏବଂ ଏହାର କର୍ତ୍ତବ୍ୟ ନିର୍ବାହ କରିବା ନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।(ଅଲ୍‌ଫଜଲ୍ ଇଣ୍ଟରନ୍ୟାସ୍‌ନଲ୍, 21 ଜୁନ୍ 2026 ମସିହା, ପୃ-1-8)** ☆☆☆

ଅଲ୍ଲାଃତାଲାଙ୍କ ବାଣୀ

ଅଲ୍ଲାଃତାଲା କୁହନ୍ତି: وَمَا خَلَقْتُ الْجِنَّ وَالْاِنْسَ اِلَّا لِيَعْبُدُوْنِ

(ଅଜ୍ ଜାରିୟାତ୍: 57)

ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।

ତାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)

ପୃ-20 ର ଅବଶିଷ୍ଟାଂଶ...

କରିବା ଆପଣ ସ.ଅ ଶିଖାଇଲେ ଲଜ୍ଜା ସତୀତ୍ୱତା ଏବଂ ପବିତ୍ରତାକୁ ବିଶ୍ୱାସର ଅଭିନ୍ନ ଅଙ୍ଗ ରୂପେ ବିବେଚିତ କଲେ । ଏହିପରି ଭାବରେ ଏକ ପବିତ୍ର ସମାଜ ଗଠନ କରିବା ଏକ ଅନନ୍ୟ ସଫଳତା ଆପଣ ସ.ଅ ପ୍ରାପ୍ତ କଲେ । ଆପଣ ସ.ଅ ପ୍ରତ୍ୟେକ ବ୍ୟକ୍ତିର ଅଧିକାର ସମ୍ପାଦନ କରିବା ବ୍ୟତୀତ ନିଜ ବଂଶ ତଥା ପରିବାରର ଜୀବନକୁ ଉତ୍ତମ କରିବା ନିମନ୍ତେ ନୈତିକତାକୁ ଚିହ୍ନଟ କରାଇଲେ। ଗୋଟିଏ ବଂଶ ତଥା ପରିବାର ନିର୍ମାଣରେ ମହିଳା ଏବଂ ପୁରୁଷମାନଙ୍କର କର୍ତ୍ତବ୍ୟ, ଭୂମିକା ଏବଂ ମାତା ପିତା, ପୁତ୍ର, କନ୍ୟା, ଭ୍ରାତା (ଭାଇ), ଭଉଣୀଙ୍କ ମଧ୍ୟରେ ସଂପର୍କକୁ ନିର୍ଦ୍ଧାରଣ କଲେ । ବିବାହକୁ ଏକ ପ୍ରୀତିକର ବୈଧ କୃତ୍ୟ ରୂପେ ବିବେଚିତ କଲେ । ଏହିସବୁ ପଦକ୍ଷେପ ଦ୍ୱାରା ପ୍ରାୟତଃ ପରିବେଶ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଲା । ଏହି ଅନନ୍ୟ, ଅଭୂତପୂର୍ବ ଏବଂ ପ୍ରସିଦ୍ଧ ସଫଳତା ସତ୍ତ୍ୱେ ଆପଣ ସ.ଅ ଜଣେ ସ୍ୱାଧୀନ ସମ୍ରାଟ୍ ଭାବରେ କାର୍ଯ୍ୟ କରି ନଥିଲେ କି ସ୍ୱାଧୀନ ସମ୍ରାଟର ରୂପ ଧାରଣ କରି ନଥିଲେ। ଏହା ଆପଣ ସ.ଅଙ୍କର ଅନନ୍ତ ମହାନତାର ଅଖଣ୍ଡିତ ଯୋଗ୍ୟ ପ୍ରମାଣ ଅଟେ। ଜଣେ ଅବତାର ହେବା ହିସାବରେ ଦେଶ ତଥା ସରକାରଙ୍କର ଯେଉଁ ଉଦାହରଣ ଆପଣ ସ.ଅ ଉପସ୍ଥାପିତ କଲେ ତାହା ଏକ ଜନକଲ୍ୟାଣକାରୀ ରାଷ୍ଟ୍ର ନିମନ୍ତେ ସର୍ବୋତ୍ତମ ସମ୍ବିଧାନ ଥିଲା । ଇସ୍‌ଲାମୀୟ ସମାଜକୁ ଏକ ସଂଗଠିତ ତଥା ଅନନ୍ୟ ରାଷ୍ଟ୍ରର ରୂପେ ଦେବା ଏବଂ ଏହାର ନିର୍ମାଣ ତଥା ବିକାଶ ପାଇଁ ଯେଉଁ ପଦକ୍ଷେପ ଆପଣ ସ.ଅ ନେଇଥିଲେ ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ଶାସକମାନଙ୍କ ପାଇଁ ଏକ ଆଲୋକବର୍ତ୍ତିକା ଭାବରେ କାର୍ଯ୍ୟ କରିବ। ଆପଣ ସ.ଅ ଆରବର ଆଦିବାସୀ ତଥା ସାଂପ୍ରଦାୟିକ ଶତ୍ରୁତାକୁ ଲିଭାଇ ଦେଇ ତାହାକୁ ଏକ ସୀସା (ପାନ କରିଥିବା) କାନ୍ଥ କରିଦେଇଛନ୍ତି । ଆପଣ ସ.ଅ ସେମାନଙ୍କ ସମ୍ମୁଖରେ କେବଳ ଜୀବନର ସର୍ବୋଚ୍ଚ ଲକ୍ଷ୍ୟ ରଖି ନାହାନ୍ତି, ବରଂ ଏହାକୁ ହାସଲ କରିବା ପାଇଁ ସକ୍ରିୟ କାର୍ଯ୍ୟ ମଧ୍ୟ କରିଛନ୍ତି। اللھم صلی علی محمد وعلی آل محمد وبارك وسلم

☆☆☆

ପୃ- 21ର ଅବଶିଷ୍ଟାଂଶ...

ନିଜର ମେଷମାନଙ୍କ ଠାରୁ ଏବଂ ମେଷମାନେ ନିଜର ମେଷ ମାଲିକ ଠାରୁ ପରିଚିତ ହୁଅନ୍ତି ସେହିପରି ନବୀ ଅର୍ଥାତ୍ ଅବତାର ଓ ତା'ର ଜାତି ମଧ୍ୟ ପରସ୍ପର ସହିତ ଘନିଷ୍ଟ ସଂପର୍କ ଦ୍ୱାରା ବାନ୍ଧି ହୋଇଯାଆନ୍ତି । ତେଣୁ ଏହି ବିଶେଷତା ସୃଷ୍ଟି କରିବା ନିମନ୍ତେ ପ୍ରତ୍ୟେକ ଅବତାରଙ୍କ ପରେ ଏବଂ ସେମାନଙ୍କ ଠାରୁ ବି ଅଧିକ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ସେହି ସବୁ ପରିସ୍ଥିତି ମଧ୍ୟ ଦେଇ ଅତିକ୍ରମ (ଅତିକ୍ରାନ୍ତ) କରାଇଛନ୍ତି ।

ସୁତରାଂ ଅଲ୍ଲାଃତାଲା ଆପଣ ସ.ଅଙ୍କର ମଧ୍ୟ ଲାଳନ ପାଳନ କଲେ । ଆପଣ ଏକ ସ୍ଥାନରେ ଉକ୍ତ ବିଷୟବସ୍ତୁକୁ ଏହି ଶବ୍ଦରେ ବର୍ଣ୍ଣନା କରିଛନ୍ତି । "ମନେରଖ ! ଏହି ପଂକ୍ତି ଅର୍ଥାତ୍ ايواء القريه ଉକ୍ତ ଶବ୍ଦଟିର ଆରବ୍ୟ ଭାଷାରେ ଏହି ଅର୍ଥ ରହିଛି ଯେ, ଏକ ପକ୍ଷରେ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ବିପତ୍ତିରେ ପକାଇଲେ ଏବଂ ଅନ୍ୟ ପକ୍ଷରେ ନିଜର ଆଶ୍ରୟରେ ନେଇନେଲେ । ଅଲ୍ଲାଃତାଲା ଆପଣ ସ.ଅଙ୍କୁ ସଂପୂର୍ଣ୍ଣ ରୂପେ ବରବାଦ କଲେ ନାହିଁ । ଉକ୍ତ ଆପ୍ତ ବାକ୍ୟଟି ପବିତ୍ର କୁରଆନ୍ କରୀମରେ ଏବଂ ସମଗ୍ର ଆରବ୍ୟ ଭାଷାରେ ରହିଛି । ଯେପରିକି ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କୁ କହିଛନ୍ତି ଯେ, الم يجدك يتيما فاوى ଅର୍ଥାତ୍ ଅଲ୍ଲାଃତାଲା ତୁମ୍ଭକୁ ଅନାଥ ପାଇ ପୁନଶ୍ଚ ତୁମ୍ଭକୁ ଆଶ୍ରୟ ପ୍ରଦାନ କଲେ । ଅତଏବ୍ ତହିଁରୁ ଏହା ସ୍ପଷ୍ଟ ଯେ, ଅଲ୍ଲାଃତାଲା ପ୍ରାରମ୍ଭରୁ ହିଁ ଆପଣ ସ.ଅଙ୍କୁ ଅନାଥ କଲେ ଏବଂ ଅନାଥର ସମସ୍ତ ବିପତ୍ତି ଆପଣ ସ.ଅଙ୍କ ଉପରେ ଅବତୀର୍ଣ୍ଣ କଲେ ଓ ପୁନଶ୍ଚ ଆପଣ ସ.ଅଙ୍କୁ ଆଶ୍ରୟ ମଧ୍ୟ ପ୍ରଦାନ କଲେ ।" **(ମକତୁବାତ୍, ଗ୍ରନ୍ଥଖଣ୍ଡ-6, ପୃ-152) (ସିରତୁନ୍ ନବୀ ସ. ଅ, ପୃ-55-58, ପ୍ରକାଶନ ସ୍ଥାନ, କାନାଡ଼ା 2018 ମସିହାର)**

☆☆☆

ପୃଷ୍ଠା ସଂଖ୍ୟା ୧୬ର ଅବଶିଷ୍ଟାଂଶ

ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି ଏବଂ ମୁହମ୍ମଦ ସ.ଅ ଅଲ୍ଲାଃତାଲାଙ୍କ ଭକ୍ତ ଓ ତାହାଙ୍କ ବାର୍ତ୍ତାବହ ଅଟନ୍ତି । ମୁଁ ଏହି ମହାବତାରଙ୍କ ଉପରେ ବିଶ୍ୱାସ ଆଣୁଛି । ଅତଏବ୍ ଏହିପରି ଭାବରେ ହ. ଜୈଦ୍ ର.ଅ ଆଁହଜରତ୍ ସ.ଅଙ୍କର ପୁଷ୍ଟି କଲେ ଏବଂ ଆପଣ ସ.ଅଙ୍କ ହସ୍ତରେ ବୈଅତ୍ କଲେ ଓ ଅନେକ ଯୁଦ୍ଧରେ ଆପଣ ସ.ଅଙ୍କ ସହିତ ସାମିଲ୍ ଥିଲେ । ଏପର୍ଯ୍ୟନ୍ତ କି ତୁବୁକ୍ ଯୁଦ୍ଧରେ ପ୍ରତ୍ୟାବର୍ତ୍ତନ ସମୟରେ ହ. ଜୈଦ୍ ର.ଅଙ୍କ ବାଟରେ ହିଁ ବିୟୋଗ ହୋଇଥିଲା ।" **(ମୁସ୍ତଦରିକ୍, ଅଲସ୍ ସହିହୈନ୍ ଲିଲ୍ ହାକିମ୍, ଗ୍ରନ୍ଥଖଣ୍ଡ-4, ପୃ-328-329, କିତାବ୍ ମାଆରିଫତୁସ୍ ସାହାବା, ବାବ୍-ଜିକ୍ରୁ ଇସ୍‌ଲାମି ଜୈଦ୍ ବିନ୍ ସାଆନା ମୌଲା ରସୁଲୁଲ୍ଲାଃ ସ.ଅ, ହଦିସ୍ ନଂ-6665, ଦାରୁଲ୍ ଫିକର୍ ବୈରୁତ୍, 2002 ମସିହା)** (https://en.wikipedia.org/wiki/Mithqal)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଜୈଦ୍ ବିନ୍ ସାଆନା ଜଣେ ଇହୁଦୀ ବିଦ୍ୱାନ୍ ଥିଲେ । ସେ ପୁଣ୍ୟ ସ୍ୱଭାବର ଅଧିକାରୀ ଥିଲେ । ଆପଣ ସ.ଅଙ୍କୁ ଦେଖିକି ଏବଂ ସମସ୍ତ ଲକ୍ଷଣକୁ ଦେଖି ତଥା ପୁଷ୍ଟି କରି ସେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନେଇଥିଲେ। ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏ ହେଉଛି ଆପଣ ସ.ଅଙ୍କ ଉତ୍ତମ ଚରିତ୍ରବତ୍ତା ଯେ, ଆପଣ ସ.ଅ ଋଣ ନେଇଁ କେବଳ ଗୋଟିଏ ଜାତିକୁ ଭୋକରୁ ମୁକ୍ତି ପ୍ରଦାନ କଲେ ନାହିଁ ବରଂ ନିଜର ଉତ୍ତମ ଚରିତ୍ର ଦ୍ୱାରା ଜଣେ ଇହୁଦୀ ବିଦ୍ୱାନ୍‌କୁ ମଧ୍ୟ ମୁସଲମାନ କରିନେଲେ । اَللّٰھُمَّ صَلِّ عَلٰی مُحَمَّدٍ وَّعَلٰی اٰلِ مُحَمَّدٍ وَبَارِکْ وَسَلِّمْ اِنَّکَ حَمِیْدٌ مَّجِیْدٌ

(ଅଲଫଜ୍‌ଲ୍ ଇଣ୍ଟରନ୍ୟାସ୍‌ନଲ୍, 28 ଜୁନ୍ 2026 ମସିହା, ପୃ-1-9)

☆☆☆

ବଦର୍‌ର ପ୍ରକାଶିତ ସଂଖ୍ୟାଗୁଡ଼ିକୁ ନିଜେ ସୁରକ୍ଷିତ ଓ ସଂରକ୍ଷିତ କରି ରଖନ୍ତୁ

ଉକ୍ତ ସମ୍ବାଦପତ୍ର ସାଂସାରିକ ମଳିନତା ତଥା ପାପ ଠାରୁ ଉର୍ଦ୍ଧ୍ୱ ହୋଇ ସାଂସାରିକ ଏବଂ ଧାର୍ମିକ ଶିକ୍ଷାର ନିଧି ଅଟେ । ଉକ୍ତ ସମ୍ବାଦ ପତ୍ର ଜାତୀୟ ଆଶା, ଉଦ୍ଦୀପନା ଏବଂ ଆବଶ୍ୟକତାକୁ ପୂରଣ କରିଥାଏ । ବଦର୍‌ରେ ପବିତ୍ର କୁରଆନ୍ କରୀମ୍, ଆହାଦିସେ ନବ୍ୱିୟାହ୍ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ପ୍ରଦତ୍ତ ମଲଫୁଜାତ୍ ଏବଂ ଅନ୍ୟାନ୍ୟ ଲେଖନୀ ବ୍ୟତୀତ ଅସଂଖ୍ୟ ପବିତ୍ର ପ୍ରାମାଣ୍ୟଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥାଏ । ସେହି ସବୁର ଅଧ୍ୟୟନ କରିବା, ସେଗୁଡ଼ିକୁ ଅନ୍ୟମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା, କାର୍ଯ୍ୟକାରୀ କରିବା ଏବଂ ତାହା ମାଧ୍ୟମରେ ସନ୍ତାନମାନଙ୍କର ଶିକ୍ଷା ଓ ସଂସ୍କାର କରିବା ଆମ ସମସ୍ତଙ୍କର ଦାୟିତ୍ୱ ଅଟେ । ଏହି ସମସ୍ତ ଅଭିପ୍ରାୟକୁ ପ୍ରାପ୍ତ କରିବା ନିମନ୍ତେ ବଦର୍‌ର ସଂଖ୍ୟାଗୁଡ଼ିକୁ ସୁରକ୍ଷିତ ଓ ସଂରକ୍ଷିତ କରିବା, ସେଗୁଡ଼ିକୁ କ୍ରମ ଅନୁଯାୟୀ ରେକର୍ଡ୍‌ଭୁକ୍ତ କରିବା ମଧ୍ୟ ଆମମାନଙ୍କର ଦାୟିତ୍ୱ ଅଟେ ।

ଧାର୍ମିକ ଏବଂ ସାଂସ୍କାରିକ ବିଷୟ ବସ୍ତୁ ଉପରେ ଆଧାରିତ ଏହି ଖବର କାଗଜଟି ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଠାରୁ ଏହି ଆଶା ପୋଷଣ କରିଥାଏ ଯେ, ଉକ୍ତ ଖବର କାଗଜକୁ ପରିତ୍ୟକ୍ତ, ଅନାବଶ୍ୟକ କାଗଜ ମନେକରି ଅନ୍ୟ ଖବରକାଗଜ ସହିତ, ବହି ଖାତା ସହିତ ବିକ୍ରି କରିଦେବା ଏହାର ମର୍ଯ୍ୟାଦା ଓ ଗାରିମାକୁ କ୍ଷୁର୍ଣ୍ଣ କରିବା ସହିତ ସମାନ ଅଟେ । ଯଦି ଉକ୍ତ ଖବର କାଗଜକୁ ସମ୍ଭାଳିବା ସମ୍ଭବପର ହେଉ ନାହିଁ ତେବେ ଏହାକୁ ସତର୍କତାର ସହିତ ନଷ୍ଟ କରି ଦିଅନ୍ତୁ । କାରଣ ଏହି ପବିତ୍ର ଖବର କାଗଜରେ ପବିତ୍ର ଲେଖନୀ ଯଥା ପବିତ୍ର କୁରଆନ୍ କରୀମ୍‌ର ଆୟତ୍‌ଗୁଡ଼ିକ, ଆହାଦିସ୍‌ଗୁଡ଼ିକର ମର୍ଯ୍ୟାଦା ହାନୀ ଯେପରି ନହେଉ ଓ କୌଣସି ଆରୋପ ମୂଳକ କାରଣ ନ ପାଳଟି ଯାଉ । ଆଶା କରୁଛୁ ଯେ, ଜମାଅତ୍‌ର ସଦସ୍ୟମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେବେ ଏବଂ ଉକ୍ତ ସାପ୍ତାହିକ ଖବର କାଗଜରୁ ଉପକୃତ ହୋଇ ଉପରୋକ୍ତ ବିଷୟ ପ୍ରତି ଧ୍ୟାନ ଦେବେ ଓ ମନେ ମଧ୍ୟ ରଖିବେ । **ଇନ୍‌ଶାଅଲ୍ଲାଃ । (ଖବର କାଗଜ ବଦର୍‌ର ସମ୍ପାଦକ ମଣ୍ଡଳୀ)**

☆☆☆

ଅଲ୍ଲାଃତାଲାଙ୍କ ବାଣୀ

ଅଲ୍ଲାଃତାଲା କୁହନ୍ତି: وَذَکِّرْ فَاِنَّ الذِّکْرٰی تَنْفَعُ الْمُؤْمِنِیْنَ

(ଅଜ୍ ଜାରିୟାତ୍: 56)

ଅନୁବାଦ୍: ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ ଲାଭ ଦେଇଥାଏ ।

ତାଲିବେ ଦୁଆ: Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

ଅଲ୍ଲାଃତାଲା କୁହନ୍ତି: اَلَیْسَ اللّٰہُ بِکَافٍ عَبْدَہٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

ତାଲିବେ ଦୁଆ: Qamrun Nisa, W/o- Zainul Khan, Jamat Ahmadiya Pankal, Halqa Qudrat Nagar (Odisha)

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲଫୁଜାତ୍, ଖଣ୍ଡ-1, ପୃ-102,)

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

(ଖୁତ୍‌ବା ଜୁମା)

ଆଁହଜରତ୍ ସ.ଅଙ୍କ ବଦାନ୍ୟତା ଓ ଦାନଶୀଳତା ।

ଖୁତ୍‌ବା ଜୁମା 12 JUNE 2026 ମସିହା ଅନୁଯାୟୀ ୧୨ ଇହସାନ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି କରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ. أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ. بِسْمِ اللهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ପବିତ୍ର କୁରଆନ୍ କରୀମର ନିମ୍ନଲିଖିତ ଆୟତ୍ ଆବୃତ୍ତି କଲେ :

اَلَّذِيْنَ يُنْفِقُوْنَ اَمْوَالَهُمْ بِالَّيْلِ وَالنَّهَارِ سِرًّا وَّعَلَانِيَةً فَلَهُمْ اَجْرُهُمْ عِنْدَ رَبِّهِمْ وَلَا خَوْفٌ عَلَيْهِمْ وَلَا هُمْ يَحْزَنُوْنَ. **(ଅଲ୍ ବକ୍‌ରାହ୍: 275)**

ଅନୁବାଦ: ଅର୍ଥାତ୍ ଯେଉଁମାନେ ଦିବାରାତ୍ର ନିଜର ଧନକୁ ଗୋପନରେ ଓ ପ୍ରକାଶ୍ୟରେ ମଧ୍ୟ ଅଲ୍ଲାଃତାଲାଙ୍କ ପଥରେ ବ୍ୟୟ କରନ୍ତି ସେମାନଙ୍କ ପାଇଁ ସେମାନଙ୍କର ପାଳନକର୍ତ୍ତାଙ୍କ ନିକଟରେ ପୁରସ୍କାର ଗଚ୍ଛିତ ଅଛି । ସେମାନେ ଭୟଭୀତ ହେବେ ନାହିଁ କି ଦୁଃଖିତ ହେବେ ନାହିଁ ।

وَفِيْٓ اَمْوَالِهِمْ حَقٌّ لِّلسَّآئِلِ وَالْمَحْرُوْمِ **(ଅଜ୍ ଜାରିୟାତ୍: 20)**

ଅନୁବାଦ: ଏବଂ ସେମାନଙ୍କ ପାଳନକର୍ତ୍ତା ସେମାନଙ୍କୁ ଯାହା ଦେବେ ସେମାନେ ତାହାଙ୍କୁ ନେଉଥିବେ ଏବଂ ସେମାନେ ଏଥି ପୂର୍ବରୁ ସଂପୂର୍ଣ୍ଣ ଭାବରେ ଆଜ୍ଞାପାଳନକାରୀ ଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଜି ମୁଁ ଆଁହଜରତ୍ ସ.ଅଙ୍କ ବଦାନ୍ୟତା ଏବଂ ଦାନଶୀଳତାର ଉତ୍ତମ ଆଦର୍ଶ ସଂପର୍କରେ କେତେକ ବର୍ଣ୍ଣନା ଉପସ୍ଥାପିତ କରିବି । ସେହି ବର୍ଣ୍ଣନାରୁ ଏହା ଜ୍ଞାତ ହୁଏ ଯେ, ଆପଣ ସ.ଅ ଏଥି ସଂକ୍ରାନ୍ତରେ କିପରି ବାରମ୍ବାର ବିଶ୍ୱାସକାରୀମାନଙ୍କର ଧ୍ୟାନ ଆକର୍ଷଣ କରିଛନ୍ତି ଏବଂ ଆପଣ ସ.ଅ ଏପରି ନିଜେ କାର୍ଯ୍ୟାନୁସରଣ କରିଥିଲେ । ଉପରୋକ୍ତରେ ମୁଁ ଯେଉଁ ଆୟତ୍ ତିଲାୱତ୍ (ଆବୃତ୍ତି) କରିଛି ସେହି ଆୟତ୍‌ମାନଙ୍କରେ ଏବଂ ଅନ୍ୟ ଆୟତ୍‌ମାନଙ୍କରେ ମଧ୍ୟ ଅଲ୍ଲାଃତାଲାଙ୍କ ଅଧିକାର ଏବଂ ତାହାଙ୍କ ଭକ୍ତମାନଙ୍କର ଅଧିକାର ସମ୍ପାଦନ କରିବା, ଧାର୍ମିକ ଆବଶ୍ୟକତା, ଅଭାବି ବ୍ୟକ୍ତିମାନଙ୍କର ଅଭାବ ତଥା ଆବଶ୍ୟକତାକୁ ପୂରଣ କରିବା ପ୍ରତି ଧ୍ୟାନ ଆକର୍ଷିତ କରାଯାଇଛି । ଉକ୍ତ ଆଦେଶ ଅନୁଯାୟୀ ଆଁହଜରତ୍ ସ.ଅ ପ୍ରକୃତ ବିଶ୍ୱାସକାରୀମାନଙ୍କୁ ମଧ୍ୟ ଏଥି ପ୍ରତି ଧ୍ୟାନ ଦେବା ନିମନ୍ତେ କହିଛନ୍ତି । ତେଣୁ ଏହାଠୁ ବଳି ଆପଣ ସ.ଅ ନିଜର ଆଦର୍ଶ ପ୍ରଥମେ ଉପସ୍ଥାପିତ କଲେ ଏବଂ ଅଲ୍ଲାଃତାଲାଙ୍କ ଆଦେଶାବଳୀର ବ୍ୟବହାରିକ ଛବି ନିଜର ଆଦର୍ଶ ମାଧ୍ୟମରେ ଆମମାନଙ୍କୁ ସମ୍ପାଦନ କରି ଦେଖାଇଛନ୍ତି । ଅତଏବ୍ କେବଳ ଗୋଟିଏ ଚରିତ୍ର ଏବଂ କୃତ୍ୟ ନୁହଁ ବରଂ ଆପଣ ସ.ଅଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତ ପବିତ୍ର କୁରଆନ୍ କରୀମ୍ ଅନୁଯାୟୀ ଥିଲା । ତେଣୁ ହ. ଆଏଶା ର.ଅ ଆପଣ ସ.ଅଙ୍କ ସୁଗୁଣାବଳୀ ତଥା ବୈଶିଷ୍ଟ୍ୟତା ସଂପର୍କରେ କହିଥିଲେ ଯେ, كَانَ خُلُقُهُ الْقُرْآن ଅର୍ଥାତ୍ ଆପଣ ସ.ଅଙ୍କ ଚରିତ୍ର ଏବଂ ଆଚରଣ ପବିତ୍ର କୁରଆନ୍ କରୀମ୍ ଥିଲା । ଅର୍ଥାତ୍ ଆପଣ ସ.ଅଙ୍କ ଆଚରଣ ପବିତ୍ର କୁରଆନ୍ କରୀମ୍ ମୁତାବକ ଥିଲା । ତେବେ ଯେକୌଣସି ଚରିତ୍ରକୁ ହିଁ ନେଇ ନିଅନ୍ତୁ ଆପଣ ସ.ଅ ତାହାର ସର୍ବୋଚ୍ଚ ଉଦାହରଣ ଥିଲେ । ଏହାଠୁ ବଳି ଆଉ ଅନ୍ୟ କୌଣସି ଉଦାହରଣ ଉପସ୍ଥାପିତ କରାଯାଇପାରିବ ନାହିଁ । **(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-8, ପୃ-144, ହଦିସ୍ ସଂଖ୍ୟା-25108, ମକତବା ଆଲିମୁଲ୍ କୁତୁବ୍, ବୈରୁତ,1998 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଯେପରିକି ମୁଁ କହିଲି, ଆଜି ଆପଣ ସ.ଅଙ୍କ ବଦାନ୍ୟତା ଏବଂ ଦାନଶୀଳତାର ଯେଉଁ ଚରିତ୍ର ରହିଛି ତା' ସଂପର୍କରେ ମୁଁ କେତେକ ବର୍ଣ୍ଣନା ଉପସ୍ଥାପିତ କରିବି । ଅତଏବ୍ ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଏହି ଦୁଆଭିତ୍ତିକ ବାଣୀ ସହିତ ଦୁଆ କରୁଥିଲେ । اَللّٰهُمَّ اِنِّيْٓ اَعُوْذُبِكَ مِنَ الْبُخْلِ وَالْكَسَلِ وَاَرْذَلِ الْعُمُرِ وَعَذَابِ الْقَبْرِ وَفِتْنَةِ الْمَحْيَا وَالْمَمَاتِ ଅର୍ଥାତ୍ ହେ ଅଲ୍ଲାଃ ! ମୁଁ କୃପଣତା, ଆଳସ୍ୟତା, ବୃଦ୍ଧ ତଥା ଜରାବସ୍ଥା, କବରର ଶାସ୍ତି ଠାରୁ ଏବଂ ଜୀବନ ଓ ମୃତ୍ୟୁର ଉପଦ୍ରବ ଠାରୁ ତୁମ୍ଭର ଶରଣ ଭିକ୍ଷା କରୁଛି । **(ସହି ମୁସ୍‌ଲିମ୍, ଉର୍ଦ୍ଦୁ ଅନୁବାଦକ, ଗ୍ରନ୍ଥଖଣ୍ଡ-14, ପୃ-79, କିତାବୁଜ୍ ଜିକର୍ ୱଦ୍ଦୁଆ ୱତ୍ ତୌବତା...... ବାବ୍- ଅତ୍ ତାଆୱଜା ମିନଲ୍ ଇୟ୍‌ଜି ୱଲ୍ କସ୍‌ଲି.....ହଦିସ୍ ନଂ-4865, ନୁର୍ ଫାଉଣ୍ଡେସନ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଏଥି ସଂକ୍ରାନ୍ତରେ ଆଉ ଏକ ଦୁଆ ମଧ୍ୟ ରହିଛି । ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଏହି ଦୁଆ କରୁଥିଲେ ଯେ, اَللّٰهُمَّ اِنِّيْٓ اَعُوْذُبِكَ مِنَ الْهَمِّ وَالْحَزَنِ وَالْعَجْزِ وَالْكَسَلِ وَالْجُبْنِ وَالْبُخْلِ وَضَلَعِ الدَّيْنِ وَغَلَبَةِ الرِّجَالِ. ଅର୍ଥାତ୍ ହେ ଅଲ୍ଲାଃ ! ମୁଁ ଚିନ୍ତା, ଦୁଃଖ, ବିନୀତତା, ଆଳସ୍ୟତା, ଭୀରୁତା, କୃପଣତା, ରଣ ଭାର ଅଧିକ ହେବା ଓ ଲୋକମାନଙ୍କ ଆଧିପତିତ୍ୱତା ଠାରୁ ତୁମ୍ଭର ଶରଣ ଭିକ୍ଷା କରୁଛି । **(ସହିହୁଲ୍ ବୁଖାରୀ, ଅନୁବାଦକ୍, ଗ୍ରନ୍ଥଖଣ୍ଡ-15, ପୃ-109, କିତାବୁଦ୍ ଦାୱାତ୍, ବାବୁଲ୍ ଇସ୍ତିଗାଜତା ମିନଲ୍ ଜିନ୍ନି......ହଦିସ୍ ନଂ-6369, ପ୍ରକାଶକ- ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଈଶ୍ୱରଙ୍କ ମାର୍ଗରେ ଏବଂ ଭକ୍ତମାନଙ୍କୁ ସାହାଯ୍ୟ କରିବା ସଂପର୍କରେ ଆପଣ ସ.ଅ ବିଶ୍ୱାସକାରୀମାନଙ୍କୁ ଉପଦେଶ ମଧ୍ୟ ଦେଇଛନ୍ତି । ଅତଏବ୍ ହ. ଅସ୍‌ମା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ମୋତେ କହିଲେ, ହେ ଅସ୍‌ମା ମୁଣି ବା ବସ୍ତାର ମୁହଁକୁ ବାନ୍ଧିକି ରଖ ନାହିଁ। ଖୋଲିଦିଅ ଅନ୍ୟଥା ତୁମ ଠାରୁ ଅଟକାଇ ନିଆଯିବ । ଅର୍ଥାତ୍ ଯେଉଁ ମୁଣିରେ ତୁମେ ନିଜର ଧନ ସମ୍ପତ୍ତି ରଖିଛ ତାହାର ମୁଖକୁ ଉନ୍ମୁକ୍ତ ରଖ । ବନ୍ଦ କର ନାହିଁ ଓ ଆବଶ୍ୟକତା ସ୍ଥଳରେ ବ୍ୟୟ କର ଓ ଅନ୍ୟମାନଙ୍କୁ ସାହାଯ୍ୟ କର । ଅନ୍ୟ ଏକ ବର୍ଣ୍ଣନାରେ ଉକ୍ତ ଶବ୍ଦ ରହିଛି ଯେ, ଗଣ ନାହିଁ ଅନ୍ୟଥା ଅଲ୍ଲାଃତାଲା ମଧ୍ୟ ତୁମକୁ ଗଣି ଗଣି ଦେବେ। ଅର୍ଥାତ୍ ଅଲ୍ଲାଃତାଲା ଯଦି ତୁମକୁ ପୁରସ୍କୃତ ତଥା କୌଣସି ଜିନିଷ ପ୍ରଦାନ କରିଛନ୍ତି ତେବେ ତୁମେ ତାହାଙ୍କ କୃତଜ୍ଞତା ଜ୍ଞାପନପୂର୍ବକ ତାହାଙ୍କ କର୍ତ୍ତବ୍ୟ ତଥା ଅଧିକାର ସମ୍ପାଦନ କର । କୃତଜ୍ଞତା ଜ୍ଞାପନର ଅଧିକାର ଏହିପରି ଯେ, ତୁମେ ଅନ୍ୟମାନଙ୍କୁ ସାହାଯ୍ୟ କର । ଅଲ୍ଲାଃତାଲା ତୁମକୁ ଅତିରିକ୍ତ (ଅହୁରି ଅଧିକ) ଦେବେ । **(ସହିହୁଲ୍ ବୁଖାରୀ, ଅନୁବାଦକ୍, ଗ୍ରନ୍ଥଖଣ୍ଡ-3, ପୃ-55-56, କିତାବୁଜ୍ ଜକାତ୍, ବାବୁତ୍ ତହ୍‌ରିଜି ଅଲସ୍ ସଦ୍‌କତି......ହଦିସ୍ ନଂ-1433, ପ୍ରକାଶକ- ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, ବଦାନ୍ୟତାକାରୀ ବ୍ୟକ୍ତି ଅଲ୍ଲାଃତାଲାଙ୍କ ନିକଟବର୍ତ୍ତୀ ବ୍ୟକ୍ତି ଅଟେ, ସ୍ୱର୍ଗର ନିକଟବର୍ତ୍ତୀ, ଲୋକମାନଙ୍କର ନିକଟବର୍ତ୍ତୀ, ନର୍କାଗ୍ନୀ ଠାରୁ ଦୂରବର୍ତ୍ତୀ ଅଟେ । ସେହିପରି କୃପଣ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଠାରୁ ଦୂରବର୍ତ୍ତୀ ଓ ସ୍ୱର୍ଗ ଠାରୁ ଦୂରବର୍ତ୍ତୀ, ଲୋକମାନଙ୍କ ଠାରୁ ଦୂର୍ବର୍ତ୍ତୀ ଓ ନିର୍କର ନିକଟବର୍ତ୍ତୀ ଅଟେ । ବଦାନ୍ୟତା ଅବଲମ୍ବନକାରୀ ମୂର୍ଖ ବ୍ୟକ୍ତି କୃପଣ ଭକ୍ତ ଠାରୁ ଅଲ୍ଲାଃତାଲାଙ୍କ ନିକଟରେ ସର୍ବାଧିକ ପ୍ରିୟ ବ୍ୟକ୍ତି ଓ ଉତ୍ତମ ଅଟେ । **(ଯାମିଉତ୍ ତିର୍ମିଜି, ଅବ୍‌ୱାବୁ ବିର୍‌ରି ୱସ୍ ସିଲତା ଅନ୍ ରସୁଲିଲ୍ଲାଃ ସ.ଅ, ବାବ୍- ମା ଯାଆ ଫିସ୍ ସଖାଇ, ହଦିସ୍ ନଂ-1961)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ନିଃସନ୍ଦେହ ରୂପେ ଜଣେ ଉପାସନାକାରୀ ବ୍ୟକ୍ତି ଯଦି କୃପଣ ହୋଇଥାଏ ତେବେ ତା ବିପରୀତରେ ଜଣେ ଅଶିକ୍ଷିତ ବ୍ୟକ୍ତି ଯିଏ ବଦାନ୍ୟ ବ୍ୟକ୍ତି ଅଟେ ତେବେ ସେହି ବ୍ୟକ୍ତିକୁ ଅଲ୍ଲାଃତାଲା ସର୍ବାଧିକ ପସନ୍ଦ ତଥା ଶ୍ରେୟସ୍କର ବୋଲି ମନେକରିବେ । ସେହିପରି ହ. ଅବୁ ବକ୍କର୍ ସିଦ୍ଦିକ୍ ର.ଅ ବର୍ଣ୍ଣନା କଲେ ଯେ, ନବୀ କରୀମ୍ ସ.ଅ କହିଲେ, ଯେଉଁ ବ୍ୟକ୍ତି କୃପଣତା ପ୍ରଦର୍ଶନ କରେ, ଯେଉଁ ବ୍ୟକ୍ତି ଅନ୍ୟକୁ ଧୋକା ଦିଏ ଏବଂ ଯେଉଁ ବ୍ୟକ୍ତି ଉପକାର କରି ଉପକାର ପ୍ରଦର୍ଶନ କରେ ତେବେ ସେହି ବ୍ୟକ୍ତି ବୈକୁଣ୍ଠରେ କଦାପି ପ୍ରବିଷ୍ଟ (ପ୍ରବେଶ କରିପାରିବ) ହେବ ନାହିଁ। **(ଯାମିଉତ୍ ତିର୍ମିଜି, ଅବ୍‌ୱାବୁ ବିର୍ ୱସ୍ ସିଲତା ଅନ୍ ରସୁଲିଲ୍ଲାଃ ସ.ଅ, ବାବ୍- ମା ଯାଆ ଫିଲ୍ ବୁଖଲି, ହଦିସ୍ ନଂ-1963)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ଅବୁ ହୁରୈରାହ୍ ର.ଅ ଏକ ବର୍ଣ୍ଣନା ବର୍ଣ୍ଣନା କରିଛନ୍ତି । ରସୁଲୁଲ୍ଲାଃ ସ.ଅ କହିଲେ, ଜଣେ ବିଶ୍ୱାସକାରୀ ବ୍ୟକ୍ତି ସରଳ ଏବଂ ବଦାନ୍ୟ ହୋଇଥାଏ । ଅପର ପକ୍ଷେ ଜଣେ ପାପୀ ବ୍ୟକ୍ତି ଧୋକାବାଜ୍ (ପ୍ରତାରକ), କୁତ୍ସିତ ଓ ତିରସ୍କୃତ ହୋଇଥାଏ । **(ଯାମିଉତ୍ ତିର୍ମିଜି, ଅବୱାବୁ ବିର୍ ୱସ୍ ସିଲତା ଅନ୍ ରସୁଲିଲ୍ଲାଃ ସ.ଅ, ବାବ୍- ମା ଯାଆ ଫଲ୍ ବୁଖଲି, ହଦିସ୍ ନଂ-1964)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ସରଳ ସ୍ୱଭାବରୁ ଏହା ଯଥାର୍ଥ ନୁହେଁ ଯେପରି ଲୋକମାନେ ଆମ ଭାଷାରେ ମନେକରି ଥାଆନ୍ତି । ଅର୍ଥାତ୍ ସରଳ ସ୍ୱଭାବରୁ ଏହା ଯଥାର୍ଥ ଯେ, ଯେଉଁ ବ୍ୟକ୍ତି ମଧ୍ୟରେ ବୁଦ୍ଧି କମ୍ ଥାଏ । ଅପରପକ୍ଷେ ବିଶ୍ୱାସକାରୀ ବ୍ୟକ୍ତି ସଂପର୍କରେ ତ' ଏହା ବର୍ଣ୍ଣିତ ହୋଇଛି ଯେ, ବିଶ୍ୱାସକାରୀ ବ୍ୟକ୍ତି ତ' ବୁଦ୍ଧି ଏବଂ ଚାତୁର୍ଯ୍ୟତାର ଉନ୍ନତି କରିଥାଏ । **(ଯାମିଉତ୍ ତିର୍ମିଜି, କିତାବୁତ୍ ତଫ୍‌ସିରିଲ୍ କୁରଆନ୍, ବାବ୍- ୱମିନ୍ ସୁରତୁଲ୍ ହୁଜ୍‌ରାତ୍, ହଦିସ୍ ନଂ-3127)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅର୍ଥାତ୍ ବିଶ୍ୱାସକାରୀର ବୁଦ୍ଧି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ । ତହିଁରୁ ସର୍ବଦା ଅର୍ଥାତ୍ ବିଶ୍ୱାସକାରୀ ଠାରୁ ସର୍ବଦା ସତର୍କ ଓ ସାବଧାନ ରହିବା ଉଚିତ୍ । ସେଠାରେ ଏହି ଅର୍ଥ ରହିଛି ଯେ, ବିଶ୍ୱାସକାରୀ ବ୍ୟକ୍ତି କଳହରୁ ବର୍ତ୍ତିବାକୁ ପ୍ରୟାସ କରିଥାଏ । ବିଶ୍ୱାସକାରୀ ବ୍ୟକ୍ତି ସମ୍ମାନସ୍ପଦ ଏବଂ ମୁକ୍ତ ହୃଦୟ ଓ ଲୋକପ୍ରିୟ ଅଟେ । ତେଣୁ ସେ ସମ୍ମାନଯୋଗ୍ୟ ଅଟେ । ସୁତରାଂ ଏ ହେଉଛି ଜଣେ ବିଶ୍ୱାସକାରୀ ବ୍ୟକ୍ତିର ଲକ୍ଷଣ ଏବଂ ଏହା ଆମମାନଙ୍କ ନିମନ୍ତେ ଆତ୍ମସମୀକ୍ଷା କରିବାର ଏକ ସ୍ତର ଅଟେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଏକ ବର୍ଣ୍ଣନାରେ ମତ୍‌ରଫ୍ (ବ୍ୟକ୍ତିଙ୍କ ନାମ) ନିଜର ପିତାଶ୍ରୀଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ମୁଁ ନବୀ କରୀମ୍ ସ.ଅଙ୍କ ପାଖକୁ ଯେତେବେଳେ ଆସିଲି ସେତେବେଳେ ଆପଣ ସ.ଅ اَلْهٰكُمُ التَّكَاثُرُ ର ତିଲାୱତ୍ (ଆବୃତ୍ତି) କରୁଥିଲେ । ଆପଣ ସ.ଅ କହିଲେ, ଇବ୍‌ନେ ଆଦମ୍ ଏହା କହିଥାଏ ଯେ, ମୋର ଧନ, ମୋର ଧନ । ଅର୍ଥାତ୍ ଧନୀକ ବ୍ୟକ୍ତି ଏହା କହିଥାଏ ଯେ, ଏହା ମୋର ଧନ ଅଟେ । ଆପଣ ସ.ଅ କହିଲେ, ହେ ଇବ୍‌ନେ ଆଦମ୍ ! ତୋରି ଧନକୁ ତୁ ହିଁ ଖାଇଲୁ ଏବଂ ସମାପ୍ତ କରିଦେଲୁ । ବସ୍ତ୍ର ପରିଧାନ (ପିନ୍ଧି) କରି ପୁରୁଣା କରିଦେଲୁ କିମ୍ବା ସଦ୍‌କା (ଦାନ କିରଦେଲୁ) ଦେଇଦେଲୁ । **(ସହି ମୁସ୍‌ଲିମ୍, ଉର୍ଦ୍ଦୁ ଅନୁବାଦକ, ଗ୍ରନ୍ଥଖଣ୍ଡ-15, ପୃ-155, କିତାବୁଜ୍ ଜୁହ୍‌ଦି ୱର୍ ରକାଇକି, ବାବ୍- ଅଦ୍ ଦୁନିୟା ସିଜ୍‌ନୁ ଲିଲ୍ ମୁମିନି ୱ**

ଜନ୍ନତୁ ଲିଲ୍ କାଫିରି, ହଦିସ୍ ନଂ-5244, ପ୍ରକାଶକ-ନୁର୍ ଫାଉଣ୍ଡେସନ)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଅତଏବ୍ ଆଁହଜରତ୍ ସ.ଅ କହିଲେ, ତୁମର ଧନ ହେଉଛି ସେହି ଧନ ଯାହାକୁ ତୁମେ ଖର୍ଚ୍ଚ (ବ୍ୟୟ) କଲ । କିନ୍ତୁ ସର୍ବୋତ୍ତମ ଧନ ହେଉଛି ସେହି ଧନ ଯାହାକୁ ତୁମେ ସଦକା କରିଦେଲେ ଏବଂ ତୁମେ ଅଲ୍ଲାଃତାଲାଙ୍କ ନିକଟରେ ତାହାକୁ ଉପସ୍ଥାପିତ କରିଦେଲ, ତାହାଙ୍କ ଭକ୍ତମାନଙ୍କ ସକାଶେ ଉପସ୍ଥାପିତ କରିଦେଲ ଓ ତାହାଙ୍କ ମାର୍ଗରେ ଉପସ୍ଥାପିତ କରିଦେଲ । ଏହି ଧନ ତୁମେ ପରକାଳରେ ଅନେକ ଗୁଣା କରି ମିଳିବ । ତେଣୁ ଅଲ୍ଲାଃତାଲା କହିଲେ, ସେହି ଲୋକମାନଙ୍କୁ କୌଣସି ଭୟ ରହିବ ନାହିଁ । ଯେପିରିକି ଆୟତରେ କୁହାଯାଇଛି ଯେ, ଏହି ଦାନକାରୀ ବ୍ୟକ୍ତିମାନେ ଦୁଃଖ କରିବେ ନାହିଁ । କାରଣ ସେମାନେ ଯେଉଁ ବଳିଦାନ ଦେଇଛନ୍ତି, ଯେଉଁ ବଦାନ୍ୟତା ଏବଂ ଯେଉଁ ଦାନଶୀଳତାମୂଳକ ଆଚରଣ ପ୍ରଦର୍ଶନ କରିଛନ୍ତି, ଯେଉଁମାନେ ନିଜର ଧନକୁ ଅନ୍ୟ ଉପରେ ଖର୍ଚ୍ଚ (ବ୍ୟୟ) କରିଛନ୍ତି ତାହା ସେମାନଙ୍କୁ ପରକାଳରେ ପ୍ରାପ୍ତ ହେବ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଅବ୍ଦୁଲ୍ଲାଃ ବିନ୍ ମସ୍ଉଦ୍ ର.ଅ କୁହନ୍ତି: "ନବୀ କରୀମ୍ ସ.ଅ କୁହନ୍ତି ଯେ, କେବଳ ଦୁଇଟି କଥା ଉପରେ ଗର୍ବ ପ୍ରକାଶ କରିବା ଉଚିତ୍। 1- ଅଲ୍ଲାଃତାଲା ଯେଉଁ ବ୍ୟକ୍ତିକୁ ଧନ ଦିଅନ୍ତି ସେହି ଧନକୁ ଉକ୍ତ ବ୍ୟକ୍ତିକୁ ସଠିକ୍ ସ୍ଥାନରେ ନିଃଶଙ୍କୋଚ ଭାବରେ ବ୍ୟୟ କରିବାର ସାମର୍ଥ୍ୟ ମଧ୍ୟ ପ୍ରଦାନ କରିଥାଆନ୍ତି । 2- ଯେଉଁ ବ୍ୟକ୍ତିକୁ ଅଲ୍ଲାଃତାଲା ବୁଦ୍ଧି, ବିବେକ ତାତ୍ତ୍ୱିକ ରହସ୍ୟ ପ୍ରଦାନ କରନ୍ତି ସେହି ବ୍ୟକ୍ତି ତଦନୁଯାୟୀ କୌଣସି ନିଷ୍ପତ୍ତି କିମ୍ବା ନିର୍ଣ୍ଣୟ କରିଥାଏ ଏବଂ ତାହା ଉପରେ ସେ କାର୍ଯ୍ୟାନୁସରଣ ମଧ୍ୟ କରିଥାଏ ଏବଂ ଅନ୍ୟମାନଙ୍କୁ ମଧ୍ୟ ଶିଖାଇଥାଏ।"**(ସହିହୁଲ୍ ବୁଖାରୀ, ଅନୁବାଦକ୍, ଗ୍ରନ୍ଥଖଣ୍ଡ-1, ପୃ-144-145, କିତାବୁଲ୍ ଇଲମି, ବାବୁଲ୍ ଇଗ୍‌ତିବାତି ଫିଲ୍ ଇଲ୍‌ମି ୱଲ୍ ହିକ୍‌ମତି, ହଦିସ୍ ନଂ-73, ପ୍ରକାଶକ- ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଅବୁ ଉମାମାହ୍ ର.ଅ କୁହନ୍ତି: ଏକ ଅବସରରେ ଉପଦେଶ ଦେଇ ଆପଣ ସ.ଅ କହିଲେ: " ହେ ଇବ୍‌ନେ ଆଦମ୍ ! ତୋର ଆବଶ୍ୟକତା ଠାରୁ ଅତିରିକ୍ତ ଅର୍ଥକୁ ବ୍ୟୟ କରିଦେବା ତୋ ପକ୍ଷେ ଉତ୍ତମ ଅଟେ । ଅଲ୍ଲାଃତାଲା ତୋତୋ ଯେଉଁ ଅର୍ଥ ଦେଇଛନ୍ତି, ତହିଁରୁ ଯାହା ତୁମର ଆବଶ୍ୟକତା ରହିଛି ନିଃସନ୍ଦେହ ରୂପେ ତୁମେ ତାହା ପୂରଣ କର । କିନ୍ତୁ ଏହା ଠାରୁ ଅତିରିକ୍ତ ଯେଉଁ ଅର୍ଥ ରହିଛି ତାହାକୁ ବ୍ୟୟ କର । ତୋର ଉକ୍ତ ଅର୍ଥ (ଧନକୁ) ଅଟକାଇ ରଖିବା ତୋ ନିମନ୍ତେ କ୍ଷତିକାରକ ଅଟେ ଏବଂ ଆବଶ୍ୟକ ସମୟରେ ସଞ୍ଚିତ କରିବା ପାଇଁ ତୋର ନିନ୍ଦା ତଥା ଭର୍ତ୍ସନା କରାଯିବ ନାହିଁ । ଅର୍ଥାତ୍ ତୁମର ଆବଶ୍ୟକତା ସମୟରେ ତୁମେ ନିଜର ଯେଉଁ ଅଭାବ ଏବଂ ଅସୁବିଧାକୁ ଦୂର କଲ ସେଥି ନିମନ୍ତେ ତୁମକୁ ପଚାରିଯିବ ନାହିଁ। କାରଣ ତୁ ଏହି ଧନ କାହିଁକି ରଖିଲୁ ? ତୁ ତହିଁରୁ ଆରମ୍ଭ କର ଯାହାର ଲାଳନ ପାଳନ କରିବାର ଦାୟିତ୍ୱ ତୋ ଉପରେ ନ୍ୟସ୍ତ ହୋଇଛି । ଅର୍ଥକୁ ବ୍ୟୟ କରିବାର ପନ୍ଥା ଏହିକି ଯେ, ତୁମମାନଙ୍କର ଯେଉଁ ଆବଶ୍ୟକତା ରହିଛି, ତୁମମାନଙ୍କର ଯେଉଁ ସନ୍ତାନମାନେ ରହିଛନ୍ତି, ତୁମର ଯେଉଁ ପତ୍ନି ରହିଛି, ତୁମର ଯେଉଁମାନେ ଅଭାବି ତଥା ଗରିବ ବନ୍ଧୁ ସଂପର୍କୀୟମାନେ ରହିଛନ୍ତି କିମ୍ବା ଯେଉଁମାନଙ୍କର ଲାଳନପାଳନ କରିବାର ଦାୟିତ୍ୱ ତୁମ ଉପରେ ନ୍ୟସ୍ତ କରାଯାଇଛି ସେମାନେ ତୁମର ଧନରୁ ପ୍ରଥମ ହିତାଧିକାରୀ ବ୍ୟକ୍ତି ଅଟନ୍ତି । ଆପଣ ସ.ଅ ପୁନଶ୍ଚ କହିଲେ, ଉପର ହାତ ତଳ ହାତ ଅପେକ୍ଷା ଅଧିକ ଉତ୍ତମ ଅଟେ । **(ସହି ମୁସ୍‌ଲିମ୍, ଉର୍ଦ୍ଦୁ ଅନୁବାଦକ, ଗ୍ରନ୍ଥଖଣ୍ଡ-4, ପୃ-209, କିତାବୁଜ୍ ଜକାତ୍, ବାବ୍-ବୟାନି ଅନ୍ନଲ୍ ୟଦୁଲ୍ ଉଲିୟା, ଖୈରୁମ୍ ମିନଲ୍ ୟଦିସ୍ ସୁଫ୍‌ଲା......,ହଦିସ୍ ନଂ-1704, ନୁର୍ ଫାଉଣ୍ଡେସନ୍)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଅବଦୁଲ୍ଲାଃ ବିନ୍ ମସଉଦ୍ ର.ଅ କୁହନ୍ତି: ନବୀ କରୀମ୍ ସ.ଅ କହିଲେ, ହେ ସାହାବାମାନେ ! ତୁମମାନଙ୍କ ମଧ୍ୟରୁ ଏପରି କିଏ ସେ ବ୍ୟକ୍ତି ଯାହାକୁ ନିଜର ଉତ୍ତରାଧିକାରୀମାନଙ୍କର ସମ୍ପତ୍ତି ନିଜର ସମ୍ପତ୍ତି ଅପେକ୍ଷା ଅଧିକ ପ୍ରିୟ ଅଟେ ? ଏପରି କେହି ରହିଛି ଯିଏ ଏହା କହିପାରିବ ଯେ, ମୋର ଉତ୍ତରାଧିକାରୀମାନଙ୍କୁ ମୁଁ ଯେଉଁ ସମ୍ପତ୍ତି ଦେଇକି ଯାଉଅଛି ସେହି ସମ୍ପତ୍ତିକୁ ମୁଁ ନିଜ ପାଖରେ ରଖିଥିଲ କିମ୍ବା ନିଜ ଉପରେ ଖର୍ଚ୍ଚ କରିଥିବି ତାହା ଅପେକ୍ଷା ଅଧିକ ପ୍ରିୟ ଅଟେ ? ଲୋକମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମମାନଙ୍କ ମଧ୍ୟରେ ଏପରି କେହି ନାହିଁ ଯାହାକୁ ନିଜର ଧନ ଏବଂ ନିଜର ସମ୍ପତ୍ତି ପ୍ରିୟ ନଥିବ । ସେ ଯାହା ହେଉ ଆମମାନଙ୍କ ନିକଟରେ ଯେଉଁ ସମ୍ପତ୍ତି ରହିଛି ତାହା ଆମମାନଙ୍କ ନିମନ୍ତେ ଅତି ପ୍ରିୟ ଅଟେ । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହେ ସାହାବାମାନେ ତାହାହେଲେ ସେହି ବ୍ୟକ୍ତିର ଧନ ସମ୍ପତ୍ତି ସେହି ଧନ ତଥା ସମ୍ପତ୍ତି ଅଟେ ଯାହାକୁ ସେ ଆଗକୁ ପ୍ରେରଣ କରିଛି । ଅର୍ଥାତ୍ ନିଜର ଉତ୍ତରାଧିକାରୀମାନଙ୍କୁ ପ୍ରେରଣ କରିଛି ଏବଂ ତାହା ତା'ର ଉତ୍ତରାଧିକାରୀମାନଙ୍କର ହିଁ ଧନ ସମ୍ପତ୍ତି ଅଟେ ଯାହାକୁ ସେ ପଛରେ ଛାଡ଼ି ଦେଇ ଆସିଛି । ଅର୍ଥାତ୍ ବ୍ୟକ୍ତିର ମୃତ୍ୟୁ ପରେ ଯେଉଁ ଧନ ସମ୍ପତ୍ତି ଥାଏ ତାହା ତା'ର ଉତ୍ତରାଧିକାରୀମାନଙ୍କର ହିଁ ଅଟେ। ଅର୍ଥାତ୍ ଯାହା ତୁମେ ଆଗକୁ ପ୍ରେରଣ କରିଦେଲ ଅର୍ଥାତ୍ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରିଦେଲ, ଅଭାବ ତଥା ଦରିଦ୍ରମାନଙ୍କୁ ସାହାଯ୍ୟ କଲ ତାହା ସର୍ବୋତ୍ତମ ଅଟେ। ପ୍ରଭୁଙ୍କ ପ୍ରସନ୍ନତା ସକାଶେ ବ୍ୟୟ କରାଯାଇଥିବା ସେହି ଧନର ତୁମମାନଙ୍କୁ ଉତ୍ତମ ପ୍ରତିଫଳ ଅବଶ୍ୟ ପ୍ରାପ୍ତ ହେବ। ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କହିଛନ୍ତି ଯେ, ଆଁହଜରତ୍ ସ.ଅ ନିଜର ଧନକୁ ନିଃଶଙ୍କୋଚ ବ୍ୟୟ କରିବା ଏବଂ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ କରିବା ସଂପର୍କରେ କରିଥିଲେ । **(ସହିହୁଲ୍ ବୁଖାରୀ, ଅନୁବାଦକ୍, ଗ୍ରନ୍ଥଖଣ୍ଡ-15, ପୃ-206-207, କିତାବୁଲ୍ ରିକାକ୍, ବାବ୍- ମା ତକଦ୍ଦମା ମିମ୍ ମାଲିହି ଫହୁଆ ଲହୁ, ହଦିସ୍ ନଂ-6442, ପ୍ରକାଶକ- ନଜାରତ୍ ଇଶାଅତ୍)** ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଏଥି ସଂକ୍ରାନ୍ତରେ ହ. ଅବ୍ଦୁଲ୍ଲାଃ ବିନ୍ ମସ୍ଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ହ. ବିଲାଲ୍ ର.ଅଙ୍କ ପାଖକୁ ଆସିଲେ ଏବଂ ତାଙ୍କ ପାଖରେ ଖଜୁରୀ କୋଳି ଗଦା ହୋଇଥିଲା ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଆପଣ ସ.ଅ କହିଲେ, ହେ ବିଲାଲ୍ ! ଏଇଟା କ'ଣ ଅଛି ? ପ୍ରତ୍ୟୁତ୍ତରରେ ହ. ବିଲାଲ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହା ମୁଁ ଆପଣ ସ.ଅଙ୍କ ସକାଶେ ଏବଂ ଆପଣ ସ.ଅଙ୍କ ଅତିଥିମାନଙ୍କ ସକାଶେ ଏକତ୍ରିତ କରି ରଖିଛି ହୁଜୁର୍ ଅନୱର୍ ଅ.ବ କହିଲେ, ଆପଣ ସ.ଅ କହିଲେ, ହେ ବିଲାଲ୍ ! କ'ଣ ତୁମେ ଉକ୍ତ କଥାରୁ ଡରୁ ନାହଁ ଯେ, ଏହି ଏକତ୍ରିତ ହୋଇଥିବା ଖଜୁରୀ କୋଳି ଗଦା ଉପରେ ନର୍କର ଉତ୍ତପ୍ତ ନିଆଁ ଲାଗିଯିବ । ପୁନଶ୍ଚ ଆପଣ ସ.ଅ ହ. ବିଲାଲ୍ ର.ଅଙ୍କୁ ଉପଦେଶ ଦେଇ କହିଲେ, ହେ ବିଲାଲ୍ ! ତୁମେ ନିଜର ପ୍ରିୟ ଧନକୁ ବ୍ୟୟ କରିଚାଲ ଏବଂ ଆକାଶର ସର୍ବୋଚ୍ଚ ଈଶ୍ୱରଙ୍କ ଥାଉ ଥାଉ ଦାରିଦ୍ର୍ୟତା ଏବଂ ବୁଭୁକ୍ଷତା (ଭୋକ ବା କ୍ଷୁଧା) ଠାରୁ ଭୟ କର ନାହିଁ । **(ଅଲ୍ ମୁଜିମୁଲ୍ କବିର୍, ଲିତ୍ ତିବ୍‌ରାନୀ, ଗ୍ରନ୍ଥଖଣ୍ଡ-1, ପୃ-340, ହଦିସ୍ ନଂ-1020, ବାବ୍-ଅଲ୍ ବାଆ ଅବ୍ଦୁଲ୍ଲାଃ ବିନ୍ ମସ୍ଉଦ୍ ର.ଅ, ମକ୍‌ତବା, ଇବ୍‌ନେ ତୈମିୟାହ୍, ଅଲ୍ କାହିରାହ୍)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ଆଁହଜରତ୍ ସ.ଅଙ୍କ ନିଜର ଆଦର୍ଶ ସଂପର୍କରେ ଏକ ଉଦାହରଣ ରହିଛି । ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ସେ ଏକ ଛେଳୀ ଜେବହ୍ କଲେ ଏବଂ ତା'ର ମାଂସ ଅଭାବି ଲୋକମାନଙ୍କ ମଧ୍ୟରେ ବାଣ୍ଟିଦେଲେ ଏବଂ ଆଉ କିଛି ମାଂସ ଘରେ ଖାଇବା ନିମନ୍ତେ ରଖିନେଲେ । ଆଁହଜରତ୍ ସ.ଅ ପଚାରିଲେ ଯେ, ହେ ଆଏଶା ! ଆଉ କେତେ ମାଂସ ବଳିଛି ? ପ୍ରତ୍ୟୁତ୍ତରରେ ହ. ଆଏଶା ର.ଅ କହିଲେ, କେବଳ ଛେଳୀ ଆଗ ଗୋଡ଼ର ମାଂସ ବଳିଛି । ଏକଥା ଶୁଣି ହୁଜୁର୍ ସ.ଅ କହିଲେ, ତୁମେ ଯାହା ବାଣ୍ଟିଲ ତାହା ସବୁ ସମାପ୍ତ ହୋଇଗଲା କିନ୍ତୁ ଏହି ଛେଳୀର ଆଗ ଗୋଡ଼ ମାଂସ ବଳି ଯାଇଛି ତେଣୁ ତୁମେ ମୋ ଖାଇବା ନିମନ୍ତେ ଛେଳୀର ଯେଉଁ ଆଗ ଗୋଡ଼ଟି ରଖିଛ ଏହା କୌଣସି ବ୍ୟକ୍ତିର କାମରେ ଆସିଲା ନାହିଁ। ପରକାଳରେ ତାହା ହିଁ କାମ ଦେବ ଯାହା ତୁମ ବ୍ୟୟ କରି ଦେଇଛ । **(ଯାମିଉତ୍ ତିର୍ମିଜି, କିତାବୁସ୍ ସିଫତିଲ୍ କିୟାମତ୍.....ବାବ୍-33, ହଦିସ୍ ନଂ-2470)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମୁଆୱିୟାହ୍ ର.ଅ ସମ୍ବୋଧିତ କରି କହିଲେ, ମୁଁ ନବୀ କରୀମ୍ ସ.ଅଙ୍କୁ ଏହା କହୁଥିବାର ଶୁଣିଛି ଯେ, ଆପଣ ସ.ଅ କହୁଥିଲେ ଯେ, ମୁଁ ତ' କେବଳ ଜଣେ ବଣ୍ଟନକାରୀ ବ୍ୟକ୍ତି ଅଟେ, ବାକି ଅଲ୍ଲାଃତାଲା ହିଁ ଅସଲ୍ ଦାତା ଅଟନ୍ତି। **(ସହିହୁଲ୍ ବୁଖାରୀ, କିତାବୁଲ୍ ଇଲମି, ବାବ୍-ମଇଁ ୟୁରିଦୁଲ୍ଲାଃ ଖୈରନ୍ ୟଫକ୍କହୁ ଫିଦ୍ଦିନ୍, ହଦିସ୍ ନଂ-71)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ବଦାନ୍ୟତା ଏବଂ ଦାନଶୀଳତା ଆପଣ ସ.ଅଙ୍କ କଲ୍ୟାଣମୟ ବାର୍ତ୍ତାବହ ହେବା ପୂର୍ବରୁ ସ୍ତରାନୁଯାୟୀ ସଂପୂର୍ଣ୍ଣ ରୂପେ ଦେଖିବାକୁ ମିଳୁଥିଲା । ଯେପରିକି ଆମେମାନେ ପାଠ କରିଥାଉ ଯେ, ଏହାର ସାକ୍ଷ୍ୟ ଆପଣ ସ.ଅଙ୍କ ପବିତ୍ର ପତ୍ନି ହ. ଖଦିଜା ର.ଅ ସେତେବେଳେ ଦେଲେ ଯେତେବେଳେ ରସୁଲ୍ କରୀମ୍ ସ.ଅଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହୋଇଥିଲା ଏବଂ ଆପଣ ସ.ଅ ଘାବରେଇ ଯାଇଥିଲେ (ବ୍ୟତୀବ୍ୟସ୍ତ ହୋଇ ଯାଇଥିଲେ) । ତେବେ ସେତେବେଳେ ହ. ଖଦିଜା ର.ଅ କହିଥିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଆଦୌ ଚିନ୍ତିତ ଏବଂ ଘାବରାନ୍ତୁ ନାହିଁ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଅଲ୍ଲାଃତାଲା ଆପଣ ସ.ଅଙ୍କୁ କେବେ ବି ତିରସ୍କୃତ କରିବେ ନାହିଁ । ଆପଣ ସ.ଅ ସଂପର୍କୀୟମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରୁଛନ୍ତି, ଅସାମର୍ଥ୍ୟ ଲୋକମାନଙ୍କର ବୋଝ ଉଠାଉଛନ୍ତି। ଆପଣ ସ.ଅ ସେହି ପୁଣ୍ୟ କରୁଛନ୍ତି ଯେଉଁ ପୁଣ୍ୟ ପୂର୍ବେ ନିଶ୍ଚିହ୍ନ ହୋଇଯାଇଥିଲା। ଅପଣ ସ.ଅ ଅତିଥି ସତ୍କାର କରନ୍ତି ଏବଂ ବିପଦାଗ୍ରସ୍ତ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିଥାଆନ୍ତି। **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ ସ.ଅ, ଗ୍ରନ୍ଥଖଣ୍ଡ-11, ପୃ-48, ବଜମେ ଇକବାଲ୍, ଲାହୋର୍, ସହିହୁଲ୍ ବୁଖାରୀ, କିତାବ୍ ବଦଅଲ୍ ୱହି, ବାବ୍-କୈଫା କାନା, ବଦଅଲ୍ ୱହି ଇଲା ରସୁଲୁଲ୍ଲାଃ ସ.ଅ, ହଦିସ୍ ନ- 3)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ଆଉ ଏକ ବର୍ଣ୍ଣନା ରହିଛି । ହ. ଅବୁ ସଇଦ୍ ଖୁଦ୍‌ରୀ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ, ଜଣେ ବିଶ୍ୱାସକାରୀ ବ୍ୟକ୍ତି ମଧ୍ୟରେ ଦୁଇଟି ଅଭ୍ୟାସ କେବେ ବି ଏକତ୍ରିତ ହୋଇ ପାରିବ ନାହିଁ । 1-କୃପଣତା ଏବଂ ଅନ୍ୟଟି 2-ଅଶିଷ୍ଟ ବା ଅସଭ୍ୟତାମୂଳକ ଆଚରଣ । ଅର୍ଥାତ୍ ବିଶ୍ୱାସକାରୀ ବ୍ୟକ୍ତି ମଧ୍ୟରେ ନା କୃପଣତା ହେବ ଓ ନା ହିଁ ଅଶିଷ୍ଟ ବା ଅସଭ୍ୟତାମୂଳକ ଆଚରଣ । ଏହା ମଧ୍ୟ ନିଜକୁ ପରଖିବାର ଏକ ଉତ୍ତମ ସ୍ତର ଅଟେ । **(ଯାମିଉତ୍ ତିର୍ମିଜି, କିତାବୁଲ୍ ବିର୍‌ରି ୱସ୍ ସିଲାତା, ବାବ୍- ମା ଯାଆ ଫିଲ୍ ବୁଖଲି, ହଦିସ୍ ନଂ-1962)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ କୃପଣତା ଠାରୁ ବର୍ତ୍ତିବା ନିମନ୍ତେ ଆପଣ ସ.ଅ ଆଦେଶ ଦେଇଛନ୍ତି । ହ. ଅବୁ ଜାବିର୍ ବିନ୍ ଅବ୍ଦୁଲ୍ଲାଃ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଅତ୍ୟାଚାରରୁ ବର୍ତ୍ତିବାକୁ ପ୍ରୟାସ କର । ନିଃସନ୍ଦେହ ରୂପେ ତୁମେମାନେ ଅତ୍ୟାଚାରରୁ ବର୍ତ୍ତିବାକୁ ପ୍ରୟାସ କର। କାରଣ ଅତ୍ୟାଚାର ପ୍ରଳୟ ଦିବସର ଅନ୍ଧକାର ଦିନ ହେବ । ସେହିପରି ତୁମେମାନେ କୃପଣତା ଏବଂ ଈର୍ଷା ଠାରୁ ମଧ୍ୟ ବର୍ତ୍ତିବାକୁ ପ୍ରୟାସ କର । ନିଃସନ୍ଦେହ ରୂପେ କୃପଣତା (କଞ୍ଜୁସ ପଣ) ତୁମ ପୂର୍ବ ଜାତିର ବିନାଶ କରିଥିଲା । ସେମାନଙ୍କୁ କୃପଣତା ହିଁ ଉସ୍‌କାଇଥିଲା ଏବଂ ସେମାନେ ରକ୍ତପାତ କଲେ ଓ ଅବୈଧ ପ୍ରସଙ୍ଗ ଏବଂ ବସ୍ତୁକୁ ନିଜ ନିମନ୍ତେ ବୈଧ ବୋଲି ମନେକଲେ । **(ସହି ମୁସ୍‌ଲିମ୍, ଉର୍ଦ୍ଦୁ ଅନୁବାଦକ, ଗ୍ରନ୍ଥଖଣ୍ଡ-13, ପୃ-242, କିତାବୁଲ୍ ବିର୍‌ରି ୱସ୍ସିଲତା, ବାବ୍- ତହ୍‌ରିମୁଜ୍ ଜୁଲ୍‌ମି, ହଦିସ୍ ନଂ-4661, ପ୍ରକାଶକ-ନୁର୍ ଫାଉଣ୍ଡେସନ୍)** ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଅବୁ ହୁରୈରାହ୍ ର.ଅ କୁହନ୍ତି: "ରସୁଲୁଲ୍ଲାଃ ସ.ଅ କହିଲେ, କୌଣସି ବ୍ୟକ୍ତି ମଧ୍ୟରେ ଅଲ୍ଲାଃତାଲାଙ୍କ ମାର୍ଗର ଧୂଳି ଏବଂ ନର୍କର ଧୂଆଁ ଏକତ୍ରିତ ହୋଇପାରିବ ନାହିଁ । ସେହିପରି କୌଣସି (ବିଶ୍ୱାସକାରୀ) ବ୍ୟକ୍ତିର

ହୃଦୟରେ କେବେ ବି ଈର୍ଷା, ଲୋଭ ଏବଂ କୃପଣତା ଏକତ୍ରିତ ହୋଇପାରିବ ନାହିଁ।" **(ସୁନନୁନ୍ ନିସାଇ, କିତାବୁଲ୍ ଜିହାଦ୍, ବାବ୍- ଫଜଲୁ ମିନ୍ ଅମଲି, ଫି ସବିଲିଲ୍ଲାଃ, ହଦିସ୍ ନଂ-3112)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେପରିକି ପୂର୍ବେ ମଧ୍ୟ ଏକ ବର୍ଣ୍ଣନା ବର୍ଣ୍ଣିତ ହୋଇ ସାରିଛି ଯେ, ଈର୍ଷା, ଲୋଭ ଏବଂ କୃପଣତା ଥିବା ବ୍ୟକ୍ତି କଦାପି ବିଶ୍ୱାସକାରୀ ହୋଇପାରିବ ନାହିଁ । ଅତଏବ୍ ଏ ହେଉଛି ବିଶ୍ୱାସକାରୀର ସ୍ତର । ଯଦି ଆପଣମାନେ ବିଶ୍ୱାସକାରୀ ହେବାକୁ ଚାହାନ୍ତି ତେବେ ଆପଣମାନଙ୍କୁ ଲୋଭ, ଈର୍ଷା ଠାରୁ ବର୍ତ୍ତିବାକୁ ପଡ଼ିବ ଏବଂ କୃପଣତା ଠାରୁ ବର୍ତ୍ତିବାକୁ ପଡ଼ିବ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ହୁରୈରାହ୍ ର.ଅ କୁହନ୍ତି: "ରସୁଲୁଲ୍ଲାଃ ସ.ଅ କହିଲେ, ଏପରି କୌଣସି ଦିନ ବିତି ନାହିଁ ଯେଉଁ ଦିନ ଦେବଦୂତମାନେ ଅବତୀର୍ଣ୍ଣ ହୋଇ ନଥିବେ । ଅର୍ଥାତ୍ ପ୍ରତ୍ୟେକ ଦିନ ଲୋକମାନେ ସକାଳେ ଉଠନ୍ତି ଏବଂ ଦେବଦୂତମାନେ ମଧ୍ୟ ଅବତୀର୍ଣ୍ଣ ହୁଅନ୍ତି । ସେହି ଅବତୀର୍ଣ୍ଣ ହୋଇଥିବା ଦେବଦୂତମାନଙ୍କ ମଧ୍ୟରୁ ଜଣେ ଦେବଦୂତ ଏହା କହିଥାଏ ଯେ, ହେ ଅଲ୍ଲାଃ ! ତୁମ୍ଭେ ବ୍ୟୟକାରୀ ବା ଖର୍ଚ୍ଚ କରୁଥିବା ବ୍ୟକ୍ତିକୁ ଆହୁରି ଦିଅ (ପ୍ରତିଦାନ ଦିଅ) । ଅନ୍ୟ ଦେବଦୂତ କହେ ଯେ, ହେ ଅଲ୍ଲାଃ ତୁମ୍ଭେ କୃପଣ ବ୍ୟକ୍ତିର ଧନକୁ ନଷ୍ଟ କରିଦିଅ ।"**(ସହିହୁଲ୍ ବୁଖାରୀ, ଅନୁବାଦକ୍, ଗ୍ରନ୍ଥଖଣ୍ଡ-3, ପୃ-66, କିତାବୁଜ୍ ଜକାତ୍, ବାବ୍- କୌଲଲ୍ଲାଃହି ତାଆଲା ଫଆମନା ଆତା ୱଉକା, ହଦିସ୍ ନଂ-1442, ପ୍ରକାଶକ-ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅର୍ଥାତ୍ ଯେଉଁ ବ୍ୟକ୍ତି ଅର୍ଥକୁ ଖର୍ଚ୍ଚ କରେ ତାକୁ ଖର୍ଚ୍ଚ ବଦଳରେ ଆହୁରି ଧନ ଦିଅ ଓ ଯେଉଁ ବ୍ୟକ୍ତି କୃପଣତା ପ୍ରଦର୍ଶ କରିଥାଏ ତା'ର ଧନକୁ ନଷ୍ଟ କରିଦିଅ । ତେଣୁ କୃପଣତା ଅବଲମ୍ବନକାରୀ ବ୍ୟକ୍ତିର ଧନରେ କଲ୍ୟାଣ ସୃଷ୍ଟି ହୋଇ ନଥାଏ । ଅନେକ ଲୋକମାନେ ଉକ୍ତ କଥାର ପରିପ୍ରକାଶ କିରଥାଆନ୍ତି ଏବଂ ପରକାଳରେ ମଧ୍ୟ ଏହି ଧନ ସେହି କୃପଣ ବ୍ୟକ୍ତିକୁ କଦାପି କୌଣସି ଲାଭ ପ୍ରଦାନ କରିବ ନାହିଁ । ଅଲ୍ଲାଃତାଲା ଏକ ସ୍ଥାନରେ କହିଛନ୍ତି ଯେ, ଯେଉଁ ଲୋକମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ତାହାଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ସକାଶେ ନିଜର ପ୍ରିୟ ଧନକୁ ବ୍ୟୟ କରିଥାଆନ୍ତି ସେହି ଲୋକମାନଙ୍କୁ ଅଲ୍ଲାଃତାଲା ଉତ୍ତମ ପ୍ରତିଫଳ ପ୍ରଦାନ କରିଥାଆନ୍ତି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଲୋକମାନଙ୍କ ମଧ୍ୟରେ ସର୍ବାଧିକ ଉତ୍ତମ ବ୍ୟକ୍ତି ଥିଲେ ଅର୍ଥାତ୍ ପୁରୁଷୋତ୍ତମ ବ୍ୟକ୍ତି ଥିଲେ । ଆପଣ ସ.ଅ ଲୋକମାନଙ୍କ ମଧ୍ୟରେ ସର୍ବାଧିକ ବଦାନ୍ୟକାରୀ ବ୍ୟକ୍ତି ଥିଲେ ଓ ଲୋକମାନଙ୍କ ମଧ୍ୟରେ ବୀର ଓ ସାହସୀ ବ୍ୟକ୍ତି ଥିଲେ । **(ସହି ମୁସ୍‌ଲିମ୍, ଉର୍ଦ୍ଦୁ ଅନୁବାଦକ, ଗ୍ରନ୍ଥଖଣ୍ଡ-12, ପୃ-217, କିତାବୁଲ୍ ଫଜାଇଲି, ବାବ୍- ଫି ଶୁଜାଅତିନ୍ ନବୀ ସ.ଅ ୱ ତକଦ୍ଦମା ଲିଲ୍ ହରବି, ହଦିସ୍ ନଂ-4252, ପ୍ରକାଶକ-ନୁର୍ ଫାଉଣ୍ଡେସନ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଏକ ବର୍ଣ୍ଣନାରେ ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ହେ ସାହାବାମାନେ ! କ'ଣ ମୁଁ ତୁମମାନଙ୍କୁ ବଦାନ୍ୟତା ପ୍ରଦର୍ଶକାରୀ ବ୍ୟକ୍ତି ମଧ୍ୟରୁ ସର୍ବାଧିକ ବଦାନ୍ୟ ପ୍ରଦର୍ଶନକାରୀ ବ୍ୟକ୍ତି ସଂପର୍କରେ କହିବି ନାହିଁ ? ପୁନଶ୍ଚ ଆପଣ ସ.ଅ କହିଲେ, ଅଲ୍ଲାଃତାଲା ସମସ୍ତ ବଦାନ୍ୟତା ପ୍ରଦର୍ଶନକାରୀମାନଙ୍କ ଅପେକ୍ଷା ସର୍ବୋତ୍ତମ ବଦାନ୍ୟ ପ୍ରଦର୍ଶନକାରୀ ଅଟନ୍ତି ଓ ମୁଁ ଆଦମ ଅ.ସଙ୍କ ପୁତ୍ରଙ୍କ ମଧ୍ୟରେ ଅର୍ଥାତ୍ ସମଗ୍ର ମାନବ ଜାତି ମଧ୍ୟରେ ସର୍ବାଧିକ ବଦାନ୍ୟତା ପ୍ରଦର୍ଶନକାରୀ ବ୍ୟକ୍ତି ଅଟେ । ଅର୍ଥାତ୍ ସମଗ୍ର ସଂସାରରେ ସର୍ବାଧିକ ବଦାନ୍ୟତା ପ୍ରଦର୍ଶକାରୀ ବ୍ୟକ୍ତିଙ୍କ ମଧ୍ୟରୁ ମୁଁ ଅନ୍ୟତମ ଅଟେ । **(ମଜ୍‌ମାଅଜ୍ ଜୱାଇଦି, ଗ୍ରନ୍ଥଖଣ୍ଡ-8, ପୃ-409, କିତାବୁ ଅଲାମାତିନ୍ ନୁବୁୱତ, ବାବ୍- ଫି ଜୁଦିହି ସ.ଅ, ହଦିସ୍ ନଂ-14178, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2001)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ପୁଣ୍ୟ ଏବଂ କଲ୍ୟାଣରେ ସମସ୍ତ ଲୋକମାନଙ୍କ ଅପେକ୍ଷା ସର୍ବାଧିକ ବଦାନ୍ୟ ବ୍ୟକ୍ତି ଥିଲେ । ଆପଣ ସ.ଅ ରମ୍‌ଜାନ୍ ମାସରେ ସର୍ବାଧିକ ବଦାନ୍ୟ ବ୍ୟକ୍ତି ହୋଇ ଯାଉଥିଲେ । ହ. ଜିବ୍ରାଇଲ୍ ଅ.ସ ପ୍ରତ୍ୟେକ ବର୍ଷ ରମଜାନ୍ ମାସରେ ଆପଣ ଅ.ସଙ୍କୁ ସାକ୍ଷାତ୍ କରୁଥିଲେ । ଏପର୍ଯ୍ୟନ୍ତକି ସେହି ରମ୍‌ଜାନ୍ ମାସଟି ଅତିକ୍ରାନ୍ତ ହୋଇଯାଉଥିଲା । ରସୁଲୁଲ୍ଲାଃ ସ.ଅ ହ. ଜିବ୍ରାଇଲ୍ ଅ.ସଙ୍କୁ ପବିତ୍ର କୁରଆନ୍ କରୀମ୍ ପାଠ କରି ଶୁଣାଉଥିଲେ । ଯେତେବେଳେ ହ. ଜିବ୍ରାଇଲ୍ ଅ.ସ ଆଁହଜରତ୍ ସ.ଅଙ୍କୁ ଭେଟୁଥିଲେ ସେତେବେଳେ ଆଁହଜରତ୍ ସ.ଅ ଦ୍ରୁତଗାମୀ ଝଡ଼ ପବନ ଠାରୁ ମଧ୍ୟ ଅଧିକ ବଦାନ୍ୟ ହୋଇଯାଉଥିଲେ । ଅର୍ଥାତ୍ ଆପଣ ସ.ଅ ଏପରି ଅର୍ଥ ବ୍ୟୟ କରୁଥିଲେ ଯେପରି ଝଡ଼ ପବନ ଆସିଥିବ । **(ସହି ମୁସ୍‌ଲିମ୍, ଉର୍ଦ୍ଦୁ ଅନୁବାଦକ, ଗ୍ରନ୍ଥଖଣ୍ଡ-12, ପୃ-218-219, କିତାବୁସ୍ ଫଜାଇଲି, ବାବ୍- କାନନ୍ ନବୀୟୁ ସ.ଅ ଅଜୱଦୁନ୍ ନାସା ବିଲ୍ ଖୈରି, ହଦିସ୍ ନଂ-4254, ପ୍ରକାଶକ-ନୁର୍ ଫାଉଣ୍ଡେସନ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଉକ୍ତ କଥାକୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ଏକ ଖୁତ୍‌ବାରେ ଏହିପରି ବର୍ଣ୍ଣନା କରିଛନ୍ତି ଯେ, ଯେତେବେଳେ ଆପଣ ସ.ଅ ବଦାନ୍ୟତା ପ୍ରଦର୍ଶନ କରୁଥିଲେ ସେତେବେଳେ ଆପଣ ସ.ଅ ଏତେ ବଦାନ୍ୟ ପ୍ରଦର୍ଶନ କରୁଥିଲେ ଯେ, ସାହାବାମାନେ ବର୍ଣ୍ଣନା କରନ୍ତି ଯେ, ଆପଣ ସ.ଅ ରମ୍‌ଜାନ୍ ମାସରେ ବିଶେଷ କରି ଏପରି ବଦାନ୍ୟତା ପ୍ରଦର୍ଶ କରୁଥିଲେ ଯେପରିକି କୌଣସି ଦ୍ରୁତଗାମୀ ଝଡ଼ ପବନ୍ ବହିଥାଏ । ପୁନଶ୍ଚ ତତ୍‌ସହିତ لَا تُبَذِّرْ تَبْذِيرًا କୁ ଆପଣ ସ.ଅ କାର୍ଯ୍ୟକାରୀ କରୁଥିଲେ । ଅର୍ଥାତ୍ ବଦାନ୍ୟତାକୁ ଅପଚୟ ଅର୍ଥାତ ହାତଛଡ଼ା କରୁ ନଥିଲେ ଏବଂ ଅଯଥା ଅପବ୍ୟବହାର କରୁ ନଥିଲେ । ଆପଣ ସ.ଅଙ୍କ ମଧ୍ୟରେ ବଦାନ୍ୟତା ଥିଲା ଏବଂ ଅଲ୍ଲାଃତାଲାଙ୍କର ମଧ୍ୟ ଏହି ଆଦେଶ ରିହଥିଲା ଯେ, ଧନକୁ ଅଯଥା ଅପଚୟ କରିବା ଉଚିତ୍ ନୁହେଁ । ଅକାରଣରେ ଧନକୁ ଅପଚୟ କରିବା ଉ୍‌ଚିତ୍ ନୁହଁ । ଅଲ୍ଲାଃତାଲା ଅଯଥା ଅପଚୟରୁ ଅଟକାଇଛନ୍ତି । ହାତିମ୍ ତାଇ ନାମକ ବ୍ୟକ୍ତିର ବଦାନ୍ୟତା ଥିଲା। କିନ୍ତୁ ସେ ସଠିକ୍ ସ୍ଥାନରେ ଧନକୁ ବ୍ୟୟ କରୁ ନଥିଲା । ଅର୍ଥାତ୍ ହାତିମ୍ ତାଇ ଜଣେ ମହାନ ବଦାନ୍ୟ ବ୍ୟକ୍ତି ଥିଲା । କିନ୍ତୁ ତା'ର ବଦାନ୍ୟତା ସ୍ଥାନ ଏବଂ କାଳ ଦୃଷ୍ଟିରୁ ସଠିକ୍ ନଥିଲା । ସେ କିଛି ନବୁଝି ନବିଚାରି ଅର୍ଥ ବ୍ୟୟ କରୁଥିଲା । କାରଣ "ତା'ର ବଦାନ୍ୟତା ମିଠା ଦୋକାନୀ ଉପରେ ଜେଜଙ୍କ ଫାତିହାମୂଳକ ବଦାନ୍ୟତା ଥିଲା" ଏହା ଏକ ଆପ୍ତ ବାକ୍ୟ ଅଟେ । ନିଜର ତ' ଧନ ନାହିଁ କିନ୍ତୁ ବାପାଙ୍କ ଧନ ଉପରେ ତା'ର ବା କି ଅଧିକାର ଯେ, ସେ ତାହାକୁ ବ୍ୟୟ କରି ଦେଉଥିଲା ? ହାତିମ୍ ତାଇ ସଂପର୍କରେ ବର୍ଣ୍ଣିତ ହୋଇଛି ଯେ, ବାଲ୍ୟ କାଳରୁ ତା'ର ସ୍ୱଭାବରେ ବିଦାନ୍ୟତା ରହିଥିଲା ଏବଂ ପରିଶେଷରେ ତା'ର ପିତା ଏହା ଦେଖିଲା ଯେ, ତା'ର ପୁତ୍ର ଉପାର୍ଜିତ ଧନକୁ ଅଯଥାରେ ଖର୍ଚ୍ଚ କରି ଚାଲିଛି ଏବଂ ବାଣ୍ଟି ଚାଲିଛି । ତେଣୁ ସେ ତା' ପୁତ୍ରକୁ ବାହାରକୁ ପଠାଇଦେଲା ଏବଂ କହିଲା, ପୁତ୍ର ! ତୁମେ ଓଟମାନଙ୍କର ଦେଖାଶୁଣା କର । ଦିନେ ସେ ଦେଖିଲା ଯେ, ତିନି ଜଣ ବ୍ୟକ୍ତି ଆସିଲେ । ସେହି ତିନି ଜଣ ବ୍ୟକ୍ତିମାନେ ମହାନ କବି ଥିଲେ । ସେମାନେ ହାତିମ୍ ତାଇକୁ ଯାତ୍ରାରେ (ସଫର୍ କରୁଥିବାର) ଦେଖିଲେ ଯେ, ହାତିମ୍ ତାଇ ସେମାନଙ୍କ ନିମନ୍ତେ ଅର୍ଥାତ୍ ଅତିଥି ସତ୍କାର ନିମନ୍ତେ ତିନୋଟି ଓଟ ମଧ୍ୟ ଉତ୍ସର୍ଗ କରିଦେଲା । ସେମାନେ କହିଲେ, ହେ ହାତିମ୍ ତାଇ ! ଆମେମାନେ ତିନିଜଣ ବ୍ୟକ୍ତି ଅଟୁ, ଆମମାନଙ୍କ ନିମନ୍ତେ ଗୋଟିଏ ଓଟ ଯଥେଷ୍ଟ ଅଟେ । ପ୍ରତ୍ୟୁତ୍ତରରେ ସେ କହିଲା, ନା । ଯଦି ମୁଁ ଗୋଟିଏ ଓଟ ଜେବହ୍ କରିବି ତେବେ ଅନ୍ୟ ଦୁଇ ଜଣ କବି ମାଧମ ହୋଇଯିବେ । ତେଣୁ ସେହି ସମ୍ପତ୍ତି ତା' ବାପାର ସମ୍ପତ୍ତି ଥିଲା । ମାଗଣା ସମ୍ପତ୍ତି ଥିଲା । ତେଣୁ ସେ ସେମାନଙ୍କ ନିମନ୍ତେ ତିନୋଟି ଓଟ ଜେବହ୍ କରିଦେଲା । ଓଟ ବଳି ଯାଇଥିବ ଅବା ଅପଚୟ ହୋଇଯାଇଥିବ ଅବା କାହାକୁ ଦେଇ ଦେଇଥିବ । ତେଣୁ ତା' ପିତାକୁ ଏକଥା ବହୁତ ଖରାପ ଲାଗିଲା ଯେ, ମୋର କଷ୍ଟୋପାର୍ଜିତ ଧନକୁ ମୋ ପୁଅ ଏହପିରି ଖର୍ଚ୍ଚ କରି ଚାଲିଛି । କିନ୍ତୁ ଆଁହଜରତ୍ ସ.ଅଙ୍କ ପାଖରେ ଯେଉଁ ଅର୍ଥ ବି ଆସୁଥିଲା ତାହା ଆପଣ ସ.ଅଙ୍କର ହିଁ ଅର୍ଥ (ଧନ) ହେଉଥିଲା ଏବଂ ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ଅନୁଯାୟୀ ସ୍ଥାନ, କାଳ ଓ ପାତ୍ର ଦୃଷ୍ଟିରୁ ଆପଣ ବ୍ୟୟ କରୁଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏଠାରେ ସେହି ଆହଦିସ୍‌ର ସ୍ପଷ୍ଟୀକରଣ ହୋଇଯାଇଛି ଯେଉଁଠି ଆପଣ ସ.ଅ କହିଛନ୍ତି ଯେ, ଧନକୁ ନିଶଙ୍କୋଚ ବ୍ୟୟ କର। କହିବାର ତାତ୍ପର୍ଯ୍ୟ ଏହିକି ଯେ, ଧନକୁ ଯଥା ସ୍ଥାନ ଏବଂ ଯଥା ସମୟ ବ୍ୟୟ କର । ଯଥା ସ୍ଥାନ ଏବଂ ଯଥା ସମୟରେ ଧନ ବ୍ୟୟ କରିବାକୁ ଦ୍ୱନ୍ଦ୍ୱ ପ୍ରକାଶ କରିବା ଉଚିତ୍ ନୁହଁ । ଏହା ନୁହେଁ ଯେ, ଜଙ୍ଗଲରେ ତିନିଜଣ ଲୋକ ଆସିଛନ୍ତି ଏବଂ ତିନିଜଣଙ୍କ ପାଇଁ ତିନୋଟି ଓଟ ଜେବହ୍ କରାଯାଉ । ଅପର ମୁହୂର୍ତ୍ତରେ ସେହି ଓଟମାନଙ୍କର ମାଂସ ଅପଚୟ ହୋଇଯିବ । କାରଣ ସେଠାରେ ତ' ଅନ୍ୟ କେହି ସେବନକାରୀ ଲୋକ ନାହାନ୍ତି । ନିଃସନ୍ଦେହ ରୂପେ ଜଙ୍ଗଲରେ ଆଉ କେହି ମିଳି ନଥିବ ମାଂସ ଖାଇବା ପାଇଁ । ଯଦିବି କେବେ ମିଳି ଯାଇଥିବେ ତେବେ କିଛି ଲୋକ ମିଳି ଯାଇଥିବେ । ତଥାପି ଅଧିକ ମାଂସ ବଳି ଯାଇଥିବ ଏବଂ ଅପଚୟ ଓ ନଷ୍ଟ ହୋଇଗଲା । ତେଣୁ ଏହାର କୌଣସି ଲାଭ ନାହିଁ । ତେଣୁ ସିଠିକ୍ ସମୟ ଏବଂ ସଠିକ୍ ସ୍ଥାନରେ ଅର୍ଥକୁ ବ୍ୟୟ କରିବା ଉଚିତ୍ । ଯଦି ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ବ୍ୟୟ କରୁଛନ୍ତି ଏବଂ ସମୟ ଅନୁଯାୟୀ ଅର୍ଥ ବ୍ୟୟ କୁରଛନ୍ତି ତାହାହେଲେ ନିଶ୍ଚିନ୍ତ ହୋଇ ରୁହନ୍ତୁ । କାରଣ ସେମାନଙ୍କୁ ଅଲ୍ଲାଃତାଲା ଏହି ପ୍ରତିଶ୍ରୁତି ଦେଇଛନ୍ତି । ଯେପରିକି ଆୟତ୍‌ରେ ଅଲ୍ଲାଃତାଲା କହିଛନ୍ତି ଯେ, ସେମାନେ ଦୁଃଖିତ ଓ ଚିନ୍ତିତ ହେବେ ନାହିଁ । ସେ ଯାହା ହେଉ ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଯେପରିକି ମୁଁ କହିଲି ଯେ, ଏହାର ବିପରୀତରେ ଆଁହଜରତ୍ ସ.ଅ ଏପରି ବଦାନ୍ୟ ଥିଲେ ଯେ, ସାହାବାମାନେ କୁହନ୍ତି ଯେ, ରମ୍‌ଜାନ୍ ଦିନମାନଙ୍କରେ ଆପଣ ସ.ଅ ଏତେ ଦାନ ଧର୍ମ କରୁଥିଲେ ଯେପରିକି ଦ୍ରୁତ ଗତିରେ ଝଡ଼ ପବନ ବହିଥାଏ । କିନ୍ତୁ ଅନ୍ୟ ପଟରେ ଆପଣ ସ.ଅ ଭାବି ଚିନ୍ତି ଅର୍ଥକୁ ବ୍ୟୟ କରୁଥିଲେ ।"**(ଖୁତ୍‌ବାରେ ମହ୍‌ମୁଦ୍, ଗ୍ରନ୍ଥଖଣ୍ଡ-18, ପୃ-641, ବୁଲୁଗୁଲ୍ ଅରବ୍ ଫି ମାଆରିଫତି ଅହୱାଲିଲ୍ ଅରବିରୁ ଉଦ୍ଧୃତ, ଗ୍ରନ୍ଥଖଣ୍ଡ-1, ପୃ-74, ହାତିମ୍ ତାଇ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 2020 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: "ଯଦି ମୋ ପାଖରେ ତାହା ପର୍ବତ (ଅର୍ଥାତ୍ ଆରବ ଉପକୂଳବର୍ତ୍ତୀ ପର୍ବତ ଶୃଙ୍ଖଳା) ତୁଲ୍ୟ ସୁନା ଥାଆନ୍ତା ତେବେ ମୁଁ ସେହି ସମସ୍ତ ସୁନାକୁ ତୁମମାନଙ୍କ ମଧ୍ୟରେ ବାଣ୍ଟି ଦିଅନ୍ତି ଓ ତୁମେ ମୋତେ ମିଥ୍ୟାବାଦୀ କିମ୍ବା କୃପଣ ପାଇବ ନାହିଁ ।" **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-7, ପୃ-53, ଫି କରମହୁ ଉଜୁହି ସ.ଅ, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-1993 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ବର୍ଣ୍ଣନା ରହିଛି । ହ. ଅବୁ ଜର୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ନବୀ କରୀମ୍ ସ.ଅଙ୍କ ସହିତ ମଦିନା ଚାଲି ଯାଉଥିଲି କି ଠିକ୍ ସେତକିବେଳେ ୱହୋଦ୍ ପର୍ବତ ଆମ ସମ୍ମୁଖକୁ ଚାଲି ଆସିଲା । ଆପଣ ସ.ଅ କହିଲେ, ହେ ଅବୁ ଜର୍ ! ମୁଁ କହିଲି, ଆଜ୍ଞା ହେ ଅଲ୍ଲାଃଙ୍କ ବାର୍ତ୍ତାବହ ସ.ଅ ! ମୁଁ ଉପସ୍ଥିତ ଅଛି । ଆପଣ ସ.ଅ କହିଲେ, ମୋତେ ଉକ୍ତ କଥା ପ୍ରସନ୍ନ କରାଉ ନାହିଁ ଯେ, ମୋ ପାଖରେ ସେହି ୱହୋଦ୍ ପର୍ବତ ତୁଲ୍ୟ ସୁନା ଥାଉ ଏବଂ ତୃତୀୟ ରାତ୍ର ମୋ ଉପରେ ଅତିକ୍ରାନ୍ତ ହୋଇଯିବ ଏବଂ ସେହି ସୁନା ମଧ୍ୟରୁ ମୋ ପାଖରେ ଋଣ ବ୍ୟତୀତ ଗୋଟିଏ ବି ଦିନାର ମହଜୁଦ୍ ରହୁ । ଅର୍ଥାତ୍ ଋଣ ପରିଶୋଧ କରିବା ନିମନ୍ତେ ମୋ ପାଖରେ ଯେତିକି ଦିନାର ରହିଛି ତାହାକୁ ବାଦ୍ ଦେଲେ ମୋ ପାଖରେ ଆଉ କିଛି ଦିନାର ନରହୁ। ବରଂ ମୁଁ ଅବଶ୍ୟ ଅଲ୍ଲାଃତାଲାଙ୍କ ଭକ୍ତମାନଙ୍କ ମଧ୍ୟରେ ସେହି ଧନକୁ ଏପରି ସେପରି ବ୍ୟୟ କରିଦେବି । ଅର୍ଥାତ୍ ନିଜର ବାମ ପାର୍ଶ୍ୱରେ, ଡାହାଣ ପାର୍ଶ୍ୱରେ, ଆଗରେ ପଛରେ ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ମୁଁ ସେହି ଧନକୁ ବାଣ୍ଟିଦେବି । ଆପଣ ସ.ଅ ଚାଲିଲେ ଏବଂ

କହିଲେ, ଯେଉଁମାନେ ଧନୀକ ଅଟନ୍ତି ସେହିମାନେ ହିଁ ପ୍ରଳୟ ଦିବସ ଦିନ ଶୂନ୍ୟହସ୍ତ ରହିବେ । ଯେଉଁ ଲୋକମାନେ ଧାନାଢ୍ୟ ଅଟନ୍ତି ଏବଂ ଧନ ଏକତ୍ରିତ କରିଥାଆନ୍ତି, ଧନକୁ ସେମାନେ ଅଭାବି ତଥା ଦରିଦ୍ର ଲୋକମାନଙ୍କ ଉପରେ ବ୍ୟୟ କରନ୍ତି ନାହିଁ ତେବେ ସେମାନେ ପ୍ରଳୟ ଦିବସ ଦିନ ଶୂନ୍ୟ ହସ୍ତ ରହିବେ । କିନ୍ତୁ ସେହି ବ୍ୟକ୍ତି ନୁହଁ ଯିଏ ଧନକୁ ଏପରି ଏପରି ବ୍ୟୟ କରୁଥିବ । ଅର୍ଥାତ୍ ଯେଉଁ ବ୍ୟକ୍ତି ଧନକୁ ପ୍ରଭୁଙ୍କ ସକାଶେ, ଅଭାବି ତଥା ଦରିଦ୍ର ବ୍ୟକ୍ତିମାନଙ୍କ ଉପରେ ବ୍ୟୟ କରୁଥିବ ସେହି ବ୍ୟକ୍ତି ଶୂନ୍ୟହସ୍ତ ରହିବ ନାହିଁ। ଏପରି ବ୍ୟକ୍ତିମାନେ ଖୁବ୍ କ୍ୱଚିତ୍ ଅଟନ୍ତି ଯେଉଁମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ଧନକୁ ଏପରି ବ୍ୟୟ କରିଥାଆନ୍ତି । ଯେଉଁମାନେ ଧନାଢ୍ୟ ଅଟନ୍ତି ସେମାନେ କୃପଣତା ପ୍ରଦର୍ଶନ କରନ୍ତି ନାହିଁ । ବରଂ ଅଲ୍ଲାଃତାଲାଙ୍କ ମାର୍ଗରେ ବିଶ୍ୱାସକାରୀ ଧନାଢ୍ୟ ବ୍ୟକ୍ତି ନିର୍ଭୀକ ଭାବରେ ନିଜର ଧନକୁ ବ୍ୟୟ କରିଥାଆନ୍ତି। ପୁନଶ୍ଚ ଅଲ୍ଲାଃତାଲା ମଧ୍ୟ ସେମାନଙ୍କୁ ଆହୁରି ଧନ ପ୍ରଦାନ କରନ୍ତି ଓ ସେମାନଙ୍କୁ ପୁରସ୍କୃତ କରି ଚାଲନ୍ତି । **(ସହିହୁଲ୍ ବୁଖାରୀ, ଅନୁବାଦକ, ଗ୍ରନ୍ଥଖଣ୍ଡ-15, ପୃ-211-212, କିତାବୁର୍ ରିକାକି, ବାବ୍ କୌଲନ୍ ନବୀ ସ.ଅ ମା ୟସ୍ସିରନି ଅନ୍ ଇନ୍ଦି ମିସ୍ଲକୁ ଓହୋଦିନ୍ ହାଜା ଜବଲ୍, ହଦିସ୍ ନଂ-6444, ପ୍ରକାଶକ- ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ବ୍ୟକ୍ତି ନବୀ କରୀମ୍ ସ.ଅଙ୍କୁ ଦୁଇ ପର୍ବତ ମଧ୍ୟରେ ଥିବା ସମସ୍ତ ଛେଳୀ ମାଗିନେଲା ଏବଂ ଆପଣ ସ.ଅ ସେହି ବ୍ୟକ୍ତିକୁ ସମସ୍ତ ଛେଳୀ ତାକୁ ପ୍ରଦାନ ମଧ୍ୟ କରିଦେଲେ । ପୁନଶ୍ଚ ସେହି ବ୍ୟକ୍ତି ନିଜର ଜାତିର ସଦସ୍ୟଙ୍କ ପାଖକୁ ଫେରିଲା ଏବଂ ସେମାନଙ୍କୁ କହିଲା, ହେ ମୋର ଜାତିମାନେ ! ତୁମେମାନେ ଇସଲାମ୍ ଧର୍ମ ଗ୍ରହଣ କରିନିଅ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ମୁହମ୍ମଦ ସ.ଅ ତ' ଏତେ ଦିଅନ୍ତି ଯେ, ଅଭାବ ଏବଂ ଦରିଦ୍ର ହେବାର ମଧ୍ୟରେ ଭୟ ରହୁ ନାହିଁ । ହ. ଅନସ୍ ର.ଅ କୁହନ୍ତି ଯେ, ବେଳେବେଳେ କୌଣସି ବ୍ୟକ୍ତି କେବଳ ସଂସାର ସକାଶେ ଇସ୍ଲାମ୍ ଧର୍ମ ସ୍ୱୀକାର କରୁଥିଲା । କିନ୍ତୁ ଯେତେବେଳେ ବି ସେ ଇସ୍ଲାମ୍ ଧର୍ମ ସ୍ୱୀକାର କରୁଥିଲା ସେତେବେଳେ ଇସ୍ଲାମ୍ ଧର୍ମ ସଂସାର ଓ ସଂସାରର ବସ୍ତୁ ଠାରୁ ମଧ୍ୟ ଅଧିକ ପ୍ରିୟତମ ହୋଇଯାଉଥିଲା । **(ସହି ମୁସଲିମ୍, ଉର୍ଦ୍ଦୁ ଅନୁବାଦକ, ଗ୍ରନ୍ଥଖଣ୍ଡ-12, ପୃ- 223-224, କିତାବୁଲ୍ ଫଜାଇଲି, ବାବ୍- ମା ସାଆଲା ରସୁଲୁଲ୍ଲାଃ ସ.ଅ, ଶୈଅନ୍ କତ୍ତୁ, ଫକାଲା ଲା, ହଦିସ୍ ନଂ-4262, ପ୍ରକାଶକ- ନୁର୍ ଫାଉଣ୍ଡେସନ୍)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଆସନ୍ତା କାଲି ପାଇଁ କିଛି ବି ସଞ୍ଚୟ କରି ରଖୁ ନଥିଲେ । **(ଶମାଇଲୁନ୍ ନବୀ ସ.ଅ, ପୃ-148, ବାବ୍- ମା ଯାଆ ଫି ଖଲ୍କି ରସୁଲୁଲ୍ଲାଃ, ହଦିସ୍ ନଂ-339 ପ୍ରକାଶକ-ନୁର୍ ଫାଉଣ୍ଡେସନ୍)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଉକ୍ବା ବିନ୍ ହାରିସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଆମମାନଙ୍କୁ ଅସର୍ ନମାଜ ପାଠ କରାଇଲେ । ପୁନଶ୍ଚ ଏତଦ୍‌ପରେ ଆପଣ ସ.ଅ ଶୀଘ୍ର ଘରକୁ ଗଲେ ଏବଂ କିଛି ସମୟ ପରେ ବାହାରକୁ ବାହାରିଲେ। ବର୍ଣ୍ଣନାକାରୀ କୁହନ୍ତି ଯେ, ମୁଁ ଆପଣ ସ.ଅଙ୍କୁ ପଚାରିଲି ଅବା ଆଉ କେହି ଆପଣ ସ.ଅଙ୍କୁ ପଚାରିଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଘରକୁ କାହିଁକି ଯାଇଥିଲେ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହେ ସାହାବାମାନେ ! ଘରେ ମୁଁ ସଦ୍‌କାର (ଦାନ) ମଧ୍ୟରୁ ଗୋଟିଏ ସୁନା ଖଣ୍ଡ ଛାଡ଼ି ଦେଇ ଆସିଥିଲି । ତେଣୁ ମୁଁ ଉକ୍ତ କଥାକୁ ପସନ୍ଦ କଲି ନାହିଁ ଯେ, ସେହି ସୁନା ଖଣ୍ଡଟି ମୋ ପାଖରେ ରାତି ସାରା ରହୁ । ତେଣୁ ମୁଁ ସେହି ସୁନା ଖଣ୍ଡକୁ ଘରୁ ଆଣିବାକୁ ଯାଇଥିଲି ଓ ମୁଁ ଏହା ଚାହିଁଲି ଯେ, ମୁଁ ସେହି ସୁନା ଖଣ୍ଡକୁ ବାଣ୍ଟିଦେବି । **(ସହିହୁଲ୍ ବୁଖାରୀ, ଅନୁବାଦକ, ଗ୍ରନ୍ଥଖଣ୍ଡ-3, ପୃ-211-212, କିତାବୁଜ୍ ଜକାତ୍, ବାବ୍- ମନ୍ ଅହବ୍‌ବା ତାଆଜିଲସ୍ ସଦକତି, ହଦିସ୍ ନଂ- 1430, ପ୍ରକାଶକ- ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଉମ୍ମେ ସଲ୍‌ମା ର.ଅ କୁହନ୍ତି ଯେ, ରସୁଲୁଲ୍ଲାଃ ସ.ଅ ମୋ ପାଖକୁ ଆସିଲେ ଏବଂ ଆପଣ ସ.ଅଙ୍କ ମୁଖ ମଣ୍ଡଳର ରଙ୍ଗ ବିବର୍ଣ୍ଣ ହୋଇଯାଇଥିଲା। ହ. ଉମ୍ମେ ସଲ୍‌ମା ର.ଅ କହିଲେ, ମୁଁ ଭାବିଲି ଯେ, କୌଣସି କଷ୍ଟ କିମ୍ବା କୌଣସି ସମସ୍ୟା ଯୋଗୁଁ ଏପରି ହୋଇଯାଇଥିବ । ତେଣୁ ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଆପଣ ସ.ଅଙ୍କ ମୁଖମଣ୍ଡଳ ବିବର୍ଣ୍ଣ ଥିବାର ଦେଖୁଛି । କ'ଣ ଏହି ବିବର୍ଣ୍ଣ ଅର୍ଥାତ୍ ପରିବର୍ତ୍ତନ କୌଣସି କଷ୍ଟ ଯୋଗୁଁ ହୋଇଛି କି ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ନା ! ଏହି 7 ଦିନାର୍ ଯୋଗୁଁ ଯାହା ଆମ ପାଖରେ ରହିଛି ସନ୍ଧ୍ୟା ସମୟରେ ଆସିଥିଲା ସେହି ଦିନାରକୁ ମୁଁ ଖର୍ଚ୍ଚ କରି ପାରିଲି ନାହିଁ । ତେଣୁ ସେଇଥି ପାଇଁ ମୋ ମୁହଁର ରଙ୍ଗ ପରିବର୍ତ୍ତନ ହୋଇଥିବାର ତୁମେ ଦେଖୁଛ । ମୁଁ ସେହି ଦିନାରକୁ ଶେଯର କୋଣରେ ରଖି ଭୁଲି ଯାଇଥିଲି ଏବଂ ଯେତେବେଳେ ମୋର ମନେପଡ଼ିଲା ସେତେବେଳେ ମୁଁ ଚିନ୍ତିତ ହେଲି । **(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-8, ପୃ- 630-631, ହଦିସ୍ ସଂଖ୍ୟା-27207, ମକ୍‌ତବା ଆଲିମୁଲ୍ କୁତୁବ୍, ବୈରୁତ,1998 ମସିହା)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଅକ୍‌ବା ର.ଅ ବର୍ଣ୍ଣନା କରନ୍ତି ଯେ, "ମୁଁ ନବୀ କରୀମ୍ ସ.ଅଙ୍କ ପଛରେ ମଦିନାରେ ଅସର୍ ନମାଜ୍ ପାଠ କଲି । ଆପଣ ସ.ଅ ସଲାମ୍ କଲେ ଏବଂ ଶୀଘ୍ର ସୀଘ୍ର ଉଠି ଛିଡ଼ା ହୋଇ ପଡ଼ିଲେ ଏବଂ ଲୋକମାନଙ୍କ ପାଖ ଦେଇ ନିଜର ପବିତ୍ର ପତ୍ନିମାନଙ୍କ କୋଠରୀକୁ ଆଡ଼କୁ ଗଲେ । ଲୋକମାନେ ଆପଣ ସ.ଅଙ୍କ ଏହି ଶୀଘ୍ରତାକୁ ଦେଖି ଘାବରେଇଗଲେ । ପୁନଶ୍ଚ ଆପଣ ସ.ଅ ସେମାନଙ୍କ ଅର୍ଥାତ୍ ସାହାବାମାନଙ୍କ ପାଖକୁ ବାହାରକୁ ଆସିଲେ ଏବଂ ଦେଖିଲେ ଯେ, ସେମାନେ ଆପଣ ସ.ଅଙ୍କ ଏପରି ଶୀଘ୍ରତାକୁ ଦେଖି ଆଶ୍ଚର୍ଯ୍ୟଚକିତ ଅଟନ୍ତି। ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ ମୋ ପାଖରେ କିଛି ସୁନା ଥିଲା । ସେହି ସୁନା ସଂପର୍କରେ ଯେତେବେଳେ ମୋର ମନେପଡ଼ିଗଲା ସେତେବେଳେ ମୁଁ ଚାହିଁଲି ଏହାକୁ ମୁଁ ନିଜ ପାଖରେ ରଖିବି ନାହିଁ । ତେଣୁ ମୁଁ ମୋର ଧ୍ୟାନକୁ ଈଶ୍ୱର ଚର୍ଚ୍ଚା ଦ୍ୱାରା ତହିଁରୁ ଅଟକାଇବି । ସେଇଥି ପାଇଁ ମୁଁ ସେହି ସୁନାକୁ ବାଣ୍ଟିବା ନିମନ୍ତେ ଆଦେଶ ଦେଲି।" **(ସହିହୁଲ୍ ବୁଖାରୀ,କିତାବୁଲ୍ ଅଜାନ୍, ଅନୁବାଦକ, ଗ୍ରନ୍ଥଖଣ୍ଡ-2, ପୃ-252-253, ବାବ୍- ମନ୍ ସଲ୍ଲା ବିନ୍ନାସି ଫଜକରା ହାଜତ ଫତୁଖାତ୍ତହୁମ୍, ହଦିସ୍ ନଂ- 851, ପ୍ରକାଶକ- ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଆଁହଜରତ୍ ସ.ଅଙ୍କ ଏହି ଅବସ୍ଥା ଥିଲା ଯେ, ଆପଣ ସ.ଅଙ୍କ ପାଖରେ ଯାହି କିଛି ବି ରହୁଥିଲା ତାହାକୁ ଆପଣ ସ.ଅ ବାଣ୍ଟି ଦେଉଥିଲେ । ଏକଦା ଆପଣ ସ.ଅଙ୍କ ଘରେ ଏକ ମୋହର ଥିଲା । ଆପଣ ସ.ଅ ସେହି ମୋହରକୁ ନେଇ ବାଣ୍ଟିଦେଲେ ।"

(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-3, ପୃ-323, ସଂସ୍କରଣ ବର୍ଷ-2022 ମସିହା)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଉପରୋକ୍ତ ଘଟଣାର ଚର୍ଚ୍ଚା କରି ହ. ମୁସ୍‌ଲେହ୍ ମଉଦ୍ ର.ଅ ଏକ ସ୍ଥାନରେ ଏହିପରି ଉଲ୍ଲେଖ କରିଛନ୍ତି ଯେ, ଏକଦା ସଦ୍‌କାର କିଛି ଟଙ୍କା ଆସିଲା ଏବଂ ସେହି ସଦ୍‌କା ଟଙ୍କାକୁ ବାଣ୍ଟିବା ବେଳେ ଗୋଟିଏ ଦିନାର ଘରର କୌଣସି କୋଣରେ ଗଳି ପଡ଼ିଲା ଏବଂ ଆପଣ ସ.ଅ ସେହି ଦିନାରକୁ ଉଠାଇବାକୁ ଭୁଲିଗଲେ । ନମାଜ ପରେ ଆପଣ ସ.ଅଙ୍କୁ ଯେତେବେଳେ ଉକ୍ତ କଥା ମନେପଡ଼ିଲା ସେତେବେଳେ ଆପଣ ସ.ଅ ଶୀଘ୍ର ଲୋକମାନଙ୍କ ଉପରକୁ ଡେଇଁ ଅର୍ଥାତ୍ ଶୀଘ୍ର ଶୀଘ୍ର ଅତିକ୍ରମ କରି ନିଜ ଘରକୁ ଗଲେ । ସାହାବାମାନେ ପଚାରିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ହୋଇଛି ଆପଣ ସ.ଅ ଏତେ ଶୀଘ୍ରତା କାହିଁକି ପ୍ରଦର୍ଶନ କଲେ ଏବଂ ଘରକୁ କାହିଁକି ଯାଇଥିଲେ ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ଏହିପରି ଏହିପରି ଗୋଟିଏ ଦିନାର ମୋ ପାଖରେ ରହି ଯାଇଥିଲା ଯାହା ବଣ୍ଟା ହୋଇପାରି ନଥିଲା । ତେଣୁ ମୁଁ ଚାହିଁଲି ଯେ, ଯେମିତି ବି ହେଉ ମୁଁ ଶୀଘ୍ର ସେହି ଦିନାରକୁ ବାଣ୍ଟିଦେବି । ତେଣୁ ଅର୍ଥ ତଥା ଧନ ସତ୍ତ୍ୱେ ମଧ୍ୟ ଆପଣ ସ.ଅଙ୍କ ଚକ୍ଷୁ ଏତେ ଦିନାର (ଟଙ୍କା ପଇସାକୁ) ଦେଖି ମଧ୍ୟ ନିଃସ୍ପୃହତା ପ୍ରକାଶ କଲା । ଏହାକୁ ଦେଖିଲେ ମଣିଷ ଆଶ୍ଚର୍ଯ୍ୟଚକିତ ହୋଇଯାଏ । କିନ୍ତୁ ଆପଣ ସ.ଅଙ୍କ ପାଖକୁ ଯାହା କିଛି ବି ଆସୁଥିଲା ତାହାକୁ ଆପଣ ସ.ଅ ଅଲ୍ଲାଃତାଲାଙ୍କ ମାର୍ଗରେ ବାଣ୍ଟି ଦେଉଥିଲେ । **(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-7, ପୃ-478-479, ସଂସ୍କରଣ ବର୍ଷ-2023 ମସିହା)** ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅଙ୍କ ପାଖକୁ ବାହାରେନ୍‌ରୁ କିଛି ଅର୍ଥ ଅଣାଗଲା । ଆପଣ ସ.ଅ କହିଲେ, ହେ ସାହାବାମାନେ ତୁମେମାନେ ସେହି ଅର୍ଥକୁ ମସ୍‌ଜିଦ୍‌ରେ ପକାଇ ଦିଅ । ଉକ୍ତ ଅର୍ଥରାଶି ସବୁଠୁ ବେଶୀ ଅର୍ଥରାଶି ଥିଲା ଯାହା ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଅଣା ଯାଇଥିଲା । ରସୁଲୁଲ୍ଲାଃ ସ.ଅ ନମାଜ୍ ନିମନ୍ତେ ବାହାରିଲେ ଏବଂ ଆପଣ ସ.ଅ ସେଥି ପ୍ରତି ଧ୍ୟାନ ଦେଲେ ନାହିଁ । ଅର୍ଥାତ୍ ସେହି ଧନରାଶି ଆଡ଼କୁ ଦେଖିଲେ ନାହିଁ। ଯେତେବେଳେ ଆପଣ ସ.ଅ ନମାଜ୍ ପାଠ କରି ସାରିଲେ ସେତେବେଳେ ଆପଣ ସ.ଅ ସେହି ଅର୍ଥରାଶି ଆଡ଼କୁ ଗଲେ ଏବଂ ଯେଉଁ ବ୍ୟକ୍ତିକୁ ଆପଣ ସ.ଅ ଦେଖୁଥିଲେ ସେହି ବ୍ୟକ୍ତିକୁ ଉକ୍ତ ଅର୍ଥରାଶିରୁ ଅର୍ଥ ଦେଇ ଦେଉଥିଲେ। ଠିକ୍ ସେତିକିବେଳେ ଆପଣ ସ.ଅଙ୍କ ପାଖକୁ ହ. ଅବ୍‌ବାସ୍ ର.ଅ ଆସିଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣ ସ.ଅ ମୋତେ ବି କିଛି ଅର୍ଥରାଶି ଦିଅନ୍ତୁ। କାରଣ ମୁଁ ବଦର୍ ଯୁଦ୍ଧ ଦିନ ନିଜର ଫିଦିୟା ପୈଠ କରି ଦେଇଥିଲି ଓ ଅକିଲଙ୍କର ମଧ୍ୟ ଫିଦିୟା ପୈଠ କରିଥିଲି । ଅକିଲ୍ ବିନ୍ ଅବୁ ତାଲିବ୍ ହ. ଅବ୍‌ବାସ୍ ର.ଅଙ୍କ ପୁତୁରା ଥିଲେ । ତେଣୁ ରସୁଲ୍ କରୀମ୍ ସ.ଅ ତାଙ୍କୁ ଅର୍ଥାତ୍ ହ. ଅବ୍‌ବାସ୍ ର.ଅଙ୍କୁ କହିଲେ, ହେ ଅବ୍‌ବାସ୍ ଉକ୍ତ ଧନରାଶିକୁ ନେଇନିଅ । ତେବେ ହ. ଅବ୍‌ବାସ୍ ର.ଅ ଦୁଇ ହାତରୁ ଭର୍ତ୍ତି କରି ନିଜ ବସ୍ତ୍ରରେ ଅର୍ଥରାଶି ପକାଇଲେ । ତତ୍ପରେ ସେ ସେହି ଅର୍ଥରାଶିକୁ ଉଠାଇବାକୁ ଲାଗିଲେ । କିନ୍ତୁ ସେ ଉକ୍ତ ଅର୍ଥରାଶିକୁ ଉଠାଇ ପାରିଲେ ନାହିଁ । ଏହା ଦେଖି ହ. ଅବ୍‌ବାସ୍ ର.ଅ ରସୁଲୁଲ୍ଲାଃ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ କାହାକୁ ଟିକେ କୁହନ୍ତୁ ଯେ, ସେ ଟିକେ ମୋତେ ଉକ୍ତ ଅର୍ଥରାଶି ଉଠାଇ ଦେବ (ଧରେଇ ଦେବ) । ରସୁଲୁଲ୍ଲାଃ ସ.ଅ କହିଲେ, ହେ ଅବ୍‌ବାସ୍! ଏପରି ହୋଇପାରିବ ନାହିଁ । ହ. ଅବ୍‌ବାସ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ତାହାହେଲେ ଆପଣ ସ.ଅ ହିଁ ଉକ୍ତ ଅର୍ଥରାଶିକୁ ମୋତେ ଉଠାଇ ଦେଇ ଦିଅନ୍ତୁ ଅବା ମୋ ମୁଣ୍ଡ କିମ୍ବା ପିଠି ଉପରେ ରଖି ଦିଅନ୍ତୁ । ଆପଣ ସ.ଅ କହିଲେ, ନା ନା । ପ୍ରତ୍ୟୁତ୍ତରରେ ହ. ଅବ୍‌ବାସ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ତାହାହେଲେ ଆପଣ ସ.ଅ ଉକ୍ତ ଅର୍ଥରାଶି ମଧ୍ୟରୁ କିଛି ଅର୍ଥରାଶି କାଢି ଦିଅନ୍ତୁ । ତେଣୁ ହ. ଅବ୍‌ବାସ୍ ର.ଅ ସେହି ଅର୍ଥରାଶି ମଧ୍ୟରୁ କିଛି ଅର୍ଥ ରାଶି ବାହାର କରିଦେଲି । ଏହାପରେ ସେ ପୁନଶ୍ଚ ଅର୍ଥରାଶି ପୁଟୁଳିକୁ ଉଠାଇବାକୁ ଚେଷ୍ଟା କଲେ। କିନ୍ତୁ ତଥାପି ହ. ଅବ୍‌ବାସ୍ ର.ଅ ଉକ୍ତ ଅର୍ଥରାଶି ପୁଟୁଳିକୁ ଉଠାଇ ପାରିଲେ ନାହିଁ । ତେଣୁ ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ କାହାକୁ ଆଦେଶ ଦିଅନ୍ତୁ ଯେ, ସେ ଉକ୍ତ ପୁଟୁଳିକୁ ଉଠାଇ ମୋତେ ଧରାଇଦେବ। ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ନା ନା । ତେବେ ସେ ଅର୍ଥାତ୍ ହ. ଅବ୍‌ବାସ ର.ଅ କହିଲେ, ତାହାହେଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ହିଁ ଉକ୍ତ ଅର୍ଗାଶି ପୁଟୁଳିଟିକୁ ମୋ ପିଠି କିମ୍ବା ମୁଣ୍ଡ ଉପରରେ ରଖି ଦିଅନ୍ତୁ । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ନା ନା । ଫଳତଃ ହ. ଅବ୍‌ବାସ୍ ର.ଅ ସେହି ଅର୍ଥରାଶି ପୁଟୁଳି ମଧ୍ୟରେ କିଛି ଅର୍ଥରାଶି କାଢ଼ିଦେଲେ । ପୁନଶ୍ଚ ସେହି ଅର୍ଥରାଶି ପୁଟୁଳିକୁ ନିଜ କାନ୍ଧ ଉପରେ ରଖି ବାହାରି ପଡ଼ିଲେ (ଚାଲିଗଲେ)। ଯେତେବେଳେ ହ. ଅବ୍‌ବାସ୍ ର.ଅ ଚାଲିଗଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ ଅହରହ ତାଙ୍କୁ ଦେଖୁଥିଲେ । ଅର୍ଥାତ୍ ଯେପର୍ଯ୍ୟନ୍ତ ହ. ଅବ୍‌ବାସ୍ ର.ଅ ଆମମାନଙ୍କ ଠାରୁ ଅଦୃଶ୍ୟ ହୋଇଯାଇ ନଥିଲେ ସେପର୍ଯ୍ୟନ୍ତ ଆପଣ ସ.ଅ ଅହରହ ତାଙ୍କୁ ଦେଖୁଥିଲେ । ହୁଜୁର୍ ଅନୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ପ୍ରତ୍ୟେକ ଅବସରରେ ସାହାବାମାନଙ୍କୁ ମଧ୍ୟବର୍ତ୍ତୀ ମାର୍ଗ ତଥା ମଧ୍ୟବର୍ତ୍ତୀ ପନ୍ଥା ଅବଲମ୍ବନ କରିବା

ନିମନ୍ତେ ଉପଦେଶ ଦେଉଥିଲେ । ଅତଏବ୍ ଆପଣ ସ.ଅ ହ. ଅବ୍ବାସଙ୍କୁ ମଧ୍ୟ ଅର୍ଥରାଶି ଦେଲେ ଏବଂ କହିଲେ, ହଉ ହେ ଅବବାସ୍! ତୁମେ ଯେତେ ନେଇ ପାରୁଛ ସେତେ ନିଅ । ମୁଁ ତୁମକୁ ଦେଉଛି ତୁମେ ନିଅ । କିନ୍ତୁ ତୁମେ ନିଜେ ଉକ୍ତ ଅର୍ଥରାଶିର ଭାରକୁ ବହନ କରିବ। ଅର୍ଥାତ୍ ନିଜେ ଟେକିବ । ଅର୍ଥାତ ତୁମେ ମଧ୍ୟବର୍ତ୍ତୀ ପନ୍ଥା ଦ୍ୱାରା ଉକ୍ତ ଅର୍ଥରାଶିର ଭାରକୁ ଉଠାଇବ । ସେ ପଛେ ନିକଟ ସଂପର୍କୀୟ ହିଁ ହୁଅନ୍ତୁ ନା କାହିଁକି କିନ୍ତୁ ମଧ୍ୟବର୍ତ୍ତୀତା ମାର୍ଗ ସର୍ବଦା ଅନୁସରଣ କରିବା ଉଚିତ୍ । ଆଁହଜରତ୍ ସ.ଅ ତାଙ୍କୁ କହିଲେ ଯେ, ହେ ଅବ୍ବାସ୍! ଯେତେ ପାରୁଛ ସେତେ ନିଅ । କିନ୍ତୁ ଅଧିକ ନେବା ଉଚିତ ନଥିଲା। ଯେଉଁ ବର୍ଣ୍ଣନାକାରୀ ଅଟନ୍ତି ସେ ଉକ୍ତ ହଦିସ୍‌ର ଶେଷରେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ଆଁହଜରତ୍ ସ.ଅ ହ. ଅବ୍ବାସ୍ ର.ଅଙ୍କ ଲୋଭକୁ ଦେଖି ଆଶ୍ଚର୍ଯ୍ୟଚକିତ ଥିଲେ। **(ସହିହୁଲ୍ ବୁଖାରୀ, ଅନୁବାଦକ, ଗ୍ରନ୍ଥଖଣ୍ଡ-1, ପୃ-517-518, କିତାବୁସ୍ ସଲାତ୍, ବାବ୍- ଅଲ୍ କିସ୍‌ମତୁ ୱ ତାଆଲିକିଲ୍ କୁନୁ ଫିଲ୍ ମସ୍‌ଜିଦି, ହଦିସ୍ ନଂ- 421, ପ୍ରକାଶକ- ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହା ବର୍ଣ୍ଣନାକାରୀଙ୍କ ନିଜସ୍ୱ ମନ୍ତବ୍ୟ ଏବଂ ପ୍ରତିକ୍ରିୟା ଅଟେ । ସମ୍ଭବତଃ ଆଁହଜରତ୍ ସ.ଅ ଏଇଥି ପାଇଁ ଦେଖୁ ନଥିବେ ଯେ, ହ. ଅବ୍ବାସ୍ ର.ଅଙ୍କ ଲୋଭକୁ ଦେଖି ଆଁହଜରତ୍ ସ.ଅ କେବଳ ଆଶ୍ଚର୍ଯ୍ୟଚକିତ ଥିଲେ ତାହା ନୁହେଁ ବରଂ ଆଁହଜରତ୍ ସ.ଅଙ୍କୁ ସେହି ଅଭାବର ଯୁଗ ମନେପଡ଼ିଗଲା ଯେତେବେଳେ ସାହାବାମାନଙ୍କର ପୁରୁଣା ଅବସ୍ଥା ଥିଲା ଏବଂ ସେହି ଅବସ୍ଥା ଉପରେ ଆପଣ ସ.ଅ ବିଚାର କରି ତାଙ୍କୁ ଅର୍ଥାତ୍ ହ. ଅବ୍ବାସ୍ ର.ଅଙ୍କୁ ଦୂର ପର୍ଯ୍ୟନ୍ତ ଯାଉଥିବାର ଆପଣ ସ.ଅ ଦେଖୁଥିଲେ । କାରଣ କିପରି ଏହି ଲୋକମାନେ ବଳିଦାନ ଦେଇଥିବେ, କିପରି ଏମାନଙ୍କ ଉପରେ ଦାରିଦ୍ର୍ୟତା ଯୁଗ ଥିଲା ଏବଂ ଆଜି ଅଲ୍ଲାଃତାଲା କିପରି ଆମମାମନଙ୍କୁ ପୁରସ୍କୃତ କରିଛନ୍ତି । ବିଭିନ୍ନ ବ୍ୟାଖ୍ୟାକାରମାନେ ମଧ୍ୟ ଏହାକୁ ବର୍ଣ୍ଣନାକାରୀଙ୍କ ନିଜସ୍ୱ ଚିନ୍ତାଧାରା ବୋଲି ବିବେଚିତ କରିଛନ୍ତି । ଏହା ନୁହେଁ ଯେ, ଆଁହଜରତ୍ ସ.ଅ ଆଶ୍ଚର୍ଯ୍ୟ ଭାବ ପ୍ରକାଶ କଲେ ଯେ, ହ. ଅବ୍ବାସ୍ ର.ଅ କାହିଁକି ଏତେ ଲୋଭୀ ହୋଇଗଲେ ? ବରଂ ଅନ୍ୟ ଚିନ୍ତାଧାରା ସଂପର୍କରେ ବ୍ୟାଖ୍ୟାକାରମାନେ ଉଲ୍ଲେଖ କରିଛନ୍ତି ।

(ଅଲ୍ ଇଫ୍‌ସାହ୍ ଅନ୍ ମାଆନିସ୍ ସିହା, ଗ୍ରନ୍ଥଖଣ୍ଡ-5, ପୃ-323, ଦାରୁଲ୍ ୱତନ୍)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ଏପରି କୌଣସି ଦିନ ବିତି ନଥିବ ଯେଉଁ ଦିନ ମୁଁ ରସୁଲ୍ କରୀମ୍ ସ.ଅଙ୍କୁ କିଛି ଜିନିଷ ମାଗିଥିବି ଏବଂ ଆପଣ ସ.ଅ ମୋ ନା କହି ଦେଇଥିବେ । **(ସହି ମୁସ୍‌ଲିମ୍, ଉର୍ଦ୍ଦୁ ଅନୁବାଦକ, ଗ୍ରନ୍ଥଖଣ୍ଡ-12, ପୃ-222-223, କିତାବୁଲ୍ ଫଜାଇଲି, ବାବ୍- ମା ସୁଇଲା ରସୁଲୁଲ୍ଲାଃହି ସ.ଅ କଭୁ ଫକାଲା ନା କସ୍ରତୁ ଅତାଆହୁ, ହଦିସ୍ ନଂ-4260, ପ୍ରକାଶକ- ନୁର୍ ଫାଉଣ୍ଡେସନ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ସହଲ୍ ବିନ୍ ସାଆଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଅତ୍ୟନ୍ତ ଲଜ୍ଜାଶୀଳ ବ୍ୟକ୍ତି ଥିଲେ । ଯେତେବେଳେ ବି ଆପଣ ସ.ଅଙ୍କୁ କୌଣସି ଜିନିଷ ମଗା ଯାଉଥିଲା ସେତେବେଳେ ଆପଣ ସ.ଅ ପ୍ରଦାନ କରି ଦେଉଥିଲେ। **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-7, ପୃ-50, ଫି କରମହୁ ଉଜୁହି ସ.ଅ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1993 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଇବ୍‌ନେ ଅବି ଖୈସ୍‌ମା ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଅଲୀ ର.ଅ ଯେତେବେଳେ ରସୁଲୁଲ୍ଲାଃ ସ.ଅଙ୍କ ସୁଗୁଣାବଳୀ ବର୍ଣ୍ଣନା କରୁଥିଲେ ସେତେବେଳେ ଆପଣ ସ.ଅ ପ୍ରଦାନ କରିବା ଦୃଷ୍ଟିରୁ ଲୋକମାନଙ୍କ ମଧ୍ୟରୁ ସର୍ବାଧିକ ବଦାନ୍ୟକାରୀ ବ୍ୟକ୍ତି ଥିଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-7, ପୃ-52, ଫି କରମହୁ ଉଜୁହି ସ.ଅ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1993 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ସହଲ୍ ବିନ୍ ସାଆଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜନୈକ ମହିଳା ବୁର୍ଦ୍ଦା (ଏହା ଏକ ପ୍ରକାରର ଚଦର ବା ଉତ୍ତରୀୟର କିସମ ଅଟେ) ଆଁହଜରତ୍ ସ.ଅଙ୍କ ପାଇଁ ଘିନି ଆଣିଲା ଏବଂ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଉକ୍ତ ଚଦର (ଉତ୍ତରୀୟ)କୁ ନିଜ ହାତରେ ବୁଣିଛି । କାରଣ ମୁଁ ଏହି ଚଦରକୁ ଆପଣ ସ.ଅଙ୍କୁ ପିନ୍ଧାଇବି । ନବୀ କରୀମ୍ ସ.ଅ ସେହି ବୁର୍ଦ୍ଦା ଅର୍ଥାତ୍ ଚଦର ବା ଉତ୍ତରୀୟକୁ ଏପରି ନେଇନେଲେ ଯେପରିକି ସେହି ଚଦରର ଆପଣଙ୍କୁ ଆବଶ୍ୟକତା ଥିଲା । ପୁନଶ୍ଚ ଆପଣ ସ.ଅ ଆମମାନଙ୍କ ପାଖକୁ ଆସିଲେ ଏବଂ ସେହି ଚଦର ଇଜାର୍ (ଅଣ୍ଟା ତଳେ ପିନ୍ଧା ଯାଉଥିବା ବସ୍ତ୍ର ଯେପରି ଲୁଙ୍ଗି ଇତ୍ୟାଦି ଅଣ୍ଟା ତଳେ ପିନ୍ଧା ଯଇଥାଏ) ରୂପେ ଆପଣ ସ.ଅ ପିନ୍ଧିଥିଲେ, ବାନ୍ଧିଥିଲେ । ଲୋକମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଏହି ଚଦରଟିକୁ ମୋତେ ଟିକେ ପିନ୍ଧିବା ନିମନ୍ତେ ଦିଅନ୍ତୁ । ଆପଣ ସ.ଅ କହିଲେ, ଆଛା ହେଉ ଠିକ୍ ଅଛି ଆଣୁଛି । ନବୀ କରୀମ୍ ସ.ଅ କିଛି ସମୟ ସଭାରେ ବସି ରହିଲେ । ପୁନଶ୍ଚ ଆପଣ ସ.ଅ ଭିତରକୁ ଗଲେ ଏବଂ ଉକ୍ତ ଚଦରକୁ ଭାଙ୍ଗ କଲେ ଏବଂ ସେହି ବ୍ୟକ୍ତି ପାଖକୁ ପଠାଇ ଦେଲେ । ଅର୍ଥାତ୍ ଆପଣ ସ.ଅ ବସ୍ତ୍ର ବଦଳି (ଚେଞ୍ଜ୍ କରି) ଅନ୍ୟ ବସ୍ତ୍ର ପିନ୍ଧିକି ଆସିଲେ । ଲୋକମାନେ ସେହି ବ୍ୟକ୍ତିକୁ କହିଲେ, ହେ ବ୍ୟକ୍ତି ତୁମେ ଆଁହଜରତ୍ ସ.ଅଙ୍କ ଠାରୁ ଉକ୍ତ ବସ୍ତ୍ର ମାଗି ଭଲ କଲ ନାହିଁ । କ'ଣ ତୁମକୁ ଏକଥା ଜଣା ଯେ, ଆପଣ ସ.ଅ କୌଣସି ପ୍ରଶ୍ନକର୍ତ୍ତାକୁ ମନା କରୁ ନଥିଲେ କି ଫେରାଉନଥିଲେ । ଅତଏବ୍ ସେହି ବ୍ୟକ୍ତି ଜଣକ କହିଲା, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେ, ମୁଁ ଆଁହଜରତ୍ ସ.ଅଙ୍କ ଚଦର ଏଇଥି ପାଇଁ ମାଗିଥିଲି ଯେ, ଯେତେବେଳେ ମୁଁ ମରିଯିବି ସେତେବେଳେ ଏହି ଚଦର ହିଁ ମୋର କଫନ୍ (ଶବାଚ୍ଛନ୍ନ) ହେଉ । ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ସହଲ୍ ର.ଅ କହୁଥିଲେ ଯେ, ସେହି ଚଦର ମଧ୍ୟ ପରବର୍ତ୍ତୀ ସମୟରେ ଉକ୍ତ ସାହାବିଙ୍କ ବିୟୋଗ ପରେ କଫନ୍ ରୂପେ ବ୍ୟବହୃତ ହୋଇଥିଲା । **(ସହିହୁଲ୍ ବୁଖାରୀ, ଅନୁବାଦକ, ଗ୍ରନ୍ଥଖଣ୍ଡ-4, ପୃ-58-59, କିତାବୁଲ୍ ବୁୟୁ, ବାବ୍- ଅନ୍ ନସ୍ସାଜୁ, ହଦିସ୍ ନଂ- 2093, ପ୍ରକାଶକ- ନଜାରତ୍ ଇଶାଅତ୍)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ମିସ୍‌ୱର୍ ବିନ୍ ମଖ୍‌ରମା ର.ଅ ବର୍ଣ୍ଣନା କରନ୍ତି ଯେ, "ରସୁଲୁଲ୍ଲାଃ ସ.ଅ କିଛି କୁବା (ଏକ ପ୍ରକାରର ସମ୍ମୁଖ ଭାଗରୁ ଖୋଲିଥିବା କୋଟ୍) ବାଣ୍ଟିଲେ ଏବଂ ମଖ୍‌ରମାଙ୍କୁ କୌଣସି କବା ଦେଲେ ନାହିଁ । ତାଙ୍କର ପୁତ୍ର ମିସ୍‌ୱର୍ ଉକ୍ତ ବର୍ଣ୍ଣନାଟି ବର୍ଣ୍ଣନା କରିଛନ୍ତି ମୋ ପିତାଶ୍ରୀ ଉକ୍ତ ବର୍ଣ୍ଣନାଟି ମୋତେ କହିଛନ୍ତି ଯେ,ହେ ପୁତ୍ର ! ତୁମେ ମୋ ସହିତ ରସୁଲ୍ କରୀମ୍ ସ.ଅଙ୍କ ପାଖକୁ ଚାଲ । ମୁଁ (ଅର୍ଥାତ୍ ମଖ୍‌ରମାଙ୍କ ପୁତ୍ର ମିସ୍‌ୱର୍) ପିତାଶ୍ରୀଙ୍କ ସହିତ ଆଁହଜରତ୍ ସ.ଅଙ୍କ ପାଖକୁ ଗଲି । ପିତାଶ୍ରୀ ମୋତେ କହିଲେ, ମିସ୍‌ୱର୍ ! ଯାଅ ଭିତରକୁ ଯାଅ ଏବଂ ଆଁହଜରତ୍ ସ.ଅଙ୍କୁ ମୋ ପାଖକୁ ଡାକିଆଣ। ସେ ଯାହା ହେଉ ମିସ୍‌ୱର୍ କୁହନ୍ତି ଯେ, ମୁଁ ଭିତରକୁ ଗଲି ଏବଂ ଆପଣ ସ.ଅଙ୍କୁ ଡାକିଲି । ମୁଁ ଆପଣ ସ.ଅଙ୍କୁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ପିତାଶ୍ରୀ ଆସିଛନ୍ତି । ଆପଣ ସ.ଅ ପିତାଶ୍ରୀଙ୍କ ପାଖକୁ ଗଲେ ଏବଂ ଆପଣ ସ.ଅଙ୍କ ହାତରେ ଏକ କୁବା (କୋଟ୍) ଥିଲା । ଆପଣ ସ.ଅ କହିଲେ, ହେ ମଖ୍‌ରମା ! ଏହି କୁବା ମୁଁ ତୁମ ସକାଶେ ସମ୍ଭାଳି (ସାଇତି) ରଖିଥିଲି। ତୁମେ ମାନ ଅଭିମାନ କରି ମୋତେ ଅଭିଯୋଗ କରିବା ନିମନ୍ତେ ଆସିଥଲ ନା । ହ. ମଖ୍‌ରମା ଅଭିଯୋଗ କରିବା ପୂର୍ବରୁ ଆଁହଜରତ୍ ସ.ଅ ସେହି କୋଟ୍ ବା ଚଦରକୁ ମଖ୍‌ରମାଙ୍କୁ ଦେଇଦେଲେ ଏବଂ କହିଲେ, ହେ ମଖ୍‌ରମା ଏହି ଚଦର୍ (କୋଟ୍) ମୁଁ ତୁମ ସକାଶେ ସମ୍ଭାଳି ରଖିଛି । ଏକଥା ଶୁଣି ହ. ମଖ୍‌ରମା ଖୁସି ହୋଇଗଲେ ।"**(ସହି ମୁସ୍‌ଲିମ୍, ଉର୍ଦ୍ଦୁ ଅନୁବାଦକ, ଗ୍ରନ୍ଥଖଣ୍ଡ-4, ପୃ-209, କିତାବୁଜ୍ ଜକାତ୍, ବାବ୍-ବୟାନି ଅନ୍ନଲ୍ ୟଦୁଲ୍ ଉଲିୟା, ଖୈରୁମ୍ ମିନଲ୍ ୟଦିସ୍ ସୁଫ୍‌ଲା......,ହଦିସ୍ ନଂ-1704, ନୁର୍ ଫାଉଣ୍ଡେସନ୍) (ଫତ୍‌ହୁଲ୍ ବାରି, ଗ୍ରନ୍ଥଖଣ୍ଡ-10, ପୃ-281, କିତାବୁଲ୍ ଲିବାସ୍, ବାବ୍- ଅଲ୍ କବାଇ ଫୁରରୁଜି ହରିରି, ବର୍ଣ୍ଣନା ସଂଖ୍ୟା-5800, ମକ୍‌ତବତୁଲ୍ ମୁଲ୍‌କି ଫହଦ୍, ରିୟାଜ୍-2001 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ବର୍ଣ୍ଣନା ରହିଛି ଯେ, ନବୀ କରୀମ୍ ସ.ଅ ହ. ମଖ୍‌ରମା ର.ଅଙ୍କ ସ୍ୱରକୁ ଚିହ୍ନି ପକାଇଲେ ଏବଂ ବାହାରକୁ ବାହାରି ଆସିଲେ । ଅର୍ଥାତ୍ ମଖ୍‌ରମାଙ୍କ ପୁତ୍ର ଭିତରକୁ ଆସିବା ପୂର୍ବରୁ ଆପଣ ସ.ଅ ସ୍ୱୟଂ ବାହାରକୁ ବାହାରି ଆସିଲେ । ଆପଣ ସ.ଅଙ୍କ ପାଖରେ ଏକ କୁବା (କୋଟ୍ ବା ଚଦର) ଥିଲା । ଆପଣ ସ.ଅ ତା'ର ବିଶେଷତାକୁ ଦେଖାଉଥିଲେ ଏବଂ କହୁଥିଲେ ଯେ, ହେ ମଖ୍‌ରମା ! ମୁଁ ଏହି କୁବାକୁ ତୁମ ସକାଶେ ସାଇତି ରଖିଥିଲି । ମୁଁ ଏହାକୁ ତୁମ ପାଇଁ ସାଇତି ରଖିଥିଲି । **(ସହି ମୁସ୍‌ଲିମ୍, ଉର୍ଦ୍ଦୁ ଅନୁବାଦକ, ଗ୍ରନ୍ଥଖଣ୍ଡ-4, ପୃ-229, କିତାବୁଜ୍ ଜକାତ୍, ବାବ୍- ଆତାଉ ମନ ସାଆଲା ବିଫହସିନ୍ ୱ ଗିଲ୍‌ଜତା, ହଦିସ୍ ନଂ-1737, ପ୍ରକାଶକ-ନୁର୍ ଫାଉଣ୍ଡେସନ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଯାଉଥିଲି । ଆପଣ ସ.ଅ ଏକ ନଜ୍‌ରାନୀୟ ଚଦର (ଉତ୍ତରୀୟ) ପରିଧାନ କରିଥିଲେ । ସେହି ଚଦର୍‌ର କଡ଼ ଖଦଡ଼ିଆ ପ୍ରକାରର ଥିଲା । ଆପଣ ସ.ଅଙ୍କୁ ଜଣେ ନିପଟ ମଫସଲ ବ୍ୟକ୍ତି ଆସି ସାକ୍ଷାତ୍ କଲା ଏବଂ ସେ ଆପଣ ସ.ଅଙ୍କ ଚଦରକୁ ଖୁବ୍ ଜୋରରେ ଟାଣିଲା ଏବଂ ମୁଁ ରସୁଲ୍ କରୀମ୍ ସ.ଅଙ୍କ ବେକର ଏକ ପାର୍ଶ୍ୱକୁ ଦେଖିଲି । ଜୋରରେ ଟାଣିବା ଦ୍ୱାରା ସେହି ଚଦରର କଡ଼ ଆପଣ ସ.ଅଙ୍କ ବେକ ଉପରେ ଚିହ୍ନ ବସି ଯାଇଥିଲା । ପୁନଶ୍ଚ ସେ କହିଲା, ହେ ମୁହମ୍ମଦ୍ ସ.ଅ ! ଅଲ୍ଲାଃତାଲାଙ୍କର ଯେଉଁ ଧନଟି ଆପଣ ସ.ଅଙ୍କ ପାଖରେ ରହିଛି ତାହାକୁ ମୋତେ ମଧ୍ୟ ଦେବା ନିମନ୍ତେ ଆଦେଶ କରନ୍ତୁ । ରସୁଲୁଲ୍ଲାଃ ସ.ଅ ସେହି ବ୍ୟକ୍ତି ଆଡ଼କୁ ଧ୍ୟାନ ଦେଲେ ଏବଂ ସ୍ମିତହାସ୍ୟ (ହସିକି) ପ୍ରକାଶ କଲେ ଏବଂ ପୁନଶ୍ଚ ସେହି ଚଦରକୁ ଉକ୍ତ ବ୍ୟକ୍ତିକୁ ଦେବା ନିମନ୍ତେ ଆଦେଶ ଦେଲେ । **(ସହି ମୁସ୍‌ଲିମ୍, ଉର୍ଦ୍ଦୁ ଅନୁବାଦକ, ଗ୍ରନ୍ଥଖଣ୍ଡ-4, ପୃ-228-229, କିତାବୁଜ୍ ଜକାତ୍, ବାବ୍- ଆତାଉ ମନ୍ ସାଆଲା ବିଫହ୍‌ସିନ୍ ୱ ଗିଲ୍‌ଜତା, ହଦିସ୍ ନଂ-1735, ପ୍ରକାଶକ-ନୁର୍ ଫାଉଣ୍ଡେସନ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ଘଟଣାର ସବିଶେଷ ବିବରଣୀ ଏକ ସ୍ଥାନରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଆମ ସହିତ ମଜ୍‌ଲିସ (ସଭା) ରେ ବସି କଥାବାର୍ତ୍ତା ହେଉଥିଲେ। ପୁନଶ୍ଚ ଆପଣ ସ.ଅ ଛିଡ଼ା ହୋଇ ଯାଉଥିଲେ । ତେବେ ଆମେମାନେ ମଧ୍ୟ ଛିଡ଼ା ହୋଇ ଯାଉଥିଲୁ । ଏପର୍ଯ୍ୟନ୍ତକି ଆପଣ ସ.ଅ ନିଜର ଜଣେ ପତ୍ନିଙ୍କ ଘରକୁ ଚାଲି ଯାଉଥିଲେ। ଦିନେ ଆପଣ ସ.ଅ ଆମମାନଙ୍କ ସହିତ କଥାବାର୍ତ୍ତା ହେଉଥିଲେ କି ଆପଣ ସ.ଅ ଛିଡ଼ା ହୋଇ ପଡ଼ିଲେ । ଆପଣ ସ.ଅଙ୍କୁ ଛିଡ଼ା ହୋଇଥିବାର ଦେଖି ଆମେମାନେ ମଧ୍ୟ ଛିଡ଼ା ହୋଇ ପଡ଼ିଲୁ । ଏହାପରେ ଆମେମାନେ ଏକ ଗାଉଁଲି ଆଦିବାସୀ ବ୍ୟକ୍ତିକୁ ଦେଖିଲୁ ସେ ଆପଣ ସ.ଅଙ୍କୁ ଧରି ଆପଣ ସ.ଅଙ୍କ ଚଦର ମାଧ୍ୟମରେ ଆପଣ ସ.ଅଙ୍କୁ ଜୋରରେ ଟାଣୁଛି । ଫଳତଃ ଆପଣ ସ.ଅଙ୍କ ବେକ ଲାଲ୍ ହୋଇଗଲା । ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅଙ୍କ ସେହି ଚଦରଟି ଅତ୍ୟନ୍ତ ଖଦଡ଼ିଆ ପ୍ରକାରର ଥିଲା । ପୁନଶ୍ଚ ନବୀ କରୀମ୍ ସ.ଅ ଯେତେବେଳେ ସେହି ବ୍ୟକ୍ତି ଆଡ଼କୁ ମୁହଁ ବୁଲାଇଲେ ସେତେବେଳେ ସେହି ଗାଉଁଲି ବ୍ୟକ୍ତି ଜଣକ ଆପଣ ସ.ଅଙ୍କୁ କହିଲା, ହେ ମୁହମ୍ମଦ ସ.ଅ ! ଆପଣ ମୋର ଏହି ଦୁଇ ଓଟ ଉପରେ ନିଜର ଜିନିଷ ପତ୍ର ଲଦି ଦିଅନ୍ତୁ । କାରଣ ଆପଣ ସ.ଅ ନା ନିଜର ଧନକୁ ଆଣିକି ଲଦିଦେବେ ଓ ନା ହିଁ ନିଜର ପିତାଙ୍କ ଧନରୁ ଆଣିକି ଲଦିଦେବେ । ଅତ୍ୟନ୍ତ ଅସଭ୍ୟ ଏବଂ ଅଶିଷ୍ଟ ଢଙ୍ଗରେ ସେ ଏପରି କଥା କହିଲା । ବର୍ଣ୍ଣନାକାରୀ କୁହନ୍ତି ଯେ, ଆଁହଜରତ୍ ସ.ଅ ଏକଥା ଶୁଣି କହିଲେ, ନା ! ମୁଁ ଅଲ୍ଲାଃତାଲାଙ୍କ ଠାରୁ କ୍ଷମା ଯାଚନା କରୁଛି । ନା ! ମୁଁ ଅଲ୍ଲାଃତାଲାଙ୍କ ଠାରୁ କ୍ଷମା ଯାଚନା କରୁଛି । ନା ! ମୁଁ ଅଲ୍ଲାଃତାଲାଙ୍କ ଠାରୁ କ୍ଷମା ଯାଚନା କରୁଛି। ତତ୍‌ସହିତ୍ ଆପଣ ସ.ଅ ଇସ୍ତିଗ୍‌ଫାର୍ (ଅଲ୍ଲାଃତାଲାଙ୍କ ନିକଟରେ କ୍ଷମା ପ୍ରାର୍ଥନା) ମଧ୍ୟ କଲେ ଏବଂ କହିଲେ, ନା ! ମୁଁ ସେପର୍ଯ୍ୟନ୍ତ ଦେବି ନାହିଁ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ଆଁହଜରତ୍ ସ.ଅଙ୍କ ଉଦ୍ଦେଶ୍ୟ ଦେବାର ନଥିଲା ବରଂ ଆପଣ ସ.ଅ ଏହି

ସର୍ତ୍ତ ରଖିଥିଲେ ଯେ, ଯେପର୍ଯ୍ୟନ୍ତ ତୁମେ ମୋର ବେକକୁ ଭିଡ଼ିଥିଲ ଅର୍ଥାତ ଜୋରରେ ଟାଣିଥିଲ ଯଦ୍ୱାରାକି ମୋର ବେକ କ୍ଷତାକ୍ତ ହୋଇଯାଇଛି ସେହି ଜୋରରେ ଟାଣିବାର ମୁଁ ପ୍ରତିଶୋଧ ନ ନେଇଛି ସେପର୍ଯ୍ୟନ୍ତ ମୁଁ ତୁମକୁ ଉକ୍ତ ଚଦର ଦେବି ନାହିଁ । ସେହି ମଫସିଲି ତଥା ଆଦିବାସୀ ବ୍ୟକ୍ତି ବାରମ୍ବାର ଏହା କୁହୁଥିଲା ଯେ, ନାହିଁ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ଦେବି ନାହିଁ । ସେ କହିଲା ମୁଁ କୌଣସି ପ୍ରତିଶୋଧ ନେବାକୁ ଦେବି ନାହିଁ । ପ୍ରତିଶୋଧ ନେବାର ତ' ପ୍ରଶ୍ନ ହିଁ ଉଠୁ ନାହିଁ । ମୁଁ ତ' ଅପରାଧ ଏବଂ ଅସଦାଚରଣ କରିଛି କିନ୍ତୁ ଆପଣ ସ.ଅ ଅସଦାଚରଣ ଏବଂ ଅପରାଧ କରିବେ ନାହିଁ। ପ୍ରତ୍ୟୁତ୍ତରରେ ନବୀ କରୀମ୍ ସ.ଅ ହସି ପଡ଼ିଲେ । ପୁନଶ୍ଚ ଆଁହଜୁର୍ ସ.ଅ ହ. ଉମର୍ ର.ଅଙ୍କୁ ଆଦେଶ ଦେଲେ ଯେ, ହେ ଉମର୍ ତୁମେ ଏହି ଦୁଇ ଓଟ ମଧ୍ୟରୁ ଗୋଟିଏ ଓଟ ଉପରେ ଯଅ ଏବଂ ଅନ୍ୟ ଓଟ ଉପରେ ଖଜୁରୀ ବୋଳି ଲଦିଦିଅ । ଆପଣ ସ.ଅ କେବଳ ଧନ ପ୍ରଦାନ କଲେ ନାହିଁ ବରଂ ତା'ର ଅସଦାଚାରଣ ଯୋଗୁଁ ତାକୁ କ୍ଷମା ମଧ୍ୟ କରିଦେଲେ । **(ସୁନନ୍ ଅବି ଦାଉଦ୍, କିତାବୁଲ୍ ଅଦବ୍, ବାବ୍- ଫିଲ୍ ହିଲ୍‌ମି ୱ ଅଖ୍‌ଲାକିନ୍ ନବୀ ସ.ଅ, ହଦିସ୍ ନଂ-4775, ଶରହୁଲ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଗ୍ରନ୍ଥଖଣ୍ଡ-6, ପୃ-25, ଅଲ୍ ଫଜ୍‌ଲୁସ୍ ସାନି, ଫିମା ଅକ୍ରମହୁଲ୍ଲାଃ ତାଆନ୍ ବିହି ମିନଲ୍ ଅଖ୍‌ଲାକିଜ୍ ଜକିୟତା, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1996 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ଯଦି ମୋ ପାଖରେ ବାହାରେନ୍ ଦେଶର ଧନ ଆସେ ତେବେ ମୁଁ ତୁମକୁ ଏତେ ଏତେ ଓ ଏପରି ଏପରି ଦେବି । ଆପଣ ସ.ଅ ଦୁଇ ହାତକୁ ଏକତ୍ରିତ କରି କହିଲେ । କିନ୍ତୁ ବାହାରେନ୍‌ର ଧନ ଆସିବା ପୂର୍ବରୁ ଆଁହଜରତ୍ ସ.ଅଙ୍କ ଅକାଳ ବିୟୋଗ ହୋଇଗଲା । ପୁନଶ୍ଚ ସେହି ଧନ ଆପଣ ସ.ଅଙ୍କ ବିୟୋଗ ପରେ ହ. ଅବୁ ବକ୍କର ର.ଅଙ୍କ ଶାସନକାଳରେ ତାଙ୍କ ପାଖକୁ ଆସିଲା । ଆପଣ ର.ଅ ଏକ ଘୋଷଣା କରିବା ନିମନ୍ତେ ଆଦେଶ ଦେଲେ ଯେ, ଯେଉଁ ବ୍ୟକ୍ତିକୁ ଆଁହଜରତ୍ ସ.ଅ କିଛି ଦେବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ କିମ୍ବା ଆଁହଜରତ୍ ସ.ଅଙ୍କ ଉପରେ ଯେଉଁ ବ୍ୟକ୍ତିର ରଣ ରହିଛି (ଆଁହଜରତ୍ ସ.ଅଙ୍କ ଠାରୁ ରଣ ପ୍ରାପ୍ତ କରିବାର ଥିଲା) ତେବେ ସେହି ବ୍ୟକ୍ତି ପକ୍ଷେ ଏହା ଉଚିତ୍ ହେବ ଯେ, ସେ ଆସୁ ଏବଂ ମୋ ଠାରୁ ନେଇଯାଉ। ତେଣୁ ଉକ୍ତ କଥା ଶୁଣିବା ମାତ୍ରେ ମୁଁ ଛିଡ଼ା ହୋଇଗଲି ଏବଂ କହିଲି, ହେ ଅବୁ ବକ୍କର୍! ନବୀ କରୀମ୍ ସ.ଅ ମୋତେ କହିଥିଲେ ଯେ, ହେ ଜାବିର୍ ! ଯଦି ବାହାରେନ୍‌ର ଧନ ଆସିଲା ତେବେ ମୁଁ ତୁମକୁ ମୁଁ ତୁମକୁ ଏତେ ଏତେ ଓ ଏପରି ଏପରି ଦେବି । ପ୍ରତ୍ୟୁତ୍ତରରେ ହ. ଅବୁ ବକ୍କର ର.ଅ ଗୋଟିଏ ଅଞ୍ଜ୍ (ଆଞ୍ଜୁଳାଏ) ଅର୍ଥାତ୍ ଦୁଇ ହାତକୁ ଯୋଡ଼ି ଧନରାଶି ହାତରେ ପୂରାଇଲି । ପୁନଶ୍ଚ ଆପଣ ର.ଅ ମୋତେ କହିଲେ. ହେ ଜାବିର୍ ! ତୁମେ ଦୁଇ ହାତରେ ଯେଉଁ ଅର୍ଥ ଏକତ୍ରିତ କଲ ତାହାକୁ ଗଣ । ସୁତରାଂ ମୁଁ ଗଣିଲି, ତେବେ ତାହା 500/- ଦିରହମ୍ ବାହାରିଲା (ହେଲା) । ଆପଣ ର.ଅ ଅର୍ଥାତ୍ ହ. ଅବୁ ବକ୍କର୍ ର.ଅ କହିଲେ, ହେ ଜାବିର୍ ! ତୁମେ ଏହାଠୁ ଦୁଇଗୁଣା ଆଉ ନେଇନିଅ। ହ. ଅଲା ବିନ୍ ହଜ୍‌ରମି ଯାହାଙ୍କୁ ରସୁଲୁଲ୍ଲାଃ ସ.ଅ ବାହାରେନ୍‌ର ଶାସକ ରୂପେ ନିଯୁକ୍ତ କରିଥିଲେ ସେ ବାହାରେନ୍‌ରୁ ଏହି ଅର୍ଥ ପଠାଇଥିଲେ ଏବଂ ଆଁହଜରତ୍ ସ.ଅଙ୍କ ଅକାଳ ବିୟୋଗ ପରେ ହ. ଅଲା ସେହି ପଦବୀରେ ଆସୀନ ରହିଥିଲେ । **(ସହି ମୁସ୍‌ଲିମ୍, ଉର୍ଦ୍ଦୁ ଅନୁବାଦକ, ଗ୍ରନ୍ଥଖଣ୍ଡ-12, ପୃ-224-225, କିତାବୁଲ୍ ଫଜାଇଲି, ବାବ୍- ମା ସୁଇଲା ରସୁଲୁଲ୍ଲାଃ ସ.ଅ ଶୈଅନ୍ ଖତ୍ତୁ ଫକତାଲା ଲା ୱ କସ୍‌ରତୁ ଅତାଆହୁ, ହଦିସ୍ ନଂ-4264, ପ୍ରକାଶକ-ନୁର୍ ଫାଉଣ୍ଡେସନ୍) (ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ପୃ-556, ଉମ୍‌ରାହୁ ୱ ରସୁଲୁହୁ.......ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1996)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହାରୁନ୍ ବିନ୍ ରିଆବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ନବୀ କରୀମ୍ ସ.ଅଙ୍କ ପାଖରେ 70,000 ଦିରହମ୍ ଆସିଲା । ଏହା ସବୁଠୁ ବିପୁଳ ପରିମାରଣ ଅର୍ଥରାଶି ଥିଲା ଯାହା ନବୀ ସ.ଅଙ୍କ ପାଖକୁ ଆସିଥିଲା । ପୁନଶ୍ଚ ଉକ୍ତ ଅର୍ଥରାଶିକୁ ଏକ ମଶିଣା (ଚଟେଇ) ଉପରେ ରଖାଗଲା । ପୁନଶ୍ଚ ଆପଣ ସ.ଅ ତାହାକୁ ବାଣ୍ଟିବା ନିମନ୍ତେ ଯେତେବେଳେ ଛିଡ଼ା ହେଲେ ସେତେବେଳେ ଯିଏ ବି ଭିକ୍ଷୁକ ତଥା ପ୍ରଶ୍ନକର୍ତ୍ତା (ଅର୍ଥାତ୍ ମାଗିଲାବାଲା) ଆସିଲା ଆପଣ ସ.ଅ ତାହାକୁ ଶୂନ୍ୟ ହସ୍ତରେ ଫେରିବାକୁ ଦେଲେ ନାହିଁ । ଏପର୍ଯ୍ୟନ୍ତକି ଆପଣ ସ.ଅ ସେହି ସମସ୍ତ ଧନରାଶିକୁ ବାଣ୍ଟିଦେଲେ । **(ଅଖ୍‌ଲାକୁନ୍ ନବୀ ସ.ଅ ୱ ଆଦାବୁହୁ, ପୃ-103-104, ହଦିସ୍ ନଂ-97, ମକ୍‌ତବା ଦାରୁଲ୍ ଲୁଉଲୁଉହୁ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ଘଟଣାଟି ସେହି ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି । କିନ୍ତୁ ସେହି ଅର୍ଥରାଶି ଠାରୁ ଅଧିକ ଅର୍ଥ ଆସୁଥିଲା । ସମ୍ଭବତଃ ବର୍ଣ୍ଣନାକାରୀଙ୍କ ଜ୍ଞାନ ତଥା ଧାରଣା ଅନୁଯାୟୀ ଏହା ସର୍ବାଧିକ ଅର୍ଥରାଶି ହୋଇଥିବ କିମ୍ବା ଯେତେବେଳର ଉକ୍ତ ବର୍ଣ୍ଣନାଟି ବର୍ଣ୍ଣନା କରାଯାଇଥିବ ସେତେବେଳ ପର୍ଯ୍ୟନ୍ତ ଏହି ଅର୍ଥରାଶି ସର୍ବାଧିକ ଅର୍ଥରାଶି ହୋଇଥିବ । କାରଣ ଏହା ପୂର୍ବରୁ ଯେଉଁ ବର୍ଣ୍ଣନାଟି ରହିଛି ତହିଁରେ ବାହାରେନ୍‌ରୁ ଯେଉଁ ଅର୍ଥରାଶି ଆସିଥିଲା ତାହା ସର୍ବାଧିକ ଅର୍ଥରାଶି ଥିଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ବ୍ୟକ୍ତି ନବୀ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ ଆପଣ ସ.ଅଙ୍କୁ କିଛି ମାଗିବାକୁ ଲାଗିଲା । ରସୁଲୁଲ୍ଲାଃ ସ.ଅ ସେହି ବ୍ୟକ୍ତିକୁ ଅଧା ୱସକ୍ (ପରିମାପକ) ଶସ୍ୟବୀଜ ଧାର ଆଣି ଦେଇଦେଲେ । ଏକ ୱସକ୍ ପ୍ରାୟ ସାଢେ ଆଠ ସାଆ ଏବଂ ଏକ ସାଆ ଅଢେଇ ସେର୍ ପାଖାପାଖି ହୋଇଥାଏ । ପୁନଶ୍ଚ ରଣ ଦେଇଥିବା ବ୍ୟକ୍ତି ରଣ ଟଙ୍କା ଯେତେବେଳେ ମାଗିବାକୁ ଆସିଲା ସେତେବେଳେ ଆଁହଜରତ୍ ସ.ଅ ସେହି ବ୍ୟକ୍ତିକୁ ଏକ ୱସକ୍ ଶସ୍ୟବୀଜ ପ୍ରଦାନ କଲେ ଏବଂ କହିଲେ ହେ ସାହାବାମାନେ ଉକ୍ତ ବ୍ୟକ୍ତିର ରଣ ପରିଶୋଧ ସ୍ୱରୂପ ଅତିରିକ୍ତି ଅଧା ୱସକ୍ ଶସ୍ୟବୀଜ ଉପହାର ସ୍ୱରୂପ ସେହି ବ୍ୟକ୍ତିକୁ ଦେଇଦିଅ ତେଣୁ ଆପଣ ସ.ଅ ସେହି ବ୍ୟକ୍ତିକୁ ଅତିରିକ୍ତ ଏକ ୱସକ୍ ଶସ୍ୟବୀଜ ପ୍ରଦାନ କଲେ । **(ଅଶ୍ ଶଫା ବିତାରିଫି ହୁକୁକିଲ୍ ମୁସ୍ତଫା, ଲିକାଜି ଇୟାଜି, ପୃ-77-78, ଫସ୍‌ଲୁ ୱ ଅମ୍ମାଲୁ ଜୁଦି ୱଲ୍ କିରମି....ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2002 ମସିହା, ଲୁଗାତୁଲ୍ ହଦିସ୍, ଗ୍ରନ୍ଥଖଣ୍ଡ-2, ପୃ-648, ଗ୍ରନ୍ଥଖଣ୍ଡ-4, ପୃ-487)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହା ହେଉଛି ରଣ ପରିଶୋଧ ବା ରଣ ଫେରସ୍ତ କରିବାର ସର୍ବୋତ୍ତମ ପନ୍ଥା । ସେହି ବ୍ୟକ୍ତି ଅଧା ୱସକ୍ ଶସ୍ୟବୀଜ ଧାର ଦେଇଥିଲା। କିନ୍ତୁ ଆପଣ ଧାର ଦେଇଥିବା ବ୍ୟକ୍ତିକୁ ସଂପୂର୍ଣ୍ଣ ୱସକ୍ ପ୍ରଦାନ କଲେ । ତେଣୁ ଏହା ହେଉଛି ରଣ ପରିଶୋଧ ବା ରଣ ଫେରସ୍ତ କରିବାର ସର୍ବୋତ୍ତମ ପନ୍ଥା । ମୂଳଧନ ପରିଶୋଧ କରିବା ସମୟରେ ଟାଳଟୁଳ ନୀତି ଆଦୌ ଅବଲମ୍ବନ କରା ନଯାଉ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ସହଲ୍ ବିନ୍ ସାଆଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅଙ୍କ ସକାଶେ ଏକ କଳା ରଙ୍ଗର ଉଲର ବସ୍ତ୍ର ପ୍ରସ୍ତୁତ କରାଗଲା । ଦିନେ ଆପଣ ସ.ଅ ସେହି ବସ୍ତ୍ର ପରିଧାନ କରି ସାହାବାମାନଙ୍କ ଗହଣରେ ଉପସ୍ଥିତ ହେଲେ। ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ମୋର ଏହି ବସ୍ତ୍ରକୁ ଟିକେ ଦେଖିଲ, ଉକ୍ତ ବସ୍ତ୍ରଟି କେଡ଼େ ସୁନ୍ଦର ହୋଇଛି ? ଜଣେ ମଫସଲ ବ୍ୟକ୍ତି କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ମାତାପିତା ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ହୋଇ ଯାଆନ୍ତୁ । ଆପଣ ସ.ଅ ଉକ୍ତ ବସ୍ତ୍ର ମୋତେ ଦେଇ ଦିଅନ୍ତୁ । ଅତଏବ୍ ଏପରି କେବେ ହୋଇ ନାହିଁ ଯେ, କୌଣସି ବ୍ୟକ୍ତି ରସୁଲ୍ କରୀମ୍ ସ.ଅଙ୍କୁ କିଛି ଜିନିଷ ମାଗିଥିବ ଏବଂ ଆପଣ ସ.ଅ ସେହି ବ୍ୟକ୍ତିକୁ ନା କହିଥିବେ । ନା କଦାପି ନୁହଁ । ବରଂ ଆପଣ ସ.ଅ ସେହି ବ୍ୟକ୍ତି ଅବଶ୍ୟ ହଁ କହିଥିବେ ଏବଂ ଉକ୍ତ ବସ୍ତୁକୁ ଅବଶ୍ୟ ଆପଣ ସ.ଅ ପ୍ରଦାନ କରିଥିଲେ। ସୁତରାଂ ରସୁଲ୍ କରୀମ୍ ସ.ଅ ସେହି ବ୍ୟକ୍ତିକୁ ନିଜର ବସ୍ତ୍ର ଓହ୍ଲାଇ ଦେଇଦେଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-7, ପୃ-53, ଫି କରମହୁ ଉଜୁହି ସ.ଅ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1993 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକ ସୁନ୍ଦର ବର୍ଣ୍ଣନା ରହିଛି । ହ. ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଜଣେ ବସ୍ତ୍ର ବିକାଳୀ ଠାରୁ ଏକ କାମିଜ୍ (କୁର୍ତ୍ତା) 4 ଦିରହମ୍‌ରେ କ୍ରୟ କଲେ । ସେହି କାମିସଟିକୁ ପିନ୍ଧି ଆପଣ ସ.ଅ ବାହାରକୁ ଯେତେବେଳେ ଆସିଲେ ସେତେବେଳେ ଅନ୍‌ସାରମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ ଏହି କାମିଜ୍ ପିନ୍ଧାଇ ଦିଅନ୍ତୁ । ଅଲ୍ଲାଃତାଲା ଆପଣ ସ.ଅଙ୍କୁ ସ୍ୱର୍ଗର ବସ୍ତ୍ର ପରିଧାନ (ପିନ୍ଧାଇବେ) କରାଇବେ। ସୁତରାଂ ଆପଣ ସ.ଅ ସେହି କାମିଜ୍ ଓହ୍ଲାଇ ଉକ୍ତ ବ୍ୟକ୍ତିକୁ ଦେଇଦେଲେ । ଆପଣ ସ.ଅ ପୁଣିଥରେ ଦୋକାନୀ ପାଖକୁ ଗଲେ ଏବଂ ତା ଠାରୁ 4 ଦିରହମ୍‌ରେ ଆଉ ଏକ କାମିଜ୍ କ୍ରୟ କଲେ । ଆପଣ ସ.ଅଙ୍କ ପାଖରେ ଆଉ 2 ଦିରହମ୍ ବାକି ରହିଗଲା । ଆପଣ ସ.ଅ ବାଟରେ ଯେତେବେଳେ ଫେରୁଥିଲେ ସେତେବେଳେ ଆପଣ ସ.ଅ ଜଣେ ଦାସୀକୁ କାନ୍ଦୁଥିବାରେ ଦେଖିଲେ । ଆପଣ ସ.ଅ ସେହି ଦାସୀକୁ କାନ୍ଦିବାର କାରଣ ପଚାରିଲେ । ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ପରିବାର ମୋତେ 2 ଦିରହମ୍ ଦେଇଥିଲେ ଯେ, ମୁଁ ଉକ୍ତ 2 ଦିରହମ୍‌ରୁ ଘରକୁ ଅଟା କିଣିକି ଆଣିବି । କିନ୍ତୁ ସେହି 2 ଦିରହମ୍ ମୋ ଦ୍ୱାରା କେଉଁଠି ପଡ଼ି ଯାଇଛି, ହଜି ଯାଇଛି । ନବୀ କରୀମ୍ ସ.ଅ ସେହି ଦାସୀକୁ ବଳକା ଦୁଇ ଦିରହମ୍ ଦେଇଦେଲେ । ସେ ବୁଲିକି ଆଁହଜରତ୍ ସ.ଅଙ୍କୁ ଦେଖିଲା ଏବଂ ଆପଣ ସ.ଅଙ୍କୁ ଦେଖି ପୁନଃ କାନ୍ଦିବାକୁ ଲାଗିଲା । ଆପଣ ସ.ଅ ତାକୁ କାନ୍ଦିବାର କାରଣ ସଂପର୍କରେ ପଚାରିଲେ ଯେ, ସେ କାହିଁକି କାନ୍ଦୁଛି ? ଅପରପକ୍ଷେ ଆପଣ ସ.ଅ ସେହି ଦାସୀକୁ ଦୁଇ ଦିରହମ୍ ଦେଇ ସାରିଥିଲେ । ଆପଣ ସ.ଅ ସେହି ଦାସୀକୁ କହିଲେ, ହେ ଦାସୀ ! ମୁଁ ତ' ତୁମକୁ ଦୁଇ ଦିରହମ୍ ଦେଇ ସାରିଛି ତୁମେ ଯାଇ ସେହି 2 ଦିରହମ୍‌ରେ ଅଟା କିଣିନିଅ । କାନ୍ଦୁଛ କାହିଁକି ? ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଡରୁଛି ଯେ, ସେମାନେ ଅର୍ଥାତ୍ ପରିବାରବର୍ଗମାନେ ମୋତେ ପିଟିବେ। କାରଣ ସେମାନେ ମୋତେ ପଚାରିବେ ଯେ, ଏତେ ବିଳମ୍ବ କାହିଁକି ହେଲା ଏବଂ ତୁ ସମୟ ଧରି କେଉଁଠି ଥିଲୁ ? ଅତଏବ୍ ଆପଣ ସ.ଅ ସେହି ଦାସୀ ସହିତ ତା' ପରିବାରବର୍ଗଙ୍କ ଆଡ଼କୁ ବାହାରି ପଡ଼ିଲେ । ଆପଣ ସ.ଅ ସେମାନଙ୍କୁ ସଲାମ୍ କଲେ । ସେମାନେ ଆପଣ ସ.ଅଙ୍କ ସ୍ୱର ଚିହ୍ନି ପକାଇଲେ। କିନ୍ତୁ ଉତ୍ତର ଦେବା ପରିବର୍ତ୍ତେ ସେମାନେ ନୀରବତା ଅବଲମ୍ବନ କଲେ । ଆପଣ ସ.ଅ ପୁନଃ ସଲାମ୍ କଲେ । ସେମାନେ ତଥାପି ନୀରବ ରହିଲେ । ଆପଣ ସ.ଅ ତୃତୀୟ ଥର ସେମାନଙ୍କୁ ସଲାମ୍ କଲେ । ସେତେବେଳେ ଯାଇ ଅର୍ଥାତ ତୃତୀୟ ଥର ଯେତେବେଳେ ଆପଣ ସ.ଅ ସେମାନଙ୍କୁ ସଲାମ୍ କଲେ ସେତେବେଳେ ସେମାନେ ଆପଣ ସ.ଅଙ୍କ ସଲାମ୍‌ର ଉତ୍ତର ପ୍ରଦାନ କଲେ । ଆପଣ ସେମାନଙ୍କୁ ଯେତେବେଳେ କହିଲେ ଯେ, ଆରେ ମୁଁ ଯେତେବେଳେ ପ୍ରଥମ ଥର ସଲାମ୍ କଲି ସେତେବେଳେ ତୁମେମାନେ ଶୁଣି ନଥିଲ ? ସେମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଆମେମାନେ ଶୁଣିଥିଲୁ। କିନ୍ତୁ ଆମେମାନେ ଏହା ଉଚିତ୍ ବୋଲି ମନେକଲୁ ଯେ, ଆପଣ ସ.ଅ ଆମମାନଙ୍କ ଉପରେ ଶାନ୍ତି ବୃଦ୍ଧି କରି ଚାଲନ୍ତୁ । ଅର୍ଥାତ୍ ବରମ୍ବାର ସଲାମ୍ କରି ଚାଲନ୍ତୁ। ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ ହେଉ । ଅତଏବ୍ ଏହା ଥିଲା ସେହି ସାହାବାମାନଙ୍କର ଈର୍ଷା ଏବଂ ଲୋଭ । ପୁନଶ୍ଚ ସେମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମମାନଙ୍କର ମାତାପିତାମାନେ ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ହୋଇ ଯାଆନ୍ତୁ । ଆପଣ ସ.ଅ କିପରି ଆସିଲେ ? ଆପଣ ସ.ଅ ପ୍ରତ୍ୟୁତ୍ତରରେ କହିଲେ, ହେ ଲୋକମାନେ ଏହି ଝିଅଟି ଡ଼ରୁଥିଲା ଯେ, ତୁମେମାନେ ତାକୁ ମାରିବ । ସେହି ଦାସୀର ମାଲିକ୍ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ସେହି ଦାସୀଙ୍କ ସହିତ ଆସିବା ଯୋଗୁଁ ମୁଁ ଧନ୍ୟ ହୋଇଯାଇଛି ଏବଂ ଉକ୍ତ ଦାସୀକୁ ମୁଁ ଅଲ୍ଲାଃତାଲାଙ୍କ ସକାଶେ ମୁକ୍ତ କରିଦେଲି । ନବୀ କରୀମ୍ ସ.ଅ ସେହି ପରିବାରବର୍ଗଙ୍କୁ କଲ୍ୟାଣ ଏବଂ

ବୈକୁଣ୍ଠର ଶୁଭ ସୂଚନା ପ୍ରଦାନ କଲେ ଏବଂ ପୁନଶ୍ଚ କହିଲେ,"ଅଲ୍ଲାଃତାଲା ଏହି 10 ଦିରହମରେ ଅଜସ୍ର କଲ୍ୟାଣ ପ୍ରଦାନ କରିଛନ୍ତି । ଅଲ୍ଲାଃତାଲା ଉକ୍ତ 10 ଦିରହମ୍‌ରୁ କାମିଜ୍ ପିନ୍ଧାଇଲେ ଏବଂ ଅନ୍ୟ ଜଣେ ଅନ୍‌ସାରୀ ବ୍ୟକ୍ତିକୁ ମଧ୍ୟ କାମିଜ୍ ପନ୍ଧାଇଲେ ଓ ଜଣେ ଦାସୀକୁ ମଧ୍ୟ ଏହି 10 ଦିରହମ୍ ଯୋଗୁଁ ମୁକ୍ତ କରାଇଦେଲେ ।" **(ଅଲ୍ ମୁଜିମୁଲ୍ କବିର୍, ଲିଟ୍ ତିବ୍ରାନୀ ଗ୍ରନ୍ଥଖଣ୍ଡ-12, ପୃ-441-442, ହଦିସ୍ ନଂ-13607, ମକତବା, ଇବ୍‌ନେ ତୈମିୟାହ୍, ଅଲ୍ କାହିରତା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଉସ୍‌ମାନ୍ ର.ଅ ନବୀ କରୀମ୍ ସ.ଅଙ୍କୁ ଅଙ୍ଗୁରର ଏକ ପେଛା ଭେଟି ସ୍ୱରୂପ ଉପସ୍ଥାପିତ କଲେ । ଏହା ମଧ୍ୟ ବର୍ଣ୍ଣନା କରାଯାଏ ଯେ, ହ. ଉସ୍‌ମାନ୍ ଆଁହଜରତ୍ ସ.ଅଙ୍କୁ ଖଜୁରୀ କୋଳି ପେଛା ଆଣି ଦେଲେ । ସେ ଯାହା ହେଉ ଜଣେ ଭିକ୍ଷୁକ୍ (ଭିକାରୀ, ଅଭାବି, ଦରିଦ୍ର ବ୍ୟକ୍ତି) ଆସିଲା । ତେବେ ଆପଣ ସ.ଅ ସେହି ଖଜୁରୀ କିମ୍ବା ଅଙ୍ଗୁର ପେଛାକୁ ଉକ୍ତ ବ୍ୟକ୍ତିକୁ ଦେଇଦେଲେ । ହ. ଉସ୍‌ମାନ୍ ର.ଅ ସେହି ଭିକ୍ଷୁକକୁ ଗୋଟିଏ ଦିରହମ୍ ଦେଇ ଉକ୍ତ ଖଜୁରୀ କୋଳି ଅବା ଅଙ୍ଗୁର ପେଛାକୁ ପୁଣି କିଣିନେଲେ । ଅର୍ଥାତ୍ ଆପଣ ର.ଅ ଯେଉଁ ପେଛା ଆଣିଥିଲେ ତାହା କୌଣସି ବିଶେଷ ପ୍ରକାରର ପେଛା ହୋଇଥିବ । ଖଜୁରୀ କୋଳି ଭଲ ହୋଇଥିବା ଆପଣ ର.ଅ 1 ଦିରହମରେ ସେହି ଭିକ୍ଷୁକ ଠାରୁ କିଣି ପୁନଃ ଆଁହଜରତ୍ ସ.ଅଙ୍କ ସେବାରେ ଉପସ୍ଥାପିତ କରିଦେଲେ । ଅର୍ଥାତ୍ ହ. ଉସ୍‌ମାନ୍ ଯେଉଁ ପେଛା ଆଣିଥିଲେ ତାହା ବିଶେଷ ପ୍ରକାରର ପେଛା ହୋଇଥିବ ଏବଂ ଭଲ ପେଛା ହୋଇଥିବ । ତେଣୁ ଆପଣ ର.ଅ ସେହି ପେଛାକୁ ଉକ୍ତ ଭିକ୍ଷୁକ ଠାରୁ କିଣିନେଲେ ଏବଂ ତାହାକୁ ଆଁହଜରତ୍ ସ.ଅଙ୍କ ସେବାରେ ଉପସ୍ଥାପିତ କରିଦେଲେ । ପୁନଶ୍ଚ ସେହି ଭିକ୍ଷୁକ ଜଣକ ପୁନଃ ଆସିଲା ଏବଂ ପୁନଶ୍ଚ ଆପଣ ସ.ଅଙ୍କ ଉକ୍ତ ପେଛା ମାଗିଲା । ଆପଣ ସ.ଅ ପୁନଃ ଉକ୍ତ ପେଛାକୁ ଉକ୍ତ ଭିକ୍ଷୁକ ବ୍ୟକ୍ତିକୁ ଦେଇଦେଲେ । ଅର୍ଥାତ୍ ସେହି ଭିକ୍ଷୁକ ଆସି ଆଁହଜରତ୍ ସ.ଅଙ୍କୁ ବରମ୍ବାର ପେଛା ମାଗୁଥିଲା । ଆଁହଜରତ୍ ସାଅ ତାକୁ ବାରମ୍ବାର ପେଛା ଦେଇ ଦେଉଥିଲେ । ପରିଶେଷରେ ଆପଣ ସ.ଅ ସେହି ଭିକ୍ଷୁକକୁ ନମ୍ରତାର ସହିତ କହିବାକୁ ଲାଗିଲେ ଯେ, ହେ ବ୍ୟକ୍ତି ! ତୁମେ ଭିକ୍ଷୁକ୍ ନା ବ୍ୟବସାୟୀ ଅଟେ? ତୁମେ ମାଗିବାକୁ ଆସିଛ ଟି ? ଭିକ୍ଷୁକମାନେ ତ' ଏପରି ଭିକ ମାଗନ୍ତି ନାହିଁ । ତୁମେ ତ' ଦିରହମ୍ ପରେ ଦିରହମ୍ ଉପାର୍ଜନ କରି ଚାଲିଛ ଏବଂ ଆରେ ତୁମେ ତ' ବାଣିଜ୍ୟ ବ୍ୟବସାୟ କୁରଛ । **(ତଫସିରୁଲ୍ ମାଆନି, ସୁରତୁଲ୍ ଜୁହା ଆୟତ୍, ଗ୍ରନ୍ଥଖଣ୍ଡ-15, ଭାଗ-29-30, ପୃ-376, ଦାରୁଲ୍ କୁତୁବୁଲ୍ ଇଲମିୟାହ୍)**

ହୁଜୁର୍ ଅନୱର୍ ଅ.ବ କହିଲେ, ଆପଣ ସ.ଅ ଭିକ୍ଷୁକକୁ ମନାକଲେ ନାହିଁ । କିନ୍ତୁ ଅତ୍ୟନ୍ତ ବୌଦ୍ଧିକପୂର୍ଣ୍ଣ ଓ ତାତ୍ତ୍ୱିକପୂର୍ଣ୍ଣ ଭାବରେ ତାକୁ ଉପଦେଶ ଦେଲେ ଯେ, ହେ ବ୍ୟକ୍ତି ! ତୁମେ ଯେପରି କରୁଛ ସେପରି କରିବା ଉଚିତ୍ ତଥା ଠିକ୍ ନୁହଁ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବ୍‌ଦୁଲ୍ଲାଃ ବିନ୍ ସଲାମ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଅଲ୍ଲାଃତାଲା ଜୈଦ୍ ବିନ୍ ସାଆନା ର.ଅଙ୍କୁ ସତ୍‌ମାର୍ଗ ପ୍ରଦାନ କରିବାକୁ ଚାହିଁଲେ ସେତେବେଳେ ଜୈଦି ବିନ୍ ସାଆନା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଅବତାରତ୍ୱର ଯେତେ ସବୁ ଲକ୍ଷଣମାନ ରହିଥିଲା ତାହା ମୋତେ ମୁହମ୍ମଦ୍ ସ.ଅଙ୍କ ପବିତ୍ର ମୁଖମଣ୍ଡଳରେ ଦୃଶ୍ୟମାନ ହେଲା । କିନ୍ତୁ ମୋତେ ଦୁଇଟି ପ୍ରସଙ୍ଗ ସଂପର୍କରେ ଜଣାପଡ଼ିଲା ନାହିଁ । ଅର୍ଥାତ୍ ଦୁଇଟି ଲକ୍ଷଣ ଆପଣ ସ.ଅଙ୍କ ମଧ୍ୟରେ ବିଦ୍ୟମାନ ଅଛି ଅବା ନୁହେଁ ? ସେହି ଲକ୍ଷଣ ମଧ୍ୟରୁ ଗୋଟିଏ ଲକ୍ଷଣ ଏହିକି ଯେ, ସେହି ଅବତାରଙ୍କର ନମ୍ରତାତା, ବିନୀତତା ତାହାଙ୍କ କ୍ରୋଧ ଉପରେ ବିସ୍ତାରିତ ହେବ । ଦ୍ୱିତୀୟତଃ ସେହି ଅବତାର ସ.ଅଙ୍କ ପ୍ରତି ଯେତେ ମୂର୍ଖତା ପନ୍ଥା ଅବଲମ୍ବନ କରାଯାଏ ସେ କୋମଳତା, ବିନୀତତାରେ ଅବଶ୍ୟ ବୃଦ୍ଧି ଏବଂ ଅଗ୍ରସର ହେବେ । ମୁଁ ସବୁବେଳେ ଉକ୍ତ ସୁଯୋଗକୁ ଅପେକ୍ଷା କରୁଥିଲି ଯେ, ମୋତେ କେବେ ଏପରି ସୁଯୋଗ ଯଦି ମିଳେ ତେବେ ମୁଁ ସେହି ଲକ୍ଷଣକୁ ଅବଶ୍ୟ ପରୀକ୍ଷା କରି ଦେଖିବି । ସେ ଯାହା ହେଉ ପରୀକ୍ଷା କରିବାର ଅନ୍ୟ ପ୍ରୟୋଜନୀୟତା ଥିଲା । କିନ୍ତୁ ଏପରି ସୁଯୋଗ ସୃଷ୍ଟି ହେଲା ଯେ, ଜୈଦ୍ ବିନ୍ ସାଆନା ର.ଅ କୁହନ୍ତି ଯେ, ଦିନେ ଆଁହଜରତ୍ ସ.ଅ ଘରୁ ବାହାରକୁ ବାହାରିଲେ । ଆପଣ ସ.ଅଙ୍କ ସହିତ ଅଲୀ ବିନ୍ ଅବି ତାଲିବ୍ ର.ଅ ଥିଲେ । ଠିକ୍ ସେତିକି ବେଳେ ଜଣେ ଆରୋହୀ ଆସିଲା । ସେହି ଆରୋହୀ ମଫସଲିଆ ବ୍ୟକ୍ତି ପ୍ରତୀୟମାନ ହେଉଥିଲା । ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅମକ ବନୁର ବୁସ୍ରା ନାମକ ଗ୍ରାମର ଲୋକମାନେ ମୁସଲମାନେ ହୋଇଯାଇଛନ୍ତି ଏବଂ ମୁଁ ସେମାନଙ୍କୁ କହିଥିଲି ଯେ, ସେମାନେ ଯଦି ମୁସଲମାନ ହୋଇଯିବେ ତେବେ ସେମାନଙ୍କୁ ଅଜସ୍ର ଜୀବିକା ପ୍ରାପ୍ତ ହେବ । ବର୍ତ୍ତମାନ ସେହି ଲୋକମାନେ ବର୍ଷାଭାବ ଯୋଗୁଁ ମରୁଡ଼ି ଓ ଦୁର୍ଭିକ୍ଷ ଦ୍ୱାରା ପ୍ରପୀଡ଼ିତ ଅଟନ୍ତି । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଏହି ଆଶଙ୍କା କରୁଛି ଯେ, ସେମାନେ ଯେପରି ପର୍ଯ୍ୟାପ୍ତ ଜୀବିକା ଲୋଭ ତଥା ଆଶାରେ ମୁସଲମାନ ହୋଇଥିଲେ ସେହିପରି ଲୋଭ ଏବଂ ଈର୍ଷାର ବଶବର୍ତ୍ତୀ ହୋଇ ଇସଲାମ୍ ଧର୍ମରୁ ଓହରି ନଯାଆନ୍ତୁ । ଯଦି ଆପଣ ସ.ଅ କୃପା କରି ଦିଅନ୍ତି ଏବଂ ଉଚିତ୍ ବୋଲି ମନେକରନ୍ତି ତେବେ ସେମାନଙ୍କ ଆଡ଼କୁ କିଛି ପ୍ରେରଣ କରି ସେମାନଙ୍କର ସାହଯ୍ୟ ତଥା ସେମନଙ୍କର ମନ ରଖି ନିଅନ୍ତୁ (ସହାନୁଭୂତି ପ୍ରଦର୍ଶନ କରନ୍ତୁ) । ଆପଣ ସ.ଅ ସେହି ବ୍ୟକ୍ତି ଆଡ଼କୁ ଦେଖିଲେ ଏବଂ ଆଁହଜରତ୍ ସ.ଅଙ୍କ ସହିତ ହ. ଅଲୀ ର.ଅ ଥିଲେ । ସେ ମଧ୍ୟ କହିଲେ ଯେ, ବର୍ତ୍ତମାନ ତ' ସେପରି କୌଣସି ଜିନିଷ କିମ୍ବା ବସ୍ତୁ ନାହିଁ ଯାହା ସାହାଯ୍ୟ ନିମନ୍ତେ ତୁରନ୍ତ ତଥା ତାତ୍‌କ୍ଷଣିକ ପ୍ରେରଣ କରାଯିବ । ଜୈଦ୍ ବିନ୍ ସାଆନା ର.ଅ କୁହନ୍ତି ଯେ, ମୁଁ ଆପଣ ସ.ଅଙ୍କ ପାଖକୁ ଆସି ଏହା ଦେଖୁଥିଲେ ଯେ, ମୁଁ ପାଖରେ ଛିଡ଼ା ହୋଇଥିଛି ଏବଂ କହିଲି, ହେ ମୁହମ୍ମଦ୍ ସ.ଅ ! କ'ଣ ଅମକ ବନୁର ଉଦ୍ୟାନର ଖଜୁରୀର ଏକ ନିର୍ଦ୍ଧାରିତ ମାତ୍ରା ଓ ନିର୍ଦ୍ଧାରିତ ସମୟ ସୀମାର ସର୍ତ୍ତାନୁଯାୟୀ ବିକ୍ରି କରିପାରିବେ ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହେ ଇହୁଦୀ ବ୍ୟକ୍ତି ! ଅର୍ଥାତ୍ ଏହି ସାହାବି ଜଣକ ସାଆନା ଇହୁଦୀ ବ୍ୟକ୍ତି ଥିଲେ ନିର୍ଦ୍ଧାରିତ ମାତ୍ରା ଏବଂ ନିର୍ଦ୍ଧାରିତ ସମୟ ସୀମାର ସର୍ତ୍ତ ମଧ୍ୟରେ ଖଜୁରୀ ତ' ବିକ୍ରୟ କରିପାରିବି । କିନ୍ତୁ ମୁଁ ଉକ୍ତ ସର୍ତ୍ତକୁ ମୁଁ ସ୍ୱୀକାର କିପାରିବି ନାହିଁ । ଏହି ଖଜୁରୀ କୋଳିଗୁଡ଼ିକ ଅମକ ଉଦ୍ୟାନରୁ ତୋଳା ହୋଇଥିବ । ମୁଁ କହିଲି ଠିକ୍ ଅଛି । ସୁତରାଂ ଆପଣ ସ.ଅ ମୋ ସହିତ କିଣାବିକା କରିନେଲେ । ମୁଁ ନିଜର ମୁଣି ଖୋଲିଲି ଏବଂ ଆପଣ ସ.ଅଙ୍କୁ 80ଟି ସ୍ୱର୍ଣ୍ଣ (ସୁନା) ମିସକାଲ୍ ଅଗ୍ରୀମ ଟଙ୍କା ଦେଇ ଦେଲି । ମୁଁ ଆପଣ ସ.ଅଙ୍କୁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ ଅମକ ସମୟରେ ଏତେ ପରିମାଣର ଖଜୁରୀ କୋଳି ଦେବେ । 1 ମିସ୍‌କାଲ୍ ପ୍ରାୟ 4.50 ଗ୍ରାମ ହୋଇଥାଏ । ଆପଣ ସ.ଅ ସେହି ସୁନା ଉକ୍ତ ବ୍ୟକ୍ତିକୁ ଦେଇଦେଲେ ଯିଏ ସାହାଯ୍ୟ ମାଗିବା ନମିନ୍ତେ ଆସିଥିଲା ଏବଂ ଆପଣ ସ.ଅ କହିଲେ, ଏହି ସୁନାକୁ ସେହି ବିପନ୍ନ ଲୋକମାନଙ୍କ ମଧ୍ୟରେ ସମାନ ସମାନ ବାଣ୍ଟିଦିଅ । ଏହାରି ମାଧ୍ୟମରେ ତୁମେ ସେମାନଙ୍କୁ ସାହାଯ୍ୟ କର । ହ. ଜୈଦ୍ ବିନ୍ ସାଆନା ର.ଅ କୁହନ୍ତି ଯେ, ବର୍ତ୍ତମାନ ନିର୍ଦ୍ଧାରିତ ଦିନକୁ ଦୁଇ ତିନି ଦିନ ବାକି ରହିଥିଲା କି ମୁଁ ଆପଣ ସ.ଅଙ୍କ ପାଖକୁ ଆସିଲି ଏବଂ ଆପଣ ସ.ଅଙ୍କ ଗ୍ରୀବାକୁ ଧରିନେଲି ଏବଂ ଆପଣ ସ.ଅଙ୍କ ଚଦରକୁ ଟାଣିଲି ଏବଂ ଅତ୍ୟନ୍ତ କ୍ରୋଧାବସ୍ଥା ପ୍ରଦର୍ଶନ କରି କହିଲି, ହେ ମୁହମ୍ମଦ୍ ସ.ଅ ! କ'ଣ ଆପଣ ସ.ଅ ମୋ ଅଧିକାର ସମ୍ପାଦନ କରିବେ ନାହିଁ ? ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୁଁ ବନୁ ଅବ୍‌ଦୁଲ୍ ମୁତଲିବ୍‌ଙ୍କ ଉକ୍ତ ଅଭ୍ୟାସକୁ ଭଲ ଭାବରେ ଜାଣେ ଯେ, ସେମାନେ ଋଣ ପରିଶୋଧ କରିବାରେ ଅତ୍ୟନ୍ତ ମନ୍ଦ ଅଟନ୍ତି । ସେହିପରି ହେ ମୁହମ୍ମଦ୍ ସ.ଅ ମୁଁ ଏକଥା ମଧ୍ୟ ଜାଣେ ଯେ, ତୁମର ମଧ୍ୟ ଟାଳଟୁଳର ଅଭ୍ୟାସ ରହିଛି । ଏହା ମୁଁ ଅନୁଭବ କରି ସାରିଲିଣି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କିନ୍ତୁ ଏହି ପ୍ରଶ୍ନ ମଧ୍ୟ ଉଠୁ ନଥିଲା ଯେ, ଆପଣ ସ.ଅ ଋଣ ପରିଶୋଧ କରିବେ ନାହିଁ ଓ ଟାଳଟୁଳ କରିବେ । କିନ୍ତୁ ସେ ଯାହା ହେଉ ସେହି ବ୍ୟକ୍ତି ଜଣକ ଶତ୍ରୁ ଥିଲା । ସେତେବେଳେ ତ' ମନରେ ଶତ୍ରୁତା ରହିଥିଲା ଏବଂ ସେ ଆପଣ ସ.ଅଙ୍କୁ ପରୀକ୍ଷା କରିବାକୁ ଚାହୁଁଥିଲା । ସେ ଯାହା ହେଉ ସେହି ବ୍ୟକ୍ତି ଜଣକ କହିଲା, ମୁଁ ସେତେବେଳେ ଉମର୍ ର.ଅଙ୍କ ଆଡ଼କୁ ଯିଏ ପାଖରେ ହିଁ ଛିଡ଼ ହୋଇଥିଲେ, ଦେଖିଥିଲି । ସେ କ୍ରୋଧ ଜର୍ଜରିତ ହୋଇଥିଲେ ଏବଂ କ୍ରୋଧ ଯୋଗୁଁ ତାଙ୍କର ଚକ୍ଷୁ ଘୂର୍ଣ୍ଣନ (ଘୁରୁଥିଲା) କରୁଥିଲା । ଯେପରି ଚକ୍ର ଘୁରିଥାଏ । ସେ ଅର୍ଥାତ୍ ହ. ଉମର୍ ର.ଅ ଅତ୍ୟନ୍ତ କ୍ରୋଧ ଜର୍ଜରିତ ଦୃଷ୍ଟିରେ ମୋତେ (ବ୍ୟକ୍ତି) ଦେଖିଲେ ଏବଂ କହଲେ, ହେ ଅଲ୍ଲାଃଙ୍କ ଶତ୍ରୁ ! ତୁ ଅଲ୍ଲାଃ ତାଲାଙ୍କ ବାର୍ତ୍ତାବହଙ୍କୁ ଏପରି କେମିତି କହି ପାରୁଛୁ । ମୁଁ ଯାହା ଶୁଣୁଛି ଓ ଦେଖୁଛି ଯେ, ତୁ ଅଲ୍ଲାଃତାଲାଙ୍କ ବାର୍ତ୍ତାବହଙ୍କ ପ୍ରତି ଏପରି ଧୃଷ୍ଟତା ପ୍ରଦର୍ଶନ କରୁଛୁ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଯିଏ ଏହି ମହାବତାରଙ୍କୁ ସତ୍ୟତାର ସହିତ ପ୍ରେରଣ କରିଛନ୍ତି । ମୁଁ ଯଦି ଆଁହଜରତ୍ ସ.ଅଙ୍କୁ ନଡ଼ରିଥାଆନ୍ତି ତେବେ ମୁଁ ନିଜର ଖଡ଼୍‌ଗ ଦ୍ୱାରା ତୋର ସ୍କନ୍ଧଚ୍ୟୁତ କରି ଦେଇଥାଆନ୍ତି । ଅପରପକ୍ଷେ ରସୁଲ୍ କରୀମ୍ ସ.ଅ ଧୈର୍ଯ୍ୟର ସହିତ ହ. ଉମର୍ ର.ଅଙ୍କ ଆଡ଼କୁ ଦେଖୁଥିଲେ ଏବଂ ସ୍ମିତହାସ୍ୟ ପ୍ରକାଶ କରୁଥିଲେ । ଆପଣ ସ.ଅ କହିଲେ, ହେ ଉମର୍ ! ତୁମେ କ୍ରୋଧ ପ୍ରକାଶ କରିବା ପରିବର୍ତ୍ତେ ଆମ ଦୁହିଁଙ୍କୁ ଅର୍ଥାତ୍ ମୋତେ ଉତ୍ତମ ପରିଶୋଧ କରିବା ନିମନ୍ତେ ଏବଂ ସେହି ବ୍ୟକ୍ତି ଠାରୁ ଉତ୍ତମ ଆଚରଣ ପ୍ରଦର୍ଶ କରିବା ନିମନ୍ତେ କହିଥାଆନ୍ତା । ହେ ଉମର୍ ! ସେହି ବ୍ୟକ୍ତିକୁ ନେଇଯାଅ ଏବଂ ତାକୁ ତା'ର ଅଧିକାର ଦେଇଦିଅ । କେବଳ ସେତିକି ନୁହେଁ ବରଂ ତାକୁ ଅତିରିକ୍ତ 20 ସାଆ ଖଜୁରୀ କୋଳି ମଧ୍ୟ ଦେଇ ଦେବ । ମୁଁ କହିଲି, ହେ ଉମର୍ ! ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି ଅତିରିକ୍ତ 20 ସାଆ ଖଜୁରୀ କଳି କାହିଁକି ଓ କେଉଁଥି ପାଇଁ ? ହ. ଉମର୍ ର.ଅ ଉତ୍ତର ଦେଲେ ଯେ, ହୁଜୁର୍ ସ.ଅ ମୋତେ ଆଦେଶ ଦେଇଥିଲେ ଯେ, ମୁଁ ତୋ ପ୍ରତି ଯେଉଁ କ୍ରୁରତା ପ୍ରଦର୍ଶନ କରିଛି ସେହି କ୍ରୁରତା ବଦଳରେ ମୁଁ ତୋତେ ଅଧିକ ଅର୍ଥାତ୍ ଅତିରିକ୍ତ ଖଜୁରୀ କୋଳି ଦେବି । ମୁଁ (ସେହି ବ୍ୟକ୍ତି କହୁଛି ଯେ,) ଉମର୍ ର.ଅଙ୍କୁ କହିଲି, ହେ ଉମର୍ ! କ'ଣ ଆପଣ ଜାଣନ୍ତି ଯେ, ମୁଁ କିଏ ? ମୁଁ କହିଲି, ମୁଁ ହେଉଛି ଜୈଦ୍ ବିନ୍ ସାଆନା । ହ. ଉମର୍ ର.ଅ ପଚାରିଲେ ଯେ, ତୁମେ ସେହି ହିବର୍ ଅର୍ଥାତ୍ ବରିଷ୍ଠ ଇହୁଦୀ ବିଦ୍ୱାନ୍‌ଙ୍କ ପୁତ୍ର ଟି ? ମୁଁ ଉତ୍ତର ଦେଲି: "ହଁ ହଁ ସେହି ଇହୁଦୀ ବିଦ୍ୱାନ୍‌ଙ୍କ ପୁତ୍ର । ପ୍ରତ୍ୟୁତ୍ତରରେ ହ. ଉମର୍ ର.ଅ କହିଲେ, ହେ ଜୈଦ୍ ବିନ୍ ସାଆନା । ତୁମେ ଏତେ ବଡ଼ ବିଦ୍ୱାନ୍‌ଙ୍କ ପୁତ୍ର ହୋଇ ରସୁଲ୍ କରୀମ୍ ସ.ଅଙ୍କ ପ୍ରତି ଏଭଳି ଧୃଷ୍ଟତା ଏବଂ ଅସଦାଚରଣ କାହିଁକି ପ୍ରଦର୍ଶ କଲ ? ମୁଁ ଉତ୍ତର ଦେଲି ଯେ, ହେ ଉମର୍ ! ଅବତାରତ୍ୱର ଯେତେସବୁ ଲକ୍ଷଣ ରହିଥିଲା ତାହା ଆପଣ ସ.ଅଙ୍କ ମଧ୍ୟରେ ବିଦ୍ୟମାନ୍ ରହିଥିଲା ଏବଂ ମୋତେ ଦୃଶ୍ୟମାନ ମଧ୍ୟ ହେଲା । କିନ୍ତୁ ଦୁଇଟି ଲକ୍ଷଣ ସଂପର୍କରେ ମୁଁ ଜାଣି ପାରିଲି ନାହିଁ । 1- କ'ଣ ଏହି ମହାବତାରଙ୍କ ବିନୀତତା ଏବଂ କୋମଳ ହୃଦୟ କ୍ରୋଧ ଉପରେ ବିଜୟ ପ୍ରାପ୍ତ କରିପାରିବ କି ? 2- ଏହି ମହାବତାରଙ୍କ ସହିତ ଯେତେ କଟୁ ଭାଷା ଏବଂ ମୂର୍ଖତାମୂଳକ ଆଚରଣ ପ୍ରଦର୍ଶନ କରାଯାଉ ପଛେ କିନ୍ତୁ ଏହି ମହାବତାର ସେତେ ଅଧିକ କୋମଳତା ଏବଂ ବିନୀତତା ପ୍ରଦର୍ଶନ କରିବେ। ତେଣୁ ମୁଁ ଏହି ଦୁଇଟି ଲକ୍ଷଣ ସଂପର୍କରେ ଆପଣ ସ.ଅଙ୍କୁ ପରୀକ୍ଷା କରି ଦେଖୁଥିଲି ଯେ, ଆପଣ ସ.ଅଙ୍କ କ'ଣ ପ୍ରତିକ୍ରିୟା ରଖୁଛନ୍ତି ? ହେ ଉମର୍ ! ମୁଁ ଆପଣ ର.ଅଙ୍କୁ ସାକ୍ଷୀ ରଖୁଛି ଯେ, ମୁଁ ଅଲ୍ଲାଃତାଲାଙ୍କୁ ନିଜର ପାଳନକର୍ତ୍ତା ଏବଂ ଇସଲାମ୍ ଧର୍ମକୁ ନିଜର ଧର୍ମ ଓ ମୁହମ୍ମଦ୍ ସ.ଅଙ୍କୁ ନିଜର ଅବତାର ରୂପେ ସ୍ୱୀକାର କରିବାକୁ ପ୍ରସନ୍ନ ଓ ସନ୍ତୁଷ୍ଟ ଅଟେ । ହେ ଉମର୍ ! ମୁଁ ଆପଣ ର.ଅଙ୍କୁ ସାକ୍ଷୀ ରଖୁଛି (କରୁଛି) ଯେ, ଯେହେତୁ ମୁଁ ମୁଁ ଜଣେ ଧନାଢ୍ୟ ବ୍ୟକ୍ତି ଅଟେ ତେଣୁ ମୋର ଅଧା ଧନ ସମ୍ପତ୍ତି ମୁହମ୍ମଦ ସ.ଅଙ୍କ ଧର୍ମାବଲମ୍ବୀମାନଙ୍କ ନିମନ୍ତେ ସଦ୍‌କା ଅଟେ । ପ୍ରତ୍ୟୁତ୍ତରରେ ହ. ଉମର୍ ର.ଅ କହିଲେ, ହେ ଜୈଦ୍ କେତେକ ମୁସଲମାନ ଧର୍ମାବଲମ୍ବୀଙ୍କ ନିମନ୍ତେ ସଦ୍‌କା (ଦାନ) ବୋଲି କୁହ। ଏହାପରେ ହ. ଜୈଦ୍ ଆଁହଜରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ସାକ୍ଷୀ ଦେଉଛି

ଅବଶିଷ୍ଟାଂଶ ପୃଷ୍ଠା ସଂଖ୍ୟା ୯ ରେ

ଧାର୍ମିକ ସହିଷ୍ଣୁତା ଏବଂ ବିବେକ ସ୍ୱାଧୀନତା ସଂପର୍କରେ ଆଁହଜରତ୍ ସ.ଅଙ୍କ ଶିକ୍ଷା ଏବଂ ଉତ୍ତମ ଆଦର୍ଶ

(2025 ମସିହା ଡିସେମ୍ବର ମାସ କାଦିୟାନରେ ଅନୁଷ୍ଠିତ ହୋଇଥିବା ଜଲସା ସାଲାନା ଅବସରରେ ନାଜିର୍ ସାହେବ ଆଲା ଶ୍ରୀଯୁକ୍ତ ଇନାମ୍ ଘୋରୀ ସାହେବଙ୍କ ଦ୍ୱାରା ପ୍ରଦତ୍ତ ଭାଷଣ)

(ଅଲ୍ ବକ୍ରାହ୍ 257)-لَآ اِكْرَاهَ فِي الدِّيْنِ قَدْ تَّبَيَّنَ الرُّشْدُ مِنَ الْغَيِّ

ଅନୁବାଦ୍: ଅର୍ଥାତ୍ ଧର୍ମ ସଂକ୍ରାନ୍ତରେ କୌଣସି ବାଧ ବାଧକତା ନାହିଁ ।

(ଅଲ୍ କହଫ୍: -30) وَقُلِ الْحَقُّ مِنْ رَّبِّكُمْ فَمَنْ شَآءَ فَلْيُؤْمِنْ وَّمَنْ شَآءَ فَلْيَكْفُرْ

ଅନୁବାଦ୍: ଏବଂ ତୁମ୍ଭେ ଲୋକମାନଙ୍କୁ କୁହ କି ଏହି ସତ୍ୟ ତୁମ୍ଭ ପଳନକର୍ତ୍ତାଙ୍କ ତରଫରୁ ହିଁ ଆସିଅଛି ।

قُوْلُوْٓا اٰمَنَّا بِاللّٰهِ وَمَآ اُنْزِلَ اِلَيْنَا وَمَآ اُنْزِلَ اِلٰٓى اِبْرٰهٖمَ وَاِسْمٰعِيْلَ وَاِسْحٰقَ وَيَعْقُوْبَ وَالْاَسْبَاطِ وَمَآ اُوْتِيَ مُوْسٰى وَعِيْسٰى وَمَآ اُوْتِيَ النَّبِيُّوْنَ مِنْ رَّبِّهِمْ لَا نُفَرِّقُ بَيْنَ اَحَدٍ مِّنْهُمْ وَنَحْنُ لَهٗ مُسْلِمُوْنَ **(ଅଲ୍ ବକ୍ରାହ୍ 137)**

ଅନୁବାଦ୍: ଅର୍ଥାତ୍ ହେ ମୁସଲମାନମାନେ ! ତୁମେମାନେ କୁହ ଆମେମାନେ ଅଲ୍ଲାଃଙ୍କ ଉପରେ ତଥା ଯାହା କିଛି ଆମମାନଙ୍କ ପ୍ରତି ଅବତୀର୍ଣ୍ଣ ହୋଇଅଛି ଏବଂ ଯାହାକିଛି ଇବ୍ରାହିମ୍, ଇସ୍ମାଇଲ୍, ଇସ୍ହାକ୍, ୟାକୁବ୍ ଓ ତାହାଙ୍କ ସନ୍ତାନମାନଙ୍କ ପ୍ରତି ଅବତୀର୍ଣ୍ଣ ହୋଇଥିଲା ଓ ଯାହା କିଛି ମୁସା ଓ ଇସାଙ୍କୁ ପ୍ରଦାନ କରାଯାଇଥିଲା ଓ ଏହିପରି ଭାବରେ ଯାହାକିଛି ଅବଶିଷ୍ଟ ନବୀମାନଙ୍କୁ ସେମାନଙ୍କ ପାଳନକର୍ତ୍ତାଙ୍କ ପକ୍ଷରୁ ପ୍ରଦାନ କରାଯାଇଥିଲା (ଏ ସମସ୍ତ ଓହି ଉପରେ) ବିଶ୍ୱାସ ସ୍ଥାପନ କରୁଅଛୁ। ଆମେମାନେ ସେମାନଙ୍କ ଭିତରୁ କାହାରି ମଧ୍ୟରେ କୌଣସି ପାର୍ଥକ୍ୟ କରି ନାହୁଁ ଏବଂ ଆମେମାନେ ତାଙ୍କର ଅର୍ଥାତ୍ ଅଲ୍ଲାଃତାଲାଙ୍କର ଆଜ୍ଞାବହକାରୀ ଅଟୁ ।

ସମ୍ମାନିତ ଶ୍ରୋତାବର୍ଗ ! ଧାର୍ମିକ ସହିଷ୍ଣୁତା ଏବଂ ବିବେକ ସ୍ୱାଧୀନତା ସଂପର୍କରେ ପବିତ୍ର କୁର୍ଆନ୍ କରୀମ୍‌ର ଅସଂଖ୍ୟା ସ୍ଥାନରେ ଏପରି ନୈତିକପୂର୍ଣ୍ଣ ସତ୍ୟତା ଏବଂ ଏପରି ଆଦେଶାବଳୀ ବର୍ଣ୍ଣନା କରି ଦେଇଛି ଯେ, ସେହି ଆଦେଶାବଳୀକୁ ଯଦି ମନେରଖାଯାଏ ଏବଂ ସେଗୁଡ଼ିକ ଉପରେ କାର୍ଯ୍ୟାନୁସରଣ କରାଯାଏ ତେବେ ପ୍ରତ୍ୟେକ ଦିନ ଧର୍ମ ନାଁରେ ଯେଉଁ କଳହ, ହତ୍ୟା ବୀଭତ୍ସତାର ଘଟଣା ଦେଖିବାକୁ ମିଳିଥାଏ ତାହାର ମୂଳୋତ୍ପାଟନ ହେବା ସହଜ ହୋଇପାରିବ । କିନ୍ତୁ ସର୍ତ୍ତ ଏହି ରହିଛି ଯେ, ସେହି ଶାନ୍ତିପ୍ରଦାୟକ ଏବଂ ସନ୍ଧି ପ୍ରିୟ ଶିକ୍ଷାକୁ ରାଜନୈତିକ ସ୍ୱାର୍ଥ ଠାରୁ ପୃଥକ ହୋଇ ଏବଂ ପବିତ୍ର ରଖାଯାଉ ।

ସମୟକୁ ଦୃଷ୍ଟିରେ ରଖି, ମୁଁ କେବଳ ତିନୋଟି ଆୟାତ୍ ଏବଂ ସେମାନଙ୍କର ଅନୁବାଦ ଉପସ୍ଥାପନ କରିଛି କରିଛି । ଏଠାରେ ଧର୍ମ ମୌଳିକ ପ୍ରସଙ୍ଗକୁ ବୁଝିବା ଏବଂ ମନେ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଧର୍ମ କୌଣସି ରାଜନୈତିକ ଦଳ, କୌଣସି ଜାତି କିମ୍ବା ଦେଶର ନାମ ନୁହେଁ । ବରଂ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଧର୍ମ ମଣିଷର ଶାରୀରିକ, ଚାରିତ୍ରିକ ଏବଂ ଆଧ୍ୟାତ୍ମିକ ଅବସ୍ଥାକୁ ଠିକ୍ (ଶୃଙ୍ଖଳିତ ଓ ମାର୍ଜିତ) କରିଥାଏ ଏବଂ ପୁନଶ୍ଚ ନିଜର ପ୍ରକୃତ ସୃଷ୍ଟି କର୍ତ୍ତାଙ୍କ ସହିତ ପ୍ରକୃତ ଏବଂ ଦୃଢ଼ ସମ୍ପର୍କ ସ୍ଥାପନ କରିବା ନିମନ୍ତେ ପଥ ପ୍ରଦର୍ଶନ କରିଥାଏ । ଏହି ଉଦ୍ଦେଶ୍ୟ ସକାଶେ ସମଗ୍ର ବିଶ୍ୱର ପାଳନକର୍ତ୍ତା ପ୍ରତ୍ୟେକ ଦେଶ ଏବଂ ପ୍ରତ୍ୟେକ ଜାତିରେ ସେ ନିଜର ମାର୍ଗଦର୍ଶକ, ପଥପ୍ରଦର୍ଶକ ଏବଂ ବାର୍ତ୍ତାବହ ପ୍ରେରଣ କରି ଆସିଛନ୍ତି । ଯେପରିକି ସେ କୁହନ୍ତି: وَلِكُلِّ اُمَّةٍ رَّسُوْلٌ "ଏବଂ ପ୍ରତ୍ୟେକଟି ସମ୍ପ୍ରଦାୟ ପାଇଁ କେହି ନା କେହି ଜଣେ ରସୁଲ୍ ଆସିବା ଅନିବାର୍ଯ୍ୟା।"**(ସୁରାଃ ୟୁନୁସ: 48)** ସେହିପରି ଅନ୍ୟ ଏକ ସ୍ଥାନରେ ଅଲ୍ଲାଃତାଲା କୁହନ୍ତି: وَّلِكُلِّ قَوْمٍ هَادٍ ଅର୍ଥାତ୍ ପ୍ରତ୍ୟେକ ଜାତି ପାଇଁ ଅଲ୍ଲାଃଙ୍କ ତରଫରୁ ଜଣେ ଲେଖାଏଁ ପଥ ପ୍ରଦର୍ଶକ ପ୍ରେରିତ ହୋଇ ଅଛନ୍ତି । **(ସୁରାଃ ଆର-ରାଦ: 8)**

ଏହି କାରଣରୁ ମୁସଲମାନମାନଙ୍କୁ ଏହି ଶିକ୍ଷା ଦିଆଯାଇଛି ଯେ ଯେପରି ସେମାନେ ହଜରତ ମହମ୍ମଦ ମୁସ୍ତାଫା ସ.ଅଙ୍କ ଉପରେ ଅବତୀର୍ଣ୍ଣ ଓହି (ଐଶୀବାଣୀ) ଉପରେ, ପବିତ୍ର କୁଆରଆନ୍ କରୀମ୍ ଉପରେ ବିଶ୍ୱାସ ରଖନ୍ତି ଠିକ୍ ସେହିପରି ବିଶ୍ୱାସର ପୂର୍ଣ୍ଣତା ନିମନ୍ତେ ଏହା ମଧ୍ୟ ଆବଶ୍ୟକ ଆଁହଜରତ୍ ସ.ଅଙ୍କ ପୂର୍ବରୁ, ଯେଉଁ ଅବତାରମାନଙ୍କ ଉପରେ ଈଶ୍ୱର ନିଜର ବାଣୀ ଅବତୀର୍ଣ୍ଣ ହୋଇ ଆସୁଥିଲା ସେମାନେ ନିଜ ସମୟରେ ସେହି ଐଶୀବାଣୀ ଓ ଧର୍ମବିଧାନ ଅନୁଯାୟୀ ନିଜ ଜାତିର ସଂଶୋଧନ ତଥା ସତ୍‌ମାର୍ଗ ନିମନ୍ତେ କର୍ତ୍ତବ୍ୟ ନିର୍ବାହ କଲେ । ତେଣୁ ଆପଣମାନେ ସେହି ଅବତାରମାନଙ୍କ ଉପରେ ଏବଂ ସେମାନଙ୍କ ଦ୍ୱାରା ଆନୀତ ଧର୍ମବିଧାନ ଉପରେ ନୈତିକ ରୂପେ ବିଶ୍ୱାସ ରଖନ୍ତୁ । ସେହିପରି ଆପଣମାନେ ଏହି ସ୍ୱୀକାରୋକ୍ତି ମଧ୍ୟ ପ୍ରକାଶ କରନ୍ତୁ ଯେ, لَا نُفَرِّقُ بَيْنَ اَحَدٍ مِّنْ رُّسُلِهٖ ଅର୍ଥାତ୍ ଆମେମାନେ ତାଙ୍କ (ଅଲ୍ଲାଃଙ୍କ) ରସୁଲମାନଙ୍କ ମଧ୍ୟରୁ କାହାରି ମଧ୍ୟରେ କୌଣସି ପ୍ରଭେଦ ତଥା ତାରତମ୍ୟ କରୁ ନାହୁଁ । **(ଅଲ୍ ବକ୍ରାହ:286)** ଅବତାର ହେବା ଏବଂ ପଦମର୍ଯ୍ୟାଦା ଦୃଷ୍ଟିରୁ ସମସ୍ତେ ସମାନ ଅଟନ୍ତି ଏବଂ ଯଦିଓ ସେମାନଙ୍କର ଦାୟିତ୍ୱ, କର୍ତ୍ତବ୍ୟ ଏବଂ କାର୍ଯ୍ୟ ପରିସର ଦୃଷ୍ଟିରୁ ସେମାନଙ୍କର ସ୍ଥିତି, ମର୍ଯ୍ୟାଦାରେ ନିଶ୍ଚିତ ଭାବରେ ପାର୍ଥକ୍ୟ ବିଦ୍ୟମାନ ରହିଛି । ଏହି ସଂକ୍ଷିପ୍ତ ପ୍ରାକ୍‌କଥନ ପରେ, ବର୍ତ୍ତମାନ ଧାର୍ମିକ ସହିଷ୍ଣୁତା ଏବଂ ବିବେକର ସ୍ୱାଧୀନତା ସଂପର୍କରେ ପବିତ୍ର କୁରଆନ୍ କରୀମ ଶିକ୍ଷାର ପ୍ରକାଶରେ ଆଁହଜରତ୍ ସ.ଅଙ୍କ ଆଦେଶାବଳୀ ତଥା ଆପଣ ସ.ଅଙ୍କ ସର୍ବୋଚ୍ଚ ଆଦର୍ଶକୁ ଧ୍ୟାନରେ ରଖି ଉପସ୍ଥାପିତ କରାଯିବ । ଯଦି ଆମେ ଘରୁ କଥା ଆରମ୍ଭ କରିବା, ତେବେ ସାଧାରଣତଃ ଏହା ଦେଖାଯାଇଥାଏ ଯେ ଯଦି ଜଣେ ପୁଅ ଯଦି ତା'ର ଧର୍ମ ପରିବର୍ତ୍ତନ କରେ, ତେବେ ତା'ର ପିତାମାତା ତାକୁ ବାସନ୍ଦ କରି ଦିଅନ୍ତି । ସମ୍ପର୍କୀୟମାନେ ମଧ୍ୟ ତା' ସହିତ ସାମାଜିକ ସମ୍ପର୍କ ସମାପ୍ତ କରି ନିଅନ୍ତି। ଏପରି ପରିସ୍ଥିତିରେ ଜଣ ମୁସଲମାନମାନଙ୍କୁ କେଉ ଶିକ୍ଷା ଦିଆଯାଇଛି ? ଏକଦା (ଥରେ) ଜଣେ ବ୍ୟକ୍ତି ଆଁହଜରତ୍ ସ.ଅଙ୍କୁ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ମୋର କିଛି ସମ୍ପର୍କୀୟମାନେ ଅଛନ୍ତି । ମୁଁ ସେମାନଙ୍କ ସହିତ ଯେତେବେଳେ ସମ୍ପର୍କ ରଖେ ସେତେବେଳେ ସେମାନେ କିନ୍ତୁ ସଂପର୍କ ଭାଙ୍ଗି ଦିଅନ୍ତି । ମୁଁ ସେମାନଙ୍କ ଉପରେ ଉପକାର କରେ, ମୁଁ ସେମାନଙ୍କ ପ୍ରତି ଭଲ ବ୍ୟବହାର ପ୍ରଦର୍ଶନ କରେ, କିନ୍ତୁ ସେମାନେ ମୋ ସହିତ ଖରାପ ବ୍ୟବହାର କରନ୍ତି । ମୁଁ ସେମାନଙ୍କ ପ୍ରତି ନମ୍ରତା ଏବଂ ଧୈର୍ଯ୍ୟ ପ୍ରଦର୍ଶନ କରେ, କିନ୍ତୁ ସେମାନେ ସେମାନେ ମୋର ନମ୍ରତା, ଉତ୍ତମ ଆଚରଣର ଉତ୍ତର ଅତ୍ୟାଚାର ଏବଂ ମୂର୍ଖତା ଦ୍ୱାରା ଦେଇଥାଆନ୍ତି ।" ନବୀ କରୀମ୍ ସ.ଅ କହିଲେ: ଯଦି ସେମାନେ ପ୍ରକୃତରେ ଏହିପରି କରନ୍ତି ଯେପରି ତୁମେ ବର୍ଣ୍ଣନା କରିଛ ତେବେ ତୁମେ ସେମାନଙ୍କର ମୁଖରେ ଧୂଳି ପକାଉଛ । ଅର୍ଥାତ୍ ସେମାନଙ୍କ ଉପରେ ଉପକାର କରି ସେମାନଙ୍କୁ ଏପରି ଲଜ୍ଜିତ କରୁଛ ଯେପରିକ ସେମାନେ କାହାକୁ ଆଉ ମୁହଁ ଦେଖାଇବା ପାଇଁ ଯୋଗ୍ୟ ନୁହଁନ୍ତି । ଯେପର୍ଯ୍ୟନ୍ତ ତୁମେ ନିଜର ଏହି ଉତ୍ତମ ଆଚରଣ ଏବଂ ଉତ୍ତମ ଉପକାରର ଆଦର୍ଶ ଉପରେ ପ୍ରତିଷ୍ଠିତ ରହିବ ସେପର୍ଯ୍ୟନ୍ତ ତୁମ ସକାଶେ ଅଲ୍ଲାଃତାଲାଙ୍କ ତରଫରୁ ଜଣେ ସହାୟକ ଦେବଦୂତ ଅବଶ୍ୟ ନିୟୋଜିତ ହୋଇ ରହିବ ।

(ମସନଦ୍ ଅହମଦ୍, ଗ୍ରନ୍ଥଖଣ୍ଡ-2, ପୃ-300, ପ୍ରକାଶନ ସ୍ଥାନ-ମିସର୍)

ହ. ଅସ୍‌ମା ବିନ୍ ଅବୁ ବକ୍କର ର.ଅ ବର୍ଣ୍ଣନା କରନ୍ତି: "ମୋର ଜଣେ ମୁସିରକ୍ ମାତା ଥିଲେ । ସେ ମୋତେ ସାକ୍ଷାତ୍ କରିବା ନିମନ୍ତେ ମଦିନା ଆସିଲେ । ମୁଁ ନବୀ କରୀମ୍ ସ.ଅଙ୍କୁ ପଚାରିଲି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ମୁଁ ତାଙ୍କ ଅର୍ଥାତ୍ ମୁସରିକ୍ ମାତାଙ୍କ ମୁସରିକ୍ ହେବା ସତ୍ତ୍ୱେ ତାଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରିବି କି ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ଅବଶ୍ୟ । ସେ ପରେ ତୁମର ମାତା ଅଟନ୍ତି । ତେଣୁ ତୁମେ ତାଙ୍କ ପ୍ରତି ଅବଶ୍ୟ ଉତ୍ତମ ଆଚରଣ ପ୍ରଦର୍ଶନ କର ।"

(ବୁଖାରୀ କିତାବୁଲ୍ ଅଦବ, ବାବ୍-ସିଲତୁଲ୍ ୱଲଦିଲ୍ ମୁସରିକ୍)

ରସୁଲ୍ କରୀମ୍ ସ.ଅଙ୍କ ଅନେକ ସହୋଦର ସଂପର୍କୀୟମାନେ ଅବତାରତ୍ୱର ଦାବି ସମୟ ପରେ ଆପଣ ସ.ଅଙ୍କ ବିରୁଦ୍ଧରେ ଅତ୍ୟନ୍ତ ଅତ୍ୟାଚାରମୂଳକ ଆଚରଣ ପ୍ରଦର୍ଶନ ଜାରି ରଖିଲେ । ଆପଣ ସ.ଅ କହୁଥିଲେ ଯେ, ନିଃସନ୍ଦେହ କୁରୈଶ୍‌ର ଅମକ ଶାଖା ମୋର ଶତ୍ରୁ ପାଲଟି ଯାଇଛି କିନ୍ତୁ ସେମାନଙ୍କ ସହିତ ଏକ ରକ୍ତ ସଂପର୍କ ରହିଛି ମୁଁ ସେହି ସହୋଦର (ପେଟର) ସଂପର୍କର କର୍ତ୍ତବ୍ୟ ସମ୍ପାଦନ କରୁଥିବି । ସୁତରାଂ ଆପଣ ସ.ଅଙ୍କ ସୁମାମା ବିନ୍ ଉସାଲ୍ ନାମକ ଜଣେ ସାହାବି ଥିଲେ ଯିଏ ୟମାମା ଠାରେ ରହୁଥିଲେ ଏବଂ ତାଙ୍କ ପାଖରୁ ମକ୍କାବାସୀଙ୍କ ପାଇଁ ଗହମ ଆସୁଥିଲା । ସେ ଯେତେବେଳେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ ସେତେବେଳେ ତାଙ୍କୁ ଜ୍ଞାତ ହେଲା ଯେ, ମକ୍କାବାସୀ ନବୀ କରୀମ୍ ସ.ଅଙ୍କ ସହିତ ଅତ୍ୟାଚାରମୂଳକ ଆଚରଣ ପ୍ରଦର୍ଶନ କରୁଛନ୍ତି । ତେଣୁ ସେ ଏହି ନିଷ୍ପତ୍ତି ଏବଂ ପ୍ରଣ ନେଲେ ଯେ, ସେ ଆଜିଠାରୁ ମକ୍କାବାସୀଙ୍କୁ ଗହମର ଗୋଟିଏ ଦାନା ମଧ୍ୟ ଦେବେ ନାହିଁ । ସେ ମକ୍କାବାସଙ୍କୁ କହିଦେଲେ ଯେ, ଯେପର୍ଯ୍ୟନ୍ତ ମୋର ପ୍ରିୟତମ ମୋତେ ଅନୁମତି ଦେବେ ନାହିଁ ସେପର୍ଯ୍ୟନ୍ତ ୟମାମାରୁ ଗହମର ଗୋଟିଏ ଦାନ ମଧ୍ୟ ମକ୍କାବାସୀଙ୍କୁ ମିଳିବ ନାହିଁ । ସେତେବେଳେ ମକ୍କାବାସୀମାନେ ଆଁହଜରତ୍ ସ.ଅଙ୍କ ସେବାରେ ଅନୁରୋଧ କଲେ ଯେ, ହେ ମୁହମ୍ମଦ୍ ସ.ଅ ! ଆପଣ ସ.ଅ ସଂପର୍କୀୟମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରିବା ନିମନ୍ତେ ଶିକ୍ଷା ଦେଉଛନ୍ତି । ଆମର ଗହମ ଆମଦାନୀ ବନ୍ଦ ହୋଇଯାଇଛି ଏବଂ ଆମେମାନେ ଭୋକିଲା ମୃତ୍ୟୁବରଣ କରୁଛୁ । ତେଣୁ ହେ ମୁହମ୍ମଦ୍ ସ.ଅ ! ଆପଣ ସ.ଅ ଆମମାନଙ୍କ ଉପରେ କୃପା କରନ୍ତୁ । ସୁତରାଂ ଏହି ସକଳ ଜଗତ ପାଇଁ ଦୟା ଓ କରୁଣାବତାର ହ. ମୁହମ୍ମଦ୍ ସ.ଅଙ୍କ ଦୟା କ୍ରମେ ମକ୍କାବାସୀଙ୍କୁ ଗହମ ମିଳିବା ଆରମ୍ଭ ହୋଇଗଲା ।

(ଅସ୍ ସିରତୁନ୍ ନବୱିୟାହ୍, ଲିଇବନି ହିଶ୍ଶାମ୍)

ସେହିପରି ପ୍ରବାସ ପରେ ମକ୍କାବାସୀଙ୍କୁ ଦୁର୍ଭିକ୍ଷାଗ୍ରସ୍ତ କଲା । ଏପର୍ଯ୍ୟନ୍ତକି ସେମାନେ ମୃତ ଓ ମଡ ଜୀବମାନଙ୍କର ହାଡ଼, ମାଂସ ମଧ୍ୟ ଖାଇବାକୁ ଲାଗିଲେ । ସେତେବେଳେ ବାଧ୍ୟ ହୋଇ ଅବୁ ସୁଫିୟାନ୍ ଆଁହଜରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲା, ହେ ମୁହମ୍ମଦ୍ ସ.ଅ ! ଆପଣ ତ' ସଂପର୍କୀୟମାନଙ୍କର ପ୍ରତି ଦୟା ପ୍ରଦର୍ଶନ କରିବା ନିମନ୍ତେ ଆଦେଶ ଦିଅନ୍ତି ଏବଂ ବର୍ତ୍ତମାନ ଆପଣଙ୍କ ଜାତି ମୃତ୍ୟୁବରଣ କରୁଛି । ଆପଣ ଆମମାନଙ୍କ ସପକ୍ଷରେ ଦୁଆ କରନ୍ତୁ ଯେ, ବୃଷ୍ଟିପାତ ହେଉ ଏବଂ ଦୁର୍ଭିକ୍ଷ ଦୂର ହେଉ। ଆଁହଜରତ୍ ସ.ଅ ସେହି ମକ୍କାବାସୀଙ୍କୁ ଯେଉଁମାନେ ଆପଣ ସ.ଅଙ୍କୁ ଏବଂ ଆପଣ ସ.ଅଙ୍କର ପିରବାରବର୍ଗଙ୍କୁ ଅହରହ ତିନି ବର୍ଷ ପର୍ଯ୍ୟନ୍ତ ଶୋଓବେ ଅବି ତାଲିବ୍ ଠାରେ ବନ୍ଦୀ କରି ରଖିଥିଲେ । ଏପର୍ଯ୍ୟନ୍ତ ଏହି ମକ୍କାବାସୀମାନେ ଖାଇବା ପାଇବା ଜିନିଷ ମଧ୍ୟ ସେଠାରେ ପହଞ୍ଚିବାକୁ ଦେଉ ନଥିଲେ । ଆପଣ ସ.ଅ ତୁରନ୍ତ ଦୁଆ କରିବା ନିମନ୍ତେ ନିଜର ହାତ ଉପରକୁ ଉଠାଇଲେ ଏବଂ ଆପଣ ସ.ଅଙ୍କ ସେହି ଦୁଆ ସ୍ୱୀକୃତ ମଧ୍ୟ ହେଲା ଏବଂ ଭଲ ବର୍ଷା ମଧ୍ୟ ହେଲା । ଯଦ୍ଦ୍ୱାରାକି ମକ୍କାବାସୀଙ୍କ ସମୃଦ୍ଧି ଏବଂ ଆଶ୍ୱସ୍ତିର ଦିନ ମଧ୍ୟ ଫେରି ଆସିଲା । **(ବୁଖାରୀ କିତାବୁତ୍ ତଫସିର୍ ସୁରାଃ ରୋମ୍, ଅଦ୍ ଦୁଖାନ୍)**

ପୁନଶ୍ଚ ଆପଣା ଲୋକମାନଙ୍କ ଠାରୁ ବାହାରି ପଡ଼ୋଶୀମାନଙ୍କ ସହିତ ସେ ପଛେ ମୁସଲମାନ ହୁଅନ୍ତୁ ଅବା ଅଣ ମୁସଲମାନ ହୁଅନ୍ତୁ ସମସ୍ତଙ୍କ ସହିତ ଆପଣ ସ.ଅ ସହିଷ୍ଣୁତା ଭାବ ଏବଂ ଉତ୍ତମ ଆଚରଣ ପ୍ରଦର୍ଶ କରିବା ନିମନ୍ତେ ତାଗିଦ୍ କରିଥିଲେ । କାରଣ ଯଦି ଏହାକୁ କାର୍ଯ୍ୟକାରୀ କରାଯାଏ ତେବେ କେବେ ବି ଧର୍ମ ଧର୍ମ ବିରୁଦ୍ଧରେ ପାରସ୍ପରିକ କଳହ ହେବ ନାହିଁ । ଅତଏବ୍ ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ କହିଲେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ସେହି ବ୍ୟକ୍ତି କଦାପି ବିଶ୍ୱାସକାରୀ ନୁହେଁ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ସେହି ବ୍ୟକ୍ତି କଦାପି ବିଶ୍ୱାସକାରୀ ନୁହେଁ ।

ଆପଣ ସ.ଅ କହିଲେ, ଯେଉଁ ବ୍ୟକ୍ତିର ପଡ଼ୋଶୀ ଉପଦ୍ରବ ଏବଂ ତା'ର ସହସ ପ୍ରହାରରୁ ସୁରକ୍ଷିତ ନରୁହେ ତେବେ ସେହି ବ୍ୟକ୍ତି କଦାପି ବିଶ୍ୱାସକାରୀ ନୁହେଁ । **(ବୁଖାରୀ)**

ସମ୍ମାନିତ ଶ୍ରୋତାବର୍ଗ ! କେତେକ ଲୋକମାନେ ନିଜର ଟି.ଭିରେ ଉଚ୍ଚ ସ୍ୱରରେ କାର୍ଯ୍ୟକ୍ରମ ଦେଖନ୍ତି ଓ ଶୁଣନ୍ତି । ଏହା ଦ୍ୱାରା ସେମାନଙ୍କର ପଡ଼ୋଶୀ ସୁଖ ନିଦ୍ରା ଶୋଇପାରେ ନାହିଁ । ସେ ଉଚ୍ଚ ସ୍ୱରରେ ରେଡ଼ିଓ ବକ୍ସ ବଜାଇଥାଏ ଓ ଘରର ଆବର୍ଜନା ଆଣି ସେ ଅନ୍ୟ ପଡ଼ୋଶୀ ଘରେ ଆଣି ପକାଇ ଦିଏ । ଯଦ୍ଦ୍ୱାରା କି ଗୋଟିଏ ପଡ଼ୋଶୀ ଉତ୍କ୍ଷିପ୍ତ ହୋଇ ଅନ୍ୟ ପଡ଼ୋଶୀ ଉପରେ ସହସା ଆକ୍ରମଣ କରିଥାଏ । ହ. ଅବୁ ଜର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ ତାଙ୍କୁ ସମ୍ବୋଧିତ କରି କହିଲେ, ହେ ଅବୁ ଜର୍ ! ତ୍ୱେମେ ଯେତେବେଳେ ବି କୌଣସି ଭଲ ତରକାରୀ ପ୍ରସ୍ତୁତ କର ତେବେ ତା'ର ଝୋଳ ଟିକେ ଅଧିକ କରିନିଅ ଏବଂ ନିଜର ପଡ଼ୋଶୀମାନଙ୍କୁ ମଧ୍ୟ ମନେରଖ । ଅର୍ଥାତ୍ ପଡ଼ୋଶୀମାନଙ୍କ ଘରକୁ ମଧ୍ୟ କେବେ କେବେ ତରକାରୀ ପଠାଇଦେବ ।

ହ. ଅବଦ୍ଧୁଲାଃ ବିନ୍ ମସ୍ଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ବ୍ୟକ୍ତି ରସୁଲ୍ କରୀମ୍ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ କିପରି ଜାଣିବି ଯେ, ମୁଁ ଭଲ କାମ କରୁଛି କିମ୍ବା ଖରାପ୍ କାମ କରୁଛି । ଆପଣ ସ.ଅ କହିଲେ, ବସ ! ଯେତେବେଳେ ତୁମେ ନିଜର ପଡ଼ୋଶୀମାନଙ୍କୁ ଏହା କହୁଥିବାର ଶୁଣ ଯେ, ତୁମେ ବହୁତ ଭଲ ଅଟ ତେବେ ତୁମେ ଜାଣିନିଅ ଯେ, ତୁମର ଆଚରଣ ଶୈଳୀ ଉତ୍ତମ ରହିଛି ଏବଂ ଯେତେବେଳେ ତୁମେ ନିଜର ପଡ଼ୋଶୀମାନଙ୍କୁ ଏହା କହୁଥିବାର ଶୁଣ ଯେ, ତୁମେ ବହୁତ ଖରାପ ଲୋକ ଅଟ ସେତେବେଳେ ତୁମେ ଜାଣି ନିଅ ଯେ, ତୁମର ଆଚରଣ ଅତ୍ୟନ୍ତ ମନ୍ଦ ରହିଛି । **(ଇବ୍‌ନେ ମାଜା)**

ସେହିପରି ଆଉ ଏକ ପ୍ରସଙ୍ଗ ରହିଛି ତାହା ହେଲା ନିଜର ଧର୍ମ ଏବଂ ଧର୍ମମତର ପ୍ରଚାର କରିବା ନିମନ୍ତେ ଜୋର ଜବରଦସ୍ତ କରିବା, ବଳ ପ୍ରୟୋଗ କରିବା କିମ୍ବା ଯୁଦ୍ଧ କରିବା ଆଦୌ ଉଚିତ୍ ନୁହଁ । ପବିତ୍ର କୁରଆନ୍ କରୀମ୍‌ର ସ୍ପଷ୍ଟ ବର୍ଣ୍ଣନା ମୁଁ ପ୍ରାରମ୍ଭରେ ଉପସ୍ଥାପିତ କରି ଆସିଛି ଯେ, لَآ اِكْرَاهَ فِى الدِّيْنِ قَدْ تَّبَيَّنَ الرُّشْدُ مِنَ الْغَيِّ **(ଅଲ୍ ବକ୍ରାହ୍ 257) ଅନୁବାଦ୍:** ଅର୍ଥାତ୍ ଧର୍ମ ସଂକ୍ରାନ୍ତରେ କୌଣସି ବାଧ ବାଧକତା ନାହିଁ। ସେହିପରି ଅଲ୍ଲାଃତାଲା ଅନ୍ୟ ଏକ ସ୍ଥାନରେ ଏହା ମଧ୍ୟ ଘୋଷଣା କରିଦେଲେ ଯେ, ହେ ମୁସଲମାନମାନେ ! ତୁମମାନଙ୍କ ପାଳନକର୍ତ୍ତାଙ୍କ ତରଫରୁ ସତ୍ୟ ଆସି ସାରିଛି । ଏହାପରେ ଅନ୍ୟ କୌଣସି ବାଧ ବାଧକତାର ପ୍ରଶ୍ନ ଓ ପ୍ରସଙ୍ଗ ଅବଶିଷ୍ଟ ରହୁ ନାହିଁ । କାରଣ ସତ୍ୟ ତାହାକୁ ହିଁ କୁହାଯାଏ ଯାହା ହୃଦୟକୁ ନିଜର ସତ୍ୟତା ଏବଂ ବୈଶିଷ୍ଟ୍ୟତାର ସହିତ ମାନିବା ତଥା ସ୍ୱୀକାର କରାଇବାକୁ ବୁଝାଏ । ତେଣୁ ବାଧ ବାଧକତା, କ୍ରୁରତାର କୌଣସି ସଂପର୍କ ନଥାଏ । ବର୍ତ୍ତମାନ ଲୋକମାନଙ୍କର ଏହି ଅଧିକାର ଏବଂ ଇଚ୍ଛା କି ସେମାନେ ବିଶ୍ୱାସ ଆଣନ୍ତୁ ଅବା ଅସ୍ୱୀକାର କରି ଦିଅନ୍ତୁ । ସେହିପରି ପବିତ୍ର କୁରଆନ୍ କରୀମ୍‌ର ଆଉ ଏକ ଆୟତ୍ ରହିଛି ଯହିଁରେ ଅଲ୍ଲାଃତାଲା ଏହି ଘୋଷଣା କଲେ ଯେ لَكُمْ دِيْنُكُمْ وَلِيَ دِيْنِ **(ଅଲ୍ କାଫିରୁନ୍: 7)** ଉପରୋକ୍ତ ଘୋଷଣା ଅନୁସାରେ ତୁମମାନଙ୍କ ଧର୍ମ ତୁମମାନଙ୍କ ସକାଶେ, ଏକ କର୍ମ ପଦ୍ଧତି ନିର୍ଦ୍ଧାରଣ କରେ ଏବଂ ଆମ୍ଭର ଧର୍ମ ଆମ୍ଭ ସକାଶେ ଅନ୍ୟ ଏକ କର୍ମ ପଦ୍ଧତି ନିର୍ଦ୍ଧାରଣ କରେ । ଅର୍ଥାତ୍ ଉକ୍ତ ଆୟତ୍‌ରେ ଧାର୍ମିକ ସ୍ୱାଧୀନତା ସଂପର୍କରେ ବର୍ଣ୍ଣନା କରାଯାଏ । ଅତଏବ ଚର୍ଚ୍ଚିତ ଆୟତ୍, ଧାର୍ମିକ ସ୍ୱାଧୀନତାର ମୌଳିକ ଅଧିକାର ପ୍ରଦାନ କରିଥାଏ । 1- କୌଣସି ବ୍ୟକ୍ତିକୁ ବଳ ପୂର୍ବକ ନିଜ ଧର୍ମରେ ସାମିଲ୍ କରାଯାଇ ପାରିବ ନାହିଁ । 2- କୌଣସି ଧର୍ମରେ ସ୍ୱଇଚ୍ଛାରେ ପ୍ରବିଷ୍ଟ ହେବାକୁ ବାଧ କରାଯାଇ ପାରିବ ନାହିଁ । 3-ନିଜର ଆସ୍ଥାର ଘୋଷଣା ତଥା ପରିପ୍ରକାଶ ଅନୁଯାୟୀ ଆସ୍ଥାବିଶ୍ୱାସ ଉପରେ ଅବିଚଳ ରହିବା ଏବଂ ପ୍ରଥାଜନିତ ଉପାସନା ସମ୍ପାଦନ କରିବା ପ୍ରତି କୌଣସି କଟକଣା ଏବଂ ଜୋର ଜବରଦସ୍ତ କରିବା ଉଚିତ୍ ନୁହଁ । 4- ଯଦି କୌଣସି ବ୍ୟକ୍ତି ଧର୍ମରେ ରହିବାକୁ ଚାହୁଁ ନାହିଁ ତେବେ ତାକୁ ଧର୍ମରେ ବାଧ କରି ରଖିବା ଉଚିତ୍ ନୁହଁ । ସେହିପରି ଯେଉଁ ବ୍ୟକ୍ତି ଧର୍ମରେ ରହିବାକୁ ଚାହୁଁଛି ତାକୁ ବଳପୂର୍ବକ ଧର୍ମରୁ ବିତାଡ଼ିତ କରା ନଯାଉ । ଏଠାରେ ଏହା ମନେରଖିବା ଉଚିତ୍ ଯେ, ଇସ୍‌ଲାମ୍ ଧର୍ମର ଯୁଦ୍ଧ ଉପରେ ଯେଉଁ ଆପତ୍ତି କରାଯାଇଥାଏ ଯେ, ଏହି ଯୁଦ୍ଧ ଇସ୍‌ଲାମ୍ ଧର୍ମକୁ ପରିବ୍ୟାପ୍ତ ଓ ପ୍ରଚାର କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା, ଏହା ସଂପୂର୍ଣ୍ଣ ରୂପେ ଭୁଲ୍ ଅଟେ। ଇସଲାମୀୟ ଯୁଦ୍ଧ କେବଳ ଆତ୍ମରକ୍ଷା ନିମନ୍ତେ ଉଦ୍ଦିଷ୍ଟ ଥିଲା । ଇସ୍‌ଲାମୀୟ ଯୁଦ୍ଧ ଉପଦ୍ରବ ଏବଂ ବିଶୃଙ୍ଖଳାକୁ ଦୂର କରିବା ନିମନ୍ତେ ଏବଂ ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା । ପୁଣ୍ୟଶ୍ଳୋକ ମହାମହିମ ତଥା ମହାବତାର ହ. ମୁହମ୍ମଦ ସ.ଅ ଙ୍କ ନିଜର ଆଦର୍ଶ ଏହା ରହିଥିଲା ଯେ, ଯଦିଓ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ସକଳ ଜଗତର ମାର୍ଗଦର୍ଶକ ଏବଂ ବାର୍ତ୍ତାବହ କରି ପ୍ରେରଣ କରିଥିଲେ ଏବଂ ମର୍ଯ୍ୟାଦା ଦୃଷ୍ଟିରୁ ଆପଣ ସ.ଅଙ୍କୁ ଖାତମନ୍ ନବୀୟିନ୍ କରି ପ୍ରେରଣ କରିଥିଲେ । କିନ୍ତୁ ସ ଆପଣ ସ.ଅ କେବେ ବି ଏହା ପସନ୍ଦ ତଥା ସହ୍ୟ କଲେ ନାହିଁ ଯେ, କୌଣସି ମୁସଲମାନ ବ୍ୟକ୍ତି ଅସମୟ ଓ ଅସ୍ଥାନରେ ଆପଣ ସ.ଅଙ୍କୁ ଅନ୍ୟ ଅବତାରଙ୍କ ତୁଳନାରେ ଶ୍ରେଷ୍ଠ ବୋଲି ବିବେଚିତ କରି ଶାନ୍ତିପୂର୍ଣ୍ଣ ପରିବେଶକୁ ଅଶାନ୍ତ କରୁ । ସୁତରାଂ ସହି ବୁଖାରୀରେର ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଏକଦା ଜଣେ ଇହୁଦୀ ବ୍ୟକ୍ତି ବଜାରରେ ନିଜର ଜିନିଷ ବିକ୍ରି କରୁଥିଲା । ତେବେ ସେହି ବ୍ୟକ୍ତିକୁ ଜଣେ ମୁସଲମାନ ବ୍ୟକ୍ତି ଏକ ଜିନିଷର ସ୍ୱଳ୍ପ ମୂଲ୍ୟ କହିଲା । ସେହି ଇହୁଦୀ ବ୍ୟକ୍ତିକୁ ଉକ୍ତ କଥା ଅପ୍ରୀତିକର ଲାଗିଲା ଏବଂ ସେ କହିଦେଲା ଯେ, ହେ ମୁସଲମାନ ବ୍ୟକ୍ତି ! ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯିଏ ହ. ମୁସା ଅ.ସଙ୍କୁ ସମଗ୍ର ମାନବ ଜାତି ଉପରେ ଶ୍ରେଷ୍ଠତା ପ୍ରଦାନ କରିଛନ୍ତି । ଅତଏବ୍ ସେହି ମୁସଲମାନ ବ୍ୟକ୍ତି ଜଣକ ଇହୁଦୀ ବ୍ୟକ୍ତିର ଉକ୍ତ କଥାକୁ ଶୁଣି ସେହି ଇହୁଦୀ ବ୍ୟକ୍ତିକୁ ଚାପୁଡ଼ା ମାରିଦେଲା । ସେହି ଇହୁଦୀ ବ୍ୟକ୍ତି ଆଁହଜରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ କହିଲା, ହେ ମୁହମ୍ମଦ୍ ସ.ଅ ! ଆମେ ଇହୁଦୀମାନେ ଆପଣ ସ.ଅଙ୍କ ଦାୟିତ୍ୱ ଏବଂ ସୁରକ୍ଷା ବଳୟ ମଧ୍ୟରେ ରହିଛୁ । ତେଣୁ ଅମକ ମୁସଲମାନ ବ୍ୟକ୍ତି ମୋତେ ଚାପୁଡ଼ା କରି ମୋ ପ୍ରତି ଅତ୍ୟାଚାର କରିଛି । ତେଣୁ ଆପଣ ସ.ଅ ଏହାର ନ୍ୟାୟବିଚାର କରନ୍ତୁ! ନବୀ କରୀମ୍ ସ.ଅ ସେହି ମୁସଲମାନ ବ୍ୟକ୍ତି ଉପରେ ଅସନ୍ତୋଷ ବ୍ୟକ୍ତ କଲେ ଏବଂ କହିଲେ, ହେ ମୁସଲମାନମାନେ ! ତୁମେମାନେ ମୋତେ ଅନ୍ୟ ଅବତାରଙ୍କ ତୁଳନାରେ ଶ୍ରେଷ୍ଠତା ମର୍ଯ୍ୟଦାର ପ୍ରଦାନ କର ନାହିଁ ।

ଧାର୍ମିକ ସହିଷ୍ଣୁତାର ପ୍ରୋତ୍ସାନ ତଥା ବିକାଶ ନିମନ୍ତେ ଏହା ଜରୁରୀ ଅଟେ ଯେ, ଧର୍ମିକ ମତଭେଦ ସତ୍ତ୍ୱେ ସେହି ବିନ୍ଦୁକୁ ଖୋଜିବା ନିମନ୍ତେ ଉଦ୍ୟମ କରାଯାଉ ଯେଉଁ ବିନ୍ଦୁ ଉପରେ ପରସ୍ପର ମଧ୍ୟରେ ଏକତା ସ୍ଥାପନ ହୋଇପାରିବ ଏବଂ ପାରସ୍ପାରିକ ଘୃଣା ଦୂରୀଭୂତ ହୋଇପାରିବ । ସୁତରାଂ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମରେ କୁହନ୍ତି: قُلْ يٰٓاَهْلَ الْكِتٰبِ تَعَالَوْا اِلٰى كَلِمَةٍ سَوَآءٍۢ بَيْنَنَا وَبَيْنَكُمْ اَلَّا نَعْبُدَ اِلَّا اللّٰهَ وَلَا نُشْرِكَ بِهٖ شَيْـًٔا وَّلَا يَتَّخِذَ بَعْضُنَا بَعْضًا اَرْبَابًا مِّنْ دُوْنِ اللّٰهِ فَاِنْ تَوَلَّوْا فَقُوْلُوا اشْهَدُوْا بِاَنَّا مُسْلِمُوْنَ **(ଆଲେ ଇମ୍ରାନ୍: 65)** ଅର୍ଥାତ୍ ତୁମ୍ଭେ କୁହ, ହେ ଗ୍ରନ୍ଥାଧାରୀମାନେ ! ତୁମେମାନେ ଅନ୍ତତଃ ଏପରି ଏକ ପନ୍ଥା ଅବଲମ୍ବନ କର ଯାହା ଆମମାନଙ୍କ ତଥା ତୁମମାନଙ୍କ ମଧ୍ୟରେ ସମାନ ଅଟେ ଏବଂ ତାହା ହେଉଛି ଯେ, ଆମେମାନେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାରି ଉପାସନା କରିବା ନାହିଁ ଏବଂ ଅନ୍ୟ କୌଣସି ବସ୍ତୁକୁ ତାହାଙ୍କ ସହିତ ସମକକ୍ଷ କରିବା ନାହିଁ ଏବଂ ଅଲ୍ଲାଃଙ୍କୁ ପରିତ୍ୟାଗ କରିବା ପରସ୍ପର ମଧ୍ୟରେ ଜଣେ ଅନ୍ୟକୁ ପାଳନକର୍ତ୍ତା ରୂପେ ଗ୍ରହଣ କରିବା ନାହିଁ । କିନ୍ତୁ ଯଦି ସେମାନେ ପୁଣି ଫେରିଯାଆନ୍ତି ତେବେ ସେମାନଙ୍କୁ କୁହ ତୁମେମାନେ ସାକ୍ଷୀ ରୁହ ଯେ, ଆମେମାନେ ଅଲ୍ଲାଃଙ୍କର ଆଜ୍ଞା ପାଳନକାରୀ ଅଟୁ ।

ବର୍ତ୍ତମାନ ଦେଖି ନିଅନ୍ତୁ ଯେ, ତହିଁରେ ଏକ ସ୍ୱୀକୃତ ଏବଂ ସର୍ବ ସମ୍ମତା ପ୍ରସଙ୍ଗ ସଂପର୍କରେ ଏକତା ଆଡ଼କୁ ଆହ୍ୱାନ ଦିଆଯାଇଛି । କିନ୍ତୁ ଯଦି କୌଣସି ବ୍ୟକ୍ତି ଉକ୍ତ ନୀତିକୁ ସ୍ୱୀକାର କରିବା ନିମନ୍ତେ ପ୍ରସ୍ତୁତ ନହୁଏ ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତି ସହିତ ଯୁଦ୍ଧ ଏବଂ ସଂଘର୍ଷ କରିବା ନିମନ୍ତେ ଅନୁମତି ପ୍ରଦାନ କରି ନଥାଏ । ବରଂ କେବଳ ଏହା କହିଦେବା ହିଁ ଯଥେଷ୍ଟ ଅଟେ ଯେ, ଆମମାନଙ୍କର ଦୃଷ୍ଟିକୋଣ ତ' ଏହା ରହିଛି ଏବଂ ଏହାରି ଉପରେ ଆମେମାନେ ବିଶ୍ୱାସ କୁରଛୁ । ଆଁହଜରତ୍ ସ.ଅ ମକ୍କାର ଅବିଶ୍ୱାସକାରୀମାନେ ଅହରହ ବିରୋଧ ଓ ଅତ୍ୟାଚାର କଲେ । ଏହାଠୁ ବି ଅଧିକ ସେହି ଅବିଶ୍ୱାସୀକାରୀମାନେ ମୁସଲମାନମାନଙ୍କୁ ନିଜର ଆସ୍ଥା ଅନୁଯାୟୀ କାର୍ଯ୍ୟାନୁସରଣ କରିବା ଏବଂ ତବ୍‌ଲିଗ୍ କରିବାରୁ ବଳପୂର୍ବକ ଅଟକାଇବା ଯୋଗୁଁ ଈଶ୍ୱରଙ୍କ ଅନୁମତି ପ୍ରାପ୍ତ ହେବା ପରେ ମଦିନା ଆଡ଼କୁ ପ୍ରବାସ କରିବାକୁ ପଡ଼ିଲା । ମଦିନାରେ କେତେକ ନବମୁସଲମାନ ପରିବାର ବ୍ୟତୀତ ଇହୁଦୀମାନଙ୍କ ବ୍ୟତୀତ ତିନିଜଣ ସଂପ୍ରଦାୟ ଯଥା- ବନୁ କୈନକା, ବନୁ ନଜିର୍ (ନୁଜୈର୍), ବନୁ କୁରୈଜା ଇତ୍ୟାଦି ସଂପ୍ରଦାୟ ଓ ଅବିଶ୍ୱାସକାରୀମା ନଙ୍କର 2ଟି ସଂପ୍ରଦାୟ ଯଥା ୱସ୍ ଓ ଖଜରଜ ସଂପ୍ରଦାୟ ଉପସ୍ଥିତ (ବିଦ୍ୟମାନ) ଥିଲେ । ଏହି ପାଞ୍ଚଟି ସଂପ୍ରଦାୟ ମଧ୍ୟରେ କୌଣସି ଶୃଙ୍ଖଳା ବ୍ୟବସ୍ଥା ନଥିଲା । ବିଶେଷ କରି ଇହୁଦୀମାନଙ୍କର ତିନୋଟି ସଂପ୍ରଦାୟ ସ୍ୱାଧୀନ ଏବଂ ସ୍ୱେଚ୍ଛାକୃତ ରୂପେ ଭିନ୍ନ ଭିନ୍ନ ଦୁର୍ଗରେ ବାସ କରୁଥିଲେ । ଏସବୁ ପରିସ୍ଥିତିରେ ଆଁହଜରତ୍ ସ.ଅ ମଦିନା ରାଜ୍ୟରେ ଧାର୍ମିକ ସହିଷ୍ଣୁତା ଭାବ ଏବଂ ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ ନିମନ୍ତେ ବିଶେଷ କରି ଇହୁଦୀମାନଙ୍କ ସହିତ ଏକ ଲିଖିତ ଚୁକ୍ତି ସ୍ୱାକ୍ଷରିତ କରାଇଲେ । ସେହି ଚୁକ୍ତିର ସର୍ତ୍ତାବଳୀ ଏହିପରି ଯେ,

1- ମୁସଲମାନ ଏବଂ ଇହୁଦୀମାନେ ପରସ୍ପର ମଧ୍ୟରେ ଏବଂ ନିଷ୍ଠାପରତାର ସହିତ ରହିବେ ଏବଂ ପରସ୍ପର ବିରୁଦ୍ଧରେ ଅତ୍ୟାଚାର କରିବେ ନାହିଁ । 2- ପ୍ରତ୍ୟେକ ଜାତିକୁ ଧାର୍ମିକ ସ୍ୱାଧୀନତା ପ୍ରାପ୍ତ ହେବ । 3- ପ୍ରତ୍ୟେକ ପ୍ରକାରର ମତଭେତ ଓ କଳହ ନିମନ୍ତେ ଇହୁଦୀମାନେ ଓ ମୁସଲମାନମାନେ ଆଁହଜରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହେବେ। ପ୍ରତ୍ୟେକ ସଂପ୍ରଦାୟର ନ୍ୟାୟବିଚାର ତଥା ନିର୍ଣ୍ଣୟ ତା'ର ଜାତି ନିଜର ଧର୍ମବିଧାନ ଅନୁଯାୟା କରାଯିବ । 4- ସମସ୍ତ ନାଗରିକମାନଙ୍କର ଧନ ଜୀବନର ସୁରକ୍ଷିତ ରହିବ। 5- ଯଦି ଇହୁଦୀ ଓ ମୁସଲମାନଙ୍କ ବିରୁଦ୍ଧରେ କେହି ଯୁଦ୍ଧ କରିବ ତେବେ ଇହୁଦୀ ଏବଂ ମୁସଲମାନମାନେ ମିଳିତ ଭାବରେ ପରସ୍ପରକୁ ସାହାଯ୍ୟ କରିବେ ଏବଂ ଏକତ୍ର ଛିଡ଼ା ହେବେ । 6- ଯଦି ମଦିନା ଉପରେ କୌଣସି ଆକ୍ରମଣ ହେବା ତେବେ ସମସ୍ତେ ମିଶି ଉକ୍ତ ଆକ୍ରମଣର ମୁକାବିଲା କରିବେ । 7- କୌଣସି ପକ୍ଷ ଆଁହଜରତ୍ ସ.ଅଙ୍କ ବିନା ଅନୁମତିର ଯୁଦ୍ଧ ନିମନ୍ତେ ବାହାରି ପଡ଼ିବ ନାହିଁ । 8- ଉକ୍ତ ଚୁକ୍ତି ଅନୁଯାୟୀ କୌଣସି ଅତ୍ୟାଚାରୀ କିମ୍ବା ଉପଦ୍ରବୀ ବ୍ୟକ୍ତି ଶାସ୍ତିର ପ୍ରତିଶୋଧରୁ ସୁରକ୍ଷିତ ହେବ ନାହିଁ । ଇତ୍ୟାଦି ଇତ୍ୟାଦି ।

ପ୍ରତ୍ୟେକ ଇହୁଦୀ ସଂପ୍ରଦାୟମାନେ ଉକ୍ତ ଚୁକ୍ତିର ବିରୋଧାଚରଣ କରୁଥିଲେ । କିନ୍ତୁ ନବୀ କରୀମ୍ ସ.ଅ ସର୍ବଦା ନିଜର ଅଙ୍ଗୀକାର ତଥା ପ୍ରତିଶ୍ରୃତ ପାଳନ କରିବା ସହିତ ସେମାନଙ୍କ (ଇହୁଦୀମାନଙ୍କ) ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କରିଥିଲେ । ଅତଏବ୍ ଏପରି ଅସମ୍ଭବ ପରିସ୍ଥିତରେ ମଧ୍ୟ ଆପଣ ସ.ଅ ଅତ୍ୟନ୍ତ ତାତ୍ତ୍ୱିକପୂର୍ଣ୍ଣ ପନ୍ଥାନୁଯାୟୀ ମଦିନା ରାଜ୍ୟର ଶାସନ ଆଇନ୍ ଶୃଙ୍ଖଳା ଏବଂ ଶାସନ ବ୍ୟବସ୍ଥାକୁ ସମ୍ଭାଳିଲେ । ବିଶେଷ କରି ଏପରି ଏକ ରାଜ୍ୟରେ ଯେଉଁଠି ନାନା ଧର୍ମ ଏବଂ ଧର୍ମାବଲମ୍ବୀମାନେ ଓ ନାନା ଧର୍ମବିଶ୍ୱାସର ଲୋକମାନେ ସେଠାରେ ଆପଣ ସ.ଅ ଆଇନ୍ ଶୃଙ୍ଖଳା ଏବଂ ଶାସନ ବ୍ୟବସ୍ଥାକୁ ସମ୍ଭାଳିଲେ । ସେଠାରେ ପ୍ରତ୍ୟେକ ଧର୍ମାବଲମ୍ବୀମାନଙ୍କୁ ନିଜର ଅସ୍ଥା ଏବଂ ବିଶ୍ୱାସ ଉପରେ କାର୍ଯ୍ୟାନୁସରଣ କରିବା ଏବଂ ତା'ର ପରିପ୍ରକାଶ କରିବା ନିମନ୍ତେ ତବଲିଗ୍ (ପ୍ରଚାର କରିବାର) ସ୍ୱାଧୀନତା ପ୍ରଦାନ କରିବା ଏବଂ ପୁନଶ୍ଚ ତାହାକୁ କାର୍ଯ୍ୟକାରୀ ଦେଖାଇ ଦେବା ଏହା ଧାର୍ମିକ ସ୍ୱଧୀନତା ଓ ଧାର୍ମିକ ସହିଷ୍ଣୁତାର ଅଦୃଷ୍ଟାନ୍ତନୀୟ ଉଦାହରଣ ଅଟେ । ଏକଦା ନଜ୍ରାନ୍ ସଂପ୍ରଦାୟର ଏକ ଖ୍ରୀଷ୍ଟ ପ୍ରତିନିଧିଦଳ ଆଁହଜରତ୍ ସ.ଅଙ୍କ ସହିତ ଧାର୍ମିକ ଚିନ୍ତାଧାରା ଆଦାନ ପ୍ରଦାନ କରିବା ଉଦ୍ଦେଶ୍ୟରେ ଆସିଲା । ଆପଣ ସ.ଅ ସେମାନଙ୍କୁ ମସ୍‌ଜିଦେ ନବ୍ୱୀ ଠାରେ ଅତ୍ୟନ୍ତ ସମ୍ମାନର

ସହିତ ଅବସ୍ଥାନ କରାଇଲେ ଏବଂ ସେମାନେ ଯେତେବେଳେ ନିଜର ଉପାସନା ନିମନ୍ତେ ବାହାରକୁ ଯିବା ନିମନ୍ତେ ଦେଖୁଥିଲେ ସେତେବେଳେ ଆପଣ ସ.ଅ କହିଲେ, ହେ ଖ୍ରୀଷ୍ଟ ପ୍ରତନିଧିମଣ୍ଡଳ ! ଏଣେତେଣେ ଯିବାର ଆବଶ୍ୟକତା ନାହିଁ। ଆପଣମାନେ ଏହି ମସ୍‌ଜିଦରେ ହିଁ ନିଜର ପ୍ରଥାନୁଯାୟୀ ଉପାସନା କରିପାରିବେ । ପବିତ୍ର କୁରଆନ୍ କରୀମ୍ ତ' ଏପର୍ଯ୍ୟନ୍ତ ଶିକ୍ଷା ଦେଇଛି ଯେ, ଯେଉଁ ଲୋକମାନେ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ ଅସ୍ତିତ୍ୱ ଏବଂ ଅନ୍ୟ ବସ୍ତୁକୁ ପୂଜା କରନ୍ତି ତୁମେମାନେ ସେମାନଙ୍କୁ ନିନ୍ଦା ଓ ଭର୍ତ୍ସନା କର ନାହିଁ ତଥା ସେମାନଙ୍କୁ ବ୍ୟଙ୍ଗ ବିଦ୍ରୁପ କର ନାହିଁ । ସେମାନେ ମଧ୍ୟ ଶତ୍ରୁତାପୂର୍ବକ ଅଲ୍ଲାଃତାଲାଙ୍କୁ ଗାଳି ଦେବେ । **(ସୁରତୁଲ୍ ଅନଆମ୍-109)**

ମକ୍କାର ଅବିଶ୍ୱାସକାରୀମାନେ ଓହୋଦ୍ ଯୁଦ୍ଧ ଅବସରରେ ମୁସଲମାନ ଶୋହଦା (ଶହୀଦ୍ ହୋଇଥିବା ସାହାବା)ମାନଙ୍କର ଶବକୁ ବିକୃତ କରି ବିପରୀତ ପାର୍ଶ୍ୱରେ ଅଙ୍ଗ ଛେଦନ କିରଥିଲେ । ଅର୍ଥାତ୍ ମୁସଲମାନମାନଙ୍କର ନାକ କାଟି ଦେଇଥିଲେ । କିନ୍ତୁ ରସୁଲ୍ କରୀମ୍ ସ.ଅ ସେମାନଙ୍କ ଠାରୁ କେବେ ବି ଏହି ପ୍ରକାରର ପ୍ରତିଶୋଧ ନେଲେ ନାହିଁ । ଏହାର ବିପରୀତ ଆପଣ ସ.ଅ ଙ୍କର ଏହି ଆଦର୍ଶ ଥିଲା ଯେ, ଏକଦା ଜଣେ ଇହୁଦୀ ବ୍ୟକ୍ତିର ଯନାଜାଃ (ଅନ୍ତିମ ସଂସ୍କାର, ପାର୍ଥିବ ଶରୀର) ଯାଉଥିଲା । ଆଁହଜରତ୍ ସ.ଅ ଏହା ଦେଖି ସମ୍ମାନ ନିମନ୍ତେ ଛିଡ଼ା ହୋଇ ପଡ଼ିଲେ । କେହି ଜଣେ ସାହାବା ଆଁହଜରତ୍ ସ.ଅଙ୍କୁ କହିଲେ, ହୁଜୁର୍ ! ଏଇଟା ତ' ଜଣେ ଇହୁଦୀ ବ୍ୟକ୍ତିର ଯନାଜାଃ ଅଟେ । ଆପଣ ସ.ଅ କହିଲେ, ହେ ସାହାବାମାନେ ! କ'ଣ ଏହି ବ୍ୟକ୍ତି ଜଣେ ମଣିଷ ନୁହେଁ ଓ କ'ଣ ଏହି ବ୍ୟକ୍ତି ମଧ୍ୟରେ ପ୍ରାଣ ନଥିଲା ? **(ବୁଖାରୀ)**

ହ. ୟାଲା ବିନ୍ ମୁରରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ନବୀ କରୀମ୍ ସ.ଅଙ୍କ ସହିତ ଅନେକ ଥର ଯାତ୍ରା କରିଛି, ଥରେ ବି ଏପରି ହୋଇ ନାହିଁ ଯେ, ଆପଣ ସ.ଅ କୌଣସି ମନୁଷ୍ୟର ଶବ ପଡ଼ିଥିବାର ଦେଖିଥିବେ ଏବଂ ତାକୁ କବର ମଧ୍ୟରେ ପୋତି ନଥିବେ? ଆପଣ ସ.ଅ କେବେ ବି ଏହା ପଚାରି ନାହାନ୍ତି ଯେ,ଏହି ବ୍ୟକ୍ତି ମୁସଲମାନ ଥିଲା ଅବା ଅବିଶ୍ୱାସକାରୀ । ବଦର୍ ଯୁଦ୍ଧରେ ମୃତ୍ୟୁବରଣ କରିଥିବା ଅବିଶ୍ୱାସକାରୀମାନଙ୍କର ଅଧିପତିମାନଙ୍କର ଶବକୁ ମକ୍କାର ଅବିଶ୍ୱାସକାରୀମାନେ ଖୋଲା ଯୁଦ୍ଧ ଭୂମିରେ ହିଁ ଛାଡ଼ି ପଳାଇଥିଲେ । ଆଁହଜରତ୍ ସ.ଅ ସ୍ୱୟଂ ସେମାନଙ୍କର ଶପକୁ ଏକ ଗର୍ତ୍ତ ମଧ୍ୟରେ ପୋତି ଦେଇଥିଲେ ଯାହାକୁ କଲିବେ ବଦର୍ (ବଦରର ଛାତି) କୁହନ୍ତି । ସେହିପରି ଅହ୍‌ଜାବ୍ ଯୁଦ୍ଧରେ ନୌଫଲ୍ ବିନ୍ ଅବ୍‌ଦୁଲ୍ଲାଃ ମଖ୍‌ଜୁମି ନାମକ ଜଣେ ଅଧିପତି ମୁକାବିଲାରେ ପରାଜିତ ହୋଇ ମୃତ୍ୟୁବରଣ କଲା, ମକ୍କାର ଅବିଶ୍ୱାସକାରୀମାନେ ହ. ହମଜା ର.ଅଙ୍କ ସହିତ ହୋଇଥିବା ନୃଶସଂନୀୟ ଆଚରଣ ଯୋଗୁଁ ସ୍ୱାଭାବିକ ରୂପେ ଭୟଭୀତ ଥିଲେ। କାରଣ ସେମାନଙ୍କର ଅଧିପତି ସହିତ ଏପରି ବ୍ୟବହାର ପ୍ରଦର୍ଶନ କରା ନଯାଉ । ସେମାନେ ରସୁଲୁଲ୍ଲାଃ ସ.ଅଙ୍କୁ ସନ୍ଦେଶ ପ୍ରେରଣ କଲେ ଯେ, ଆଁହଜରତ୍ ସ.ଅଙ୍କ ସେମାନଙ୍କ ଠାରୁ ଦଶ ହଜାର ଦିରହମ୍ ଆମ ଠାରୁ ନେଇ ନିଅନ୍ତୁ ଏବଂ ନୌ ଫିଲର ଶବକୁ ଫେରସ୍ତ କରି ଦିଅନ୍ତୁ । ରସୁଲ୍ କରୀମ୍ ସ.ଅ କହିଲେ, ହେ ଅବିଶ୍ୱାସକାରୀମାନେ! ଆମେମାନେ ମୃତ ବ୍ୟକ୍ତିର ମୂଲ୍ୟ ନେଉ ନାହୁଁ । ତେଣୁ ତୁମେମାନେ ନିଜର ଶବକୁ ନେଇଯାଅ । **(ଦଲାଇଲୁନ୍ ନୁବୁୱାହ୍, ଲିଲ୍ ବହିକି, ଗ୍ରନ୍ଥଖଣ୍ଡ-3)**

ଜୟଯୁକ୍ତ ଏବଂ ପରାଜିତ ଜାତି ସହିତ ବିଶେଷ କରି ଯେଉଁମାନଙ୍କ ହାତ ଅନେକ କାଳ ଧରି ଅକଥନୀୟ ଯୋଗ୍ୟ ପୀଡ଼ା, ନିର୍ଯାତନା ତଥା କଷ୍ଟ ସହ୍ୟ କରିଥିବ ସେମାନଙ୍କ ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କରିବା, ସମଗ୍ର ଇତିହାସ ଜଗତରେ ଇସ୍‌ଲାମ୍ ଧର୍ମକୁ ବାଦ୍ ଦେଲେ ହ. ମୁହମ୍ମଦ୍ ସ.ଅଙ୍କ ବ୍ୟତୀତ ଅନ୍ୟ କେଉଁଠି ବି ଦୃଶ୍ୟମାନ ହୋଇ ନାହିଁ। ମକ୍କାର ଅବିଶ୍ୱାସକାରୀମାନଙ୍କର ଅଧିପତି ଅବୁ ଜହଲ୍‌ର ପୁତ୍ର ଇକ୍ରମା ନିଜର ପିତାଙ୍କ ପରି ସାରା ଜୀବନ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଯୁଦ୍ଧ କରୁଥିଲା । ଏପର୍ଯ୍ୟନ୍ତକି ମକ୍କା ବିଜୟ ସମୟରେ ମଧ୍ୟ ରସୁଲ୍ କରୀମ୍ ସ.ଅଙ୍କ ପକ୍ଷରୁ ଯେତେବେଳେ ସର୍ବସାଧାରଣଙ୍କୁ କ୍ଷମା କରିଦିଆଯିବା ସତ୍ତ୍ୱେ ଏକ ସୈନ୍ୟବାହିନୀ ଉପରେ ଆକ୍ରମଣ କରି ହରମ୍ ଠାରେ ରକ୍ତପାତକ କାରଣ ହେଲା ଏବଂ ନିଜର ଯୁଦ୍ଧ ଅପରାଧ ଯୋଗୁଁ ସେ ସଂହାର ଯୋଗ୍ୟ ଥିଲା । ତେଣୁ ସେ ନିଜର ପ୍ରାଣ ରକ୍ଷା ନିମନ୍ତେ ୟମନ୍ ଆଡ଼କୁ ଧାଇଁଲା । ତା'ର ପତ୍ନି ଉମ୍ମେ ହକିମ୍ ଯେକି ଜଣେ ମୁସଲମାନ ମହିଳା ହୋଇ ସାରିଥିଲା ସେ ରସୁଲ୍ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ନିଜର ସ୍ୱାମୀ ନିମନ୍ତେ କ୍ଷମାଭିକ୍ଷା ଯେତେବେଳେ କଲା ସେତେବେଳେ ନବୀ କରୀମ୍ ସ.ଅ ନିଜର ସର୍ବୋଚ୍ଚ ଦୟା ମାଧ୍ୟମରେ ତାକୁ କ୍ଷମା କରିଦେଲେ । ଯେତେବେଳେ ସେ ଅର୍ଥାତ୍ ଉମ୍ମେ ହକିମ୍ ନିଜର ସ୍ୱାମୀକୁ ଫେରାଇ ଆଣିବା ନିମନ୍ତେ ଧାଇଁଲା ସେତେବେଳେ ତା'ର ସ୍ୱାମୀ ସାମୁଦ୍ରିକ ଜାହାଜରେ ଆରୋହଣ ହେବାକୁ ଯାଉଥିଲା । ତେଣୁ ଉମ୍ମେ ହକିମ୍ ନିଜର ସ୍ୱାମୀକୁ ଜାହାଜରୁ ଟାଣି ଆଣିଲା ଏବଂ କହିଲା, ହେ ସ୍ୱାମୀ ତୁମେ ଘରକୁ ଚାଲ, ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ତୁମକୁ କ୍ଷମା କରି ଦେଇଛନ୍ତି । କିନ୍ତୁ ଇକ୍ରମା କୁ ନିଜର କ୍ଷମା ଉପରେ ବିଶ୍ୱାସ ନଥିଲା । କିନ୍ତୁ ତା'ର ପତ୍ନିର କହିବା ଯୋଗୁଁ ସେ ଡରିମରି ମକ୍କା ଫେରି ଆସିଲା ଏବଂ ଆଁହଜରତ୍ ସ.ଅଙ୍କୁ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ସ.ଅ ମୋତେ କ୍ଷମା କରି ଦେଇଛନ୍ତି କି? ପ୍ରତ୍ୟୁତ୍ତରରେ ଆଁହଜରତ୍ ସ.ଅ କହିଲେ, ହଁ । ମୁଁ ତୁମକୁ କ୍ଷମା କରି ଦେଇଛି । ପୁନଶ୍ଚ ସେ ପଚାରିଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ସ.ଅ ମୋତେ କ୍ଷମା କରି ଦେଇଛନ୍ତି ? ଆପଣ ସ.ଅ କହିଲେ, ହଁ । ସେତେବେଳେ ସେହି ଅବିଶ୍ୱାସକାରୀ ଇକ୍ରମାର ହୃଦୟ ଇସ୍‌ଲାମ୍ ଧର୍ମ ନିମନ୍ତେ ଉନ୍ମୁକ୍ତ ହୋଇଗଲା ଏବଂ ସେ ଏହି ସହିଷ୍ଣୁତା ଏବଂ ଉତ୍ତମ ଆଚରଣକୁ ଦେଖି ସହସା କହି ଉଠିଲା ଯେ, ହେ ମୁହମ୍ମଦ ସ.ଅ ! ଆପଣ ସ.ଅ ତ' ସଂପର୍କୀୟମାନଙ୍କ ପ୍ରତି ଦୟା ପ୍ରଦର୍ଶ କରନ୍ତି, ଆପଣ ଅତ୍ୟନ୍ତ ବିନମ୍ର ଏବଂ ଅଶେଷ ଦୟାବାନ ଅଟନ୍ତି, ମୁଁ ସାକ୍ଷ୍ୟ ଦେଉଛି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେବି ବି ଉପାସ୍ୟ ନୁହନ୍ତି ଏବଂ ମୁହମ୍ମଦ୍ ସ.ଅ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି । **(ଅସ୍ ସିରତୁଲ୍ ହଲବିୟାହ୍, ଗ୍ରନ୍ଥଖଣ୍ଡ-3, ପୃ-92, ପ୍ରକାଶନ ସ୍ଥାନ-ବୈରୁତ୍)**

ସେହିପରି ସେହି ଦୋଷୀମାନଙ୍କ ମଧ୍ୟରେ ଅବୁ ସୁଫିୟାନ୍‌ର ପତ୍ନି ହିନ୍ଦ୍ ବିନ୍‌ତ୍ ଉତ୍‌ବା ମଧ୍ୟ ଥିଲା । ସେ ଓହୋଦ୍ ଯୁଦ୍ଧରେ ରସୁଲ୍ଲାଃ ସ.ଅଙ୍କ ଚଚା ହ. ହମଜା ର.ଅଙ୍କ ପାର୍ଥିବ ଶରୀର ସହିତ ନୃଶଂସନୀୟ ବ୍ୟବହାର ପ୍ରଦର୍ଶ କରିଥିଲା । ସେ ହ. ହମ୍‌ଜା ର.ଅଙ୍କ ନାକ, କାନ ଏବଂ ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟେଙ୍ଗକ କାଟି ମୁଖକୁ ବିକୃତ କରି ଦେଇଥିଲା ଓ ହ. ହମ୍‌ଜା ର.ଅଙ୍କ କଲିଜା ପ୍ରତିଶୋଧର ଦାବାନଳରେ ଦଗ୍ଧୀଭୂତ ହୋଇ ଚୋବେଇ ଖାଇ ନିଜର କ୍ରୋଧାଗ୍ନୀକୁ ପ୍ରଶମିତ କରିଥିଲା । ମକ୍କା ବିଜୟ ପରେ ଯେତେବେଳେ ରସୁଲୁଲ୍ଲାଃ ସ.ଅ ମହିଳାମାନଙ୍କ ଠାରୁ ବୈଅତ୍ ନେଉଥିଲେ ସେତେବେଳେ ଏହି ହିନ୍ଦ୍ ବିନତ୍ ଉତ୍‌ବା ମଧ୍ୟନେକାବ୍ ଘୋଡ଼ାଇ ହୋଇ ଅନ୍ୟ ମହିଳାମାନଙ୍କ ସହିତ ଆସି ବସିଗଲା । ସେ ଜଘଣ୍ୟ ଅପରାଧ କରିଥିବାରୁ ମୃତ୍ୟଦଣ୍ଡ ଯୋଗ୍ୟ ମହିଳା ଥିଲା ।

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ମହିଳାମାନେ ଯେତେବେଳେ ବୈଅତ୍ ନିମନ୍ତେ ଆସିଲେ ସେତେବେଳେ ହିନ୍ଦ୍ ବିନ୍‌ତ୍ ମଧ୍ୟ ଚଦର ଘୋରେଇ ହୋଇ ସେମାନଙ୍କ ସହିତ ଚାଲି ଆସିଲା ଏବଂ ସେ ବୈଅତ୍ କରିନେଲା । ସେ ଯେତେବେଳେ ଉକ୍ତ ବାକ୍ୟର ନିକଟବର୍ତ୍ତୀ ହେଲା ଯେ, ଆମେମାନେ (ମହିଳାମାନେ) ଶିର୍କ କରିବୁ ନାହିଁ ତେବେ ଯେହେତୁ ସେ ତ୍ୱରିତ ସ୍ୱଭାବର ମହିଳା ଥିଲା, ତେଣୁ ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଏବେ ବି କ'ଣ ଶିର୍କ କରିପାରିବୁ ? ଆପଣ ସ.ଅ ଏକୁଟିଆ ଥିଲେ ଏବଂ ଆମେମାନେ ବଳପୂର୍ବକ ଆପଣ ସ.ଅଙ୍କ ମୁକାବିଲା କଲୁ। ଯଦି ଆମମାନଙ୍କର ଈଶ୍ୱର ସତ୍ୟ ହୋଇଥାଆନ୍ତେ ତେବେ ଆପଣ ସ.ଅ କାହିଁକି ସଫଳ ହୋଇଥାଆନ୍ତେ । ସେହି ଈଶ୍ୱରମାନେ ସଂପୂର୍ଣ୍ଣ ରୂପେ ବେକାର ସାବ୍ୟସ୍ତ ହେଲେ ଏବଂ ଆମେମାନେ ପରାସ୍ତ ହେଲୁ । ରସୁଲ୍ କରୀମ୍ ସ.ଅ କହିଲେ, ଆରେ ଏଇଟା ହେ ହିନ୍ଦାର ସ୍ୱରଟି ? ଆପଣ ସ.ଅ ହିନ୍ଦାର ସ୍ୱର କୁ ଚିହ୍ନିଥିଲେ, କାରଣ ସେ ଆପଣ ସ.ଅଙ୍କ ସଂପର୍କୀୟ ଥିଲା । ହିନ୍ଦା କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ବର୍ତ୍ତମାନ ମୁଁ ମୁସଲମାନ ହୋଇ ସାରିଛି । ବର୍ତ୍ତମାନ ଆପଣ ସ.ଅ ମୋର ସଂହାର କରିପାରିବାର ଅଧିକାରୀ ନାହିଁ । ରସୁଲୁଲ୍ଲାଃ ସ.ଅ ସ୍ମିତହାସ୍ୟ ପ୍ରକାଶ କଲେ ଏବଂ କହିଲେ, ହଁ । ବର୍ତ୍ତମାନ ତୁମକୁ କେହି ଧରିବେ ନାହିଁ । ଅତଏବ୍ ସେହି ଜାତି ଯିଏ ଏହା ମନେକରୁଥିଲା ଯେ, ଆପଣ ସ.ଅ ସମସ୍ତ ଈଶ୍ୱରଙ୍କୁ ବାଟିକି ଗୋଟିଏ ଈଶ୍ୱର କରି ନେଇଛନ୍ତି ସେମାନଙ୍କ ମଧ୍ୟରେ ଏତେ ପରିବର୍ତ୍ତନ ସୃଷ୍ଟି ହୋଇଯାଇଛି ଯେ, ହିନ୍ଦ୍ ଭଳି ଜଣେ ମହିଳା କହିଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ କେହି ଏହା କହିପାରିବ ଯେ, ଈଶ୍ୱର ଏକ ନୁହନ୍ତି ?" **(ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-14, 15)**

اللهم صل على محمد وبارك وسلم انك حميد مجيد

ସମ୍ମାନିତ ଶ୍ରୋତାବର୍ଗ ! ଉକ୍ତ ବିଷୟବସ୍ତୁକୁ ଦୃଷ୍ଟିରେ ରଖେ ପରିଶେଷରେ ମୁଁ ଏହା କହିଦେବା ଉଚିତ୍ ବୋଲି ମନେକରୁଛିଯେ, ଧାର୍ମିକ ସହିଷ୍ଣୁତା ଏବଂ ବିବେକ ସ୍ୱାଧୀନତା ସଂପର୍କରେ ପବିତ୍ର କୁରଆନ୍ କରୀମ୍ ଏବଂ ହ. ରସୁଲ୍ କରୀମ୍ ସ.ଅଙ୍କ ଆଦର୍ଶକୁ ପୁନଃ ସତେଜ ଓ ଉଜ୍ଜୀବିତ ରଖିବା ନିମନ୍ତେ ସାଂପ୍ରତିକ କାଳରେ ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କ ଛାୟୀ ଏବଂ ପୂର୍ଣ୍ଣ ପ୍ରତିବିମ୍ବ ତଥା ଛାୟୀ ହ. ମିର୍ଜା ଗୁଲାମ୍ ଅହମଦ କାଦିୟାନୀ ଅ.ସଙ୍କୁ ପ୍ରତିଶୃତ ମସିହ୍ ଏବଂ ଅଙ୍ଗୀକୃ ତମେହଦୀର ଆସନରେ ଅଭିଷିକ୍ତ କରି ବିଶେଷ ରୂପେ ଭାରତବର୍ଷରେ ପ୍ରେରଣ କରିଛନ୍ତି । ଏହାର ବଡ଼ କାରଣ ଏହିକି ଯେ, ଏହା ଜ୍ଞାତ ହୁଏ ଯେ, ଭାରତବର୍ଷରେ ବିଭିନ୍ନ ଜାତି ତଥା ଧର୍ମର ଜନ୍ମସ୍ଥାନ ଅଟେ। ଏହି ପବିତ୍ର ଭୂମି ନାନା ବର୍ଣ୍ଣ, ନାନା ଜାତି, ଏବଂ ନାନା ଭାଷା ଭାଷୀର ଅନୁଗାମୀମାନଙ୍କର ଦେଶ ଅଟେ । ତେଣୁ ଅଲ୍ଲାଃତାଲା ଇସ୍‌ଲାମ୍ ଧର୍ମର ସୁନ୍ଦର ଏବଂ ଶାନ୍ତିପୂର୍ଣ୍ଣ ଶିକ୍ଷାକୁ ପ୍ରସାର କରିବା ନିମନ୍ତେ ଏହି ଦେଶକୁ କେନ୍ଦ୍ର କରିଛନ୍ତି ଓ ଆଜି ଏହି ଦେଶରୁ ଆଲୋକ ବାହାରି 220ଟି ଦେଶରେ ପରିବ୍ୟାପ୍ତ ହୋଇ ସାରିଛି । ଏତଦ୍‌ଭିନ୍ନ ବିଭିନ୍ନ ଧର୍ମର ଅନୁଗାମୀମାନଙ୍କ ମଧ୍ୟରୁ ଏହି ଭାରତ ବର୍ଷରେ ହିନ୍ଦୁ ଓ ମୁସଲମାନ ଦୁଇଟି ବଡ଼ ଶକ୍ତି ବାସ କରନ୍ତି । ଏମାନଙ୍କ ମଧ୍ୟରେ ଏକତା, ସଂହତି, ଧାର୍ମିକି ସହିଷ୍ଣୁତାର ଶିକ୍ଷା ପ୍ରଦାନ କରି ଜମାଅତ୍ ଅହମଦିୟାର ସଂସ୍ଥାପକ ମିର୍ଜା ଗୁଲାମ୍ ଅହମଦ କାଦିୟାନୀ ଅ.ସ ନିଜ ଜୀବନରେ ଶେଷ ଦିନମାନଙ୍କରେ "ପୈଗାମେ ସୁଲାହ୍" (ସନ୍ଧି ବାର୍ତ୍ତା) ନାମକ ଏକ ପତ୍ରିକା ରଚନା କରିଥିଲେ । ସେହି ଲେଖନୀରୁ କେତେକ ଆଲେଖ୍ୟ ଏଠାରେ ସମୟକୁ ଦୃଷ୍ଟିରେ ରଖି ମୁଁ ଉପସ୍ଥାପିତ କରି ଦେଉଛି । ଆପଣ ଅ.ସ କୁହନ୍ତି: "ହେ ସମ୍ମାନିତି ଶ୍ରୋତାଗଣ ! ଆମେମାନେ ସମସ୍ତ ହିନ୍ଦୁ ଅବା ମୁସଲମାନ ହେବା ସତ୍ତ୍ୱେ, ଶତାଧିକ ମତଭେଦ ହେବା ସତ୍ତ୍ୱେ ସେହି ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବାରେ ସାମିଲ୍ ଓ ଏକ ଅଟୁ । ସେହି ଈଶ୍ୱର ସ୍ରଷ୍ଟା ଏବଂ ମାଲିକ ଅଟନ୍ତି । ସେହିପରି ଆମେମାନେ ସମସ୍ତେ ମନୁଷ୍ୟ ନାଁରେ ଖ୍ୟାତ ଓ ମନୁଷ୍ୟ ରୂପେ ବିବେଚିତ ଅଟୁ । ଠିକ୍ ସେହିପରି ଆମେମାନେ ଯେହେତୁ ଗୋଟିଏ ଦେଶର ନାଗରିକ ଓ ଅଧିବାସୀ ହେବା ଦୃଷ୍ଟିରୁ ପଡ଼ୋଶୀ ମଧ୍ୟ ଅଟୁ । ତେଣୁ ଆମମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ଆମେମାନେ ନିଜର ହୃଦୟରୁ ପୁଣ୍ୟ ସ୍ୱଭାବର ସହିତ ପରସ୍ପରକ ସାଙ୍ଗ ହୋଇଯିବୁ ଏବଂ ଧର୍ମ ଓ ସଂସାରର ସମସ୍ୟାରେ ପରସ୍ପର ପ୍ରତି ଏପରି ସହାନୁଭୂତି ଏବଂ ସମବେଦନା ଜ୍ଞାପନ କରିବୁ ଯେପରିକି ଆମେମାନେ ପରସ୍ପରର ଅଙ୍ଗ ପାଲଟିଯିବୁ ।"

ଯେପରିକି ହୁଜୁର ଅନୱର୍ ଅ.ବ କହେଲି, ଧର୍ମ ତୁମ ମନର ପ୍ରସଙ୍ଗ ଅଟ । ମୋର ଏହି ଅଭିଳାଷା ରହିଛି ତୁମେମାନେ ସତ୍ୟଧର୍ମକୁ ସ୍ୱୀକାର କର ଏବଂ ନିଜର ଇହକାଳ ଓ ପରକାଳରୁ ସୁଧାରି ନିଅ, ନିଜ ନିମନ୍ତେ କ୍ଷମାଭିକ୍ଷା କର । ଶେଷରେ ଅଲ୍ଲାଃତାଲାଙ୍କ ନିକଟରେ ଏତିକି ପ୍ରାର୍ଥନା ରହିଛି ଯେ, ସଂସାରର ସମସ୍ତ ଦେଶ ଏବଂ ବିଶେଷ କରି ମୁସଲମାନ ରାଷ୍ଟ୍ର ଏବଂ ବ୍ୟବସ୍ଥାକୁ ମଧ୍ୟ ସେମାନଙ୍କର ଇସଲାମୀୟ ଶିକ୍ଷା ଏବଂ ପୁଣ୍ୟଶ୍ଳୋକ ହ. ମୁହମ୍ମଦ୍ ମୁସ୍ତଫା ସ.ଅଙ୍କ ସର୍ବୋଚ୍ଚ ଉଦାହରଣ ଅନୁଯାୟୀ ବିବେକ ସ୍ୱାଧୀନତା ଏବଂ ଧାର୍ମିକ ସହିଷ୍ଣୁତାକୁ ପ୍ରୋତ୍ସାହିତ କରିବା ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।** ☆☆☆

ଆଁହଜରତ୍ ସ.ଅଙ୍କ ପବିତ୍ର ଜୀବନୀ: ବ୍ୟକ୍ତିଗତ ଜୀବନ ଠାରୁ ଆରମ୍ଭ କରି ସମାଜ ପର୍ଯ୍ୟନ୍ତ ସଂସ୍କାରର ସାମଗ୍ରିକ ବ୍ୟବସ୍ଥା ।

(ମୁହମ୍ମଦ୍ ଉମର୍ ତିମାପୁରୀ, ମୈସୁର୍ କର୍ଣ୍ଣାଟକ)

ରସୁଲ୍ କରୀମ୍ ସ.ଅ ଏଭଳି ଯୁଗରେ ଜନ୍ମଗ୍ରହଣ କରିଥିଲେ ଯେ, ସେତେବେଳେ ସିର୍କ ଏବଂ ପିତୁଳା ପୂଜା ସର୍ବସାଧାରଣରେ ପ୍ରଚଳିତ ଥିଲା । ବସ୍ତୁ ତଥା ଭୌତିକବାଦର ଉପାସନା ଏବଂ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଠାରୁ ବିଦ୍ରୋହ ତଥା ବୀତସ୍ପୃହତା ଲୋକମାନଙ୍କର ସ୍ୱଭାବରେ ପରିଣତ ହୋଇଯାଇଥିଲା । ମାର୍ଗଭ୍ରଷ୍ଟତାକୁ ସତ୍‌ପଥ ବୋଲି ମନେକରାଯାଉଥିଲା ଏବଂ ପ୍ରତ୍ୟେକ ପ୍ରକାରର ପାପ ବିଦ୍ୟମାନ ଥିଲା । ଏହି ପାପ ମାନବିକତା ବିରୁଦ୍ଧୀୟ ଥିଲା । କିନ୍ତୁ ସେହି ପରିସ୍ଥିତି ଏବଂ ଏପରି ପରିବେଶରେ ମଧ୍ୟ ମୁହମ୍ମଦ୍ ସ.ଅ ସଂପୂର୍ଣ୍ଣ 40 ବର୍ଷ ପର୍ଯ୍ୟନ୍ତ ଅତ୍ୟନ୍ତ ପବିତ୍ରତା ଏବଂ ଭଦ୍ରତାର ସହିତ ଜୀବନ ଯାପନ କରିଥିଲେ । ଆପଣ ସ.ଅଙ୍କ ବ୍ୟକ୍ତିତ୍ୱ ଏବଂ ଆପଣ ସ.ଅଙ୍କ ଉତ୍ତମ ଚରିତ୍ରବତ୍ତା ଲୋକମାନଙ୍କର ଧ୍ୟାନର କେନ୍ଦ୍ରବିନ୍ଦୁ ହୋଇ ରହିଥିଲା । ଆପଣ ସ.ଅ ପ୍ରତ୍ୟେକ ପ୍ରସଙ୍ଗରେ ସତ୍ୟବାଦୀ ଏବଂ ବିଶ୍ୱସ୍ତ ଥିଲେ । ସାଧାରଣ ଲୋକମାନେ ଆପଣ ସ.ଅଙ୍କ କଥାକୁ ଧ୍ୟାନପୂର୍ବକ ଶୁଣୁଥିଲେ ଏବଂ ଆପଣ ସ.ଅଙ୍କ ଠାରୁ ପରାମର୍ଶ ଲୋଡୁଥିଲେ । ସେହିପରି ସେମାନେ ଆପଣ ସ.ଅଙ୍କ ପାଖରେ ନିଜର ନ୍ୟାସ୍ (ଅମାନତ୍ ତଥା ସନ୍ତକ) ଆଣି ରଖୁଥିଲେ । ଅର୍ଥାତ୍ ଉତ୍ତମ ଚରିତ୍ରବତ୍ତାର ସମସ୍ତ ଉଦାହରଣ ଆପଣ ସ.ଅଙ୍କ ଠାରେ (ଜୀବନରେ) ବିଦ୍ୟମାନ ଥିଲା ।

ଇତିହାସ ଉକ୍ତ କଥାର ସାକ୍ଷୀ ଅଟେ ଯେ, ରସୁଲ୍ କରୀମ୍ ସ.ଅ ନିଜ ମାଆଙ୍କ କୋଳରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଆରବର ସମାଜ ଏବଂ ଆଖପାଖର ପରିବେଶର ପ୍ରଭାବକୁ ତିଳେମାତ୍ର ସ୍ୱୀକାର କଲେ ନାହିଁ । ଏହାର ବିପରୀତ ରସୁଲୁଲ୍ଲାଃ ସ.ଅ ଅହରହ 40 ବର୍ଷ ପର୍ଯ୍ୟନ୍ତ ସମାଜର ପାପ ତଥା ଦୋଷତ୍ରୁଟିକୁ ଅବଲୋକନ କରୁଥିଲେ ଓ ମନେ ମନେ ଚିନ୍ତା କରୁଥିଲେ ଯେ, ଏହି ପାପ ବା ଦୁଷ୍ଟତା ତଥା ଦୁର୍ନୀତିକୁ ମୁଁ କିପରି ଦୂର କରିବି ? ସ୍ପଷ୍ଟ ଭାବରେ, ଏକ ଉତ୍ତମ ଏବଂ ଅଧିକ ଉପଯୋଗୀ ଜୀବନ ଯାପନ କରିବା ଏବଂ ଏକ ପବିତ୍ର ସମାଜ ଗଠନ କରିବା ନିମନ୍ତେ ଏକ ବିପ୍ଳବର ଆବଶ୍ୟକତା ଥିଲା ଯାହା ଅର୍ଥାତ୍ ଯେଉଁ ବିପ୍ଳବ ତଥା ପରିବର୍ତ୍ତନ ଆପଣ ସ.ଅ ସୃଷ୍ଟି କଲେ । ସୁତରାଂ ଆପଣ ସ.ଅ ଏପରି ସାମଗ୍ରିକ ଏବଂ ପ୍ରତିରୋଧକ ବ୍ୟବସ୍ଥାର ମୂଳଦୁଆ ପକାଇଲେ ଯାହାର ଦୃଷ୍ଟାନ୍ତ ମିଳୁ ନାହିଁ । ଏପରି ବ୍ୟବସ୍ଥା ଯାହା କେବଳ ସମଗ୍ର ସଂସାର ସକାଶେ ଗ୍ରହଣଯୋଗ୍ୟ ନୁହେଁ ବରଂ କାର୍ଯ୍ୟାନୁସରଣ ଯୋଗ୍ୟ ମଧ୍ୟ ଅଟେ । ଏହା ଉପରେ କାର୍ଯ୍ୟାନୁସରଣ କରିବା ସମସ୍ତଙ୍କ ପକ୍ଷେ ସହଜ ଅଟେ । ଏହା ଉପରେ କାର୍ଯ୍ୟାନୁସରଣ କରିବା ଫଳରେ କେବଳ ପାପ ଏବଂ ଦୁଷ୍ଟତା ଦୂର ହେବ ନାହିଁ ବରଂ ମାନବ ଜଗତକୁ ଶାନ୍ତିପୂର୍ଣ୍ଣ ଏବଂ ଶାନ୍ତିମୟ ଜୀବନ ଯାପନ କରିବା ନିମନ୍ତେ ସୁଯୋଗ ମଧ୍ୟ ମିଳିବ ।

ପବିତ୍ରାତ୍ମା ଆବିର୍ଭୂତ ହେବା ପୂର୍ବରୁ ସମଗ୍ର ସଂସାରରେ ଭଗବାନ ଏବଂ ସେବକ ମଧ୍ୟରେ ଅନେକ ତାରତମ୍ୟତା ଥିଲା । ସମ୍ରାଟ୍ ଏବଂ ଶାସକ ପ୍ରଭୁଙ୍କର ଛାୟୀ ରୂପେ ବିବେଚିତ ହେଉଥିଲେ । ଈଶ୍ୱରତ୍ୱର ନିୟନ୍ତ୍ରଣ ସ୍ୱହସ୍ତରେ ରଖିଥିଲେ । ସେମାନେ ଧଳା ଏବଂ କଳାର ମାଲିକ ଥିଲେ । ସେମାନଙ୍କ ତୁଣ୍ଡରୁ ବାହାରିଥିବା ପ୍ରତ୍ୟେକ ଶବ୍ଦ ଆଇନ୍ କାନୁନ୍ (ସମ୍ବିଧାନ) ଥିଲା । ସେମାନଙ୍କର ପ୍ରତ୍ୟେକ ଆଦେଶ ପାଳନ ଜରୁରୀ ଥିଲା । ଲୋକମାନେ ନାନା ଗୋଷ୍ଠୀ ଏବଂ ନାନା ଶ୍ରେଣୀରେ ବିଭକ୍ତ ହୋଇଥିଲେ। ଉଚ୍ଚ ଏବଂ ସର୍ବୋଚ୍ଚ ସ୍ତରରେ ଥିବା ଲୋକମାନେ ପ୍ରତ୍ୟେକ ପ୍ରକାରର ଆଇନ୍ କାନୁନରୁ ଉର୍ଦ୍ଧ୍ୱରେ ଥିଲେ । ଦୁର୍ବଳ, ଦରିଦ୍ର, ଅସହାୟ ଲୋକମାନେ ଅନାହାର ଏବଂ ଦାରିଦ୍ର୍ୟତା ଜୀବନ ଯାପନ କରିବାକୁ ବାଧ୍ୟ ଥିଲେ । ମାନବିକତାର ପ୍ରାଣବାୟୁ ଉଡ଼ି ଯାଇଥିଲା। ଜାତିବାଦ ସ୍ୱକଳ୍ପିତ ବିଭାଜନ ଏବଂ ଅବହେଳିତ ଏବଂ ଉଚ୍ଚ ଜାତିର ମନଗଢା ପାର୍ଥକ୍ୟତାର ଝିଞ୍ଜିରେ କବଳିତ (ବନ୍ଧା) ହୋଇଥିଲା । ମାନବ ଉପକାରୀ ମହାମହିମ ତଥା ମହାବତାର ହ. ମୁହମ୍ମଦ୍ ସ.ଅ ସେହି ସମସ୍ତ ସୀମା ସରହଦ୍‌କୁ ସମାପ୍ତ କରିଦେଲେ ଏବଂ ସେମାନଙ୍କୁ ସେମାନଙ୍କର ଲୁଣ୍ଠିତ ମାନ ସମ୍ମାନ, ଖ୍ୟାତିକୁ ପୁନଃ ଫେରାଇ ଆଣିଲେ । ମଣିଷ ପଣିଆ ତଥା ମାନବିକତା ଜୟଯୁକ୍ତ ହେଲା ।

ମାନବିକ ସମାନତାକୁ ପ୍ରୋତ୍ସାହିତ କରାଗଲା ଏବଂ ଢୋଲ ପିଟି ଏହି ଘୋଷଣା କରାଗଲା: "ହେ ଲୋକମାନେ ! ତୁମେମାନେ ସାବଧାନ ଏବଂ ହୁଶିୟାର ହୋଇଯାଅ। ତୁମମାନଙ୍କର ପାଳନକର୍ତ୍ତା ଏକ ଅଟନ୍ତି । ତୁମର ପୂର୍ବ ଭୀଷ୍ମ ପିତାମହ ହ. ଆଦମ୍ ଅ.ସ ଅଟନ୍ତି । ହେ ଲୋକମାନେ! ତୁମେମାନେ କାନ ଖୋଲି ଶୁଣିନିଅ । କୌଣସି ଆରବ୍ୟ ବ୍ୟକ୍ତିକୁ ଅଣ ଆରବ୍ୟ ବ୍ୟକ୍ତି ଉପରେ ଏବଂ ଅଣ ଆରବ୍ୟ ବ୍ୟକ୍ତିକୁ ଆରବ୍ୟ ବ୍ୟକ୍ତି ଉପରେ କୌଣସି ଶ୍ରେଷ୍ଠତା ପ୍ରାପ୍ତ ହୋଇ ନାହିଁ। ସେହିପରି କୌଣସି କଳା ରଙ୍ଗର ବ୍ୟକ୍ତିକୁ ଗୋରା ରଙ୍ଗର ବ୍ୟକ୍ତି ଉପରେ କୌଣସି ଶ୍ରେଷ୍ଠତା ପ୍ରାପ୍ତ ହୋଇ ନାହିଁ। إِنَّ أَكْرَمَكُمْ عِنْدَ اللّٰهِ أَتْقَاكُمْ ଅର୍ଥାତ୍ ତୁମମାନଙ୍କ ମଧ୍ୟରୁ ଯିଏ ସର୍ବାଧିକ ଈଶ୍ୱରଙ୍କୁ ଭୟକରେ ତଥା ଈଶ୍ୱରଙ୍କ ସକାଶେ ଧର୍ମପରାୟଣତା ଅବଲମ୍ବନ କରିଥାଏ, ସେହି ବ୍ୟକ୍ତି ହିଁ ଅଲ୍ଲାଃତାଲାଙ୍କ ନିକଟରେ ସର୍ବାଧିକ ସମ୍ମାନସ୍ପଦ ଓ ସମ୍ମାନଯୋଗ୍ୟ ଅଟେ । ଅର୍ଥାତ୍ କେବଳ ଧର୍ମପରାୟଣତା ଏବଂ ଧର୍ମନିଷ୍ଠତାର ମୂଳଦୁଆ ଉପରେ ହିଁ କୌଣସି ବ୍ୟକ୍ତିକୁ ଶ୍ରେଷ୍ଠ ମର୍ଯ୍ୟାଦା ପ୍ରାପ୍ତ ହୋଇପାରିବ । ଜାତି ବର୍ଣ୍ଣ, ଭାଷା, ଦେଶ, ଧନ ସମ୍ପଦର ନ୍ୟୁନାଧିକ ଉପରେ ମଧ୍ୟ ଏହା ନିର୍ଭରଶୀଳ ନୁହେଁ । ଈଶ୍ୱରଙ୍କ ନିକଟରେ ସତ୍‌ଉଦ୍ଦେଶ୍ୟ, ସତ୍‌କର୍ମ ଏବଂ ସଚ୍ଚରିତ୍ରତା ହିଁ ମର୍ଯ୍ୟାଦା, ପ୍ରତିଷ୍ଠା ଓ ଶ୍ରେଷ୍ଠତାର ନିଦର୍ଶନ ତଥା ମୂଳଦୁଆ ଅଟେ । ଆପଣ ସ.ଅ କହିଲେ, ଆଇନ୍ ଦୃଷ୍ଟିରେ ଛୋଟ ହେଉ କିମ୍ବା ବଡ଼ ହେଉ, ଦାସ ହେଉ କିମ୍ବା ଭୃତ୍ୟ (ମାଲିକ) ହେଉ, ଧନୀ ହେଉ କିମ୍ବା ଦରିଦ୍ର ହେଉ, ରାଜା ହେଉ କି ପ୍ରଜା ହେଉ ଆଇନ୍ ଆଖିରେ ସମସ୍ତେ ସମାନ ଅଟନ୍ତି । ସମସ୍ତଙ୍କ ଉପରେ ଈଶ୍ୱରଙ୍କ ଭକ୍ତିକତା ଏବଂ ଆଜ୍ଞାବହତ୍ୱତା ଏକାପରି ଜରୁରୀ ଏବଂ ଅନିର୍ବାର୍ଯ୍ୟ ଅଟେ । କୌଣସି ସେନାପତି ଏବଂ ଶାସକକୁ, କୌଣସି ଧାର୍ମିକ ଗୁରୁକୁ ଏହି ଅଧିକାର ରିହଛି ଯେ, ସେ ଲୋକମାନଙ୍କୁ ଈଶ୍ୱରଙ୍କ ଆଜ୍ଞା ପାଳନ କରିବା ପରିବର୍ତ୍ତେ ନିଜର ଆଜ୍ଞା ପାଳନ ନିମନ୍ତେ ବାଧ୍ୟ କରିବ ?"

ସମସ୍ତ ମନୁଷ୍ୟମାନେ ସମାନ ଅଟନ୍ତି । كُلُّكُمْ اَبْنَاءُ آدَمَ وَآدَمُ مِنْ تُرَابٍ ଅର୍ଥାତ୍ ତୁମେମାନେ ସମସ୍ତେ ଆଦମ ଅ.ସଙ୍କ ସନ୍ତାନ ଅଟ ଏବଂ ଆଦମ୍ ଅ.ସଙ୍କୁ ମାଟିରୁ ସୃଷ୍ଟି କରାଯାଇଛି । ଅର୍ଥାତ୍ ପ୍ରକୃତ ଈଶ୍ୱର ପ୍ରାଣର ଶତ୍ରୁମାନଙ୍କୁ ମଧ୍ୟ ଭ୍ରାତୃତ୍ୱ ଏବଂ ପ୍ରେମର ମାଳରେ ଗୁନ୍ଥି ଦେଇଛନ୍ତି ଏବଂ ଇସ୍‌ଲାମ୍ ଧର୍ମର ପରିଧି ମଧ୍ୟରେ ପ୍ରବିଷ୍ଟ ହୋଇଥିବା ଲୋକମାନଙ୍କୁ ମଧ୍ୟ ଭାଇ ଭାଇ କରିଦେଲେ । ଈର୍ଷା, ବିଦ୍ୱେଷ, ଶତ୍ରୁତା, ଅହଂକାର ଇତ୍ୟାଦି ସମସ୍ତକୁ ସମାପ୍ତ କରିଦେଲେ । ମନୁଷ୍ୟମାନଙ୍କ ସହିତ ଦୟା ଓ କରୁଣାମୂଳକ ଆଚରଣ ପ୍ରଦର୍ଶନ କରିବା ନିମନ୍ତେ ସନ୍ଦେଶ ଦେଇଛନ୍ତି । ମନୁଷ୍ୟର ଜୀବନ ଏବଂ ପ୍ରାଣ ଓ ମାନ ସମ୍ମାନର ବୈଧତାର ଶିକ୍ଷା ଦେଇଛନ୍ତି । ଯୁଦ୍ଧଭୂମିରେ ମୁସଲମାନମାନଙ୍କୁ ଅତ୍ୟାଚାରରୁ ନିବୃତ୍ତ ରହିବା ନିମନ୍ତେ ତାଗିଦ୍ କରିଛନ୍ତି । ଅକ୍ଷମ ଏବଂ ନିରାପରାଧ ଲୋକମାନଙ୍କୁ ହତ୍ୟା କରିବା ଏବଂ ବନ୍ଦୀମାନଙ୍କୁ ହଇରାଣ ହରକତ୍ କରିବାରୁ ବାରଣ କରିଛନ୍ତି ।

ନବୀ କରୀମ୍ ସ.ଅଙ୍କ ଆଗମନ ତଥା ଆବିର୍ଭୂତ ହେବା ପୂର୍ବରୁ ମହିଳାମାନଙ୍କୁ ସମାଜରେ କୌଣସି ମର୍ଯ୍ୟାଦା ଏବଂ ସ୍ତର ପ୍ରାପ୍ତ ହୋଇ ନଥିଲା । ପ୍ରତ୍ୟେକ ସ୍ଥାନରେ ମହିଳାମାନଙ୍କୁ ତୁଚ୍ଛ ଓ ନିକୃଷ୍ଟ ବୋଲି ମନେକରାଯାଉଥିଲା । ମହିଳାକୁ କେବଳ ଦାସୀର ମର୍ଯ୍ୟାଦା ପ୍ରାପ୍ତ ଥିଲା । ମହିଳାମାନେ କେବଳ ବଜାରରେ ବିକ୍ରି ହେଉଥିବୀ ଆକର୍ଷଣୀୟ ବସ୍ତୁ ଥିଲା । ଆପଣ ସ.ଅ ମହିଳାମାନଙ୍କୁ ତିରସ୍କାର ଏବଂ ପତନର ଗର୍ତ୍ତ ମଧ୍ୟରୁ କାଢି ଆଣି ପୁରୁଷ ସହିତ ସମକକ୍ଷ ମର୍ଯ୍ୟାଦା ପ୍ରଦାନ କରିଦେଲେ । ତାକୁ ଅର୍ଥାତ୍ ମହିଳାକୁ ସମାନତା ଏବଂ ସମକକ୍ଷତା ମର୍ଯ୍ୟାଦା ପ୍ରଦାନ କଲେ । ମହିଳାକୁ ଅଧା ମାନବଜାତି ବୋଲି ବିବେଚିତ କରାଗଲା । ନିଜର ରୋଜଗାରର ମାଲିକ ଏବଂ ସମ୍ପତ୍ତିରେ ଅଂଶୀଦାର କରିଦେଲେ । ମାତା, ପତ୍ନି, କନ୍ୟା ଏବଂ ଭଗିନୀ (ଭଉଣୀ) ପ୍ରତ୍ୟେକ ଦୃଷ୍ଟିରୁ ତା'ର ମର୍ଯ୍ୟାଦା ବୃଦ୍ଧି କରିଦେଲେ । ମହିଳା ଏବଂ ପୁରୁଷ ଉଭୟଙ୍କୁ ପରସ୍ପରର ଆବଶ୍ୟକତା ଏବଂ ସନ୍ତୁଷ୍ଟି ତଥା ତୃପ୍ତତାର କାରଣ ରୂପେ ବିବେଚିତ କଲେ।

ସମ୍ମାନ ଏବଂ ସତୀତ୍ୱତାର ସମ୍ମାନ କରିବା ଶିଖାଇଲେ । ଧର୍ମ ଏବଂ ସାଂସାରିକ ଜ୍ଞାନ ପ୍ରାପ୍ତ କରିବା ନିମନ୍ତେ ମହିଳାକୁ ପୁରୁଷର ସମକକ୍ଷ ଅଂଶ ରୂପେ ବିବେଚିତ କରିଦେଲେ। ଆପଣ ସ.ଅ ପୁଣ୍ୟ ଏବଂ ହିତ ସାଧନ ପ୍ରସଙ୍ଗରେ ମହିଳା ଏବଂ ପୁରୁଷର ପାର୍ଥକ୍ୟତାକୁ ସମାପ୍ତ କରିଦେଲେ । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କହିଛନ୍ତି ଯେ, ତୁମମାନଙ୍କ ମଧ୍ୟରୁ ଯିଏ ସର୍ବାଧିକ ଈଶ୍ୱରଙ୍କୁ ଭୟକରେ ତଥା ଈଶ୍ୱରଙ୍କ ସକାଶେ ଧର୍ମପରାୟଣତା ଅବଲମ୍ବନ କରିଥାଏ, ସେହି ବ୍ୟକ୍ତି ହିଁ ଅଲ୍ଲାଃତାଲାଙ୍କ ନିକଟରେ ସର୍ବାଧିକ ସମ୍ମାନସ୍ପଦ ଓ ସମ୍ମାନଯୋଗ୍ୟ ଅଟେ। ଅଲ୍ଲାଃତାଲା ଯେକି ସମଗ୍ର ଜଗତର ପାଳନକର୍ତ୍ତା ତଥା ସମ୍ମାନ ଏବଂ ମର୍ଯ୍ୟାଦାର ଅଧିକାରୀ ଅଟନ୍ତି ସେ ଧର୍ମ ପରାୟଣତା ଏବଂ ଧର୍ମନିଷ୍ଠତାକୁ ଦେଖନ୍ତି । ସେ ଏହା ଦେଖନ୍ତି ନାହିଁ ଯେ, କିଏ ମହିଳା ଓ କିଏ ପୁରୁଷ ଅଟେ ?

ହଜ୍ଜତୁଲ୍ ୱିଦା ଅବସରରେ ଆଁହଜରତ୍ ସ.ଅ କହିଲେ, ହେ ଲୋକମାନେ ତୁମେମାନେ ମହିଳାମାନଙ୍କ ପ୍ରସଙ୍ଗରେ ଈଶ୍ୱରଙ୍କୁ ଭୟ କର । ତୁମମାନଙ୍କର ମହିଳା ଉପରେ ଅଧିକାର ରହିଛି ଓ ମହିଳାର ପୁରୁଷ ଅର୍ଥାତ୍ ନିଜର ସ୍ୱାମୀ ଉପରେ ଅଧିକାର ରହିଛି । ସେହି ଆପଣ ସ.ଅ ଦାସୀ ଏବଂ ଦାସମାନଙ୍କୁ ମୁକ୍ତ କରିବା ଓ ସେମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରିବା ନିମନ୍ତେ ଆପଣ ସ.ଅ ତାଗିଦ୍ କରିଛନ୍ତି । ଶତାବ୍ଦୀ ଶତାବ୍ଦୀ ଧରି ଚାଲି ଆସୁଥିବା ପ୍ରାଚୀନ ପରମ୍ପରାକୁ ମଧ୍ୟ ଆପଣ ସ.ଅ ସମାପ୍ତ କରିଦେଲେ ।

ଆପଣ ସ.ଅ ନିଜ କାଳରେ ହିଁ ପରଦାର ପ୍ରଚଳନକୁ ପ୍ରୋତ୍ସାହନ ଦେଇଥିଲେ। ଅପରିଚିତ ପୁରୁଷମାନଙ୍କୁ ମହିଳାମାନଙ୍କ ସହିତ ମିଶିବା ତଥା ଏକାଠି ହେବାକୁ ପୁରାତନ କାଳରେ ଉଚିତ୍ ବୋଲି ମନେକରାଯାଉ ନଥିଲା । କିନ୍ତୁ ମହିଳାମାନେ ସାମାଜିକି ସରଗରମ (କାର୍ଯ୍ୟକ୍ରମ)ରେ ପରଦା ମାଧ୍ୟମରେ (ପରାଦୁକୁ ଆୟୁଦ୍ଧ କରି) ଭାଗ ନେଉଥିଲେ । ସେମାନେ ମସ୍‌ଜିଦରେ କେବଳ ଖୁତ୍‌ବା ଶୁଣୁ ନଥିଲେ ବରଂ ଆବଶ୍ୟକତା ଅନୁସାରେ ଯୁଦ୍ଧରେ ମଧ୍ୟ ସାମିଲ୍ ହେଉଥିଲେ ।

ଆଁହଜରତ୍ ସ.ଅଙ୍କ ଅବତାରତ୍ୱ ରୂପେ ଅବତୀର୍ଣ୍ଣ ହେବା ପୂର୍ବରୁ ସମାଜର ଧାର୍ମିକ ଅବସ୍ଥା ମଧ୍ୟ ଅତ୍ୟନ୍ତ ଶୋଚନୀୟ ଥିଲା । 360ଟି ପିତୁଳାମାନଙ୍କୁ ପୂଜାର୍ଚ୍ଚନା କରାଯାଉଥିଲା। ସବୁଠୁ ବଡ଼ ତଥା ବିଶାଳ ସଂସ୍କାରିକ କାର୍ଯ୍ୟ ଆପଣ ସ.ଅ ଏହା କଲେ ଯେ, ଏକେଶ୍ୱରବାଦର ଯେଉଁ ଆସ୍ଥା ରହିଥିଲା ତାହାକୁ ଆପଣ ସ.ଅ ପ୍ରଥମେ ଲୋକମାନଙ୍କ ହୃଦୟରେ ପ୍ରଣୟନ କଲେ। ପରକାଳରେ ଉତ୍ତର ଦେବାର ଆସ୍ଥାକୁ ସର୍ବସାଧାରଣ କଲେ । ହୃଦୟ ଏବଂ ଆତ୍ମାକୁ ଆପଣ ସ.ଅ ପବିତ୍ର କଲେ। ଲୋକମାନଙ୍କୁ ଅଲ୍ଲାଃତାଲାଙ୍କ ଆଜ୍ଞାବହତ୍ୱର ଆଇନ୍‌କୁ ମାନିବା ନିମନ୍ତେ ରାଜି କରାଇଲେ । ହୃଦୟକୁ ପୁଣ୍ୟ ଏବଂ ହିତ ତଥା ଉପକାର ଆଡ଼କୁ ଆକର୍ଷିତ କଲେ । ଏକେଶ୍ୱରବାଦର ଉପାସନା ଏବଂ ଭକ୍ତମାନଙ୍କର ସେବା କରିବାର ଯେଉଁ ଉତ୍ସାହ ତଥା ମନୋବୃତ୍ତି ଲୋକମାନଙ୍କ ମଧ୍ୟରେ ଆପଣ ସ.ଅ ସୃଷ୍ଟି କଲେ । ଅପ୍ରୀତିକର କାର୍ଯ୍ୟରୁ ଲୋକମାନଙ୍କୁ ଘୃଣା

ଅବଶିଷ୍ଟାଂଶ ପୃଷ୍ଠା ସଂଖ୍ୟା ୯ ରେ

ପୁଣ୍ୟଶ୍ଳୋକ ହ.ମସିହ୍ ମଉଦ୍ ଅ.ସଙ୍କ ଲେଖନୀ ତଥା ମୁଖନିଃସୃତ ବାଣୀରୁ ଆଁହଜରତ୍ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ।

(ଶ୍ରୀଯୁକ୍ତ ଆସିଫ୍ ଅହମଦ ଖାନ୍ ସାହେବ)

ରସୁଲ୍ କରୀମ୍ ସ.ଅଙ୍କ ଜନ୍ମଗ୍ରହଣ ପରେ ଆରବର ସାଧାରଣ ପ୍ରଥାନୁଯାୟୀ ଆଁହଜରତ୍ ସ.ଅଙ୍କୁ କ୍ଷୀରପାନ କରିବା ନିମନ୍ତେ ଧାଇଙ୍କୁ ହସ୍ତାନ୍ତର କରି ଦିଆଗଲା । ପ୍ରଥମେ ସୋବିୟାହ୍ ଏବଂ ପୁନଶ୍ଚ ହଲିମା ସାଆଦିୟାଙ୍କୁ ଆପଣ ସ.ଅଙ୍କ ମୁରଜିୟା (ସ୍ତନ୍ୟପାନ) କରାଇଥିବା ମାତାଙ୍କର ସୌଭାଗ୍ୟ ଅର୍ଜନ ହୋଇଥିଲା । ଇବ୍‌ନେ ହିଶ୍ଶାମଙ୍କ ବର୍ଣ୍ଣନା ଅନୁଯାୟୀ ବିବି ହଲିମାଙ୍କ ପୂର୍ବରୁ ସୋବିୟାହ୍ ନିଜର ସୁପୁତ୍ର ମସ୍ରୁହ୍‌ଙ୍କୁ କ୍ଷୀର ପାନ କରିବା ସହିତ ଆଁହୁଜୁର ସ.ଅଙ୍କୁ ମଧ୍ୟ କ୍ଷୀର ପାନ କରାଇଲେ। ଏହା ପୂର୍ବରୁ ସୋବିୟାହ୍ ହ. ହମ୍‌ଜା ଏବଂ ହ. ଅବ୍‌ଦୁଲ୍ଲାଃଲ ବିନ୍ ହଜଶଙ୍କୁ ମଧ୍ୟ କ୍ଷୀର ପାନ କରାଇଥିଲେ । ସୋବିୟାହ୍ ଅବୁ ଲହବ୍‌ର ଦାସୀ ଥିଲେ । ହ. ନବୀ କରୀମ୍ ସ.ଅଙ୍କୁ ଏକଦା କେହି ଜଣେ ପଚାରିଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ମୁଁ ଆପଣ ସ.ଅଙ୍କ ଠାରୁ ଅନ୍ୟ କୌଣସି ବ୍ୟକ୍ତିକୁ ଆଳଂକାରିକ ଭାଷା କହୁଥିବାର ଦେଖି ନାହିଁ। ଆପଣ ସ.ଅ କହିଲେ, କିପରି ହେବି ନାହିଁ ? ମୁଁ ସଂପ୍ରଦାୟ ଦୃଷ୍ଟିରୁ କୁରୈଶୀୟ ସଂପ୍ରଦାୟର ବ୍ୟକ୍ତି ଅଟେ ଏବଂ ବନି ସାଆଦ୍ ସଂପ୍ରଦାୟ ମଧ୍ୟରୁ ମୁଁ ଜନୈକ ମହିଳାଙ୍କର କ୍ଷୀର ପାନ କରିଛି । ସୁତରାଂ ଆରବ୍ୟମାନଙ୍କର ଏହି ପ୍ରଥା ରହିଥିଲା ଯେ, ଲୋକମାନେ ନିଜର ସନ୍ତାନମାନଙ୍କୁ ଅନ୍ୟ ସଂପ୍ରଦାୟର ଧାଇମାନଙ୍କୁ ଛାଡ଼ି ଦେଇ ଆସୁଥିଲେ । କାରଣ ଛୋଟ ପିଲାମାନେ ପୁର ପଲ୍ଲୀର ଖାଣ୍ଟି ପରିବେଶରେ ବଡ଼ ହେବେ ଏବଂ ସେମାନଙ୍କର ଭାଷା ଉନ୍ନତ ହେବ ।

ଛେଳୀମାନଙ୍କର ଦେଖାଶୁଣା: ଅବତାରମାନଙ୍କର ଏହି ପରମ୍ପରା ରହିଛି ଏବଂ ଆମର ପ୍ରିୟ ମହାବତାର ହ. ମୁହମ୍ମଦ୍ ସ.ଅ ମଧ୍ୟ ନିଜର ପବିତ୍ର ବାଲ୍ୟକାଳ ଜୀବନରେ ଏହି ପରମ୍ପରା ଉପରେ କାର୍ଯ୍ୟାନୁସରଣ କଲେ । ଆପଣ ସ.ଅ ଏହାର ଚର୍ଚ୍ଚା ଅତ୍ୟନ୍ତ ସୁନ୍ଦର ଢଙ୍ଗରେ କରିଛନ୍ତି ଏବଂ ଏହା ଉପରେ ବିଭିନ୍ନ ପକ୍ଷରୁ ଆଲୋକପାତ କରିଛନ୍ତି। ଅତଏବ୍ ଏଥି ସଂକ୍ରାନ୍ତରେ ଆପଣ ସ.ଅ ଏକ ସ୍ଥାନରେ କୁହନ୍ତି: "ଇତିହାସକୁ ଦେଖ ଯେ, ଆଁହଜରତ୍ ସ.ଅ ସେହି ଅନାଥ ବାଳକ ଥିଲେ ଯାହାଙ୍କର ପିତାଶ୍ରୀ ବାଲ୍ୟକାଳରେ କିଛି ଦିନ ପରେ ମୃତ୍ୟୁବରଣ କରିଥିଲେ ଏବଂ ଆପଣ ସ.ଅଙ୍କ ମାତାଶ୍ରୀ କେବଳ କିଛି ମାସ ପରେ ନିଜର ସନ୍ତାନକୁ ଛାଡ଼ି ମୃତ୍ୟୁବରଣ କରିଥିଲେ। ସେତେବେଳେ ସେହି ଅନାଥ ବାଳକ ଯାହା ଉପରେ ଈଶ୍ୱରଙ୍କର ଆଶୀର୍ବାଦ ଥିଲା ସେ ବିନା ସାହାରାରେ ଈଶ୍ୱରଙ୍କ ଆଶ୍ରୟତ୍ୱରେ ଲାଳିତ ଏବଂ ପାଳିତ ହୋଇଥିଲେ । ଏହି ବିପତ୍ତି ତଥା ଅନାଥର ଦିନମାନଙ୍କରେ ଆପଣ ସ.ଅ କେତେକ ଲୋକମାନଙ୍କର ଛେଳୀ ମଧ୍ୟ ଚରାଉଥିଲେ । ତେଣୁ ଆପଣ ସ.ଅଙ୍କର ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ପାଳନକର୍ତ୍ତା ତଥା ଅଭିଭାବକ ନଥିଲା ।"

(ପୈଗାମେ ସୁଲାହ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-22, ପୃ-465)

ଆପଣ ଅ.ସ ଆଁହୁଜୁର୍ ର.ଅଙ୍କ ଜୀବନର ବିଭିନ୍ନ କାଳର ଚର୍ଚ୍ଚା କରିଛନ୍ତି ଏବଂ ସେହି ପବିତ୍ର କାଳ ଯାହା الم يجدك يتيما فآوى ଅନୁଯାୟୀ ଅନାଥକାଳର କ୍ଲୀଷ୍ଟତାର ଯୁଗ ଅଟେ । ଉକ୍ତ ଯୁଗରେ ଆଁହଜୁର୍ ସ.ଅଙ୍କ ଉପରେ ଯେଉଁ ବିପତ୍ତିମାନ ଆସିଥିଲା ତାହାର ଚର୍ଚ୍ଚା କରିଛନ୍ତି । ଆପଣ ଅ.ସ ଏହି ବାସ୍ତବତା ବର୍ଣ୍ଣନା କରିଛନ୍ତି ଯେ, ଆପଣ ସ.ଅ ସର୍ବଦା ଈଶ୍ୱରଙ୍କ ଆଶ୍ରୟରେ ଥିଲେ । ସେହିପରି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏକ ସ୍ଥାନରେ ଅତ୍ୟନ୍ତ ପ୍ରେମପୂର୍ଣ୍ଣ ଶବ୍ଦରେ ଆଁହଜରତ୍ ସ.ଅଙ୍କ ଜୀବନର ସେହି କାଳର ଚର୍ଚ୍ଚା କରିଛନ୍ତି । "ଏବଂ ଯେତେବେଳେ ଆପଣ ସ.ଅ ହିତାହିତ ଜ୍ଞାନ ବୟସରେ ପହଞ୍ଚିଲେ ସେତେବେଳେ ଅନାଥ ଏବଂ ଅସହାୟ ବାଳକମାନଙ୍କ ପରି ଯେଉଁମାନଙ୍କର ଏହି ସଂସାରରେ କେହି ନୁହଁନ୍ତି ମରୁଭୂମିର ସେହି ଲୋକମାନେ ଛେଳୀ ଚରାଇବାର ଦାୟିତ୍ୱ ଏହି ସମଗ୍ର ଜଗତର ସେବକଙ୍କ ଉପରେ ନ୍ୟସ୍ତ କରିଥିଲେ । ସେହି କଷ୍ଟ ଦିନମାନଙ୍କରେ ବିଭିନ୍ନ ପ୍ରକାରର ଶସ୍ୟ କିମ୍ବା ଛେଳୀ କ୍ଷୀର ବ୍ୟତୀତ ଅନ୍ୟ କୌଣସି ଖାଦ୍ୟ ନଥିଲା ।"

(ଇଜାଲା ଔହାମ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-3, ବି.ଦ୍ର ପୃ-112-113)

ଜୀବନୀ ପୁସ୍ତକ ଏବଂ ଇତିହାସରୁ ଏକଥା ପ୍ରମାଣତି ହୁଏ ଯେ, ଆଁହଜରତ୍ ସ.ଅ କିଛି କିରାତ୍ (ଟଙ୍କା) ପାଇଁ ମକ୍କାର ଧନୀକ ବ୍ୟକ୍ତିମାନଙ୍କର ମେଷ (ଛେଳୀ ମେଣ୍ଢା) ଚରାଉଥିଲେ । ଯେପରିକି ଇବ୍‌ନେ ସାଆଦ୍ ର.ଅଙ୍କ ବର୍ଣ୍ଣନା ରହିଛି । عن ابي هريرة قال رسول الله ما بعث الله عز وجل نبيا الا رعى الغنم قال له اصحابه وانت يا رسول الله قال نعم وانا رعيتها لاهل مكة بالقيراط ଅର୍ଥାତ୍ ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ଅଲ୍ଲାଃତାଲା ଏପରି କୌଣସି ଅବତାର୍ ପ୍ରେରଣ କରି ନାହାନ୍ତି ଯିଏ ଛେଳୀମାନଙ୍କର ଦେଖାଶୁଣା କରି ନଥିବେ । ସାହାବାମାନେ ପଚାରିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ କ'ଣ ଆପଣ ସ.ଅ ମଧ୍ୟ ଛେଳୀ ଚରାଇଛନ୍ତି। ଆପଣ ସ.ଅ କହିଲେ, ହଁ । ମୁଁ ମଧ୍ୟ ମକ୍କାବାସୀଙ୍କର କିଛି କିରାତ୍ (କେଇ ପଇସାରେ) ଛେଳୀମାଙ୍କର ଦେଖାଶୁଣା କରୁଥିଲେ ଏବଂ ଚରାଉଥିଲି । ବର୍ଣ୍ଣନାରୁ ଏହା ମଧ୍ୟ ଜ୍ଞାତ ହୁଏ ଯେ, ଆପଣ ସ.ଅ ବନୁ ସାଆଦ୍ ସଂପ୍ରଦାୟର ଛେଳୀମାନଙ୍କର ଦେଖାଶୁଣା ମଧ୍ୟ କରୁଥିଲେ ଏବଂ ମକ୍କାବାସୀମାନଙ୍କର ମଧ୍ୟ ଛେଳୀମାନଙ୍କର ଦେଖାଶୁଣା କରୁଥିଲେ। ସେହିପରି ଅନ୍ୟ ଏକ ବର୍ଣ୍ଣନାରେ କିରାତ୍ ଶବ୍ଦ ବଦଳେ ଅଜୟାଦ୍ ଶବ୍ଦ୍ ମଧ୍ୟ ବ୍ୟବହୃତ ହୋଇଛି । ارعى غنم اهلى باجياد ଅର୍ଥାତ୍ ମୁଁ କିଛି ପଇସା ବଦଳରେ ନିଜର ବଂଶର ଛେଳୀମାନଙ୍କର ଦେଖାଶୁଣା କରୁଥିଲି ଏବଂ ସେମାନଙ୍କୁ ଚରାଉଥିଲି । ହୁଜୁର୍ ଅ.ସ ଯେଉଁ କଥାଟି କହିଛନ୍ତି ଯେ, ଉକ୍ତ ଅବଧି ମଧ୍ୟରେ ଆପଣ ସ.ଅଙ୍କ ଆହାର କିଛି ଶସ୍ୟ ଏବଂ, ଛେଳୀ, କ୍ଷୀର ବ୍ୟତୀତ ଅନ୍ୟ କିଛି ଜିନିଷ ନଥିଲା ।

(ଇଜାଲା ଔହାମ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-3, ବି.ଦ୍ର ପୃ-112-113)

ଏହାର ପ୍ରମାଣରେ କେତେକ ବର୍ଣ୍ଣନା ମଧ୍ୟ ବିଦ୍ୟମାନ ରହିଛି । ଉକ୍ତ ଘଟଣାବଳୀଗୁଡ଼ିକ ଆପଣ ସ.ଅଙ୍କ ଜୀବନର ସେହି ଭାଗ ସହିତ ସଂପର୍କିତ ଅଟନ୍ତି ଯହିଁରେ ବିବି ହଲିମା ସାଆଦିୟାଙ୍କ ଘରେ ଆପଣ ସ.ଅ ବାଲ୍ୟକାଳରେ ରହିଥିଲେ। ତେଣୁ ଉକ୍ତ ଅବଧିଟି 4 ବର୍ଷ କାଳ ଅଟେ । ବନୁ ସାଆଦ୍ ଏକ ନୈଷ୍ଠିକ ଗ୍ରାମୀଣ ସଂପ୍ରଦାୟ ଥିଲା ଏବଂ ଏଭଳି ସଂପ୍ରଦାୟର ଆହାର ସରଳ ଖାଦ୍ୟ ହେଉଥିଲା । ମକ୍କାର ଲୋକମାନେଙ୍କର ମଧ୍ୟ ସାଧାରଣ ଖାଦ୍ୟ ଛେଳୀ କ୍ଷୀର ଏବଂ ପନି ପରିବା ହେଉଥିଲା । ସେହି କାଳରେ ଉତ୍ତମ ମାନର ଖାଦ୍ୟ ଖାଇବାର ଖୁବ୍ କମ୍ ସୁଯୋଗ ମିଳୁଥିବ । ଅନ୍ୟ ପିଲାମାନଙ୍କ ପରି ଆପଣ ସ.ଅ ମଧ୍ୟ ଜଙ୍ଗଲୀ ଫଳମୂଳ, ପନି ପରିବା, ଶାଗ ଓ ଛେଳୀ କ୍ଷୀର ପାନ କରି ଜୀବନ ଯାପନ କରୁଥିଲେ । ଉପରୋକ୍ତ ପରିସ୍ଥିତିର ଏକ ଚିତ୍ରକଳ୍ପ ବର୍ଣ୍ଣନାରୁ ଜ୍ଞାତ ହୋଇଥାଏ । ଏହାର ଅନୁବାଦ ଏହିକି ଯେ, ଅବୁ ସଲମା ବିନ୍ ଅବ୍‌ଦୁର୍ ରହ୍‌ମାନ ବର୍ଣ୍ଣନା କରନ୍ତି ଯେ, ଏକଦା ଆଁହୁଜୁର୍ ସ.ଅ ସାହାବାମାନଙ୍କ ସହିତ ଅର୍କ ନମାକ ଜଡ଼ିବୁଟି ପାଖ ଦେଇ ଯେତେବେଳେ ଅତିକ୍ରମ କଲେ ସେତେବେଳେ ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଉକ୍ତ ଗଛର କଳା ଫଳକୁ ସେବନ କରିନିଅ । କାରଣ ମୁଁ ଯେତେବେଳେ ମେଷମାନଙ୍କର ଦେଖାଶୁଣା କରୁଥିଲି ସେତେବେଳେ ମଧ୍ୟ ମୁଁ ଏହି ଫଳକୁ ବାଛୁଥିଲି ଏବଂ ସେବନ କରୁଥିଲି । ସେହି ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ବି ମେଷ ତଥା ଛେଳୀ ଚରାଇଛନ୍ତି । ଆପଣ ସ.ଅ କହିଲେ, ହଁ ଏବଂ ଏପରି କୌଣସି ଅବତାର ଅତିକ୍ରାନ୍ତ ହୋଇ ନାହାନ୍ତି ଯିଏ ଛେଳୀମାନଙ୍କୁ ଚରାଇ ନଥିବେ । ଅରକ୍‌ର ବହୁବଚନ ଅରାକ୍ ଅଟେ । ଏହା ଏକ ପ୍ରକାରର ଫଳ ଅଟେ ଯାହା ଛୋଟିଆ ବୁଦାଯୁକ୍ତ ଗୁଳ୍ମ ପାଦପ ଉପରେ ଉଠିଥାଏ । ପ୍ରାୟତଃ ଏହା ଓଟ ଏବଂ ଛେଳୀମାନଙ୍କର ଖାଦ୍ୟ ଅଟେ । କିନ୍ତୁ ମନୁଷ୍ୟମାନେ ମଧ୍ୟ ଉକ୍ତ ବୀଜକୁ ସେବନ କରି ନେଇଥାଆନ୍ତି । ଏହାର ଉର୍ଦ୍ଦୁ ଅନୁବାଦ୍ ପିଲୁ ବୋଲି କରାଯାଇଥାଏ । ଓଡ଼ିଆରେ ଏହାକୁ ଶୀତାଫଳ ବା ଧାରୀ ବୋଲି କୁହାଯାଏ । ଇଂରାଜୀରେ ଏହାକୁ Meswak tree/tooth brush tree ବୋଲି କୁହାଯାଏ ।

ଯେଉଁଠି ଉକ୍ତ କଥାର ପ୍ରସଙ୍ଗ ରହିଛି ଯେ, ما من نبي الا قد رعاها ଅର୍ଥାତ୍ ପ୍ରତ୍ୟେକ ଅବତାରମାନେ ଛେଳୀ ଚରାଇଛନ୍ତି । ଅତଏବ୍ ପବିତ୍ର କୁରଆନ୍ କରୀମ୍, ହଦିସ୍, ବାଇବେଲ୍ ଏବଂ ଇତିହାସରୁ ମଧ୍ୟ ଏଥି ସଂକ୍ରାନ୍ତରେ ଇଙ୍ଗିତ ମିଳିଥାଏ । ଉଦାହରଣ ସ୍ୱରୂପ ହ. ମୁସା ଅ.ସ ଛେଳୀମାନଙ୍କ ଦେଖାଶୁଣା କରିବାର ପ୍ରମାଣ ସୁରାଃ ତା-ହା ର ଆୟତ୍ ସଂଖ୍ୟାରେ 19ରେ ବର୍ଣ୍ଣିତ ହୋଇଛି ଯେ, قَالَ هِيَ عَصَايَ أَتَوَكَّأُ عَلَيْهَا وَأَهُشُّ بِهَا عَلَىٰ غَنَمِي وَلِيَ فِيهَا مَآرِبُ أُخْرَىٰ (ତା ହା: 19) ଅର୍ଥାତ୍ ସେ କହିଲେ, ଏହା ଆମର ଲାଠି ଆମ୍ଭେ ଏହା ଉପରେ ଭରା ଦେଉ ଏବଂ ଏହା ସାହାଯ୍ୟରେ ନିଜ ଛେଳୀମାନଙ୍କର ପାଇଁ ଗଛରୁ ପତ୍ର ତୋଳୁ ଏବଂ ଏହାଛଡ଼ା ଆମ୍ଭ ସକାଶେ ଏଥିରେ ବହୁ ପ୍ରଚ୍ଛନ୍ନ ଉପଯୋଗୀତା ରହିଅଛି। ସୁରାଃ ଅଲ୍ କସସ୍‌ରେ ମଧ୍ୟ ଇଙ୍ଗିତ ରହିଛି ଯେ, ହ. ଶୁଐବ୍ (ଶୋଏବ୍) ଏବଂ ତାଙ୍କର ସନ୍ତାନମାନେ ମଧ୍ୟ ଛେଳୀମାନଙ୍କର ଦେଖାଶୁଣା, ଯତ୍ନ ନେଉଥିଲେ । ବାସ୍ତବରେ ଛେଳୀ ଚରାଇବାରେ ଅନେକ ରହସ୍ୟ ଏବଂ ତତ୍ତ୍ୱ ନିହିତ ରହିଛି । ଏହାର ଚର୍ଚ୍ଚା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏହି ଆଦେଶାବଳୀରେ ମଧ୍ୟ କରିଛନ୍ତି ଯାହା ପର୍ବେ ଉପସ୍ଥାପିତ କରାଯାଇ ସାରିଛି । ସେହି ଆଦେଶାବଳୀରୁ ଯେଉଁ ତତ୍ତ୍ୱ ତଥା ରହସ୍ୟ ଜ୍ଞାତ ହେଉଛି ତାହାର ସାରାଂଶ ଏହିକି ଯେ, ଆପଣ ସ.ଅଙ୍କ ଉପରେ ଯେଉଁ ପରିସ୍ଥିତି ଆସିଥିଲା ତାହା ବିଶେଷ କରି ଈଶ୍ୱରଙ୍କ ରହସ୍ୟ ଯୋଗୁଁ ହିଁ ଆସିଥିଲା । ଉଦାହରଣ ସ୍ୱରୂପ ଆପଣ ସ.ଅ କ୍ଷୀର ପାନ ବୟସରେ ଆପଣ ସ.ଅଙ୍କୁ ଧାଇମାନଙ୍କ ହସ୍ତାନ୍ତର କରି ଦିଆଗଲା । ଆପଣ ସ.ଅଙ୍କ ମଧ୍ୟରେ ବ୍ୟାପକତା, ସତ୍‌ସାହସ, ଉତ୍ସାହ ଏବଂ ଧୈର୍ଯ୍ୟର ଅଭ୍ୟାସ ବିକଶିତ ହୋଇଥିଲା । ଛେଳୀମାନଙ୍କର ଦେଖାଶୁଣା ତଥା ଚରାଇବା ଦ୍ୱାରା ଆପଣ ସ.ଅଙ୍କର ଅନେକ ଦିଗରେ ସଂସ୍କାର ହୋଇଛି । ଯେତେବେଳେ ମେଷପାଳକମାନେ ସେମାନଙ୍କର ମେଷ ପଲମାନଙ୍କୁ ଜଙ୍ଗଲକୁ ନେଇଯାଆନ୍ତି ସେତେବେଳେ ମେଷ ଅର୍ଥାତ୍ ଛେଳୀମାନେ ନିଜର ପେଟ ପୂରଣ କରନ୍ତି ଅର୍ଥାତ୍ ଆହାର ଖାଇଥାଆନ୍ତି । କିନ୍ତୁ ମେଷ ପାଳକମାନେ ଅନେକ ସମୟରେ ଭୋକିଲା ରହିଯାଇ ଥାଆନ୍ତି କିମ୍ବା ସେମାନଙ୍କୁ ସାମନ୍ୟ ଆହାର ଖାଇ ଦିନ କାଟିବାକୁ ପଡ଼ିଥାଏ । ଏହା ଯୋଗୁଁ ସେମାନଙ୍କ ମଧ୍ୟରେ ନମ୍ରତା, ଧୈର୍ଯ୍ୟତା ଭଳି ଗୁଣ ସୃଷ୍ଟି ହୋଇଥାଏ । ପୁନଶ୍ଚ ବେଳେବେଳେ ମେଷପାଳକମାନଙ୍କୁ (ବା ଛେଳୀ ଚରାଳୀମାନଙ୍କୁ) ଅନେକ ବିପତ୍ତି ଏବଂ ସମସ୍ୟାର ସମ୍ମୁଖୀନ ଓ ସହସା ବିପତ୍ତିର ମଧ୍ୟ ସମ୍ମୁଖୀନ ହେବାକୁ ପଡ଼ିଥାଏ । ସେହି ପ୍ରତିକୂଳ ତଥା ବିପଦପୂର୍ଣ୍ଣ ପରିସ୍ଥିତିରେ ମେଷପାଳକମାନେ ସେମାନଙ୍କର ପଶୁମାନଙ୍କୁ ସୁରକ୍ଷା ପ୍ରଦାନ କରିଥାଆନ୍ତି ଏବଂ ସେମାନଙ୍କୁ ବିପଦପୂର୍ଣ୍ଣ ସ୍ଥାନରୁ ଦୂରରେ ରଖନ୍ତି ଏବଂ ନିଷିଦ୍ଧାଞ୍ଚଳ ଯିବାରୁ ମଧ୍ୟ ବାରଣ କରନ୍ତି । ଏହିପରି ଭାବରେ ମେଷପାଳକମାନେ ଅତ୍ୟନ୍ତ ସାହସିକତାର ସହିତ ନିଜର ମେଷମାନଙ୍କର ଯତ୍ନ ନେବାର କ୍ଷମତା ନିଜ ମଧ୍ୟରେ ବିକଶିତ କରନ୍ତି । ଅତଏବ୍ ଜଣେ ଅବତାର ମଧ୍ୟ ନିଜ ପ୍ରଜାମାନଙ୍କର ନୀରିକ୍ଷକ ଏବଂ ତତ୍ତ୍ୱାବଧାରକ ହୋଇଥାଏ। ତେଣୁ ଜଣେ ଅବତାରଙ୍କ ମଧ୍ୟରେ ଏହି ଗୁଣ ରହିବା ନିତାନ୍ତ ଆବଶ୍ୟକତ ଅଟେ । ଯେପରି ମେଷପାଳକ

ଅବଶିଷ୍ଟାଂଶ ପୃଷ୍ଠା ସଂଖ୍ୟା ୯ ରେ

ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଖୁତବାତର ପ୍ରକାଶରେ ଆଁହଜରତ୍ ସ.ଅଙ୍କ ଅତୁଳନୀୟ ଈଶ୍ୱର ପ୍ରେମ ।

(ଶ୍ରୀଯୁକ୍ତ ହାଫିଜ୍ ଏଜାଜୁଦ୍ଦୀନ୍ ସାହେବ, ମୁବଲ୍ଲିଗ୍ ସିଲସିଲା, ହୁବଲୀ କର୍ଣ୍ଣାଟକ)

ଅଲ୍ଲାଃତାଲାଙ୍କ ଏହି ବ୍ୟାପକ ଲୀଳା ବ୍ୟବସ୍ଥାକୁ ଧ୍ୟାନ ଦେଲେ ବୁଦ୍ଧିମାନ ବ୍ୟକ୍ତିମାନଙ୍କ ନିମନ୍ତେ ଅନେକ ଶିକ୍ଷଣୀୟ ଲାଭ ମିଳିଥାଏ । ମନୁଷ୍ୟକୁ ଯାମିଉସ୍ ସଗିର୍ (କ୍ଷୁଦ୍ର ସମଷ୍ଟି) ବୋଲି କୁହାଯାଇଛି । କାରଣ ସଂସାର ଯାକର ସମସ୍ତ ଗୁଣ ତଥା ବିଶେଷତା କୌଣସି ନା କୌଣସି ରୂପେ ସେହି ଯାମିଉସ୍ ସଗିର୍ ମନୁଷ୍ୟ ମଧ୍ୟରେ ନିହିତ ରହିଛି । ତେଣୁ ଆମେମାନେ ଯେତେବେଳେ ଧ୍ୟାନ ଦେଉ ଏବଂ ଅବଲୋକନ କରୁ ସେତେବେଳେ ଆମମାନଙ୍କୁ ଏହା ଜ୍ଞାତ ହୋଇଥାଏ ଯେ, ଅଲ୍ଲାଃତାଲା ମନୁଷ୍ୟ ମଧ୍ୟରେ ଏବଂ ମନୁଷ୍ୟର ସ୍ୱଭାବ ମଧ୍ୟରେ ନିଜର ପ୍ରକୃତ ଉପାସକଙ୍କ ନିମନ୍ତେ ଏକ ପ୍ରକାରର ଆକର୍ଷଣ ନିହିତ ରଖିଛନ୍ତି ।

ଯେପରିକି ହ. ମସିହ୍ ମଉଦ୍ ଅ.ସ କହିଲେ: "ଯେତେବେଳେ ଶିଶୁ ନିଜ ମାତୃ ଗର୍ଭରୁ ବାହାରକୁ ଆସିଯାଇଥାଏ । କାରଣ ଶିଶୁଟି ଯେତେବେଳେ ଜନ୍ମ ହୋଇଥାଏ ସେତେବେଳେ ସେ ଜନ୍ମ ହେବା ମାତ୍ରେ ସେ ନିଜର ଯେଉଁ ଆଧ୍ୟାତ୍ମିକ ବିଶେଷତା ପ୍ରଦର୍ଶନ କରିଥାଏ ତାହା ଏହିକି ଯେ, ଶିଶୁଟି ଜନ୍ମ ହେବା ମାତ୍ରେ ମା ଆଡ଼କୁ ଆନତ ହୋଇଯାଇଥାଏ (ଆକର୍ଷିତ ହୋଇଥାଏ) । ସ୍ୱଭାବତଃ ଶିଶୁ ନିଜର ମାକୁ ଭଲ ପାଇଥାଏ ଏବଂ ପୁନଶ୍ଚ ଧୀରେ ଧୀରେ ତା'ର ଚେତା ଉନ୍ମୁକ୍ତ ହୋଇ ଚାଲିଥାଏ ଏବଂ ଶିଶୁର ଇନ୍ଦ୍ରିୟଗୁଡ଼ିକ ଖୋଲିଯାଏ । ପ୍ରେମର ଏହି ଆକର୍ଷଣ ଯାହାକି ଶିଶୁ ମଧ୍ୟରେ ନିହିତ ଥିଲା ତାହା ନିଜର ରଙ୍ଗ ରୂପ ଅନନ୍ୟ ରୂପେ ଦେଖାଇ ଚାଲିଥାଏ । ପୁନଶ୍ଚ ଏହାପରେ ଏହା ହୋଇଥାଏ ଯେ, ଶିଶୁକୁ ନିଜ ମା କୋଳ ବ୍ୟତୀତ ଅନ୍ୟ କେଉଁଠି ବି ଶାନ୍ତି ମିଳି ନଥାଏ । ଶିଶୁର ସମସ୍ତ ଶାନ୍ତି ଏବଂ ବିଶ୍ରାମ ତା' ମାର ସ୍ନେହ ଓ ମମତା ମୟୀ କୋଳରେ ହିଁ ଥାଏ । ଯଦି ସେହି ଶିଶୁକୁ ମା ଠାରୁ ପୃଥକ୍ କରିଦିଆଯାଏ ଏବଂ ମା ଠାରୁ ଦୂରେଇ ଦିଆଯାଏ ତେବେ ତା'ର ସମସ୍ତ ସୁଖ ତିକ୍ତ (ନଷ୍ଟ) ହୋଇଯାଇଥାଏ । ଯଦି ଶିଶୁ ଆଗରେ ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ଏବଂ ପୁରସ୍କାରର ଗଦା ଆଣି ପକାଇ ଦିଆଯାଏ ତେବେ ମଧ୍ୟ ସେ ନିଜର ପ୍ରକୃତ ସୁଖ ଏବଂ ପ୍ରସନ୍ନତା ମା କୋଳରେ ହିଁ ଦେଖିଥାଏ ଏବଂ ଏହାକୁ ବାଦଦେଲେ ତାକୁ ଅନ୍ୟତ୍ର କେଉଁଠି ବି ଶାନ୍ତି ଏବଂ ବିଶ୍ରାମ ମିଳି ନଥାଏ। ଅତଏବ୍ ଯେଉଁ ପ୍ରେମାକର୍ଷଣ ଶିଶୁକୁ ନିଜ ମା ଠାରୁ ପ୍ରାପ୍ତ ହୋଇଥାଏ ତାହା କ'ଣ ? ବାସ୍ତବରେ ଏହା ହେଉଛି ସେହି ଆକର୍ଷଣ ଯାହା ପ୍ରକୃତ ଉପାସକଙ୍କ ତରଫରୁ ଶିଶୁର ସ୍ୱଭାବ ମଧ୍ୟରେ ନିହିତ ରଖାଯାଇଛି । କେବଳ ତାହା ନୁହେଁ ବରଂ ପ୍ରତ୍ୟେକଟି ସ୍ଥାନରେ ଏହି ପ୍ରେମମୂଳକ ଉତ୍ସାହ ପ୍ରଦର୍ଶନ କରିଥାଏ ବାସ୍ତବରେ ତାହା ସେହି ପ୍ରେମର ଏକ ପ୍ରତିଫଳନ ଅଟେ ।"

(ଇସ୍‌ଲାମୀ ଉସୁଲ୍ କି ଫିଲାସଫି, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-10, ପୃ-364)

ପୁନଶ୍ଚ ଉକ୍ତ ବିଷୟବସ୍ତୁକୁ ଆଗକୁ ଅଗ୍ରସର କରାଇ ହ. ମୁସ୍‌ଲେହ୍ ମଉଦ୍ ର.ଅ ଅତ୍ୟନ୍ତ ସୂକ୍ଷ୍ମ ବିନ୍ଦୁ ବର୍ଣ୍ଣନା କରିଛନ୍ତି । "ଈଶ୍ୱର ମଣିଷମାନଙ୍କୁ ସୃଷ୍ଟି କରିଛନ୍ତି ପ୍ରେମ ସକାଶେ ଏବଂ ମନୁଷ୍ୟ ସୃଷ୍ଟି କରିବା ଅଭିପ୍ରାୟ ଏହା ହିଁ ଯେ, ମନୁଷ୍ୟ ଈଶ୍ୱରଙ୍କ ପ୍ରେମରେ ନିମଜ୍ଜିତ ହେଉ ଏବଂ ସେହି ସାର୍ବକାଳୀନ ଜୀବନ ପ୍ରଦାନକାରୀ ସମୁଦ୍ରରେ ସର୍ବଦା ବୁଡ଼ ପକାଉ । ଯେପରିକି ଜଣେ ବ୍ୟକ୍ତି କହିଥିଲେ ଯେ,

دل کے واسطے پیدا کیا انسان کو
ورنہ طاعت کے لئے کچھ کم نہ تھے کروبیاں

ଅର୍ଥାତ୍ ମନୁଷ୍ୟକୁ ଏଇଥି ପାଇଁ ସୃଷ୍ଟି କରାଯାଇଛି ଯେ, ସେ ଈଶ୍ୱରଙ୍କ ପ୍ରେମରେ ନିଜକୁ ହଜାଇ ଦେଉ ଏବଂ ସେହି ସ୍ତର ଯାହା ପ୍ରେମର ଅନିବାର୍ଯ୍ୟ ପରିଣାମ ଅଟେ ତହିଁରୁ ଏକ ବିଶେଷ ପ୍ରକାରର ଆନନ୍ଦକୁ ସେ ଆସ୍ୱାଦିତ କରୁ । ଅନ୍ୟଥା ଅନୁକରଣ ଏବଂ ଆଜ୍ଞାନୁବର୍ତ୍ତୀତା ନିମନ୍ତେ ଦେବଦୂତମାନେ ମଧ୍ୟ ଉପସ୍ଥିତ ଥିଲେ ।"

(ମୁହବ୍‌ବତେ ଇଲାହି, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-1, ପୃ-19-20)

ଈଶ୍ୱର ପ୍ରେମର ଏହି ବିଷୟବସ୍ତୁକୁ ସର୍ବୋଚ୍ଚ ଆଦର୍ଶବାଦୀ ବ୍ୟକ୍ତି ହ. ମୁହମ୍ମଦ ମୁସ୍ତଫା ସ.ଅ ନିଜର ଆଚରଣ ଦ୍ୱାରା ସମ୍ପାଦନ କରି ଦେଖାଇ ଦେଇଛନ୍ତି । ସୁତରାଂ ଏହାର ବ୍ୟାଖ୍ୟା କରି ହ. ଖଲିଫତୁଲ୍ ମସିହ୍ ଅଲ୍ ଖାମିସ୍ ଅ.ବ କୁହନ୍ତି: "ଜଣେ ବିଶ୍ୱାସକାରୀ ବ୍ୟକ୍ତିର ଏହି ବିଶେଷତା ରହିଛି ଯେ, ପବିତ୍ର କୁରଆନ୍ କରୀମ୍‌ରେ ଏହି ଚର୍ଚ୍ଚା ରହିଛି ଯେ, وَالَّذِيْنَ اٰمَنُوْٓا اَشَدُّ حُبًّا لِّلّٰهِ **(ଅଲ୍ ବକ୍ରାହ୍: 166)** ଅର୍ଥାତ୍ ଯେଉଁମାନେ ବିଶ୍ୱାସକାରୀ ସେମାନେ ଅଲ୍ଲାଃଙ୍କୁ ହିଁ ସର୍ବାଧିକ ପ୍ରେମ କରନ୍ତି । ସୁତରାଂ ବିଶ୍ୱାସକାରୀ ବ୍ୟକ୍ତି ହେବାର ଏହି ଲକ୍ଷଣ ରହିଛି ଯେ, ଜଣେ ପ୍ରକୃତ ବିଶ୍ୱାସକାରୀର ଜୀବନ କେବଳ ଗୋଟିଏ ଅସ୍ତିତ୍ୱର ଆଖପାଖରେ ହିଁ ପରିକ୍ରମା କରିଥାଏ ଏବଂ ପରିକ୍ରମା ମଧ୍ୟ କରିବା ଉଚିତ୍। କାରଣ ଏହା ବ୍ୟତୀତ ଜଣେ ବିଶ୍ୱାସକାରୀ ବ୍ୟକ୍ତି ବିଶ୍ୱାସକାରୀ ବ୍ୟକ୍ତିର ପଦବାଚ୍ୟ ହୋଇ ପାରିବ ନାହିଁ । ଜଣେ ବିଶ୍ୱାସକାରୀ ବ୍ୟକ୍ତିର ଆଦୃଷ୍ଟ ଉପରେ ବିଶ୍ୱାସ ଆଣିବା, ନମାଜ୍ ପାଠ କରିବା, ତ୍ୟାଗ ଏବଂ ବଳିଦାନ ଦେବା, ଅବତାରମାନଙ୍କ ଉପରେ ବିଶ୍ୱାସ ଆଣିବା ସେତେବେଳେ ସଂପୂର୍ଣ୍ଣ ହେବ ଯେତେବେଳେ ସେ ଅଲ୍ଲାଃତାଲାଙ୍କ ପ୍ରେମ ଯୋଗୁଁ ସେହି ସମସ୍ତ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଉଦ୍ୟମ କରୁଥିବ ଯେଉଁ ଆଦେଶାବଳୀ ଅଲ୍ଲାଃତାଲା ଦେଇଛନ୍ତି । ଆଁହଜରତ୍ ସ.ଅ ସେହି ଅନାବିଳ ପ୍ରେମର କିପରି ସର୍ବୋଚ୍ଚ ଉଦାହରଣ ଆମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି ଯେ, ଅବିଶ୍ୱାସକାରୀମାନେ ମଧ୍ୟ ଏହା କହି ଉଠିଲେ ଯେ, عَشِقَ مُحَمَّدٌ رَبَّهٗ ଅର୍ଥାତ୍ ମୁହମ୍ମଦ୍ ସ.ଅ ତ' ନିଜର ପାଳନକର୍ତ୍ତାଙ୍କ ପାଇଁ ପ୍ରେମିକ (ପାଗଳ) ପାଲଟି ଯାଇଛନ୍ତି ।

ଆପଣ ସ.ଅ ଆମମାନଙ୍କୁ ଅତ୍ୟନ୍ତ ସୁନ୍ଦର ଦୁଆ ଶିଖାଇଛନ୍ତି । ଅର୍ଥାତ୍ "ହେ ଅଲ୍ଲା! ମୁଁ ତୁମ୍ଭକୁ ତୁମ୍ଭର ପ୍ରେମ ମାଗୁଛି ଏବଂ ସେହି ବ୍ୟକ୍ତିର ପ୍ରେମ ମଧ୍ୟ ଯିଏ ତୁମ୍ଭକୁ ଭଲ ପାଉଛି । ମୁଁ ତୁମ୍ଭ ଠାରୁ ଏପରି କୃତ୍ୟର ସାମର୍ଥ୍ୟ ଭିକ୍ଷା କରୁଛି ଯାହା ମୋତେ ତୁମ୍ଭର ପ୍ରେମ ପର୍ଯ୍ୟନ୍ତ ପହଞ୍ଚାଇ ଦେବ। ହେ ଅଲ୍ଲାଃ ! ତୁମ୍ଭେ ନିଜର ପ୍ରେମ ମୋ ମନରେ ଏତେ ମାତ୍ରାରେ ନିକ୍ଷିପ୍ତ କର (ଭରିଦିଅ) ଯାହା ମୋର ଅସ୍ତିତ୍ୱ, ମୋର ଧନ, ମୋର ପରିବାରବର୍ଗ ଏବଂ ଶୀତଳ ଜଳ ଠାରୁ ମଧ୍ୟ ଅଧିକ ହୋଇଥିବ।" ଅତଏବ୍ ଜଣେ ବିଶ୍ୱାସକାରୀ ବ୍ୟକ୍ତିର ସ୍ତର ଏବଂ ବିଶେଷତା ଏହା ଅଟେ । ଏହି ସ୍ତର ଏବଂ ବିଶେଷତାକୁ ପ୍ରାପ୍ତ କରିବାକୁ ଜଣେ ବିଶ୍ୱାସକାରୀ ବ୍ୟକ୍ତିକୁ ସର୍ବଦା ଉଦ୍ୟମ କରିବା ଉଚିତ୍ । ଅଲ୍ଲାଃତାଲାଙ୍କ କୃପା ବ୍ୟତୀରେକ କୌଣସି ବସ୍ତୁ ମିଳିବା ସମ୍ଭବପର ନୁହେଁ। ତେଣୁ ସେହି ପ୍ରେମକୁ ପ୍ରାପ୍ତ କରିବା ନିମନ୍ତେ ତାହାଙ୍କ ସମ୍ମୁଖରେ ନତମସ୍ତକ ହେବା ଏବଂ ତାହାଙ୍କ ନିକଟରେ ଦୁଆ (ପ୍ରାର୍ଥନା) କରିବା ମଧ୍ୟ ଜରୁରୀ ଅଟେ ।

(ଖୁତ୍‌ବାତେ ମସ୍ରୁର୍, ଗ୍ରନ୍ଥଖଣ୍ଡ-5, ପୃ-293-292)

ଈଶ୍ୱର ପ୍ରେମର ଏହି ପବିତ୍ର କୃତ୍ୟ ନିରର୍ଥକ ନୁହେଁ ଓ ନା ହିଁ ଏକତରଫା ଅଟେ। ବରଂ ପ୍ରକୃତ ପ୍ରିୟତମ ଈଶ୍ୱର ସ୍ୱୟଂ ଉପକାରପୂର୍ବକ ଭକ୍ତମାନଙ୍କ ନିମନ୍ତେ ପ୍ରେମର (ସ୍ୱାକ୍ଷର) ବହନ କରିଥାଏ । କାରଣ "ଈଶ୍ୱ ସ୍ୱୟଂ ଏହା ଚାହାନ୍ତି ଯେ, ସେ ନିଜର ଭକ୍ତମାନଙ୍କୁ ସାକ୍ଷାତ୍ କରିବେ । କିନ୍ତୁ କାମନା ଯଦି କେବଳ ଆମମାନଙ୍କ ତରଫରୁ ହୋଇଥାଆନ୍ତା ତେବେ ଅନ୍ୟ କଥା ଥିଲା । କିନ୍ତୁ ବର୍ତ୍ତମାନେ ତ' ଏହି ସ୍ଥିତି ରହିଛି ଯେ, ଯେପରିକି କୌଣସି ଜଣେ କବି କହିଛନ୍ତି ଯେ,

ملنے کا تب مزہ ہے کہ دونوں ہوں بے قرار
دونوں طرف ہو آگ برابر لگی ہوئی

ଅତଏବ୍ ଯେହେତୁ ଈଶ୍ୱର ଭକ୍ତର ସାକ୍ଷାତକୁ ଆଶା କରନ୍ତି ତେଣୁ ଆମମାନଙ୍କୁ ତହିଁରୁ ନିରାଶ ହେବା ଉଚିତ୍ ନୁହଁ ।"

(ହସ୍ତି ବାରି ତାଆଲା, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-6, ପୃ-438)

ସୁତରାଂ ଏହି ପୃଷ୍ଠଭୂମିରେ ଆଁହଜରତ୍ ସ.ଅଙ୍କ ଜୀବନର ପରିସ୍ଥିତିକୁ ବିଚାର କରି ଆପଣମାନେ ଦେଖନ୍ତି ତେବେ عَشِقَ مُحَمَّدٌ رَبَّهٗରେ ପୂର୍ଣ୍ଣ ଓ ନିଚ୍ଛକ ପ୍ରତିଛବି ହୋଇଥିଲେ । ଆପଣ ସ.ଅ ବାଲ୍ୟକାଳରୁ ହିଁ ସଂସାରର ଜଞ୍ଜାଳରୁ, ଦାୟିତ୍ୱକୁ ସମ୍ପାଦନ କରିବା ପରେ କେବଳ ନିଜର ପାଳନକର୍ତ୍ତାଙ୍କ ଆଡ଼କୁ ଆକୃଷ୍ଟ ହେବାର ଇଚ୍ଛା ପ୍ରକାଶ କରୁଥିଲେ । ଉକ୍ତ ଜୀବନୀର ଚର୍ଚ୍ଚା କରି ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ କୁହନ୍ତି: "ଅଲ୍ଲାଃତାଲାଙ୍କର ନିଜର ମନୋନୀତ ଏବଂ ଅବତାରମାନଙ୍କ ସହିତ ବିଚତ୍ର ଏବଂ ଅଭୂତପୂର୍ବକ ବ୍ୟବହାର ହୋଇଥାଏ । ଅବତାରମାନେ ଲୁଚନ୍ତି ଏବଂ ଈଶ୍ୱରଙ୍କ ଉପାସନାରେ ନିଜକୁ ନିମଜ୍ଜିତ ରଖିବା ପାଇଁ ଉଦ୍ୟମ କରିଥାଆନ୍ତି । କିନ୍ତୁ ଈଶ୍ୱର ସେହି ଅବତାରମାନଙ୍କୁ ତଥା ମନୋନୀତ ଭକ୍ତିମାନଙ୍କୁ ଆଦେଶ ଦେଇ ବାହରକୁ ବାହାର କରିଥାଆନ୍ତି ଏବଂ ତାହାଙ୍କର ପୂର୍ଣ୍ଣ ଏବଂ ସର୍ବୋଚ୍ଚ ଉଦାହରଣ ଆଁହଜରତ୍ ସ.ଅଙ୍କ ଅସ୍ତିତ୍ୱ ଥିଲା ।

ଆପଣ ସ.ଅ ଏକାନ୍ତବାସରେ ଅନେକ ଦିନ ପର୍ଯ୍ୟନ୍ତ ଗୁମ୍ଫା ମଧ୍ୟରେ ନିଜର ପ୍ରଭୁ ପରମେଶ୍ୱରଙ୍କ ସ୍ମୃତିରେ ବନ୍ଦୀ ହୋଇ ରହୁଥିଲେ । ସାଂସାରିକ ପ୍ରସଙ୍ଗ ସହିତ ଆପଣ ରୁଚି ରଖୁ ନଥିଲେ । ସାଂସାରିକ ଏବଂ ପାରିବାରିକ ଦାୟିତ୍ୱ ସମ୍ପାଦନ କରିବାରେ ମଧ୍ୟ ଆପଣ ସ.ଅଙ୍କ ସମକକ୍ଷ କେହି ବି ନଥିଲା ଓ ନା କେହି ହୋଇପାରିବ । କିନ୍ତୁ ଆପଣ ସ.ଅଙ୍କ ପିନ୍ଧିବା, ଓହ୍ଲାଇବା ଶୋଇବା ଉଠିବା, ଖାଦ୍ୟ ପେୟ ଅଲ୍ଲାଃତାଲାଙ୍କ ପ୍ରେମରେ ନିମଜ୍ଜିତତା ରହିବା, ଉପାସନାରେ ନିମଗ୍ନ ରହିବା ଥିଲା ।

ଅଲ୍ଲାଃତାଲା ଯେତେବେଳେ ଆପଣ ସ.ଅଙ୍କୁ ଆଦେଶ ଦେଲେ ଯେ, ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ ଗୁମ୍ଫା ମଧ୍ୟରୁ ବାହାରକୁ ବାହାର ଏବଂ ସଂସାରକୁ ଏକେଶ୍ୱରବାଦ ଆଡ଼କୁ ଡାକ ତେବେ ଆପଣ ସ.ଅ ଦାଇ ଇଲଲ୍ଲାଃ ହେବାର ମଧ୍ୟ ଏପରି ଉଦାହରଣ ପ୍ରଦର୍ଶନ ତଥା ସ୍ଥାପନ କଲେ ଯାହାର କୌଣସି ଦୃଷ୍ଟାନ୍ତ ମିଳି ପାରିବ ନାହିଁ । ଅଲ୍ଲାଃତାଲାଙ୍କ ଏହି ପ୍ରିୟତମ ବ୍ୟକ୍ତି ଯିଏ ଦାଓତେ ଇଲଲ୍ଲାଃ ଯୋଗୁଁ (ଅଲ୍ଲାଃତାଲାଙ୍କ ଆଡ଼କୁ ଆମନ୍ତ୍ରିତ କରିବା) ନିଜ ଜାତିଙ୍କ ତରଫରୁ ଦଣ୍ଡିତ ମଧ୍ୟ ହେଲେ ଏବଂ ଯାହାଙ୍କୁ ଅର୍ଥାତ୍ ଆପଣ ସ.ଙ୍କୁ ଅସଂଖ୍ୟା ଅତ୍ୟାଚାର ଏବଂ ନିର୍ଯାତନାର ଶରବ୍ୟ ମଧ୍ୟ ହେବାକୁ ପଡ଼ିଥିଲା । ଅଲ୍ଲାଃତାଲାଙ୍କ ପ୍ରେମରେ ନିମଜ୍ଜିତତା ଏବଂ ଈଶ୍ୱରଙ୍କ ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଦ୍ୱାରା ପରିପୂର୍ଣ୍ଣ କୌଣସି ବିରୋଧ ପ୍ରତି ଭୃକ୍ଷେପ ନକରି ପ୍ରତ୍ୟେକ ମୁହୂର୍ତ୍ତ ଏକ ନୂତନ ଉତ୍ସାହ ଏବଂ ଅନନ୍ୟତାର ସହିତ ନିଜ କାର୍ଯ୍ୟରେ ଲିପ୍ତ ଥିବାର ଦୃଶ୍ୟମାନେ ହେଉଥିଲା ଏବଂ ଏକ ଏକ ଏବଂ ଦୁଇ ଦୁଇ କରି ପ୍ରତ୍ୟେକ ଦିନ ଆପଣ ସ.ଅଙ୍କ ଆମନ୍ତ୍ରଣ ମାଧ୍ୟମରେ ଆପଣ ସ.ଅଙ୍କ ଗୋଷ୍ଠୀରେ ବ୍ୟାପକତା ସୃଷ୍ଟି ହେଉଥିଲା । ଆପଣ ସ.ଅଙ୍କ ଜୀବନରେ ହିଁ ଇସ୍‌ଲାମ୍ ଧର୍ମର ସନ୍ଦେଶ (ବାର୍ତ୍ତା) ଆରବ ଦେଶରୁ ବାହାରେ ମଧ୍ୟ ବ୍ୟାପୀଗଲା । ପୁନଶ୍ଚ ସଂସାର ଦେଖିଲା ଯେ, ଏସିଆ, ଆଫ୍ରିକା, ଇଉରୋପ ପର୍ଯ୍ୟନ୍ତ ମୁସଲମାନ ଶାସନ ବ୍ୟବସ୍ଥା ପ୍ରତିଷ୍ଠିତ ହୋଇଗଲା ।"

(ଖୁତ୍‌ବାତେ ମସ୍ରୁର୍, ଗ୍ରନ୍ଥଖଣ୍ଡ-5, ପୃ-293-292)

ସେହିପରି ହୁଜୁର୍ ଅନ୍‌ୱର୍ ଅ.ବ କହିଲେ: "ଆଁହଜରତ୍ ସ.ଅ ଯିଏ ଅଲ୍ଲାଃତାଲାଙ୍କ ପୂର୍ଣ୍ଣ ଭକ୍ତ ଥିଲେ, ଆପଣ ସ.ଅ ନିଜର ଉପାସନାର ସେହି ଉଦାହରଣ ପ୍ରଦର୍ଶନ କଲେ ଯାହାର ଦୃଷ୍ଟାନ୍ତ ମିଳେ ନାହିଁ । ଆପଣ ସ.ଅ କେତେବେଳେ ନିର୍ଜନ ସ୍ଥାନରେ ସଂସାର ଏବଂ ସଂସାର ମଧ୍ୟରେ ଥିବା ବସ୍ତୁ ଠାରୁ ଅବଚେତନ ହୋଇ ଈଶ୍ୱରଙ୍କ ଉପାସନାରେ ନିମଜ୍ଜିତ ଅଟନ୍ତି । ଦିନେ ଆପଣ ସ.ଅଙ୍କର ଜଣେ ପତ୍ନି ରାତ୍ର ସମୟରେ ଆପଣ ସ.ଅଙ୍କୁ ଶେଯରେ ପାଇଲେ ନାହିଁ । ସେତେବେଳେ ସେ ସନ୍ଦେହ ପ୍ରକାଶ କଲେ ଯେ, ଆଁହଜରତ୍ ସ.ଅ ଅନ୍ୟ ପତ୍ନିଙ୍କ ଘରକୁ ଚାଲିଯାଇ ନାହାନ୍ତି ତ' ? କିନ୍ତୁ ଯେତେବେଳେ ଖୋଜା ଖୋଜି କରିବା ପରେ ସେ ଯେତେବେଳେ ସେହି ଦୃଶ୍ୟକୁ ଦେଖିଲେ ସେତେବେଳେ ସେ ନିଜର ଚିନ୍ତାଧାରା ଯୋଗୁଁ ଚିନ୍ତିତ ଓ ଲଜ୍ଜିତ ହେଲେ ଯେ, ମୁଁ ଆପଣ ସ.ଅଙ୍କ ପ୍ରତି ସାଂସାରିକ ଚିନ୍ତାଧାରା ଅନୁଯାୟୀ ସନ୍ଦେହ କଲି । ମୁଁ ଏହି ଆଶା ପୋଷଣ କରୁଥିଲି ଯେ, ଆପଣ ସ.ଅ ଅମକ ପତ୍ନିଙ୍କ ଘରକୁ ଚାଲି ଯାଇଥିବେ କିନ୍ତୁ ଆପଣ ସ.ଅଙ୍କ ମର୍ଯ୍ୟାଦାକୁ ମୁଁ ଚିହ୍ନି ପାରିଲି ନାହିଁ । ହେଲେ ଆପଣ ସ.ଅ ନିଜର ପାଳନକର୍ତ୍ତାଙ୍କ ସମ୍ମୁଖରେ ସିଜ୍‌ଦାରେ ପଡ଼ି ରହିଛନ୍ତି ଏବଂ ଏପରି କାକୁତି ମିନତୀ କରୁଛନ୍ତି ଯାହାର କୌଣସି ଉଦାହରଣ ଉପସ୍ଥାପିତ କରାଯାଇପାରିବ ନାହିଁ । କେହି ଆପଣ ସ.ଅଙ୍କୁ ଏପରି ନିଜର ପରମେଶ୍ୱରଙ୍କ ସମ୍ମୁଖରେ ଉପାସନା କରିବା ଏବଂ କାକୁତି ମିନତୀ କରିବାକୁ ହାଣ୍ଡିରେ ପାଣି ଫୁଟିବା ସହିତ ସାମଞ୍ଜସ୍ୟତା ପ୍ରଦାନ କରିଛି ତ' ଆଉ କେହି ଅନ୍ୟ ଉଦାହରଣ ଦ୍ୱାରା ଉପସ୍ଥାପିତ କରିଛି । କିନ୍ତୁ ତାହାଙ୍କର ପୂର୍ଣ୍ଣ ଭକ୍ତ ନିଜର ପ୍ରଭୁଙ୍କ ସମ୍ମୁଖରେ ଉପାସନାରେ କାକୁତି ମିନତୀର ସମସ୍ତ ଉଦାହରଣ ଠାରୁ ମଧ୍ୟ ସର୍ବୋଚ୍ଚ ଅଟନ୍ତି । ଘୋର ଅସୁସ୍ଥତାରେ ମଧ୍ୟ ଆପଣ ସ.ଅ ନମାଜ୍ ବାଜମାଅତ୍ ଛାଡ଼ିଲେ ନାହିଁ । ଶେଷ ରୋଗାବସ୍ଥାରେ ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ମଧ୍ୟ ଆପଣ ସ.ଅ ମସଜିଦ୍ ଆସିଲେ, ନିଜ ସମ୍ମୁଖରେ ନିଜର ଅନୁଗାମୀମାନଙ୍କୁ ଏବଂ ମୁସଲମାନମାନଙ୍କ ଜମାଅତ୍‌କୁ ନମାଜ ପାଠ କରୁଥିବାର ଦେଖି ସ୍ମିତହାସ୍ୟ ପ୍ରକାଶ କରନ୍ତି । କାରଣ ମନୁଷ୍ୟ ଜନ୍ମର ଏହା ହିଁ ପ୍ରକୃତ ଅଭିପ୍ରାୟ ଅଟେ । ଏହି ଅଭିପ୍ରାୟକୁ ସେହି ନୈଷ୍ଠିକ ମୁସଲମାନମାନେ ଏବଂ ଅଶେଷ ଦୟାବାନ୍ ପ୍ରଭୁଙ୍କ ଭକ୍ତମାନେ ଚରିତାର୍ଥ କରୁଛନ୍ତି। ଆପଣ ସ.ଅ କହିଲେ, ମୋ ଆଖିର ଶୀତଳତା ନମାଜ୍ ଅଟେ । ଏ ହେଉଛି ସେହି ଆଦର୍ଶ ଯାହା ଆପଣ ସ.ଅ ନମାଜ୍‌ର ନିୟମାନୁବର୍ତ୍ତୀଙ୍କ ସଂପର୍କରେ ଆମମାନଙ୍କ ସମ୍ମୁଖରେ ସ୍ଥାପନ କରିଦେଇଛନ୍ତି । ଆପଣ ସ.ଅ ନୱାଫିଲ୍‌ର ନିୟମାନୁବର୍ତ୍ତୀ ପାଳନ ସ୍ତର ସ୍ଥାପନ କରିଥିଲେ । ଅଲ୍ଲାଃତାଲାଙ୍କ ଉପାସନା ସ୍ତର ସ୍ଥାପନ କଲେ । ତେଣୁ ଆପଣ ସ.ଅଙ୍କ ଯେଉଁ ମର୍ଯ୍ୟାଦା ରହିଥିଲା ଆପଣ ସେହି ମର୍ଯ୍ୟାଦା ତ' ପ୍ରତ୍ୟେକ ବ୍ୟକ୍ତିକୁ ପ୍ରାପ୍ତ ହୋଇପାରିବ ନାହିଁ । ସେହି ମର୍ଯ୍ୟାଦା ପର୍ଯ୍ୟନ୍ତ କେବଳ ସେହି ବ୍ୟକ୍ତି ହିଁ ପହଞ୍ଚି ପାରିବ ଯିଏ ଈଶ୍ୱର ଏବଂ ତାହାଙ୍କ ଦେବଦୂତମାନଙ୍କ ଉପରେ ଦୁରୁଦ୍ ଶରୀଫ ପ୍ରେରଣ କରନ୍ତି କିନ୍ତୁ ଈଶ୍ୱର ଏହା କହିଲେ, ଯେ, لَقَدْ كَانَ لَكُمْ فِي رَسُولِ اللَّهِ أُسْوَةٌ حَسَنَةٌ **(ସୁରତୁଲ୍ ଅହଜାବ୍: 22)** ଅର୍ଥାତ୍ ତୁମମାନଙ୍କ ସକାଶେ ଅର୍ଥାତ୍ ସେହି ଲୋକମାନଙ୍କ ସକାଶେ ଯେଉଁମାନେ ଅଲ୍ଲାଃ ଓ ଅନ୍ତିମ୍ ଦିବସର ସାକ୍ଷାତ୍ ବିଷୟରେ ଆଶା ପୋଷଣ କରନ୍ତି ଓ ଅଲ୍ଲାଃଙ୍କୁ ବହୁତ ସ୍ମରଣ କରନ୍ତି ଅଲ୍ଲାଃଙ୍କ ରସୁଲଙ୍କ ଠାରେ ଉତ୍ତମ ଚରିତ୍ରର ଏକ ଉଚ୍ଚ ଆଦର୍ଶ ରହିଅଛି ଯାହାକୁ ଅନୁସରଣ କରିବା ସେମନାଙ୍କ ପକ୍ଷେ ଉଚିତ୍ । ତେଣୁ ଅଲ୍ଲାଃତାଲା ଆମମାନଙ୍କୁ ଏଥି ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି ।"

(ଖୁତ୍‌ବାତେ ମସ୍ରୁର୍, ଗ୍ରନ୍ଥଖଣ୍ଡ-6, ପୃ-340)

ସେହିପରି ଆଁହଜରତ୍ ସ.ଅଙ୍କ ଜୀବନୀର ଈଶ୍ୱର ପ୍ରେମ ସଂପର୍କରେ ହୁଜୁର୍ ଅନ୍‌ୱର୍ ଅ.ବ କୁହନ୍ତି: "ଅବତାରତ୍ୱ ଯୁଗ ପୂର୍ବରୁ ଇତିହାସ ଉକ୍ତ କଥାର ସାକ୍ଷ୍ୟ ପ୍ରଦାନ କରେ ଯେ, ଘଣ୍ଟା ଘଣ୍ଟା ଧରି ଏବଂ ଦିନ ତମାମ୍ ପୃଥକ୍ ରହିବାରେ ଅଲ୍ଲାଃତାଲାଙ୍କ ଉପାସନାରେ ଆପଣ ସ.ଅ ନିମଗ୍ନ ରହୁଥିଲେ । ତତ୍‌ସଂକ୍ରାନ୍ତୀୟ ଆପଣ ସ.ଅଙ୍କର ଏକ ଦୁଆ ରହିଛି । ସେହି ଦୁଆ ହିଁ ଈଶ୍ୱରଙ୍କ ପ୍ରେମ ପ୍ରାପ୍ତି ନିମନ୍ତେ ହୃଦୟାତ୍ମକ କାମନା ଏବଂ ବ୍ୟାକୁଳତାର ପରିଚୟ ପ୍ରଦାନ କରିଥାଏ । ଆପଣ ସ.ଅ ନିଜର ପରମେଶ୍ୱଙ୍କ ସମ୍ମୁଖରେ ଅତ୍ୟନ୍ତ ବ୍ୟାକୁଳ ହୋଇ ଏହା କୁହନ୍ତି ଯେ, ହେ ଅଲ୍ଲାଃ ! ତୁମ୍ଭେ ମୋତେ ନିଜର ପ୍ରେମ ପ୍ରଦାନ କର । ସେହିପରି ସେହି ପ୍ରେମ ଯାହା ମୋତେ ତୁମ୍ଭ ସମ୍ମୁଖରେ ଲାଭ ପ୍ରଦାନ କରିବ। ହେ ଅଲ୍ଲାଃ ! ମୋର ଯେଉଁ ପ୍ରିୟ ବସ୍ତୁ ରହିଛି ତୁମ୍ଭେ ମୋତେ ତାହା ପ୍ରଦାନ କର । ସେହି ବସ୍ତୁଗୁଡ଼ିକୁ ମୋ ସକାସେ ଶକ୍ତିର ମାଧ୍ୟମ କରିଦିଅ । ହେ ଅଲ୍ଲାଃ ! ତୁମ୍ଭେ ମୋତେ ନିଜର ପ୍ରେମରେ ବୃଦ୍ଧି କରିବାର ମାଧ୍ୟମ କରିନିଅ, ବିଶ୍ୱାସରେ ଉନ୍ନତି କରିବାର ମାଧ୍ୟମ କରିଦିଅ । ହେ ଅଲ୍ଲାଃ ତୁମ୍ଭେ ମୋର ପ୍ରିୟ ବସ୍ତୁକୁ ଯେତେବେଳେ ମୋ ଠାରୁ ପୃଥକ୍ କର ସେତେବେଳେ ତୁମ୍ଭେ ମୋତେ ସେହି ପ୍ରିୟ ବସ୍ତୁ ଅପେକ୍ଷା ନିଜର ପ୍ରିୟ ଉତ୍ତମ ବସ୍ତୁ ମୋତେ ପ୍ରଦାନ କର ।" **(ଖୁତ୍‌ବାତେ ମସ୍ରୁର୍, ଗ୍ରନ୍ଥଖଣ୍ଡ-8, ପୃ-558)**

ଅଲ୍ଲାଃତାଲାଙ୍କ ସହିତ ପ୍ରେମ ଏହା ଆଶା କରିଥାଏ ଯେ, ପ୍ରତ୍ୟେକ ଅବସ୍ଥା ଏବଂ ପ୍ରତ୍ୟେକ ପରିସ୍ଥିତିରେ ତାହାଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରିବା ଉଚିତ୍ । ବଦର୍ ଯୁଦ୍ଧ ବିଖ୍ୟାତ ରହିଛି ଯେ, ଅଲ୍ଲାଃତାଲା ସ୍ୱୟଂ ଯୁଦ୍ଧ କରିବା ନିମନ୍ତେ ଅନୁମତି ପ୍ରଦାନ କଲେ ଏବଂ ସଫଳତାର ଶୁଭ ସୂଚନା ଦେଲେ । କିନ୍ତୁ ଅଲ୍ଲାଃତାଲାଙ୍କ ବିଶିଷ୍ଟ ଗୁଣାବଳୀ ଗିନା (ନିଃସ୍ପୃହତା, ମହା ଧନବାନ୍)କୁ ଦୃଷ୍ଟିରେ ରଖି ଆପଣ ସ.ଅ କାକୁତି ମିନତୀ ହୋଇ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ (ପ୍ରାର୍ଥନା) କରୁଥିଲେ । ଏହି ଅବସ୍ଥାର ଚର୍ଚ୍ଚା କରି ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ କୁହନ୍ତି: "କ'ଣ ବଦର୍ ଯୁଦ୍ଧରେ କିମ୍ବା ୱହୋଦ୍ ଯୁଦ୍ଧରେ ଅବା ଅନ୍ୟ ଯେକୌଣସି ଯୁଦ୍ଧରେ ଧନ ସମ୍ପତ୍ତିର ଆଧିକ୍ୟତାରୁ ସେହି ପରିଣାମ ମିଳିଲା ଯାହା ବଦର୍ ଯୁଦ୍ଧରେ ପ୍ରକାଶିତ ହୋଇଥିଲା । ନିଃସନ୍ଦେହ ରୂପେ ନୁହେଁ । ହଁ ଗୋଟିଏ କଥା ନିଶ୍ଚିତ ରହିଛି ଯେ, ଅଲ୍ଲାଃତାଲାଙ୍କ ଅଙ୍ଗୀକାର ସତ୍ତ୍ୱେ ଈଶ୍ୱରଙ୍କ ପ୍ରତିଶୃତି ସତ୍ତ୍ୱେ, ଈଶ୍ୱରଙ୍କ ଜାଜୁଲ୍ୟମାନ ନିଦର୍ଶନ ସତ୍ତ୍ୱେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ପ୍ରକାଶ୍ୟଗତ ଉଦ୍ୟମ ଏବଂ ନିଜର ସାଧନ ଅନୁଯାୟୀ ଅବଶ୍ୟ ଚେଷ୍ଟା କରୁଥିଲେ । କିନ୍ତୁ ଆପଣ ସ.ଅଙ୍କର ପ୍ରକୃତ ଧ୍ୟାନ ଦୁଆ ଆଡ଼କୁ ହେଉଥିଲା । ତହିଁରେ ସର୍ବାଧିକ ପୂର୍ଣ୍ଣ ଉଦାହରଣ ଆମର ପ୍ରିୟ ମୁନିବ ହ. ମୁହମ୍ମଦ ମୁସ୍ତଫା ସ.ଅ ପ୍ରଦର୍ଶନ କରିଛନ୍ତି। ବଦର୍ ଯୁଦ୍ଧ ଏହାର ମହାନ ଦୃଶ୍ୟ ଆମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଥାଏ । ସମସ୍ତ ସାଧନ, ପ୍ରତିଶୃତ ତଥା ଅଙ୍ଗୀକାର ସତ୍ତ୍ୱେ ଆଁହଜରତ୍ ସ.ଅଙ୍କ ବ୍ୟାକୁଳତା, ବ୍ୟାକୁଳ ଅବସ୍ଥାରେ ଦୁଆ ଏବଂ ଯେଉଁ ଅବସ୍ଥା ରହିଥିଲା, ଯେଉଁ କୋହ ରହିଥିଲା ଏବଂ ଏକ ଏପରି ଅବସ୍ଥା ରହିଥିଲା ଓ ଏପରି ପ୍ରତିତ ହେଉଥିଲା ଯେପରିକି ଆପଣ ସ.ଅଙ୍କ ବାରମ୍ବାବର ମୃତ୍ୟୁ ଅବସ୍ଥାରେ ଅଛନ୍ତି ଏବଂ ଆପଣ ସ.ଅଙ୍କର ପ୍ରାୟଣବାୟୁ ଉଡ଼ିଯିବ । ସେହି କୋହ ଏବଂ କାକୁତି ମିନତୀ ଯୋଗୁଁ ଆପଣ ସ.ଅଙ୍କ କାନ୍ଧରୁ ବାରମ୍ବାର ଚଦର ଖସି ପଡୁଥିଲା । ଅର୍ଥାତ୍ ଆପଣ ସ.ଅ ଏହିପରୁ ଦୁଆ କରୁଥିଲେ ।"

(ଖୁତ୍‌ବାତେ ମସ୍ରୁର୍, ଗ୍ରନ୍ଥଖଣ୍ଡ-9, ପୃ-561)

ସେପଟେ ଅଲ୍ଲାଃତାଲାଙ୍କ ମହିମା ଏପରି ଅଟେ ଯେପରିକି ଯଦି କୌଣସି ବ୍ୟକ୍ତି ଏହି ଦିଗ ଆଡ଼କୁ ପାଦେ ଆଗକୁ ବଢାଇ ଥାଆନ୍ତା ତେବେ ସେ 10 ପାଦ ସେହି ବ୍ୟକ୍ତି ଆଡ଼କୁ ହୋଇଥାଆନ୍ତା । ଅତଏବ୍ ହଦିସ୍‌ରେ ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ଯଦି କୌଣସି ଭକ୍ତ ଈଶ୍ୱରଙ୍କ ଆଡ଼କୁ ପାଦ ଆଗକୁ ବଢାଏ ତେବେ ଈଶ୍ୱର ସେହି ଭକ୍ତ ଆଡ଼କୁ ଦଶ ପାଦ ପାଖେଇ ଆସନ୍ତି । ଭକ୍ତ ଯଦି ଈଶ୍ୱରଙ୍କ ଆଡ଼କୁ ଚାଲିକି ଆସିଥାଏ ତେବେ ଭଗବାନ ତା' ଆଡ଼କୁ ଦଉଡ଼ିକି ଯାଆନ୍ତି । ଅତଏବ୍ ତହିଁରୁ ଏହା ଆକଳନ କରାଯାଇ ପାରିବ ଯେ, ଯଦି ମୁହମ୍ମଦ ସ.ଅ ନିଜ ପାଳନକର୍ତ୍ତାଙ୍କୁ ଭଲ ପାଉ ପାଉ ନିଜକୁ ନିଶ୍ଚିହ୍ନ ତଥା ସମାପ୍ତ କରି ଦେଇଥାଆନ୍ତି ତେବେ କ'ଣ ସେ ଏହା ତାଙ୍କ ମର୍ଯ୍ୟାଦାଜନକ ପୁରସ୍କାର ତଥା ସମ୍ମାନ ପ୍ରଦାନ କରିବ ନାହିଁ । ଅବଶ୍ୟ ପ୍ରଦାନ କରିବ ଏବଂ ଅବଶ୍ୟ ପ୍ରଦାନ କରିବ । ସୁତରାଂ ପ୍ରଥମତଃ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ସତୀତ୍ୱତାର ମର୍ଯ୍ୟାଦା ପ୍ରଦାନ କରିଥାଆନ୍ତି । ଅର୍ଥାତ୍ ନିରୀହ କରନ୍ତି, ଦ୍ୱିତୀୟତଃ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ସେହି ମର୍ଯ୍ୟାଦା ପ୍ରଦାନ କରନ୍ତି ଯେ, ବର୍ତ୍ତମାନ କୌଣସି ଭକ୍ତ ଅଲ୍ଲାଃତାଲାଙ୍କ ପ୍ରେମ ପ୍ରାପ୍ତ କରିପାରିବ ନାହିଁ ଯେପର୍ଯ୍ୟନ୍ତ ସେ ଆପଣ ସ.ଅଙ୍କ ଆଜ୍ଞାବହତ୍ୱରେ ଏବଂ ଆପଣ ସ.ଅଙ୍କ ପ୍ରେମରେ ନିଜକୁ ସମାପ୍ତ କରିଦେଇ ନାହିଁ । ତେଣୁ ସାମଗ୍ରିକ ରୂପେ دَنَا فَتَدَلَّى ରେ ଆପଣ ସ.ଅଙ୍କୁ ରଖାଯାଇଥାଏ । ଯେଉଁଠି ନିରୀହ ହେବାର ସଂପର୍କ ରିହଛି ତେବେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଲେ,"ନବୀ ଅର୍ଥାତ୍ ଅବତାର ଈଶ୍ୱର ପ୍ରେମରେ ନିମଜ୍ଜିତ ହେବା ଯୋହୁଁ ନିରୀହ ହୋଇଥାଆନ୍ତି ।"

(ତଫ୍‌ସିର୍ ହ. ମସିହ୍ ମଉଦ୍ ଅ.ସ, ଗ୍ରନ୍ଥଖଣ୍ଡ-7, ପୃ-229)

ପୁନଶ୍ଚ ଯେଉଁଠି ଈଶ୍ୱର ପ୍ରେମର ପ୍ରସଙ୍ଗ ରହିଛି ତେବେ ଏ ସଂପର୍କରେ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ଏକ ପବିତ୍ର ହଦିସ୍ ରହିଛି ଯେ, لَوْلَاكَ لَمَا خَلَقْتُ الْأَفْلَاكَ ଅର୍ଥାତ୍ ଅଲ୍ଲାଃତାଲା କୁହନ୍ତି ଯେ, ହେ ମୁହମ୍ମଦ୍ ସ.ଅ ଆମେମାନେ ଯଦି ତୁମକୁ ସୃଷ୍ଟି କରି ନଥାଆନ୍ତୁ ତେବେ ଏହି ସଂସାରକୁ ମଧ୍ୟ ସୃଷ୍ଟି କରି ନଥାଆନ୍ତୁ । ଅର୍ଥାତ୍ ଏହି ଆକାଶ ଓ ପାତାଳକୁ ମଧ୍ୟ ସୃଷ୍ଟି କରି ନଥାଆନ୍ତୁ। ଅତଏବ୍ ମୁସଲମାନମାନଙ୍କର ଏକ ସଂଖ୍ୟାଗରିଷ୍ଠ ଭାଗ ଉକ୍ତ ହଦିସ୍‌ର ସଠିକତା ଉପରେ ଆପତ୍ତି ତଥା ପ୍ରଶ୍ନବାଚୀ ସୃଷ୍ଟି କିରଥାଏ । କିନ୍ତୁ ଆମମାନଙ୍କୁ ସାଂପ୍ରତିକ ଯୁଗର ଧର୍ମାଧ୍ୟକ୍ଷ ତଥା ଯୁଗାବତାର ଓ ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ଦାସ ଉକ୍ତ ହଦିସ୍‌ର ସଠିକତା ସଂପର୍କରେ ଜ୍ଞାନ ପ୍ରଦାନ କରିଛନ୍ତି । ଅତଏବ୍ ଏ ହେଉଛି ସେହି ମର୍ଯ୍ୟାଦା ଯାହା ଆଁହଜରତ୍ ସ.ଅଙ୍କ ଶୀର୍ଷ ମର୍ଯ୍ୟାଦା ଆଡ଼କୁ ଇଙ୍ଗିତ କରିଥାଏ । ଆପଣ ସ.ଅ ସମସ୍ତ ବାର୍ତ୍ତାବହମାନଙ୍କ ଠାରୁ ଶ୍ରେଷ୍ଠ ବାର୍ତ୍ତାବହ ଅଟନ୍ତି । ଆପଣ ସ.ଅ ପ୍ରଳୟ ଦିବସ ପର୍ଯ୍ୟନ୍ତ ସମସ୍ତ ଯୁଗ ପାଇଁ ଅବତୀର୍ଣ୍ଣ ହୋଇଛନ୍ତି । ଆପଣ ସ.ଅଙ୍କୁ ଈଶ୍ୱର ଏହି ମର୍ଯ୍ୟାଦା ପ୍ରଦାନ କରିଛନ୍ତି ଯେ, ଆପଣ ସ.ଅଙ୍କ ଆଜ୍ଞାବହତ୍ୱ ଦ୍ୱାରା ମନୁଷ୍ୟ ଅଲ୍ଲାଃତାଲାଙ୍କ ପ୍ରେମକୁ ପ୍ରାପ୍ତ କରିଥାଏ । ଆପଣ ସ.ଅଙ୍କୁ ଅବତାରତ୍ୱ ମୁଦ୍ରିକାର ସେହି ମୋହର ପ୍ରଦାନ କରାଗଲା ଯାହା ସମସ୍ତ ପୂର୍ବ ଅବାତରମାନଙ୍କ ଉପରେ ଚରିତାର୍ଥ ହୋଇ ସେହି ଅବତାରମାଙ୍କର ଅବତାର ହେବାର ପୁଷ୍ଟି କରିଥାଏ । ଆପଣ ସ.ଅଙ୍କୁ ସେହି ମର୍ଯ୍ୟାଦା ଅର୍ଥାତ୍ ଖାତମନ୍ ନବୀୟିନ୍ (ନିବୀମାନଙ୍କର ମୋହର) ପ୍ରାପ୍ତ ହୋଇଛି ଯେଉଁ ବାର୍ତ୍ତାବହଙ୍କର ଧର୍ମାବଲମ୍ବୀମାନଙ୍କୁ ମଧ୍ୟ ଅବତାରତ୍ୱର ମର୍ଯ୍ୟାଦା ପ୍ରାପ୍ତ ହେଲା। ଆପଣ ସ.ଅଙ୍କ ଧର୍ମାବଲମ୍ବୀୟ ଓ ସତ୍ୟବାଦୀ ପ୍ରେମିକ ହେବା ହିଁ ଆପଣ ସ.ଅଙ୍କ ଭବିଷ୍ୟବାଣୀ ଅନୁଯାୟୀ ଆଗମନକାରୀ ମସିହ୍ ଏବଂ ମେହ୍‌ଦୀଙ୍କୁ ଅବତାରତ୍ୱର ମର୍ଯ୍ୟାଦା ପ୍ରଦାନ କରାଗଲା । ଆପଣ ସ.ଅଙ୍କ ଈଶ୍ୱର ସାନ୍ନିଧ ଯାହାର ଚର୍ଚ୍ଚା ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଏହିପରି ବର୍ଣ୍ଣନା କରିଛନ୍ତି ଯେ, دَنَا فَتَدَلَّى **(ଅନ୍ ନଜମ୍:9)** ଏହା ଅଲ୍ଲାଃତାଲାଙ୍କ ସାନ୍ନିଧତାର ଶେଷ ସୀମା ଅଟେ ।

(ଖୁତ୍‌ବାତେ ମସ୍ରୁର୍, ଗ୍ରନ୍ଥଖଣ୍ଡ-9, ପୃ-39)

ମର୍ଯ୍ୟାଦାବାନ୍, ଉତ୍ତମ ଆଦର୍ଶବାଦୀ ହ. ମୁହମ୍ମଦ୍ ସ.ଅଙ୍କ ଆଜ୍ଞାବହତ୍ୱ ସ୍ୱୀକାର କରିବାକୁ ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଈଶ୍ୱର ପ୍ରେମର ବୈକୁଣ୍ଠ ପ୍ରଦାନ କରନ୍ତୁ । **ଆମିନ୍।**

☆--☆--☆

Editor : Qamarul Haque Khan
Sub- Editor : Sayed Ataul Wahab
Mob : (+91) 8437782443
akhbaarbadarodiaqdn@gmail.com
www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No. GDP-40/2026-2028 Vol. 11 Thursday-23-30 July 2026 Issue No. 30-31

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com
www.alislam.org/badr

ANNUAL SUBSCRIPTION: 600/- (PER ISSUE: 12/-) (WEIGHT: 20-50 gms/issue)

ସୀରତ ଖାତମୁନ୍ ନବିୟୀନ୍ (ସ.ଅ.ବ.)

ହ. ଆମିନା ର.ଅ ତାଙ୍କ (ଅବ୍ଦୁଲ୍ ମୁତଲ୍ଲିବ୍ଙ୍କ) ସମ୍ମୁଖରେ ସେହି ପୁତ୍ର ସନ୍ତାନ ଉପସ୍ଥାପିତ କଲେ ଏବଂ କହିଲେ, ହେ ଅବ୍ଦୁଲ୍ ମୁତଲ୍ଲିବ୍ ! ମୁଁ ଏକ ସ୍ୱପ୍ନରେ ଏହି ପୁତ୍ରର ନାମ ମୁହମ୍ମଦ୍ ଦେଖିଥିଲି । ଅବ୍ଦୁଲ୍ ମୁତଲ୍ଲିବ୍ ସେହି ପୁତ୍ର ସନ୍ତାନକୁ ନିଜ ହାତରେ ଧରି ବୈତୁଲ୍ଲାଃକୁ ନେଇଗଲେ ଏବଂ ସେଠାକୁ ଯାଇ ଈଶ୍ୱରଙ୍କ କୃତଜ୍ଞତା ଜ୍ଞାପନ କଲେ ଏବଂ ପିଲାର ନାମ ମୁହମ୍ମଦ୍ ସ.ଅ ବୋଲି ନାମକରଣ କଲେ। 'ମୁହମ୍ମଦ୍' ସ.ଅ ଶବ୍ଦର ଅର୍ଥ ହେଲା ପ୍ରଶଂସନୀୟ ବା ପ୍ରଶଂଶା ଯୋଗ୍ୟ ବ୍ୟକ୍ତି । ପୁନଶ୍ଚ ସେହି ଶିଶୁଟିକୁ ଆଣି ଆନନ୍ଦ ସହକାରେ ତା' ମାକୁ ହସ୍ତାନ୍ତର କରିଦେଲେ । **(ଇବ୍‌ନେ ହିଶ୍ଶାମ୍)**

ଇତିହାସବିତ୍‌ମାନେ ଆଁହଜରତ୍ ସ.ଅଙ୍କ ଜନ୍ମ ସଂପର୍କରେ କେତେକ ବିଚିତ୍ର ଘଟଣାବଳୀ ଉଲ୍ଲେଖ କରିଛନ୍ତି । ଉଦାହରଣ ସ୍ୱରୂପ ସେତେବେଳେ କିସ୍ରା ଅର୍ଥାତ୍ ଇରାନ୍‌ର ସମ୍ରାଟ୍‌ଙ୍କ ଦରବାରରେ ଭୟଙ୍କର ଭୂମିକମ୍ପ ଆସିଲା ଏବଂ 14ଟି ସ୍ତମ୍ଭ ଭୁଶୁଡ଼ି ପଡ଼ିଲା ଏବଂ ଶତାବ୍ଦୀ ଶତାବ୍ଦୀ ଧରି ଉଜ୍ଜ୍ୱଳ ଜଳୁଥିବା ମଶାଲ ସହସା ଲିଭିଗଲା। କେତେକ ନଦୀ ଓ ଝରଣା ଶୁଷ୍କ ହୋଇଗଲା । ସେହିପରି ଆପଣ ସ.ଅଙ୍କ ନିଜ ଘରେ ମଧ୍ୟ ରଙ୍ଗା ରଙ୍ଗ୍ ଚମତ୍କାର ପ୍ରକଟିତ ହେଲା । କିନ୍ତୁ ଏହି ବର୍ଣ୍ଣନାଗୁଡ଼ିକ ପ୍ରାୟତଃ ଦୁର୍ବଳ ଅଟନ୍ତି । ସେହିପରି ଏହି ବର୍ଣ୍ଣନା ମଧ୍ୟ ରହିଛି ଯାହାକି ସମ୍ଭବତଃ ସଠିକ୍ ଅଟେ । ଅର୍ଥାତ୍ ଆପଣ ସ.ଅଙ୍କ ଜନ୍ମ କାଳରେ ଆକାଶ ଅସାଧାରଣ ଭାବରେ ତାରକାମାନେ ଖସୁଥିବାର ଦୃଶ୍ୟମାନ ହେଉଥିଲା । **(ଜର୍କାନୀ, ଗ୍ରନ୍ଥଖଣ୍ଡ-1, ପୃ-122) (ଖମିସ୍ ଗ୍ରନ୍ଥଖଣ୍ଡ-1, ପୃ-227-228)** ସେହିପରି ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ୍ ସ.ଅ ପ୍ରାକୃତକି ରୂପେ (ଆଜନ୍ମ) ମଖତୁନ୍ (ଖତନା ବା ସୁନ୍ନତ୍) ହୋଇ ଜନ୍ମ ଗ୍ରହଣ କରିଥିଲେ । **(ଜର୍କାନୀ, ଗ୍ରନ୍ଥଖଣ୍ଡ-1, ପୃ-122)** ଯଦି ଉକ୍ତ ବର୍ଣ୍ଣଟି ସଠିକ୍ ଅଟେ ତେବେ କୌଣସି ଆଶ୍ଚର୍ଯ୍ୟ କରିବାର ନାହିଁ । କାରଣ ବେଳେବେଳେ ପିଲାମାନଙ୍କ ମଧ୍ୟରେ ଏହି ପ୍ରକାରର ପ୍ରାକୃତିକ କଥା ଦେଖିବାକୁ ମିଳିଥାଏ । ସେହିପରି ଆଉ ଏକ କଥା ମଧ୍ୟ ଆପଣ ସ.ଅଙ୍କ ପ୍ରାକୃତିକ ରୂପେ ରହିଥିଲା ଏବଂ ତାହା ଏହିକି ଯେ, ଆପଣ ସ.ଅଙ୍କ ପିଠି ଉପରେ ବାମ ପାର୍ଶ୍ୱରେ ବାହାରିଥିବା ଏକ ମାଂସ ଖଣ୍ଡ ରହିଥିଲା ଯାହା ସାଧାରଣତଃ ଖତ୍‌ମେ ନବୁୱତ୍ (ଅବତାରତ୍ୱର ମୋହର) ନାମରେ ଖ୍ୟାତ ଅଟେ । ସ୍ତନ୍ୟପାନ ଏବଂ ବାଲ୍ୟକାଳ: ମକ୍କାର ସଜ୍ଜନ ବ୍ୟକ୍ତିମାନଙ୍କ ମଧ୍ୟରେ ଏହି ପ୍ରଥା ପ୍ରଚଳିତ ଥିଲା ଯେ, ମାଆମାନେ ନିଜର ସନ୍ତାନମାନଙ୍କୁ ସ୍ୱୟଂ ସ୍ତନ୍ୟପାନ କରାଉ ନଥିଲେ ବରଂ ସାଧାରଣ ରୂପେ ସନ୍ତାନମାନେ ସହର କିମ୍ବା ବାହାରେ ଗ୍ରାମ୍ୟ ଲୋକମାନଙ୍କର ମହିଳାମାନଙ୍କୁ ନିଜର ସନ୍ତାନମାନଙ୍କୁ ହସ୍ତାନ୍ତର କରି ଦେଉଥିଲେ । ଏହାର ଲାଭ ଏହା ହେଉଥିଲା ଯେ, ଜଙ୍ଗଲର ମୁକ୍ତ ପବନରେ ରହି ପିଲାମାନେ ସ୍ୱାସ୍ଥ୍ୟବାନ୍ ଏବଂ ଶକ୍ତିଶାଳୀ ହେବେ ଏବଂ ପିଲାମାନଙ୍କର ଭାଷା ମାର୍ଜିତ ଏବଂ ପରିଷ୍କାର ହେବ । ପିଲାଙ୍କର ପାଟି ଫିଟିବ। ଆଁହଜରତ୍ ସ.ଅଙ୍କୁ ପ୍ରାରମ୍ଭରେ ପ୍ରାରମ୍ଭରେ ତାଙ୍କର ମାତା ଏବଂ ପୁନଶ୍ଚ ସୋବିୟାହ୍ ସ୍ତନ୍ୟପାନ କରାଇଥିଲେ । ସୋବିୟାହ୍ ଆପଣ ସ.ଅଙ୍କ ଚଟା ଅବୁ ଲହବ୍‌ଙ୍କ ଦାସୀ ଥିଲେ । ଯାହାଙ୍କୁ ଅବୁ ଲହବ୍ ନିଜର ଅନାଥ ପୁତୁରାର ଜନ୍ମ ହେବା ଖୁସିରେ ମୁକ୍ତ କରି ଦେଇଥିଲେ । ସେହି ସୋବିୟାହ୍ ହ. ହମ୍‌ଜା ର.ଅଙ୍କୁ ମଧ୍ୟ ସ୍ତନ୍ୟପାନ କରାଇଥିଲେ । ଅତଏବ୍ ଏହିପରି ହ. ହମ୍‌ଜା ର.ଅ ଯିଏ ଆପଣ ସ.ଅଙ୍କ ପ୍ରକୃତ ଚଟା ଥିଲେ ସେ କ୍ଷୀର ସଂପର୍କୀୟ ହିସାବରେ ଆପଣ ସ.ଅଙ୍କର ଭାଇ ମଧ୍ୟ ହୋଇଗଲେ । ସୋବିୟାହ୍‌ଙ୍କର ଏହି କେଇଟା ଦିନ ସେବା ଆଁହଜରତ୍ ସ.ଅ କେବେ ଭୁଲିଲେ ନାହିଁ । ଯେପର୍ଯ୍ୟନ୍ତ ସେ ଜୀବିତ ଥିଲେ ସେପର୍ଯ୍ୟନ୍ତ ଆପଣ ସ.ଅ ତାଙ୍କୁ ସାହାଯ୍ୟ କରୁଥିଲେ ଏବଂ ତାଙ୍କ ବିୟୋଗ ପରେ ମଧ୍ୟ ଆପଣ ସ.ଅ ପଚାରିଲେ ଯେ, ହେ ସାହାବାମାନେ ! କ'ଣ ସୋବିୟାଙ୍କର କେହି ସଂପର୍କୀୟ ରହିଛନ୍ତି ? କିନ୍ତୁ ଜଣା ପଡ଼ିଲା ଯେ, ତାଙ୍କର କେହି ବି ସଂପର୍କୀୟ ନଥିଲା । ସୋବିୟାହ୍‌ଙ୍କ ପରେ ଆଁହଜରତ୍ ସ.ଅଙ୍କ ସ୍ତନ୍ୟପାନ ଦାୟିତ୍ୱ ସ୍ଥାୟୀ ରୂପେ ଧାଇ ହଲିମାଙ୍କୁ ହସ୍ତାନ୍ତର ହୋଇଥିଲା । ସେ ହାୱାଜିନ୍ ସଂପ୍ରଦାୟର ବନି ସାଆଦ୍‌ର ଜଣେ ମହିଳା ଥିଲା ଏବଂ ଅନ୍ୟ ମହିଳାମାନଙ୍କ ସହିତ ମିସି ମକ୍କାରେ ଧାଇ ରୂପେ କୌଣସି ସନ୍ତାନର ସନ୍ଧାନରେ ଆସିଥିଲେ । ଜଣେ ଅନାଥ ସନ୍ତାନକୁ ନିଜ ସାଙ୍ଗରେ ନେଇ ଯିବା ସମୟରେ ହଲିମା ପ୍ରସନ୍ନ ନଥିଲେ । କାରଣ ତାଙ୍କର ଏହି ଇଚ୍ଛା ରହିଥିଲା ଯେ, କୌଣସି ଜୀବିତ ପିତାଙ୍କର ସନ୍ତାନ ମିଳୁ ଯାହାଙ୍କ ଠାରୁ ଅଧିକ ପୁରସ୍କାର ଓ ଅର୍ଥର ଆଶା କରାଯାଇପାରିବ । ସୁତରାଂ ପ୍ରାରମ୍ଭରେ ସେ ଆଁହଜରତ୍ ସ.ଅଙ୍କୁ ନିଜ ସାଙ୍ଗରେ ନେଇକି ଯିବା ପାଇଁ ଦ୍ୱନ୍ଦ୍ୱ ପ୍ରକାଶ କଲେ । କିନ୍ତୁ ଯେତେବେଳେ କୌଣସି ସନ୍ତାନ ମିଳିଲା ନାହିଁ ଏବଂ ତା' ସହିତ ଆସିଥିବା ସମସ୍ତ ଧାଇ ମହିଳାମାନଙ୍କୁ ସନ୍ତାନ ମିଳି ସାରିଥିଲା ସେତେବେଳେ ଶୂନ୍ୟହସ୍ତ ଫେରିବା ପରିବର୍ତ୍ତେ ଏକ ଅନାଥ ସନ୍ତାନକୁ ନିଜ ସହିତ ନେଇଯିବାକୁ ଅଧିକ ଶ୍ରେୟସ୍କର ବୋଲି ମନେକଲେ ।

(ଅବଶିଷ୍ଟାଂଶ......ପରବର୍ତ୍ତୀ ସଂଖ୍ୟାରେ)

ସିରତୁଲ୍ ମେହ୍‌ଦୀ
(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ)

(42) بِسۡمِ اللّٰہِ الرَّحۡمٰنِ الرَّحِیۡمِ ହ. ମିର୍ଜା ବଶୀର୍ ଅହମଦ୍ ଏମ୍.ଏ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ଶେଖ୍ ଅବ୍ଦୁର୍ ରହମାନ୍ ସାହେବ ମିସ୍ରୀ ମୋତେ କହିଲେ, ଏକଦା ହ. ମସିହ୍ ମଉଦ୍ ଅ.ସ ନମାଜେ ଜୁହୋର୍ ପରେ ମସ୍‌ଜିଦ୍‌ରେ ବସିଗଲେ। ସେହି ଦିନମାନଙ୍କରେ ଆପଣ ଅ.ସ ଶେଖ୍ ସାଆଦୁଲ୍ଲାଃ ଲୁଧିୟାନୱୀ ସଂପର୍କରେ ଉଲ୍ଲେଖ କରିଥିଲେ ଯେ, ସାଆଦୁଲ୍ଲାଃ ନିଃସନ୍ତାନ ବା ଅପୁତ୍ରକ ରହିବ ଏବଂ ତା'ର ଯେଉଁ ପୁତ୍ର ବର୍ତ୍ତମାନ ଜୀବିତ ରହିଛି ସେ ନପୁସଂକ ରହିବ କିମ୍ବା ତା'ର ବଂଶ ପରମ୍ପରା ଆଗକୁ ବଢିବ ନାହିଁ । (ବିନୀତ କହି ଦେଉଛି ଯେ, ସାଆଦୁଲ୍ଲାଃ ମସିହ୍ ମଉଦ ଅ.ସଙ୍କର ଘୋର ବିରୋଧୀ ଏବଂ ଶତ୍ରୁ ଥିଲା ଓ ହ. ମସିହ୍ ମଉଦ୍ ଅ.ସଙ୍କ ବିରୁଦ୍ଧରେ ସେ ଅସଭ୍ୟ ଭାଷା ପ୍ରୟୋଗ କରୁଥିଲା) କିନ୍ତୁ ବର୍ତ୍ତମାନ ଆପଣ ଅ.ସଙ୍କ ଲେଖନୀ ପ୍ରକାଶିତ ହୋଇ ନଥିଲା । ସେତେବେଳେ ମୌଲବୀ ମୁହମ୍ମଦ ଅଲୀ ସାହେବ ଆପଣ ଅ.ସଙ୍କୁ କହିଲେ, ହୁଜୁର୍ ! ଏପରି ଲେଖନୀ ଲେଖିବା ଆଇନ୍ ବିରୁଦ୍ଧୀୟ ଅଟେ । ସାଆଦୁଲ୍ଲାଃର ପୁତ୍ର ଯଦି ମକଦ୍ଦମା କରିଦିଏ ଯେ, ଉକ୍ତ କଥାର କ'ଣ ପ୍ରମାଣ ଯେ, ସେ ପ୍ରକୃତରେ ଜଣେ ନପୁଂସକ ବ୍ୟକ୍ତି ଅଟେ ? ହୁଜୁର୍ ଅ.ସ ପ୍ରଥମେ ନମ୍ରତାର ସହିତ ଉଚିତ୍ ପନ୍ଥା ଅନୁଯାୟୀ ଉତ୍ତର ଦେଲେ । କିନ୍ତୁ ଯେତେବେଳେ ମୌଲବୀ ମୁହମ୍ମଦ ଅଲୀ ସାହେବ ବରାମ୍ବାର ଉକ୍ତ କଥାକୁ ହୁଜୁର ଅ.ସଙ୍କ ଆଗରେ ଉପସ୍ଥାପିତ କଲେ ଏବଂ ନିଜର ମତ ପ୍ରକାଶ କରିବାକୁ ଯୋଗୁଁ ଜିଦ୍ ଧରିଲେ ସେତେବେଳେ ହୁଜୁର୍ ଅ.ସଙ୍କ ମୁଖମଣ୍ଡଳ ଲାଲ୍ ହୋଇଗଲା ଏବଂ ଆପଣ ଅ.ସ କ୍ରୋଧିତ ଶୈଳୀରେ କହିଲେ, "ଯେତେବେଳେ ଅବତାର ଅସ୍ତ୍ର ପିନ୍ଧି ବାହାରକୁ ବାହେର ଅର୍ଥାତ୍ ଯୁଦ୍ଧ ଭୂମିକୁ ଅବୀତର୍ଣ୍ଣ ହୁଏ ସେତେବେଳେ ସେ ସେହି ପରିହିତ (ପିନ୍ଧିଥିବା) ବସ୍ତ୍ରକୁ ଆଉ ଓହ୍ଲାଏ ନାହିଁ ।"

(43) بِسۡمِ اللّٰہِ الرَّحۡمٰنِ الرَّحِیۡمِ ହ. ମିର୍ଜା ବଶୀର୍ ଅହମଦ୍ ଏମ୍.ଏ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ମୋତେ ମାତାଶ୍ରୀ କହିଲେ, ହ. ମସିହ୍ ମଉଦ୍ ଅ.ସ କହୁଥିଲେ ଯେ, ମୋ ପିତାଶ୍ରୀ ପ୍ରାରମ୍ଭିକ କାଳରେ ଶିକ୍ଷା ନିମନ୍ତେ ବାହାରକୁ ଯେତେବେଳେ ଗଲେ ସେତେବେଳେ (ସମ୍ଭବତଃ ଦିଲ୍ଲୀର କଥା ଅଟେ) ସେ ଦିଲ୍ଲୀର ଏକ ମସ୍‌ଜିଦ୍‌ରେ ଅବସ୍ଥାନ କରିଥିଲେ । ଯେହେତୁ ପାଥେୟ ସମାପ୍ତ ହୋଇଯାଇଥିଲା । ପିତାଶ୍ରୀଙ୍କୁ ଅନେକ ଦିନ ପର୍ଯ୍ୟନ୍ତ ଭୋକରେ କାଳାତିପାତ କରିବାକୁ ପଡ଼ିଥିଲା । ପରିଶେଷରେ ତାଙ୍କୁ କେହି ଛାତ୍ର ମନେକରି ଏକ ଚପାତି (ରୁଟି) ଆଣି ଦେଲା । ସେହି ରୁଟି ଯେହେତୁ ବାସି ହୋଇଯାଇଥିଲା ଏବଂ ତାହା ଶୁଷ୍କ ଏବଂ କଠିନ ହୋଇଯାଇଥିଲା । ତେଣୁ ପିତାଶ୍ରୀ ଭୋକ ଉପାସରେ ତହଳ ବିକଳରେ ସେହି ରୁଟିକୁ ନେଇନେଲେ । କିନ୍ତୁ ପିତାଶ୍ରୀ ବର୍ତ୍ତମାନ ସେହି ରୁଟିକୁ ଖାଇ ନଥିଲେ କି ଆପଣ ଅ.ସଙ୍କ ସାଥି ଯେକି କାଦିୟାନ୍‌ର ଏକ ବ୍ୟକ୍ତି ଥିଲା ସେ ମଧ୍ୟ ସେହିପରି ଭୋକିଲା ଥିଲା । ସେ କହିଲା, "ମିର୍ଜା ଜି ! ସାଡ଼ା ବି ଧ୍ୟାନ ରଖନା" ଅର୍ଥାତ୍ ମିର୍ଜା ସାହେବ ଆପଣ ମୋର ବି ଟିକେ ଧ୍ୟାନ ରଖିବେ। ପିତଶ୍ରୀ କହୁଥିଲେ ଯେ, ଏକଥା ଶୁଣି ପିତାଶ୍ରୀ ସେହି ରୁଟି ସେହି ବ୍ୟକ୍ତି ଆଡ଼କୁ ଫିଙ୍ଗିଦେଲେ । ଫଳତଃ ସେହି ରୁଟି ସେହି ବ୍ୟକ୍ତିର ନାକରେ ଯାଇ ବାଜିଲା ଏବଂ ବାଜିବା ମାତ୍ରେ ନାକରୁ ରକ୍ତ କ୍ଷରିତ ହେବାକୁ ଲାଗିଲା । ପିତାଶ୍ରୀ କହିଲେ, ଆମ ସହିତ ସେଠାକାର ଜଣେ ମୋଗଲ ବ୍ୟକ୍ତି ମଧ୍ୟ ଥିଲା । କିନ୍ତୁ ହ. ଖଲିଫତୁଲ୍ ମସିହ୍ ସାନି ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ପିତାଶ୍ରୀଙ୍କ ଠାରୁ ଶୁଣିଛି ଯେ, ସେହି ବ୍ୟକ୍ତି ଭଣ୍ଡାରୀ (ବାରିକ) ଥିଲା । ସୁତରାଂ ହୁଜୁର୍ ଅ.ସ ହାସ୍ୟ ଶୈଳୀରେ କହୁଥିଲେ ଯେ, ସେହି ଲୋକମାନଙ୍କୁ ଏପରି ସମୟରେ ମଧ୍ୟ ହସ କଥା ମୁଣ୍ଡକୁ ଢୁକୁଥିଲା ।

(44) بِسۡمِ اللّٰہِ الرَّحۡمٰنِ الرَّحِیۡمِ ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଏମ୍.ଏ ର.ଅ ବର୍ଣ୍ଣନା କରନ୍ତି ଯେ, ମୋତେ ମାତାଶ୍ରୀ କହିଲେ, ତୁମର ଦଦା (ଜେଜ) କାଦିୟାନ୍‌ର ସମ୍ପତ୍ତି ଉପରେ ନିଜର ମାଲିକାନା ସତ୍ତ୍ୱାଧିକାର ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ପ୍ରାରମ୍ଭିକ କାଳରେ ଅନେକ ମକଦ୍ଦମା ଲଢିଲେ ଏବଂ ଯେତିକି ଦିନ ସେ କାଶ୍ମୀର ଠାରେ ଚାକିରୀ କରିଥିଲେ, ସେତିକି ଦିନ ସେ ଉକ୍ତ ଚାକିରୀରୁ ଅର୍ଥ ଉପାର୍ଜିତ କରିଥିଲେ । ସେହି ଅର୍ଥ ପ୍ରାୟ 1 ଲକ୍ଷ ଟଙ୍କା ଥିଲା । ସେହି ସମସ୍ତ 1 ଲକ୍ଷ ଟଙ୍କାକୁ ସେ ମକଦ୍ଦମାରେ ଖର୍ଚ୍ଚ କରିଦେଲେ । ମାତାଶ୍ରୀ କହିଲେ, ହ. ସାହେବ କୁହନ୍ତି ଯେ, ସେହି କାଳରେ ଏତେ ଟଙ୍କାରେ ଶହ ଶହ ବଡ଼ ବଡ଼ ସମ୍ପତ୍ତି (ଜମି) କିଣାଯାଇ ପାରିଥାଆନ୍ତା । ବିନୀତ କହି ଦେଉଛି ଯେ, ଦଦା ମହୋଦୟଙ୍କର ଏହି ଧାରଣ ରହିଥିଲା ଯେ, ସେ ଯାହା ହୋଇଯାଉ କାଦିୟାନ୍ ଏବଂ ଅଞ୍ଚଳର ପୈତୃକ ସମ୍ପତ୍ତି **(ଅବଶିଷ୍ଟାଂଶ......ପରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan